ଧରିତ୍ରୀ 52 Years

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୦/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Monday, April 20/2026 Page 16 ₹ 7.00 | SAMBALPUR

୫୨ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 145 ମୂଲ୍ୟ ₹୭/-

କମଳା ପସନ୍ଦ®

4 ଗ୍ରାମ = 2 ଡୋଜ*



ଦେଶର ସ୍ୱାଦ

*Dose of 2gms

No Tobacco, No Nicotine

Not recommended for minors

Chewing of pan masala is injurious to health

KP GROUP
Quality Since 1965

ସଫଳ ଲୋକଙ୍କ ପ୍ରଥମ ପସନ୍ଦ

Safal

ପାନ ମସଲା

ପଲ୍ ପଲ୍ ସଫଲ୍



No Tobacco, No Nicotine

• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୦/୨୦୨୬ | Bhubaneswar, Monday, April 20/2026 | ପୃଷ୍ଠା-୧




ପୁଣି ମା' ହେବେ ଦୀପିକା

ବଲିଉଡ ଷ୍ଟାର୍ ଦୀପିକା ପାଡୁକୋନ-ରଣବୀର ସିଂ ଦ୍ୱିତୀୟ ଥର ମା'ବାପା ହେବାକୁ ଯାଉଥିବା ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

୦୨ ୦୬

ପ୍ରିୟାଂଶଙ୍କ ବିସ୍ଫୋରକ ବ୍ୟାଟିଂ

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି ପଞ୍ଜାବ କିଙ୍ଗ୍ସର ପ୍ରିୟାଂଶ ଆର୍ଯ୍ୟ ।





ତାମିଲନାଡୁର ବିରୁଧୁନଗର ଜିଲା କଟ୍ଟନାରପଟ୍ଟିସ୍ଥିତ ବାଣ କାରଖାନାରେ ରବିବାର ବିସ୍ଫୋରଣ ପରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

ବାଣ କାରଖାନାରେ ବିସ୍ଫୋରଣ: ୨୩ ମୃତ

ବିରୁଧୁନଗର, ୧୯।୪(ପି.ଟି.)

ଦେଶର ୯୦% ବାଣ ତିଆରି ହେଉଥିବା ତାମିଲନାଡୁର ଶିବକାଶୀ ଅଞ୍ଚଳରେ ରବିବାର ଆଉ ଏକ ବଡ଼ ବିସ୍ଫୋରଣ ଘଟିଛି। ବିରୁଧୁନଗର ଜିଲା ଜିଲାର କଟ୍ଟନାରପଟ୍ଟି ଗ୍ରାମରେ ଥିବା 'ବନଜା' ବାଣ କାରଖାନାରେ ବିସ୍ଫୋରଣ ଘଟି ୨୩ ଜଣଙ୍କ ପ୍ରାଣ ଯାଇଥିବାବେଳେ ୧୧ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ବିରୁଧୁନଗର ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅଗ୍ନିଶମ କର୍ମଚାରୀ ଅନେକ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବା ସମୟରେ ଦୀର୍ଘ ସମୟ ଯାଏ ବାଣ ଫୁଟିବା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଭଗ୍ନାବଶେଷ ତଳେ ଅଧିକ ଶ୍ରମିକ ଫସିରହିଥିବା ଆଶଙ୍କା କରାଯାଉଛି। ମୃତାହତମାନେ ସମସ୍ତେ ବାଣ କାରଖାନାରେ କାମ କରୁଥିବା ଜଣାପଡ଼ିଛି। ବିସ୍ଫୋରଣର ମାତ୍ରା ଏତେ ତୀବ୍ର ଥିଲା ଯେ, ଏହାର ପ୍ରଭାବ ୧୦କି.ମି. ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା।

ରିପୋର୍ଟ ଅନୁଯାୟୀ, 'ବନଜା' ବାଣ କାରଖାନାର ମାଲିକାନା ମୁଥୁମନିକମ୍ଙ୍କ ନାମରେ ରହିଛି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, ଉକ୍ତ ବାଣ କାରଖାନା ନାଗପୁରର ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ନିରାପତ୍ତା ସଂଗଠନ (ପିଇଏସ୍ଓ)ରୁ ଲାଇସେନ୍ସ ପାଇଥିଲା। ସେଠାରେ ଶତାଧିକ ଶ୍ରମିକ ବାଣ ତିଆରି କାର୍ଯ୍ୟରେ ନିୟୋଜିତ ଥିଲେ। ସମ୍ମୁଖ ବାରଣ୍ଡା ଅଞ୍ଚଳରେ ଶ୍ରମିକମାନେ କଞ୍ଚାମାଲ୍ ପରିଚାଳନା କରିବା ସହ ଅଧିକ ଶ୍ରମିକ ଫସିରହିଥିବା ଆଶଙ୍କା କରାଯାଉଛି। ମୃତାହତମାନେ ସମସ୍ତେ ବାଣ କାରଖାନାରେ କାମ କରୁଥିବା ଜଣାପଡ଼ିଛି। ବିସ୍ଫୋରଣର ମାତ୍ରା ଏତେ ତୀବ୍ର ଥିଲା ଯେ, ଏହାର ପ୍ରଭାବ ୧୦କି.ମି. ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା।

ରିପୋର୍ଟ ଅନୁଯାୟୀ, 'ବନଜା' ବାଣ କାରଖାନାର ମାଲିକାନା ମୁଥୁମନିକମ୍ଙ୍କ ନାମରେ ରହିଛି। ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, ଉକ୍ତ ବାଣ କାରଖାନା ନାଗପୁରର ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ନିରାପତ୍ତା ସଂଗଠନ (ପିଇଏସ୍ଓ)ରୁ ଲାଇସେନ୍ସ ପାଇଥିଲା। ସେଠାରେ ଶତାଧିକ ଶ୍ରମିକ ବାଣ ତିଆରି କାର୍ଯ୍ୟରେ ନିୟୋଜିତ ଥିଲେ। ସମ୍ମୁଖ ବାରଣ୍ଡା ଅଞ୍ଚଳରେ ଶ୍ରମିକମାନେ କଞ୍ଚାମାଲ୍ ପରିଚାଳନା କରିବା ସହ ବାଣକୁ ଅନ୍ତିମ ରୂପ ଦେଇଥାନ୍ତି। ସେହିଠାରେ ବିସ୍ଫୋରଣ ଘଟିଥିବା ବିଶ୍ୱାସ କରାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, କାରଖାନାର ଅନ୍ୟୂନ ୩ଟି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି ଓ ପାଖରେ ଥିବା କେତେକ ଘର କ୍ଷତିଗ୍ରସ୍ତ ହୋଇଛି। ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୋକବ୍ୟକ୍ତ କରିବା ସହ ଆବଶ୍ୟକ ସହାୟତା ପ୍ରଦାନ ନିମନ୍ତେ ରାଜ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସେ ୨ ଜଣ ମନ୍ତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟ ତଦାରଖ ପାଇଁ ଘଟଣାସ୍ଥଳକୁ ପଠାଇଛନ୍ତି।

ରାତି ସୁଦ୍ଧା ୨୩ଟି ମୃତଦେହ ମିଳିଥିବାବେଳେ ଅଧିକାଂଶ ଏଭଳି ପୋଡ଼ିଯାଇଛନ୍ତି ଯେ ଚିହ୍ନିବା ସମ୍ଭବ ହେଉନାହିଁ। ଆହତ ୧୧ଜଣଙ୍କ ମଧ୍ୟରୁ ୩ ମହିଳାଙ୍କ ଶରୀରର ୬୦ ଭାଗ ପୋଡ଼ିଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଏହା ଉକ୍ତ ଅଞ୍ଚଳରେ ବର୍ଷର ସବୁଠୁ ମରଣାନ୍ତକ ଶିଳ୍ প ଦୁର୍ଘଟଣା ବୋଲି କୁହାଯାଉଛି। କିଛିଦିନ ପୂର୍ବରୁ ଜିଲାର ଭେମ୍ବାକୋଟ୍ଟାଇରେ ଅନୁରୂପ ବିସ୍ଫୋରଣରେ ୪ ଜଣଙ୍କ ଜୀବନ ଯାଇଥିଲା।


ବିରୁଧୁନଗର ଜିଲାରେ ଅନେକ ବାଣ କାରଖାନା ରହିଥିବାବେଳେ ଗତ କିଛିବର୍ଷ ମଧ୍ୟରେ ସେଠାରେ ବିସ୍ଫୋରଣଜନିତ ଅନେକ ଦୁର୍ଘଟଣା ଘଟିଲାଣି। ଗତ ୧୩ ତାରିଖରେ ଜିଲାର ମୁଦାଥୁପଟ୍ଟିଠାରେ ଥିବା ଏକ୍ସେଲ୍ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା। ସେହିପରି ୨୦୨୪ ଫେବୃଆରୀ ୧୭ରେ ସେଠାରେ ଥିବା ଅନ୍ୟ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୦ ଜଣଙ୍କ ଜୀବନ ଯିବା ସହ ୭ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେହିବର୍ଷ ଜୁନ୍ ୨୯ରେ ଅନ୍ୟ ଏକ ବାଣ କାରଖାନା ବିସ୍ଫୋରଣରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା।

ଡିଲ୍ ନ କଲେ ପାୱାର ପ୍ଲାଣ୍ଟ ଉଡ଼ାଇଦେବୁ: ଟ୍ରମ୍ପ୍

■ ଆଜି ଇସ୍ଲାମାବାଦ ଯିବେ ଆମେରିକୀୟ ପ୍ରତିନିଧି
■ ହର୍ମୁଜ, ଆଣବିକ ପ୍ରସଙ୍ଗରେ ସହମତି ହୋଇନିଃ ଇରାନ୍

ୱାଶିଂଟନ୍/ଇସ୍ଲାମାବାଦ, ୧୯।୪(ଏ.ପି./ରଏଟର୍ସ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ପ୍ରତିନିଧିମାନେ ଇରାନ୍ ସହ ଶାନ୍ତି ଆଲୋଚନାରେ ଯୋଗଦେବା ପାଇଁ ସୋମବାର ଇସ୍ଲାମାବାଦ ଯିବେ। ସେମାନେ ସନ୍ଧ୍ୟା ସୁଦ୍ଧା ପହଞ୍ଚିଯିବେ ବୋଲି ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ସୂଚନା ଦେଇଛନ୍ତି। ତେବେ ଏଥର ଯେପରି ଆଲୋଚନା ସଫଳ ହେବ ସେଥିଲାଗି ଇରାନ୍ ଉପରେ ଚାପ ସୃଷ୍ଟି ପାଇଁ ଟ୍ରମ୍ପ୍ ପୁନର୍ବାର ଚେତାବନୀ ଦେବାକୁ ପଛାଇନାହାନ୍ତି। ଟ୍ରମ୍ପ୍ କହିଛନ୍ତି, ଆମେ ଏକ ଉତ୍ତମ ଓ ଅତ୍ୟନ୍ତ ଯୁକ୍ତିଯୁକ୍ତ ଡିଲ୍ ପାଇଁ ପ୍ରସ୍ତାବ ଦେଇଛୁ। ଇରାନୀୟ ପ୍ରତିନିଧି ଦଳ ଏହାକୁ ଗ୍ରହଣ କରିବେ ବୋଲି ଆଶା। ଯଦି ସେମାନେ ଗ୍ରହଣ ନ କରନ୍ତି, ତେବେ ଆମେରିକା ଇରାନ୍ର ପ୍ରତ୍ୟେକ ପାୱାର ପ୍ଲାଣ୍ଟ ଓ ବ୍ରିଜ୍କୁ ଟାର୍ଗେଟ କରିବ। ଆଉ ଦୟା କରାଯିବ ନାହିଁ। ଏପରି ଆକ୍ରମଣ କରାଯିବ ଯାହାକୁ ସେମାନେ ଗତ ୪୭ ବର୍ଷ ମଧ୍ୟରେ କେବେ ଦେଖି ନ ଥିବେ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।



ଡୋନାଲ୍ଡ ଟ୍ରମ୍ପ୍

ପ୍ରକାଶ ଯେ, ଗତ ୧୦ରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍କୋଫ୍ ଓ ବ୍ୟବସାୟୀ ତଥା ରାଷ୍ଟ୍ରପତିଙ୍କ ପୂର୍ବତନ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶନେର (ଟ୍ରମ୍ପ୍ଙ୍କ ଜ୍ୱାଇଁ)ଙ୍କୁ ନେଇ ଏକ ପ୍ରତିନିଧି ଦଳ ଇସ୍ଲାମାବାଦ ଗସ୍ତ କରିଥିଲା। ସେହିପରି ଟିମ୍ ଇରାନ୍ରେ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଆରାଘଚି ଏବଂ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର ଘଲିବାଫ୍ଙ୍କ ସମେତ ଅନ୍ୟମାନେ ସାମିଲ ହୋଇ ଆଲୋଚନା କରିଥିଲେ। କିନ୍ତୁ ୨୧ ଘଣ୍ଟାର ଆଲୋଚନା ପରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ତେଣୁ ଅସ୍ତ୍ରବିରତି ଅବଧି ଆସନ୍ତା ୨୨ରେ ଶେଷ ହେବା ପୂର୍ବରୁ କୂଟନୈତିକ ଉପାୟରେ ସମାଧାନର ପନ୍ଥା ବାହାର କରିବାକୁ ପାକିସ୍ତାନ ଲାଗିପଡ଼ିଛି।

ଅନ୍ୟପକ୍ଷେ ହର୍ମୁଜ୍ ଜଳପଥରେ ଜାହାଜ ଚଳାଚଳ ଓ ଆଣବିକ କାର୍ଯ୍ୟକ୍ରମ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆମେରିକା ସହିତ ଏଯାଏ ସହମତି ପ୍ରକାଶ ପାଇ ନ ଥିବା ଇରାନ୍ କହିଛି। ପୂର୍ବ ଆଲୋଚନା ବିଫଳ ହୋଇଥିବାରୁ ବର୍ତ୍ତମାନ ମଧ୍ୟ ଉତ୍ତେଜନା ଲାଗି ରହିଛି। ଇରାନୀୟ ବନ୍ଦରଗୁଡ଼ିକରୁ ତୈଳ ପରିବହନକାରୀ ଜାହାଜଗୁଡ଼ିକର ପଥକୁ ଆମେରିକା ନୌସେନା ଅବରୋଧ କରି ରଖିଛି। ଏହାର ଜବାବରେ ଇରାନ୍ କହିଛି, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍କୁ ଆଂଶିକ ହେଉ କି ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି। ଆମେରିକା ବ୍ଲକେଡ୍ ନ ହଟାଇବା ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିବ। ଏନେଇ ଟ୍ରମ୍ପ୍ କହିଛନ୍ତି, ☞ପୃଷ୍ଠା–୨

ସାଙ୍ଗ ଗୁଳିରେ ଚଳିପଡ଼ିଲେ ନାବାଳକ

ଶିକାରକୁ ଯିବା ମହଙ୍ଗା ପଡ଼ିଲା

ଫୁଲବାଣୀ/ଚକାପାଦ, ୧୯।୪ (ରାକେଶ କୁମାର ରାଉତ/ପ୍ରତାପ କିଶୋର ବେହେରା)

ଜଙ୍ଗଲକୁ ଶିକାର କରିବାକୁ ୩ ସାଙ୍ଗ ଯାଇଥିଲେ। ହେଲେ ଶିକାର କଲାବେଳେ ବନ୍ଧୁକ ଧରିଥିବା ଯୁବକଙ୍କ ଗୁଳିରେ ଜଣେ ନାବାଳକ ସାଙ୍ଗର ଜୀବନ ଚାଲିଗଲା। ଏଭଳି ଏକ ଘଟଣା କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳରେ ଘଟିଛି। ମୃତ ନାବାଳକ ହେଲେ ବୁଡ଼େଣୀ ଗ୍ରାମର ବିଭୂତି କହଁର(୧୬)। ପୋଲିସ ମୃତଦେହ ଜବତ କରିଛି। ଘଟଣାରେ ସମ୍ପୃକ୍ତ ମୃତ ନାବାଳକଙ୍କ ୨ ସହଯୋଗୀ ଫେରାର ଅଛନ୍ତି। ତେବେ ବନ୍ଧୁକ କେଉଁଠୁ ଆସିଲା ଏବଂ ପିଲାମାନେ ☞ପୃଷ୍ଠା–୨

ଆଜିର ସମ୍ପାଦକୀୟ

ବନ୍ଧୁ ନୁହେଁ

ଆଜିଠାରୁ ୨୩ ଯାଏ ଖୋର୍ଦ୍ଧା, ଦେବଗଡ଼ର ସବୁ ସ୍କୁଲ ବନ୍ଦ

ଭୁବନେଶ୍ୱର/ଦେବଗଡ଼, ୧୯।୪ (ରବିନାରାୟଣ ଜେନା/ ଶଶାଙ୍କ ଶେଖର ଝାଙ୍କର)

ଗ୍ରୀଷ୍ମପ୍ରବାହ ଏବଂ ଅଂଶୁଘାତକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଓ ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ସବୁ ସ୍କୁଲ ଏପ୍ରିଲ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ନିଷ୍ପତ୍ତି ନିଆଯାଇଛି। ଏସଂକ୍ରାନ୍ତରେ ପୃଥକ ଭାବେ ଖୋର୍ଦ୍ଧା ଓ ଦେବଗଡ଼ ଜିଲା ପ୍ରକଳ୍ପ ସଂଯୋଜକ ତଥା ଜିଲା ଶିକ୍ଷା ଅଧିକାରୀ(ଡିଇଓ) ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ ଖୋର୍ଦ୍ଧା ଡିଇଓ ସୋନାମିକା ରାୟ ଦର୍ଶାଇଛନ୍ତି, ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟ ତଥା ଶିଶୁ ବାଟିକାଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ଏପ୍ରିଲ ୨୩ ତାରିଖ ଯାଏ ବନ୍ଦ ରହିବ। ମାତ୍ର ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀ ପରୀକ୍ଷା 'ଓସେପା'ର କାର୍ଯ୍ୟସୂଚୀ ଅନୁଯାୟୀ ଠିକଣା ଭାବେ କରାଯିବ। ଏଥିପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ମୁଖ୍ୟ ବିଦ୍ୟାଳୟରେ ପାନୀୟ ଜଳ, ଓଆର୍ଏସ୍, ଫାଷ୍ଟଏଡ୍ ଏବଂ ଭେଣ୍ଟିଲେଶନ ବ୍ୟବସ୍ଥା ନିଶ୍ଚିତ କରିବେ। ବିଦ୍ୟାଳୟରେ ନାମଲେଖା, ପ୍ରଶାସନିକ କାର୍ଯ୍ୟକଳାପ, ଜନଗଣନା କାର୍ଯ୍ୟ ଭଳି ଅନ୍ୟାନ୍ୟ ଜରୁରୀ କାର୍ଯ୍ୟକ୍ରମ ଜାରି ରହିବ। ଶିକ୍ଷକ ଏବଂ ଅଣଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ଡିଇଓ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି।

ସେହିପରି ଦେବଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ ☞ପୃଷ୍ଠା–୨


ଅନ୍ଧାରରେ ସରକାରଙ୍କ ୪୮,୪୪୮ କୋଟି

୧୦ରୁ ୨୦ ବର୍ଷ ଧରି ପଡ଼ିରହିଛି ୨୭ ବିଭାଗର ଇଣ୍ଟରନାଲ ଅଡିଟ୍

ଭୁବନେଶ୍ୱର, ୧୯।୪ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ତାଙ୍କର ୨୭ଟି ବିଭାଗରେ ବହୁ ହଜାର କୋଟି ଟଙ୍କାର ଆର୍ଥିକ ହେର୍ଫେର୍ ହୋଇଥିବା ତଥ୍ୟ ପ୍ରକାଶ କରିଛନ୍ତି। ଗତ ୨୬ ମାର୍ଚ୍ଚରେ ଅର୍ଥ ବିଭାଗ ଅତିରିକ୍ତ ସଚିବ ସାଗରିକା ହୋତା ୨୭ଟି ବିଭାଗର ଫାଇନାନ୍ସିଆଲ୍ ଆଡ୍ଭାଇଜର୍ (ଆର୍ଥିକ ପରାମର୍ଶଦାତା)ଙ୍କୁ ଚିଠି ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଇଣ୍ଟରନାଲ୍ ଅଡିଟ୍ ରିପୋର୍ଟ ଏବଂ ଅଡିଟ୍ ପାରାଗୁଡ଼ିକର ସମାଧାନରେ ବହୁ ବିଳମ୍ବ ହୋଇଛି। ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ, ପ୍ରାୟ ୮,୨୧୪ଟି ଅଡିଟ ରିପୋର୍ଟ ଏବଂ ୭୭,୪୧୩ଟି ଅଡିଟ ପାରା ବକେୟା ପଡ଼ିଛି। ଏହି ବକେୟା ପାରାଗୁଡ଼ିକରେ ୪୮,୪୪୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନିୟମିତତା ଜଡ଼ିତ ରହିଛି, ଯେଉଁଥିରେ ଅର୍ଥ ହରିଲୁଟ୍ ଏବଂ ବକେୟା ଅଗ୍ରିମ ଅର୍ଥ ଅନ୍ତର୍ଭୁକ୍ତ। ତୁରନ୍ତ ତାହାର ଅଡିଟ୍ କରି ଉତ୍ତରଦାୟିତ୍ୱ ସ୍ଥିର କରିବାକୁ ସଚିବ ହୋତା ନିର୍ଦ୍ଦେଶ ଦେଇଛନ୍ତି।

ଆଇନ ଏବଂ ସଂସଦୀୟ ବ୍ୟାପାର ବିଭାଗକୁ ଛାଡ଼ିଦେଲେ ବାକି ୨୭ ବିଭାଗରେ ଗତ ୧୦ରୁ ୨୦ ବର୍ଷ ମଧ୍ୟରେ ୪୮,୪୪୮ କୋଟି ୧୦ ଲକ୍ଷ ୧୮ ହଜାର ୮୩୦ ଟଙ୍କାର ଦୁରୁପଯୋଗ ହୋଇଛି। ଅନିୟମିତତା ହୋଇଥିବା ଅର୍ଥରାଶିର ପରିମାଣ ୨୦୨୬–୨୭ ଆର୍ଥିକ ବର୍ଷର କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ବଜେଟଠାରୁ ବହୁ ଅଧିକ, ଯାହା ରାଜ୍ୟ ସରକାରଙ୍କ ୩.୧ ଲକ୍ଷ କୋଟି ଟଙ୍କା ବଜେଟର ପ୍ରାୟ ୧୬ ପ୍ରତିଶତ। ରାଜ୍ୟ ସରକାରଙ୍କ ୨୭ଟି ବିଭାଗରେ ଆର୍ଥିକ କାରବାର ଅଡିଟ୍କରିବା ଲାଗି ସ୍ୱତନ୍ତ୍ର ଭାବେ ଅଡିଟର ରହିଛନ୍ତି। ପ୍ରତ୍ୟେକ ମାସରେ ବିଭାଗଗୁଡ଼ିକ ପକ୍ଷରୁ ଅଡିଟ୍ କରାଯାଇ ରିପୋର୍ଟ ଦିଆଯାଇଥାଏ। ମାତ୍ର ୧୦ରୁ ୨୦ ବର୍ଷ ଭିତରେ କିପରି ଅଡିଟ୍ ରିପୋର୍ଟ ନ ଆସିବା ସତ୍ତ୍ୱେ ଅର୍ଥ ବିଭାଗ ଚୁପ୍ ରହିଥିଲା, ସେନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।



Government of Odisha
Finance Department
No. 8160 /F
Date 26/3/2026
FIN-CCA-AR-0001-2020
From
Smt. Sagarika Hota, IAS
Additional Secretary to Government
To
Financial Advisers (FAs)
All Departments of Government.
(Except Law, PA & PE Department)
Sub: Serious backlog of Internal Audit Reports (IARs) and outstanding audit paras – strengthening audit compliance and fixation of responsibility.
Sir/Madam,
The position of compliance to Internal Audit Reports (IARs) and outstanding audit paras, as reflected in the Monthly Progress Reports (MPRs) till September 2025 received from 27 Administrative Departments, has been reviewed at this end.
1. The review reveals a serious backlog of 8,214 IARs and 77,413 audit paras, involving a total financial irregularity of ₹4,84,48,10,18,830.75, comprising misappropriation, amounts suggested for recovery, and amounts held under objection. The magnitude of pendency is a matter of grave concern and reflects systemic deficiencies in audit compliance and financial management.
2. It is seen that (i) Sufficient attention has not been given to audit of accounts and compliance thereof by the Auditee organization
(ii) Accumulation of outstanding advances over several years, making fixation of accountability extremely difficult.
(iii) Pendency of audit paras for 10–20 years, during which concerned officials have retired or expired without initiation of recovery action and initiation of departmental proceedings against the erring Officers on fault finding or initiation of departmental proceeding.
(iv) Substantial loss to Government exchequer due to non-recovery of misappropriation amounts and non-adjustment of advances since long time.
3. In order to arrest the growing pendency and to enforce financial discipline, the FAs and AFAs of the Departments are requested to monitor the Audit Reports and pending paras, review them and direct the auditee organisations for early settlement.
4. The FAs and AFAs of the Departments should guide the auditee organisation in taking

ଅତିରିକ୍ତ ସଚିବ ସାଗରିକା ହୋତା ୨୭ଟି ବିଭାଗର ଫାଇନାନ୍ସିଆଲ୍ ଆଡ୍ଭାଇଜର୍ (ଆର୍ଥିକ ପରାମର୍ଶଦାତା)ଙ୍କୁ ଦେଇଥିବା ଚିଠିର ନକଲ ।

ସଚିବ ହୋତାଙ୍କ ଚିଠିରୁ ଜଣାପଡୁଛି, ଆକାଉଣ୍ଟ୍ସ ଅଡିଟ୍ ଦାୟିତ୍ୱରେ ରହିଥିବା ସଂସ୍ଥାଗୁଡ଼ିକ ସେମାନଙ୍କ ଧ୍ୟାନ ଠିକ୍ ଭାବେ ଏହା ଉପରେ ଦେଇନାହାନ୍ତି। ବର୍ତ୍ତମାନ ସମୟରେ ଦୀର୍ଘବର୍ଷ ଧରି ଅନିୟମିତତା ହୋଇଥିବା ଏହି ଅର୍ଥକୁ ଆଦାୟ କରିବା ଏବଂ ଉତ୍ତରଦାୟିତ୍ୱ ସ୍ଥିର କରିବା ଏକ କଷ୍ଟକର ବ୍ୟାପାର ବୋଲି ସେ ଉଲ୍ଲେଖ କରିଛନ୍ତି। ଜଣେ ଆଇଏଏସ୍ ଅଧିକାରୀଙ୍କ ଚିଠିରୁ ଆହୁରି ବୁଝାପଡୁଛି ଯେ, ଅନିୟମିତତା ହୋଇଥିବା ସରକାରଙ୍କ ୪୮,୪୪୮ କୋଟିରୁ ଅଧିକ ଟଙ୍କା ବର୍ତ୍ତମାନ ସରକାରୀ ତହବିଲକୁ ଫେରିବା ଆଶା ନାହିଁ କହିଲେ ଚଳେ। କାରଣ ନିଜେ ସରକାର ଏଥିପାଇଁ କାହା ଉପରେ ଉତ୍ତରଦାୟିତ୍ୱ ସ୍ଥିର କରିବେ ସେ ନେଇ ଉପାୟଶୂନ୍ୟ ଥିବା ଚିଠିରୁ ଜଣାପଡୁଛି।

ବିଡ଼ମ୍ବନା ଯେ, ୧୦ରୁ ୨୦ ବର୍ଷ ଧରି ଯେଉଁ ଅଡିଟ୍ ☞ପୃଷ୍ଠା–୨



ଆଜି କ'ଣ କେଉଁଠି

ଭୁବନେଶ୍ୱର
- ନିର୍ଭୟ ପକ୍ଷରୁ ଯୁବ ପୁରସ୍କାର ପ୍ରଦାନ, ସ୍ଥାନ: ହୋଟେଲ ମେ' ଫେୟାର କନ୍‌ଭେନ୍‌ସନ୍, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଅକ୍ଷୟ ତୃତୀୟା ଅବସରରେ ଭଜନ ସମାରୋହ, ସ୍ଥାନ: ଶିଶୁ ଅନନ୍ତ ପୀଠ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୦ଟା।

କଟକ
- ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପାଞ୍ଚଗାଁ, ପଞ୍ଚାୟତ ନିକଟ, ତିଗିରିଆ, ସମୟ: ସକାଳ ୯ଟା।
- ତିଗିରିଆ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା (ଅକ୍ଷିମୁଠି ଅନୁକୂଳ), ସ୍ଥାନ: ବାଲିପୁଟ, ତିଗିରିଆ, ସମୟ: ସକାଳ ୯ଟା।

ଖୋର୍ଦ୍ଧା
- ବନମାଳୀ ଶତପଥୀ ପାଠାଗାର ପକ୍ଷରୁ ପୂର୍ବତନ ନଗରପାଳ ସ୍ୱର୍ଗତ ବନମାଳୀ ଶତପଥୀଙ୍କ ୧୧୨ତମ ଜୟନ୍ତୀ ଉତ୍ସବ, ସ୍ଥାନ: ବନମାଳୀ ଶତପଥୀ ସ୍ମାରକୀ ସ୍ଥଳ, ବାଲିକା ଉଚ୍ଚ ବିଦ୍ୟାଳୟ ନିକଟ, ଜଟଣୀ, ସମୟ: ସକାଳ ୮ଟା।
- ମା'ଭଗବତୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗଜପତି ନଗର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।

ବାଲେଶ୍ୱର
- ଭାଗବତ ସପ୍ତାହର ପଞ୍ଚମ ଦିବସ,ସ୍ଥାନ : ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ,ସମୟ: ସକାଳ ୬ଟା।
- ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ ଉଦ୍‌ଯାପନୀ ଦିବସ,ସ୍ଥାନ:ଜହ୍ନତା ଚଉଦମାଦଳ ପଡ଼ିଆ, ରୂପସା,ସମୟ: ସକାଳ ୭ଟା।
- ରାଧା ମଦନ ମୋହନ ମନ୍ଦିରର ବାର୍ଷିକ ଉତ୍ସବ,ସ୍ଥାନ : ବାଲିଆପାଳ ଇସ୍କନ ମନ୍ଦିର ପରିସର, ବାଲିଆପାଳ,ସମୟ : ସକାଳ ୭ଟା
- ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ଅକ୍ଷିମୁଠି କାର୍ଯ୍ୟକ୍ରମ,ସ୍ଥାନ: ନାରାୟଣପୁର ହଳଦୀ ପଡିଆ, ବାଲିଆପାଳ, ସମୟ : ସକାଳ ୭ଟା।
- କୃଷି ବିଜ୍ଞାନ କେନ୍ଦ୍ରରେ ଅକ୍ଷୟ ତୃତୀୟା ଦିବସ,ସ୍ଥାନ: ରାଣୀତାଳ,ସମୟ : ସକାଳ ୮ଟା।
- ଜଗନ୍ନାଥ ମନ୍ଦିର କଳସ ଶୋଭାଯାତ୍ରା,ସ୍ଥାନ: ଆଉସା ଜଗନ୍ନାଥ ମନ୍ଦିର, ଭୋଗରାଇ,ସମୟ : ସକାଳ ୮ଟା।
- ଦମକଳ ବାହିନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ : ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସିମୁଳିଆ, ସମୟ : ସକାଳ ୮ଟା ୩୦।
- ଜିଲାସ୍ତରୀୟ ଜୟଦେବ ଜୟନ୍ତୀ ସମାରୋହ,ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର,ସମୟ : ସକାଳ ୯ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ,ସ୍ଥାନ : ସରକାରୀ ସିଡ୍ ଫାର୍ମ, ଶେରଗଡ଼, ବାଲେଶ୍ୱର, ସମୟ: ସକାଳ ୯ଟା।
- ବୃଦ୍ଧାଶ୍ରମ ପ୍ରତିଷ୍ଠା, ସ୍ଥାନ: ପଡୁନା ସ୍କୁଲ ପାଖ, ଖଇରା, ସମୟ:ସକାଳ ୯ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା,ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମନ୍ଦିର ଦଧିନଉତି ସ୍ଥାପନ, ସ୍ଥାନ:ଖଗଡ଼ାପାଳ ଜଗନ୍ନାଥ ମନ୍ଦିର ପରିସର, ଶ୍ରଦ୍ଧା କ୍ଷେତ୍ର, ବାଲିଆପାଳ, ସମୟ : ପୂର୍ବାହ୍ନ ୧୦ଟା।
- ଜୟଦେବ ଜୟନ୍ତୀ ସମାରୋହ, ସ୍ଥାନ: ସାଇ ନୃତ୍ୟସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର,ସମୟ: ଅପରାହ୍ନ ୫ଟା।

ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବାସୁଦେବପୁର, ସମୟ: ସକାଳ ୭ଟା।
- ଧରିତ୍ରୀ ଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ସାଠିବାଙ୍କୁଡା, ଆରଡ଼ି, ସମୟ: ସକାଳ ୭ଟା।
- ଗଜଲକ୍ଷ୍ମୀଙ୍କ ମନ୍ଦିର ଓ ମଣି ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଅଙ୍କୁରାରୋପଣ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୮ଟା।
- ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅକ୍ଷିମୁଠି ବିଜ୍ଞାନ କାର୍ଯ୍ୟକ୍ରମ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ ଟା।
- ଦିବଂଗତ ବ୍ୟବସାୟୀ ସୁବାସ ସାହୁଙ୍କ ସ୍ମୃତିସଭା, ସ୍ଥାନ: କୋଚ୍ଚ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ସ୍ରଷ୍ଟା ଓ ପୃଷ୍ଟିର ବାର୍ଷିକ ଉତ୍ସବ, ମୁଖପତ୍ର ଉନ୍ମୋଚନ, ସ୍ଥାନ: ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ବାବା ଆଖଣ୍ଡଳମଣିଙ୍କ ଚନ୍ଦନ ଚାପ ପୂଜା ଆରମ୍ଭ, ସ୍ଥାନ: ଶିବଗଙ୍ଗା ପୁଷ୍କରିଣୀ, ଆରଡ଼ି, ସମୟ: ସନ୍ଧ୍ୟା ୬ଟା।

କେନ୍ଦୁଝର
- ରଥ ନିର୍ମାଣ ଅନୁକୂଳ, ସ୍ଥାନ : ହରିହର ମନ୍ଦିର, ବଡ଼ବିଲ, ସମୟ: ସକାଳ ୬ ଟା।
- ରାଧାକୃଷ୍ଣ ମନ୍ଦିରରେ ୨୪ ପ୍ରହରର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଯୋଡ଼ା, ସମୟ: ସକାଳ ୭ ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ, ସ୍ଥାନ: ଜୁଡିଆ ଫାର୍ମ, କେନ୍ଦୁଝର, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟା ଉତ୍ସବ, ସ୍ଥାନ : ମା' ତାରିଣୀ ଗୋଶାଳା, ବଡ଼ବିଲ, ସମୟ: ସକାଳ ୮ ଟା।
- ଓରି ଫେଷ୍ଟ, ସ୍ଥାନ: ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।

ମୟୂରଭଞ୍ଜ
- ବାସ୍ତବ ପକ୍ଷରୁ ଆନ୍ତଃ ଜିଲାସ୍ତରୀୟ ଆର୍ଟ ପ୍ରତିଯୋଗିତା,ସ୍ଥାନ: :ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ମା'ମନଷା ଦେବୀଙ୍କ ପୀଠରେ ବାର୍ଷିକ ପୂଜା, ସ୍ଥାନ:ବାଘଡ଼ାରୋଡ୍ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

ଗଞ୍ଜାମ
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ବୁଗୁଡ଼ା ବ୍ଲକ ପାଟ୍ଟିଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବରଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା କୃଷକ ଦିସ ପାଳନ, ସ୍ଥାନ: ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ସକାଳ ୮ ଟା।
- କବିସୂର୍ଯ୍ୟଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆଲୋଚନା ସଭା ଓ କବିତା ପାଠୋତ୍ସବ, ସ୍ଥାନ: ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ବିଜୟନଗରଗତ (କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ), ସମୟ: ପୂର୍ବାହ୍ନ ୧୧ଟା ।

ସମ୍ବଲପୁର
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଶ୍ରୀଶ୍ରୀ ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ : ବୁକ୍କହିଲ ସ୍ଥିତ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ବୁଢ଼ାରଜା ମହାଦେବଙ୍କ ଥାଳ ଉଠା ପର୍ବ, ସ୍ଥାନ : ବୁଢ଼ାରଜା ପାହାଡ ଶୀର୍ଷସ୍ଥ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କ ଥାଳ ଉଠା ପର୍ବ, ସ୍ଥାନ : ନନ୍ଦପଡା, ସମୟ : ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ଥାଳ ଉଠା ପର୍ବ, ସ୍ଥାନ : ଝାଡୁଆପଡା, ସମୟ : ଅପରାହ୍ନ ୫ଟା।
- ସ୍ୱନ୍ଦିତ ମୁହୂର୍ତ୍ତ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ଅପରାହ୍ନ ୫ଟା।
- ଶ୍ରୀଶ୍ରୀ ସୋମନାଥ ବାବାଙ୍କ ଥାଳ ଉଠା ପର୍ବ, ସ୍ଥାନ : ବାଲିବନ୍ଧା, ସମୟ : ଅପରାହ୍ନ ୫ଟା ୩୦ ।
- ଶ୍ରୀଶ୍ରୀ ଶୀତଳେଶ୍ୱର ବାବାଙ୍କ ଥାଳ ଉଠା ପର୍ବ, ସ୍ଥାନ : ବଡବଜାର, ସମୟ : ଅପରାହ୍ନ ୬ଟା ୩୦ ।
- ଶ୍ରୀଶ୍ରୀ ଜାଗେଶ୍ୱର ବାବାଙ୍କ ଥାଳ ଉଠା ପର୍ବ, ସ୍ଥାନ : ମୁଦିପଡା, ସମୟ : ସନ୍ଧ୍ୟା ୭ଟା ।
- ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଥାଳ ଉଠା ପର୍ବ, ସ୍ଥାନ : ଠାକୁରପଡା, ସମୟ : ସନ୍ଧ୍ୟା ୭ଟା ୩୦ ।

ବଲାଙ୍ଗୀର
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ, ସ୍ଥାନ: ଲର୍କିପାଲି କୃଷି ଫାର୍ମ, ବଲାଙ୍ଗୀର, ସମୟ: ସକାଳ ୭ଟା ୩୦ ।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁଇଁନ୍ତଲା, ସମୟ: ସକାଳ ୭ଟା ୩୦ ।
- ବଲାଙ୍ଗୀର ଜିଲା ମିଳିତ କୃଷକ ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ, ସ୍ଥାନ: ସାଲେଭଟା, ଆଗଲପୁର ବ୍ଲକ, ସମୟ: ସକାଳ ୯ଟା ।

ରାଉରକେଲା
- ମା' ତାରିଣୀ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ, ସ୍ଥାନ: ଶକ୍ତି ନଗର ଛକ, ସମୟ: ସକାଳ ୮ଟା।
- ଅକ୍ଷୟ ତୃତୀୟା ପୂଜା, ସ୍ଥାନ: କୋଏଲନଗର ସି ବ୍ଲକ, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରର ୨୭ତମ ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୧, ସମୟ: ପୂର୍ବାହ୍ନ ୧୦ଟା।
- ରଥକାଠ ପୂଜା, ସ୍ଥାନ: ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦ ।

ସୁନ୍ଦରଗଡ଼
- ସୁନ୍ଦରଗଡ଼ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ:ଲହୁଣିପଡ଼ା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ,ସମୟ: ସକାଳ ୭ଟା।

ବରଗଡ଼
- ସି.ଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା,ସ୍ଥାନ:ଲେଙ୍କୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୭ଟା।
- ରାଜ୍ୟସଭା ସଦସ୍ୟ ମନମୋହନ ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ଶୋଭାଯାତ୍ରା, ସ୍ଥାନ: ରେଙ୍ଗାଲି କେମ୍ପରୁ ଚକୁଲିଫାର୍ମ, ସମୟ:ସକାଳ ୮ଟା।
- ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର,ସ୍ଥାନ: ଦହିଗାଁ ହାଇସ୍କୁଲ, ପଦ୍ମପୁର, ସମୟ:ସକାଳ ୮ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ, ସ୍ଥାନ: ଚକୁଲି ଫାର୍ମ, ସମୟ:ସକାଳ ୯ଟା।
- ଜିଲା ସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳନ ଅବସରରେ ସାଧାରଣ ସଭା,ସ୍ଥାନ: ସରଣ୍ଡା ହାଇସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା ୩୦ ।
- କବି ଖଗେଶ୍ୱର ଶେଠ ଓ କୋଶଲ ବାଲ୍ମିକୀ ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ଜୟନ୍ତୀ,ସ୍ଥାନ:ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୩୦ ।

କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ.ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ସମାରୋହ,ସ୍ଥାନ: ଭବାନୀପାଟଣା ପ୍ରଗତି କଲେଜ, ସମୟ: ପୂର୍ବାହ୍ନ ୧୦ଟା।

ବୌଦ୍ଧ
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ପାଳନ, ସ୍ଥାନ: ଜାତୀୟ ଉଦ୍ୟାନ କୃଷି ଗବେଷଣା ପ୍ରତିଷ୍ଠାନ ପାଲଖାର, ବୌଦ୍ଧ ବ୍ଲକ, ସମୟ: ସକାଳ ୮ଟା।
- ଚନ୍ଦନ ଯାତ୍ରା ଅବସରରେ ଶ୍ରୀ କୃଷ୍ଣଲୀଳା ନାଟ୍ୟ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ଚିକିରାପଡା, ବାଉଁଶୁଣୀ, ବୌଦ୍ଧ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

ଦେବଗଡ଼
- ଜିଲାସ୍ତରୀୟ କୃଷକ ଦିବସ ତଥା ଅକ୍ଷିମୁଠି ଅନୁକୂଳ, ସ୍ଥାନ: ବାରକୋଟ ବ୍ଲକ୍ ବିଜୟନଗରସ୍ଥିତ ମା' ଶରଣୀପାଟ ମନ୍ଦିର, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ୍ ଗଣ୍ଡମ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠପାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ ଝାରତରଭା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଜନ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମପଞ୍ଚାୟତ ପରିସର, ସମୟ: ସକାଳ ୭ଟା।
- ଅକ୍ଷୟ ତୃତୀୟା ପାଳନ, ସ୍ଥାନ: ପ୍ରେମାନନ୍ଦ ଯୋଗାଶ୍ରମ ମଠ, କେନଝିରିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଡୁଙ୍ଗୁରିପାଲି ବାବା କପିଳେଶ୍ୱର ମନ୍ଦିରରେ ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଥାଳଉଠା କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୯ଟା ।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

ନୂଆପଡ଼ା
- ଶ୍ରୀଶ୍ରୀ ଖୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନ, ସ୍ଥାନ: ବୋଡେନ ବ୍ଲକ କର୍ଲାପଡା, ସମୟ: ସକାଳ ୭ଟା ୩୦।
- ଶ୍ରୀଶ୍ରୀ ଖୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଖଡ଼ିଆଳ ବ୍ଲକ ଡୁଆଁରର (ସାଲେପଡା), ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ଖୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଲିମାଟି ଗାଁ, ସମୟ: ସକାଳ ୯ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବୋଡେନ ବ୍ଲକ ସୁନାପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଟ ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ଅପରାହ୍ନ ୩ଟା।

ଝାରସୁଗୁଡ଼ା
- ଜନ ଅଭିଯୋଗ ଶୁଣାଣି, ସ୍ଥାନ: କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ:ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ୨ୟ ଓଏସ୍‌ଏପି ପଡିଆ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।
- ଆଧ୍ୟାତ୍ମିକ ଉପନିଷଦ ଜ୍ଞାନମୃତ କାର୍ଯ୍ୟକ୍ରମ, ସ୍ଥାନ: ମନମୋହନ ପଡ଼ିଆ, ଝାରସୁଗୁଡ଼ା, ସମୟ: ସନ୍ଧ୍ୟା ୬ଟା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ



ଆଜି ମୁଖଭାବରେ ଶୁକ୍ର ଓ ଚନ୍ଦ୍ର ପରିବାର ସକାଶେ ସୁଖ, ସୌଭାଗ୍ୟକାରକ ହେବେ। ଶାନ୍ତି ଓ ସହାବସ୍ଥାନ ଜୀବନଯାତ୍ରା ପାଇଁ ପ୍ରୀତିପ୍ରଦାୟକ ରହିବ। ସଭାସମିତି, ବନ୍ଧୁଗହଣରେ କର୍ମାରମ୍ଭ ଓ ଆଲୋଚନା ପାଇଁ ସୁସ୍ଥ ପରିବେଶ ପୃଷ୍ଟିହେବ। ଆଜିର ଯାତ୍ରା, ସନ୍ତାନଙ୍କ କୃତିତ୍ୱ, ବାଣିଜ୍ୟ ଓ ନିର୍ମାଣ ତଥା ପରିବହନ କ୍ଷେତ୍ରରୁ ସଫଳତା ପାଇବେ।

ବୃଷ



ରାଶ୍ୟାଧିପତିଙ୍କ ସ୍ଥିତି ଶୁକ୍ରଙ୍କ ଯୋଗୁ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ମନ ଚାହୁଁଥିବା ପ୍ରକାରେ କାର୍ଯ୍ୟ ହାସଲ କରିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବାକୁ ବାଧ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ଋଣ ପରିଶୋଧ, ସମସ୍ୟା ସମାଧାନ, ସୁସମ୍ପର୍କ ରକ୍ଷା ଅପୂର୍ଣ୍ଣ ରହିଯିବ।

ମିଥୁନ



କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତାଜନିତ ମାନସିକ ଅସ୍ଥିରତା ଲାଗି ରହିବ। ଅନ୍ୟକୁ ସାହାଯ୍ୟ କରି ପ୍ରଶଂସା ବଦଳରେ ଅଧିକ କାମର ବରାଦ ପାଇବେ। ଆର୍ଥିକ ପରିସ୍ଥିତି ଉତ୍କୃଷ୍ଟ ରହିବନାହିଁ। ଶୁକ୍ର ଯୁକ୍ତ ଚନ୍ଦ୍ର ଯୋଗୁ ପରିବାର, ପରିବହନ, ପ୍ରଶାସନ, ପ୍ରକାଶନ, ରାଜନୀତି ଓ ଆନୁଷ୍ଠାନିକ କାମ କେତେକାଂଶରେ ଭଲ ରହିବ।

କର୍କଟ



ଲାଭଭାବସ୍ଥ ଚନ୍ଦ୍ର ଅଭିଳାଷ ପୂରଣ ସା

ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ସିମୁଳିଆ, ୧୯।୪ (ସନ୍ତୋଷ କୁମାର ନାୟକ)

ବାରମ୍ବାର ସଚେତନତା ସତ୍ତ୍ୱେ ମଧ୍ୟ ବଦଳୁ ନାହାନ୍ତି ଯୁବପିଢ଼ି। ରିଲ୍ସ କରିବା ନିଶାରେ ବିପଦପୂର୍ଣ୍ଣ ପଛା ଆପଣାଉଛନ୍ତି। ରିଲ୍ସ କରିବା ଚକ୍କରରେ ଅନେକ ପ୍ରାଣ ହରାଇଥିବା ମଧ୍ୟ ନଜିର ରହିଛି। ତେବେ ଚଳନ୍ତା ଟ୍ରେନ୍‌ର ଦ୍ୱାର ପାଖରେ ରିଲ୍ସ କରୁଥିବା ବେଳେ ଖସିପଡ଼ି ଜଣେ ଯୁବକ ଗୁରୁତର ହେବା ଘଟଣା ବାଲେଶ୍ୱର ଜିଲ୍ଲା ସିମୁଳିଆସ୍ଥିତ ମାର୍କୋଣା ଷ୍ଟେଶନଠାରେ ଦେଖିବାକୁ ମିଳିଛି। ଗୁରୁତର ଯୁବକ ଜଣକ ହେଲେ ମୁଫିଦାର ଇସଲାମ(୨୯)। ତାଙ୍କ ଘର ଆନ୍ଧ୍ରପ୍ରଦେଶରେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସିମୁଳିଆ ମେଡିକାଲ ଓ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ରିଲ୍ସ କରିବା କାଳ ହେଲା

ସୂଚନାଯୋଗ୍ୟ, ମୁଫିଦାର ଆସାମରେ କାମ କରନ୍ତି। ସେ ଚେରାପଲି ଟ୍ରେନ୍ ଯୋଗେ ଘରକୁ ଫେରୁଥିଲେ। ରବିବାର ମଧ୍ୟାହ୍ନରେ ମାର୍କୋଣା ରେଳ ଷ୍ଟେଶନ ନିକଟରେ ସେ ଟ୍ରେନ ଦ୍ୱାର ପାଖରେ ରିଲ୍ସ କରୁଥିବାବେଳେ ଖସି ପଡ଼ିଥିଲେ। ଅନ୍ୟ ପାସେଞ୍ଜରମାନେ ଟ୍ରେନ୍‌ର ଚେନ୍ ଟାଣିବା ସହିତ ପୋଲିସକୁ ସୂଚନା ଦେଇଥିଲେ। ଷ୍ଟେଶନ କର୍ମଚାରୀମାନଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ମେଡିକାଲକୁ ନିଆଯାଇଥିଲା।

ମହିଳା ପ୍ରାର୍ଥୀ ଦେବାରେ ପଛରେ ଭାଜପା, କଂଗ୍ରେସ

ଭୁବନେଶ୍ୱର, ୧୯।୪ (ଜିତେନ୍ଦ୍ର କୁମାର ନାୟକ)

୨୦୨୪ ଲୋକ ସଭା ଟିକେଟ ବଣ୍ଟନ



ଦେଶବ୍ୟାପୀ ଏବେ ଲୋକ ସଭା ଆସନ ବୃଦ୍ଧି ଓ ମହିଳା ସଂରକ୍ଷଣ ଆଇନ ସମ୍ପର୍କରେ ଆଲୋଚନା ତେଜିଛି। ଏପରି ପ୍ରଚ୍ଛଦପଟରେ ୨୦୨୩ରେ ମହିଳା ସଂରକ୍ଷଣ ଆଇନ ସଂସଦରେ ଗୃହୀତ ହୋଇସାରିଥିଲା। ତଥାପି ଦେଶର ଅଧିକାଂଶ ରାଜନୈତିକ ଦଳରୁ ମହିଳା ପ୍ରାର୍ଥୀମାନଙ୍କ ସଂଖ୍ୟା ଦେଖିଲେ ୨୦୨୪ ନିର୍ବାଚନର ଉଦାହରଣ ନୈରାଶ୍ୟଜନକ ବୋଲି କହିହେବ। ବିଶେଷକରି ୨ଟି ଜାତୀୟ ଦଳ–ଭାଜପା ଓ କଂଗ୍ରେସ ମହିଳା ପ୍ରାର୍ଥୀ ଦେବାରେ, ଅନ୍ୟ ଆଞ୍ଚଳିକ ଦଳ ତୁଳନାରେ ଯଥେଷ୍ଟ ପଛରେ ରହିଥିବା ତଥ୍ୟ ଦର୍ଶାଉଛି।

ଭାରତର ନିର୍ବାଚନ କମିଶନ(ଇସିଆଇ) ଓ ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ତଥ୍ୟ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନରେ ୫୪୩ ଆସନ ପାଇଁ ସମୁଦାୟ ୮,୩୩୭ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ସେଥିମଧ୍ୟରୁ ବିଭିନ୍ନ ଦଳର ମହିଳା ପ୍ରାର୍ଥୀ ଥିଲେ ମାତ୍ର ୭୯୭। ଅର୍ଥାତ୍ ୯.୫୫ ପ୍ରତିଶତ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଥିଲେ। ଭାଜପା ୪୪୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେଥିମଧ୍ୟରୁ ୬୯ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅର୍ଥାତ୍ ଭାଜପା ୧୫.୬୮ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ ହେବାର ସୁଯୋଗ ଦେଇଥିଲା। ଅନୁରୂପ ଭାବେ କଂଗ୍ରେସ ୩୨୭ ସିଟ୍‌ରେ ପ୍ରାର୍ଥୀ ଦେଇଥିବା ବେଳେ ମହିଳା ଥିଲେ ୪୧, ଯାହା ୧୨.୫୩ ପ୍ରତିଶତ। ଆଞ୍ଚଳିକ ରାଜନୈତିକ ଦଳ ବିଜୁ ଜନତା ଦଳ (ବିଜେଡି) ଓଡ଼ିଶାର ୨୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେଥିରୁ ୭ ଜଣ ମହିଳାଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥିଲା। ଅର୍ଥାତ୍ ୩୩.୩୩ ପ୍ରତିଶତ ମହିଳା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଅବଶ୍ୟ କେହି ଲୋକ ସଭାରେ ଖାତା ଖୋଲିପାରି ନ ଥିଲେ। ଉଲ୍ଲେଖ କରାଯାଇପାରେ ଯେ, ରାଜ୍ୟରେ ଭାଜପା ଏହି ୨୧ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅର୍ଥାତ୍ ଏମାନଙ୍କ ପ୍ରତିଶତ ଥିଲା ୧୯.୦୪। ସେହିଭଳି କଂଗ୍ରେସ ମଧ୍ୟ ସମାନ ସଂଖ୍ୟକ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ମହିଳାଙ୍କ ସଂଖ୍ୟା ଥିଲା ୩, ଯାହାର ପ୍ରତିଶତ ୧୪.୨୮। ତେବେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଏଆଇଟିସି/ଟିଏମ୍‌ସି) ୪୮ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ୧୨ ଜଣ ମହିଳାଙ୍କୁ ସୁଯୋଗ ଦେଇଥିଲା, ଯାହାର ପ୍ରତିଶତ ହେଉଛି ୨୫। ଏହି ୧୨ ଜଣଙ୍କ ମଧ୍ୟରେ ୧୧ ଜଣ ନିର୍ବାଚନରେ ବିଜୟଲାଭ କରିଥିଲେ।

ବର୍ତ୍ତମାନ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ନେଇ 'ଘୋ' ଚାଲିଛି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଏବଂ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଉଭୟେ ୫ ଲେଖାଏ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଲେଖାଏ ମହିଳା ପ୍ରାର୍ଥୀ ଥିଲେ। ଏମାନଙ୍କ ପ୍ରତିନିଧିତ୍ୱ ୪୦ ପ୍ରତିଶତ ଥିଲା। ସଂଯୁକ୍ତ ଜନତାଦଳ(ଜେଡିୟୁ) ୧୬ ପ୍ରାର୍ଥୀ ଦେଇଥିବା ବେଳେ ୨ ଜଣ ମହିଳା ଥିଲେ, ଯାହା ୧୨.୫ % ଥିଲା। ସମାଜବାଦୀ ପାର୍ଟି (ଏସ୍‌ପି)ର ୭୧ ସମୁଦାୟ ପ୍ରାର୍ଥୀଙ୍କ ମଧ୍ୟରୁ ମହିଳା ପ୍ରାର୍ଥୀ ଥିଲେ ୧୪, ଯାହାର ପ୍ରତିଶତ ହେଉଛି ପ୍ରାୟ ୨୦। ଡିଏମ୍‌କେ ୨୨ ଜଣଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଟିକେଟ ଦେଇଥିବା ବେଳେ ସେଥିମଧ୍ୟରେ ୩ ଜଣ ଥିଲେ ମହିଳା(୧୩.୬୩%)।

ଦଳ	ଲଢ଼ିଥିବା ସିଟ୍	ମହିଳା ପ୍ରାର୍ଥୀ	ପ୍ରତିଶତ
ଭାଜପା	୪୪୦	୬୯	୧୫.୬୮
କଂଗ୍ରେସ	୩୨୭	୪୧	୧୨.୫୩
ବିଜେଡି	୨୧	୭	୩୩.୩୩
ସମାଜବାଦୀ ପାର୍ଟି	୭୧	୧୪	୨୦
ଡିଏମ୍‌କେ	୨୨	୩	୧୩.୬୩
ଜେଡିୟୁ	୧୬	୨	୧୨.୫
ଏଲ୍‌ଜେପି	୫	୨	୪୦
ଟିଏମ୍‌ସି	୪୮	୧୨	୨୫
ଜେଏମ୍‌ଏମ୍	୫	୨	୪୦
ଏଏପି	୨୨	୦	୦

ସବୁଠାରୁ କୌତୂହଳ କଥା ଯେ, ଆମ୍ ଆଦ୍‌ମୀ ପାର୍ଟି(ଏଏପି) ଦିଲ୍ଲୀ, ପଞ୍ଜାବ, ହରିୟାଣା ଓ ଗୁଜରାଟରେ ୨୨ ଜଣ ପ୍ରାର୍ଥୀ ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ମହିଳା ପ୍ରାର୍ଥୀ ନ ଥିବା ଜଣାପଡ଼ିଛି।

ନିର୍ବାଚନ କମିଶନଙ୍କ ସୂତ୍ରରୁ ଦର୍ଶାଯାଇଛି ଯେ, ୨୦୨୪ ମହିଳା ପ୍ରାର୍ଥୀ ଭରିଥିବା ଦଳଗୁଡ଼ିକ ମଧ୍ୟରେ 'ନାମ୍ ତାମିଲାର କାଟ୍‌ଚି' ୫୦%, ଏଲ୍‌ଜେପି (ରାମ୍‌ବିଳାସ) ଓ ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି) ଉଭୟ ୪୦%, ବିଜେଡି ୩୩%, ଆର୍‌ଜେଡି ୨୯%, ଟିଏମ୍‌ସି ୨୫% ଓ ଏସ୍‌ପି ୨୦ ପ୍ରତିଶତ ପାର୍ଟି ଭିତରେ ଲିଙ୍ଗଗତ ପ୍ରତିନିଧିତ୍ୱ କରିଥିଲେ।

୨୦୨୪ ଲୋକ ସଭା ନିର୍ବାଚନ ସହିତ ୧୪୭ ଆସନ ବିଶିଷ୍ଟ ଓଡ଼ିଶାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାଙ୍କ ପ୍ରତିନିଧିତ୍ୱ ଦେଖିଲେ ବିଜେଡି ୩୩ ଜଣ ମହିଳାଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେଇଥିଲା, ଯାହାର ପ୍ରତିଶତ ଦେଖିଲେ ଥିଲା ୨୨.୪୪। ସେହିପରି ଭାଜପା ୧୨(୮.୧୬%) ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ୨୦ (୧୩.୬୦%) ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ଲୋକ ସଭା ଭଳି ରାଜ୍ୟ ବିଧାନସଭାରେ ଆଞ୍ଚଳିକ ଦଳ ବିଜେଡି ଜାତୀୟ ଦଳ ଭାଜପା ଓ କଂଗ୍ରେସଠାରୁ ଆଗରେ ରହିଥିଲା।

ଏଯାଏ ଖୋଲିଲାନି ମାଧ୍ୟମିକ ଶିକ୍ଷକ ବଦଳି ପୋର୍ଟାଲ

ଭୁବନେଶ୍ୱର, ୧୯।୪ (ବନ୍ଦନା ସେଠୀ)

ଚଳିତ ବର୍ଷ ପ୍ରାଥମିକ ଶିକ୍ଷକଙ୍କ ଅନ୍‌ଲାଇନ ବଦଳି ପ୍ରକ୍ରିୟା ପାଇଁ କ୍ୟାଲେଣ୍ଡର କାର୍ଯ୍ୟସୂଚୀ ପ୍ରକାଶିତ ହୋଇସାରିଛି। ମାତ୍ର ମାଧ୍ୟମିକ ଶିକ୍ଷକଙ୍କ ପାଇଁ ଏପର୍ଯ୍ୟନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲାଯାଇ ନାହିଁ। ନିୟମ ଅନୁଯାୟୀ, ପ୍ରତିବର୍ଷ ଫେବୃଆରୀରେ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ଏବଂ ଜୁନ୍ ମଧ୍ୟରେ ସମସ୍ତ ପ୍ରକ୍ରିୟା ସମାପ୍ତ କରିବାର ନିର୍ଦ୍ଦେଶ ରହିଛି। ତେବେ ବ୍ୟବହାରିକ ଭାବରେ ଏହା ପାଳନ ହେଉ ନ ଥିବା ଓଡ଼ିଶା ଏନ୍.ପି.ଏସ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ମୁଖ୍ୟମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରିବା ସହ ତୁରନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଏହି କ୍ରମରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏନେଇ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ବହୁ ମାଧ୍ୟମିକ ଶିକ୍ଷକ ଦୀର୍ଘଦିନ ଧରି ବଦଳି ପ୍ରକ୍ରିୟା ପାଇଁ ଅପେକ୍ଷା କରି ରହିଛନ୍ତି। ଏହା ବିଳମ୍ବ ହେଉଥିବାରୁ ସେମାନେ ମାନସିକ ଚାପରେ ରହିବା ସହ ବହୁ ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଗୁରୁତର ଅସୁସ୍ଥ ଥିବା କେତେଜଣ ଶିକ୍ଷକ ବଦଳି ପାଇଁ ଆବେଦନ କରିପାରୁ ନ ଥିବାରୁ ଚିକିତ୍ସା ଓ ସ୍ଥାନାନ୍ତରଣ ସୁବିଧା ନ ପାଇ ଅସୁବିଧା ଭୋଗୁଛନ୍ତି। ତେଣୁ ଏହି ସମସ୍ୟାର ଗୁରୁତ୍ୱକୁ ଅନୁଭବ କରି ତୁରନ୍ତ ଅନ୍‌ଲାଇନ୍ ବଦଳି ପୋର୍ଟାଲ ଖୋଲିବା ପାଇଁ ଦାବି ଓ ନିବେଦନ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏନ୍‌ପିଏସ୍ ଶିକ୍ଷକ ସଂଘ

ସପ୍ତାହେ ଯାଏ ତାତିରୁ ନିସ୍ତାର ନାହିଁ

▌୪୦ ଡିଗ୍ରୀ ଉପରେ ୧୪ ସହର ▌ ଝାରସୁଗୁଡ଼ାରେ ସର୍ବାଧିକ ୪୩.୩ ଡିଗ୍ରୀ ତାପମାତ୍ରା

ଭୁବନେଶ୍ୱର, ୧୯।୪ (ବନ୍ଦନା ସେଠୀ)

ପ୍ରବଳ ଗ୍ରୀଷ୍ମତାପରେ ଶିଉଛି ଓଡ଼ିଶା। ଗରମ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ରବିବାର ମଧ୍ୟ ଅଧା ରାଜ୍ୟର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଲାଗି ରହିବ ଓ ତାତିରୁ ନିସ୍ତାର ମିଳିବ ନାହିଁ। ବିଶେଷକରି ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ଟିଟିଲାଗଡ଼, ନୂଆପଡା, ବଲାଙ୍ଗୀର ଓ ଭବାନୀପାଟଣା ଅଧିକ ପ୍ରଭାବିତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁଯାୟୀ, ଗତ ୨୪ଘଣ୍ଟାରେ ରାଜ୍ୟର ୧୪ଟି ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ସର୍ବାଧିକ ତାପମାତ୍ରା ୪୩.୩ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଟିଟିଲାଗଡ଼ରେ ୪୩ ଡିଗ୍ରୀ, ସୋନପୁର ୪୨.୩, ସମ୍ବଲପୁର ଓ ଭବାନୀପାଟଣା ୪୨, ସୁନ୍ଦରଗଡ଼, ବଲାଙ୍ଗୀର ଓ ରାଉରକେଲା ୪୧.୫, ଅନୁଗୋଳ ୪୧.୧, ହୀରାକୁଦ ଓ ନୂଆପଡ଼ା ୪୧, ବୌଦ୍ଧ ୪୦.୯, ଫୁଲବାଣୀ ଓ ତାଳଚେରରେ ୪୦.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅପରପକ୍ଷେ ରାଜ୍ୟର କିଛି ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ଓ ପବନ ବହିବା ନେଇ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ସୋମବାର ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ କନ୍ଧମାଳ ଜିଲାରେ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଏଥିସହ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ଆକଳନ କରାଯାଇଛି।

ଜଳଭଣ୍ଡାରରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ

ଭଞ୍ଜନଗର, ୧୯।୪ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଜଳଭଣ୍ଡାରରେ ବୁଡ଼ି ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ଏହି ଘଟଣା ଘଟିଛି। ମୃତ ଛାତ୍ରଦ୍ୱୟ ହେଲେ ଲାଲସିଂର କାହ୍ନା ପ୍ରଧାନ ଓ ଆଶୁତୋଷ ଭୂୟାଁ। ଭଞ୍ଜନଗର ମେଡିକାଲରେ ମୃତଦେହ ରହିଛି। ରାତି ହୋଇ ଯାଇଥିବାରୁ ସୋମବାର ବ୍ୟବଚ୍ଛେଦ କରାଯିବ। ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର କାହ୍ନା ଓ ଆଶୁତୋଷ ତାଙ୍କର ଆଉ ୪ ଜଣ ସାଙ୍ଗଙ୍କ ସହ ମିଶି ରବିବାର ଅପରାହ୍ନ ୫ଟାରେ ଭଞ୍ଜନଗର ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇଥିଲେ। ୫ ଜଣଙ୍କ ମଧ୍ୟରୁ କେବଳ ଜଣେ ପହଁରା ଶିଖିଥିଲେ। ସେମାନେ ଜଳଭଣ୍ଡାରରେ ବହୁ ସମୟ ରହିଥିଲେ। ତେବେ ଅସାବଧାନତାରୁ କାହ୍ନା ଓ ଆଶୁତୋଷ ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ସାଙ୍ଗମାନେ ଉଭୟଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ ଦମକଳ ବାହିନୀ ଏବଂ ପୋଲିସକୁ ସୂଚନା ଦେଇଥିଲେ। ସନ୍ଧ୍ୟାରେ ଭଞ୍ଜନଗର ଦମକଳ ବାହିନୀ ଓ ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ଜଳଭଣ୍ଡାରରେ ଖୋଜାଯିବା ପରେ ସେମାନଙ୍କୁ ଉଦ୍ଧାର କରି କାଳେ ବଞ୍ଚିଥିବେ ଭାବି ଭଞ୍ଜନଗର ହସ୍ପିଟାଲ ଅଣାଯାଇଥିଲା। ସେଠାରେ କାହ୍ନା ଓ ଆଶୁତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

୨୧ରେ ପୁରୀରେ ହେବ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

ଭୁବନେଶ୍ୱର, ୧୯।୪ (ବନ୍ଦନା ସେଠୀ)

ଆସନ୍ତା ୨୧ ତାରିଖରେ ପୁରୀଠାରେ 'ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବାଚସ୍ପତିଙ୍କ ଭୂମିକା' ସମ୍ପର୍କିତ କମିଟି ସମ୍ମିଳନୀ ଅନୁଷ୍ଠିତ ହେବ। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରେୱକରଙ୍କ ଅଧ୍ୟକ୍ଷତା ଏବଂ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏଥିରେ ମହାରାଷ୍ଟ୍ର, ଓଡ଼ିଶା ସମେତ କର୍ନାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା, ପରିଣତି ଏବଂ ଏହାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ଏବଂ ଲୋକସଭାର ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ବରଗଡ଼ ଚକୁଳିଆ ଫାର୍ମରେ ଅଖିମୁଠି ଅନୁକୂଳ କରିବେ ମନମୋହନ

ଭୁବନେଶ୍ୱର, ୧୯।୪ (ରବିନାରାୟଣ ଜେନା)

ପବିତ୍ର ଅକ୍ଷୟତୃତୀୟାରେ ଭାଜପା ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ ସୋମବାର ବରଗଡ ଜିଲା ଚକୁଳିଆ ଫାର୍ମରେ ଅଖିମୁଠି ଅନୁକୂଳ କରିବେ। ସାମଲ ପୂର୍ବାହ୍ନ ୯ଟାରେ ଅନୁଷ୍ଠିତ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ୧୦ଟାରେ ଅତାବିରାଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେବେ। ଏଥିପାଇଁ ରବିବାର ବରଗଡ ଜିଲା ଗସ୍ତ କରିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି।

ହାତୀ ଆକ୍ରମଣରେ ବୃଦ୍ଧା ମୃତ

ରିଆମାଳ, ୧୯।୪ (ବଦ୍ରିନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲା ରିଆମାଳ ଫରେଷ୍ଟ ରେଞ୍ଜ୍ କୁଣ୍ଢେଇଗୋଳା ସେକ୍ସନ ଅନ୍ତର୍ଗତ ଆଉଁଳି କୁଡ଼ାସାହିର ମହିଆ ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ରବିବାର ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଆଉଁଳି ଗ୍ରାମର ପାତି ପ୍ରଧାନ(୬୫)। ସକାଳ ପ୍ରାୟ ସାଢ଼େ ୮ଟାରେ ପାତି ଉକ୍ତ ଜଙ୍ଗଲକୁ କାଜୁ ସଂଗ୍ରହ ପାଇଁ ଯାଇ ଦନ୍ତାହାତୀ ହାବୁଡ଼ରେ ପଡିଯାଇଥିଲେ। ଫଳରେ ବୃଦ୍ଧାଙ୍କୁ ହାତୀ ସେଠାରେ କଚାଡି ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ସୂଚନାପାଇ ବନବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହାତୀ ଘଉଡ଼ାଇବା ପାଇଁ ପ୍ରୟାସ କରିଥିଲେ।

ବାଣ ବିସ୍ଫୋରଣ: ଦୁଃଖ ପ୍ରକାଶ କଲେ ନବୀନ

ଭୁବନେଶ୍ୱର, ୧୯।୪ (ରବିନାରାୟଣ ଜେନା)

ତାମିଲନାଡୁ ବିରୁଧୁନଗର ଜିଲାରେ ଏକ ବାଣ ତିଆରି କାରଖାନାରେ ବିସ୍ଫୋରଣରେ ଅନେକ ଲୋକଙ୍କ ମୃତାହତ ହୋଇଛନ୍ତି। ଏହି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ 'ଏକ୍ସ' ଯୋଗେ କହିଛନ୍ତି, ଏହି ଘଟଣାରେ ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ଶୋକାକୁଳ ପରିବାରକୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏହାସହିତ ଯେଉଁମାନେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ନନ୍ଦନକାନନକୁ ଆସିଲା ଆଲ୍‌ବିନୋ ରଣାସାପ



ବାରଙ୍ଗ, ୧୯।୪ (ଲିଙ୍ଗରାଜ ରାଉତ)

ଭଦ୍ର

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। – **ଶ୍ରୀଅରବିନ୍ଦ**

ବନ୍ଧୁ ନୁହେଁ

ଇରାନ୍‌ର ହର୍ମୁଜ ଜଳପଥ ଖୋଲାଯିବାର ଦିନକ ପରେ ପୁଣି ଏହାକୁ ବନ୍ଦ କରିଦିଆଗଲା। ଏପରିକି ଭାରତର ଦୁଇଟି ଜାହାଜ ଉପରେ ଇରାନ୍ ନୌସେନାର ଗୁଳିବର୍ଷଣ ଭାରତ ସରକାରଙ୍କୁ ଏକ ଝଟକା ଭାବେ ଲାଗିବା କଥା। ଦେଶ ଭିତରେ ଗଣମାଧ୍ୟମ ଦ୍ୱାରା ଅସତ୍ୟ ପ୍ରଚାର କରାଇ ଏକ ଧାରଣା ସୃଷ୍ଟି କରାଯିବାର ଉଦ୍ୟମ ଚାଲୁ ରହିଛି, ଯେଉଁଥିରେ କୁହାଯାଉଛି ଯେ, ଇରାନ୍ ସହିତ ଭାରତର ସୁସମ୍ପର୍କ ଏବେ ମଧ୍ୟ ବଳବତ୍ତର ରହିଛି। ତେବେ ଏହି ସ୍ତମ୍ଭରେ ପୂର୍ବରୁ ଲେଖିଛେ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ମାନିବାକୁ ଯାଇ ଭାରତ ଯେଉଁଭଳି ଚବାହାର ବନ୍ଦର ଦାୟିତ୍ୱରୁ ହଠାତ୍ ଓହରିଗଲା, ତାହା ଇରାନ୍ ସରକାର ମନରେ ବଡ଼ ଆଘାତ ଲଗାଇଥିବ। ସାଧାରଣରେ ଏହିଭଳି ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ କରିବାର ଦାୟିତ୍ୱ ନେଇଥିବା ଦେଶ ଓହରି ଯାଆନ୍ତି ନାହିଁ। ଯଦି ବିନା କାରଣରେ ଓହରି ଯିବେ ତେବେ ଦୁଇ ଦେଶ ମଧ୍ୟରେ ସେ ଯେକୌଣସି ଦେଶ ହୋଇଥାଉ, ସମ୍ପର୍କ ବିଗିଡ଼ିଯିବା ସ୍ୱାଭାବିକ। ତେଣୁ ଭାରତ ସାଙ୍ଗରେ ଏବେ ଇରାନ୍ ବନ୍ଧୁତ୍ୱ ନିଶ୍ଚିତଭାବେ ମାଡ଼ ଖାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ମାନିବାକୁ ଯାଇ ଭାରତ ଯେଉଁଭଳି ଚବାହାର ବନ୍ଦର ଦାୟିତ୍ୱରୁ ହଠାତ୍ ଓହରିଗଲା, ତାହା ଇରାନ୍ ସରକାର ମନରେ ବଡ଼ ଆଘାତ ଲଗାଇଥିବ। ସାଧାରଣରେ ଏହିଭଳି ବଡ଼ ଧରଣର ଭିତ୍ତିଭୂମି ନିର୍ମାଣ କରିବାର ଦାୟିତ୍ୱ ନେଇଥିବା ଦେଶ ଓହରି ଯାଆନ୍ତି ନାହିଁ। ଯଦି ବିନା କାରଣରେ ଓହରି ଯିବେ ତେବେ ଦୁଇ ଦେଶ ମଧ୍ୟରେ ସେ ଯେକୌଣସି ଦେଶ ହୋଇଥାଉ, ସମ୍ପର୍କ ବିଗିଡ଼ିଯିବା ସ୍ୱାଭାବିକ। ତେଣୁ ଭାରତ ସାଙ୍ଗରେ ଏବେ ଇରାନ୍ ବନ୍ଧୁତ୍ୱ ନିଶ୍ଚିତଭାବେ ମାଡ଼ ଖାଇଛି।

ଭାରତର ଦୁଇ ପଡ଼ୋଶୀ, ପାକିସ୍ତାନ ଓ ଚାଇନା, ଇରାନ୍ ଯୁଦ୍ଧରୁ ଲାଭବାନ୍ ହୋଇଛନ୍ତି। ଚାଇନା ଯେଉଁଭଳି ବିରାଟକାୟ ପତାକା ଉଡ଼ାଇ ତାହାର ତୈଳବାହୀ ଜାହାଜ ହର୍ମୁଜ ଜଳପଥ ଦେଇ ଯିବାଆସିବା କରାଉଛି, ଅନ୍ୟ କୌଣସି ଦେଶ ସେଭଳି ଶକ୍ତି ପ୍ରଦର୍ଶନ କରିବାରେ ଅସମର୍ଥ। ଅବଶ୍ୟ ସେଇ ପାଖାପାଖି ଅଞ୍ଚଳରେ ଚାଇନାର ୪୮ତମ ନୌଭେଳା ଉପସ୍ଥିତ ଅଛି। ଦରକାର ପଡ଼ିଲେ କାମରେ ଲାଗିବ। ଅନ୍ୟପଟେ ଆମେରିକା ନୌସେନାର ଜାହାଜ ହର୍ମୁଜ ପାଖରେ ଗଦା ହୋଇ ରହିଛନ୍ତି। ଏତେ ଶକ୍ତିଶାଳୀ ହୋଇଥିବା ସତ୍ତ୍ୱେ ଆମେରିକା କୌଣସିଭାବେ ଚାଇନା ପତାକା ଉଡ଼ାଯାଉଥିବା ଜାହାଜକୁ ରୋକି ପାରୁନାହିଁ। ଗୋଟେପଟେ ଭାରତର ପଡ଼ୋଶୀ ଚାଇନାର ବଳ ପ୍ରଦର୍ଶନ ହେଉଥିବା ବେଳେ ଅନ୍ୟପଟେ ସମଗ୍ର ବିଶ୍ୱ ଦେଖିଲା ପାକିସ୍ତାନର କୂଟନୈତିକ ସଫଳତା। ଉଭୟ ଇରାନ୍ ଓ ଆମେରିକାକୁ ଗୋଟିଏ ଟେବୁଲରେ ବସାଇବାର ଶକ୍ତି କେବଳ ଇସ୍‌ଲାମାବାଦର ଅଛି ବୋଲି ପ୍ରମାଣିତ ହୋଇଗଲା। ଅବଶ୍ୟ ଭାରତକୁ ଦେଖିଲେ କହିହେବ ଯେ, କେତୋଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଧାନସଭା ଭୋଟ ମାଡ଼ି ଆସୁଥିଲା। ମନେରଖିବାକୁ ହେବ ଯେ, ଭାରତୀୟ ନେତାଙ୍କ ପାଇଁ ଭୋଟରେ ଜିତିବା ସବୁବେଳେ ସର୍ବୋପରେ ରହିଥାଏ। ଭାରତରେ ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ୟ କିଛି ହେବା ଅସମ୍ଭବ। ଅନ୍ୟ ଦେଶରେ ବିଶ୍ୱ କଥା ଚିନ୍ତା କରାଯାଇ ସମୟ ବ୍ୟର୍ଥ କରୁଥିବା ନେତାମାନେ ଭାରତୀୟ ନେତାମାନଙ୍କର ଚିନ୍ତାଧାରା ବୁଝିବା ପାଇଁ ଆହୁରି ଅନେକ ଶତାବ୍ଦୀ ଲାଗିଯାଇ ପାରେ। ସବୁବେଳେ ଭୋଟ ପରେ ଭାରତରେ ଦରଦାମ୍ ବୃଦ୍ଧି ପାଇଲେ ନାଗରିକଙ୍କର ମଧ୍ୟ ଚିନ୍ତା ରହେନାହିଁ। ତେଣୁ ଭାରତର ବିଶ୍ୱ ସ୍ତରରେ ଗୌଣ ହୋଇଯାଉଥିବା ଗୁରୁତ୍ୱ ହୁଏତ ଆମ ସମସ୍ତଙ୍କୁ ଏକ ସକାରାତ୍ମକ ଶିକ୍ଷା ଭବିଷ୍ୟତରେ ଦେଇପାରେ।

ପେସା ଆଇନକୁ ପେଷି ଦିଆଯାଉଛି



ବିଚିତ୍ର ବିଶ୍ୱାଳ

ଭାରତବର୍ଷର ଯେଉଁ କେତୋଟି ଆଇନ ଆଦିବାସୀମାନଙ୍କୁ ପ୍ରକୃତ ସଶକ୍ତୀକରଣ କରିବାରେ ସାହାଯ୍ୟ କରେ, ସେଥିମଧ୍ୟରୁ ପଞ୍ଚାୟତ(ଏକ୍ସଟେନସନ ଟୁ ଦି ସିଡ୍ୟୁଲଡ ଏରିୟାଜ) ଆକ୍ଟ ବା ପେସା ଆଇନ (ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତ ଆଇନର ସମ୍ପ୍ରସାରଣ) ଅନ୍ୟତମ। ୧୯୯୬ରେ କେନ୍ଦ୍ର ସରକାର ଏହି ଆଇନ ଲଗୁ କରିଥିଲେ। ଆଦିବାସୀମାନଙ୍କୁ କ୍ଷମତା ପ୍ରଦାନ କରିବାରେ ଜଙ୍ଗଲ ଅଧିକାର ଆଇନ ପରି ପେସା ଆଇନ ଏକ ଯୁଗାନ୍ତକାରୀ ଆଇନ। ଏହି ଆଇନ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତକୁ କେତେଗୁଡ଼ିଏ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରେ, ଯାହା ବାସ୍ତବ ଅର୍ଥରେ ଆଦିବାସୀଙ୍କୁ ସଶକ୍ତୀକରଣ କରିବାରେ ସାହାଯ୍ୟ କରିବ।

ପେସା ଆଇନ ଅନୁସାରେ ଆଦିବାସୀ ଅଧ୍ୟୁଷିତ ଗ୍ରାମପଞ୍ଚାୟତର ଜଳ, ଜମି, ଜଙ୍ଗଲ ଓ ଗୋଷ୍ଠୀ ସମ୍ପଦର ସୁରକ୍ଷାର ସମ୍ପୂର୍ଣ୍ଣ ଅଧିକାର ଗ୍ରାମସଭାକୁ ଦିଆଯିବ। ଲଘୁ ବନଜାତ ଦ୍ରବ୍ୟର ମାଲିକାନା ସ୍ୱତ୍ୱ ଗ୍ରାମସଭା ପାଖରେ ରହିବ। ଅର୍ଥାତ ଲଘୁ ବନଜାତ ଦ୍ରବ୍ୟର ବିକ୍ରି, ରପ୍ତାନି ଅଧିକାର ଆଦି ପାଇଁ ଆଦିବାସୀଙ୍କୁ ବନ ବିଭାଗ ପାଖରୁ ଅନୁମତି ନେବାକୁ ପଡ଼ିବ ନାହିଁ। ସେମାନେ ନିଜ ଗ୍ରାମସଭା ମାଧ୍ୟମରେ ଏହା କରିପାରିବେ। ପେସା ଆଇନ କହୁଛି, ଏହି ଆଇନ ଲାଗୁ ହୋଇଥିବା ଅନୁସୂଚିତ ଅଞ୍ଚଳରେ କୌଣସି ବି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପୂର୍ବରୁ ଗ୍ରାମସଭାର ଅନୁମତି ନିହାତି ଆବଶ୍ୟକ। ଅର୍ଥାତ ପେସା ଆଇନ ଅଞ୍ଚଳରେ ଗ୍ରାମସଭା ନ ଚାହିଁଲେ କମ୍ପାନୀ କାରଖାନା ସ୍ଥାପନ କରିପାରିବ ନାହିଁ। ଗ୍ରାମରେ ମଦ ବିକ୍ରୟ, ମଦ୍ୟପାନର ନିୟନ୍ତ୍ରଣ ଆଦି ବିଷୟରେ ବି ପଞ୍ଚାୟତ ନିଷ୍ପତ୍ତି ନେଇପାରିବ। ଗ୍ରାମର ବିକାଶ ପାଇଁ ହେଉଥିବା ଯୋଜନାର ହିତାଧିକାରୀ ଚୟନ ଗ୍ରାମସଭା ଦ୍ୱାରା କରାଯିବ। ଆଜିକାଲି ଯେପରି ବିଧାୟକ ଓ ଅନ୍ୟାନ୍ୟ ଶାସକ ଦଳର ନେତାମାନେ ଅନ୍ୟାୟପୂର୍ଣ୍ଣ ଭାବେ ନିଜର ପାଖ ଲୋକଙ୍କୁ ବିଭିନ୍ନ ଯୋଜନାର ହିତାଧିକାରୀ କରିଦେଉଛନ୍ତି ବା ଅଫିସରମାନେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଯୋଜନାର ଲାଭ ଦେଉଛନ୍ତି, ପେସା ଆଇନ ଲାଗୁହେଲେ ଏବଂ ଗ୍ରାମସଭା ପାଖରେ ହିତାଧିକାରୀ ଚୟନ କରିବାର କ୍ଷମତା ରହିଲେ, ସେମାନେ ଆଉ ଏପରି କରିବାକୁ ସୁଯୋଗ ପାଇବେ ନାହିଁ। ପେସା ଆଇନର ମୂଳ ଉଦ୍ଦେଶ୍ୟ ହେଉଛି, ଆଦିବାସୀ ଗାଁରେ ଆଦିବାସୀଙ୍କ ଶାସନ। ପେସା ଆଇନ ସେମାନଙ୍କୁ ନିଜର ପରମ୍ପରା, ସଂସ୍କୃତି ଓ ସମ୍ବଳକୁ ରକ୍ଷା କରିବା ପାଇଁ ସର୍ବୋଚ୍ଚ କ୍ଷମତା ପ୍ରଦାନ କରିଥାଏ। ଏହି ଆଇନକୁ ଅନୁଧ୍ୟାନ କଲେ, ଯେ କେହି ବି ବୁଝିପାରିବେ, ଆଦିବାସୀଙ୍କ ପାଇଁ ଏହା କେତେ ଜରୁରୀ!

କିନ୍ତୁ ଆମ ସମସ୍ତଙ୍କୁ ଏହି ଖବର ନିଶ୍ଚୟ ଚମକେଇ ଦେବ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ ହେବାର ଦୀର୍ଘ ତିରିଶ ବର୍ଷ ପରେ ମଧ୍ୟ ଆମ ରାଜ୍ୟରେ ଏହି ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। କିନ୍ତୁ କାହିଁକି? ଏହି ପଥରେ ଅନ୍ତରାୟ କିଏ ଏବଂ କାହିଁକି? ପ୍ରତ୍ୟେକ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିୟମାବଳୀ ହୋଇଥାଏ। ଓଡ଼ିଶାରେ ପେସାର କାର୍ଯ୍ୟକାରିତା ପାଇଁ ଚୁଡ଼ାନ୍ତ ନିୟମାବଳୀ ଏପର୍ଯ୍ୟନ୍ତ ତିଆରି ହୋଇନାହିଁ। ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ତେଲଙ୍ଗାନା, ହିମାଚଳ ପ୍ରଦେଶ, ରାଜସ୍ଥାନ ଆଦି ନଅଟି ରାଜ୍ୟରେ ପେସା ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଛି। ଏହିସବୁ ରାଜ୍ୟ ନିଜ ନିଜ ପାଇଁ ପେସା ଆଇନକୁ ଲାଗୁ କରିବା ସକାଶେ ନିୟମାବଳୀ ପ୍ରସ୍ତୁତ କରିଛନ୍ତି। ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ଼ ଭଳି ଓଡ଼ିଶା ଏକ ଆଦିବାସୀ ବହୁଳ ଓ ଖଣିଜସମ୍ପଦ ପରିପୂର୍ଣ୍ଣ ରାଜ୍ୟ। ଯଦି ସେହିସବୁ ରାଜ୍ୟ ପେସା ଆଇନକୁ କାର୍ଯ୍ୟକାରୀ କରିପାରୁଛନ୍ତି, ତାହେଲେ ଓଡ଼ିଶା ପଛରେ ରହିଛି କାହିଁକି?

ଓଡ଼ିଶାର ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ସମ୍ପୂର୍ଣ୍ଣ ଭାବେ ପେସା ଆଇନ କାର୍ଯ୍ୟକାରୀ ହେବାର ସୁଯୋଗ ରହିଛି। ସେହିପରି କେଉଁଝର, କନ୍ଧମାଳ, ଗଜପତି, ଗଞ୍ଜାମ, କଳାହାଣ୍ଡି, ସମ୍ବଲପୁର ଓ ବାଲେଶ୍ୱର ଜିଲାରେ ଆଂଶିକ ଭାବେ ଏହି ଆଇନ କାର୍ଯ୍ୟକାରୀ ହୋଇପାରିବ। ଆମ ରାଜ୍ୟର ପ୍ରାୟ ୨୦୬୮ଟି ପଞ୍ଚାୟତରେ ପେସା ଆଇନ କାର୍ଯ୍ୟକାରୀ ହେବା ପାଇଁ ସୁଯୋଗ ରହିଛି। କିନ୍ତୁ ବାସ୍ତବତା ହେଉଛି,



ଆଇନକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ନ କରିବା ସରକାରଙ୍କର ଆଦିବାସୀ ବିରୋଧୀ ମନୋଭାବକୁ ସ୍ପଷ୍ଟ ଭାବେ ଉଜାଗର କରୁଛି। ଆମ ରାଜ୍ୟରେ ଏହି ଆଇନ କାର୍ଯ୍ୟକାରୀ ନ ହେବାର ଏକ ମୁଖ୍ୟ କାରଣ ହେଉଛି ଶାସକ ଗୋଷ୍ଠୀର ସାମନ୍ତବାଦୀ ମନୋଭାବ। ଆଦିବାସୀମାନେ ନିଜେ ନିଜର ନିଷ୍ପତ୍ତି ପଞ୍ଚାୟତ ସ୍ତରରେ ନେବେ, ଏହା ବୋଧହୁଏ ଶାସକ ବର୍ଗକୁ ହଜମ ହେଉନାହିଁ। ଆମ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତଗୁଡ଼ିକରେ ଏହି ଆଇନ ଲାଗୁହେଲେ, ସେହି ପଞ୍ଚାୟତରେ ସମସ୍ତ ବିକାଶମୂଳକ ପ୍ରକଳ୍ପର ନିଷ୍ପତ୍ତି ଗ୍ରାମସଭା ନେବ। ଅର୍ଥାତ ସେଠାରେ ଖଣି ଖୋଲା ହେବ କି ନାହିଁ, ପାହାଡ଼, ଜଙ୍ଗଲ ଓ ଝରଣାକୁ ବିକାଶ ନାଁରେ ବିଦେଶୀଙ୍କ ହାତକୁ ଟେକି ଦିଆଯିବ କି ନାହିଁ, ତାହାର ନିଷ୍ପତ୍ତି ରାଜ୍ୟ ସରକାର ନ ନେଇ ଉକ୍ତ ପଞ୍ଚାୟତ ବା ଗ୍ରାମସଭା ନେବ। ତେଣୁ ସରକାର ସମ୍ପ୍ରତି ଯେପରି ଭାବେ ଗୋଟିଏ କାଗଜରେ ସନ୍ତକ କରି ଆଦିବାସୀଙ୍କ ପାହାଡ଼, ଝରଣା, ଜଙ୍ଗଲ ଆଦିକୁ ବିଦେଶୀ କମ୍ପାନୀଙ୍କ ହାତକୁ ଟେକି ଦେଉଛନ୍ତି, ତାହା ଆଉ ସମ୍ଭବ ହୋଇପାରିବ ନାହିଁ। ଏପରି ହୋଇ ନ ପାରିଲେ ନେତା ଓ ଅଫିସରଙ୍କ ପକେଟକୁ କମ୍ପାନୀର କୋଟି କୋଟି ଟଙ୍କା ଚାନ୍ଦା ପଶିପାରିବ ନାହିଁ। ତେଣୁ ସମସ୍ତେ ମିଶି ଜାଣି ଜାଣି ପେସା ଆଇନ ଲାଗୁ କରିବାରେ ବିଳମ୍ବ କରି ଚାଲୁଛନ୍ତି। ପେସା ଆଇନ ଲାଗୁ ହୋଇଗଲେ ଉପରୋକ୍ତ ପଞ୍ଚାୟତରେ ଲଘୁ ବନଜାତ ଦ୍ରବ୍ୟ, କ୍ଷୁଦ୍ର ଜଳସେଚନ, ଶିକ୍ଷାନୁଷ୍ଠାନର ପରିଚାଳନା, ଅଙ୍ଗନୱାଡ଼ି ବିଭିନ୍ନ ଯୋଜନାରେ ନିଷ୍ପତ୍ତି ନେବା ପାଇଁ ଗ୍ରାମସଭା କ୍ଷମତା ପାଇବ। ସ୍ଥାନୀୟ ପ୍ରଶାସନର କ୍ଷମତା ସଙ୍କୁଚିତ ହୋଇ ତାହା ଲୋକଙ୍କୁ କ୍ଷମତାପନ୍ନ କରିବ। ତେଣୁ କିଏ ବା କାହିଁକି ନିଜ କ୍ଷମତାକୁ ଛାଡ଼ି ଆଦିବାସୀଙ୍କୁ କ୍ଷମତା ଦେବାକୁ ଯିବ! ପେସା ଆଇନକୁ ପୂର୍ଣ୍ଣପ୍ରାଣରେ କାର୍ଯ୍ୟକାରୀ ନ କରିବାର ଏହା ବି ଅନ୍ୟ ଏକ କାରଣ।

ଆଦିବାସୀ ବସବାସ କରୁଥିବା ଅଞ୍ଚଳରେ ଜଙ୍ଗଲ ଅଛି, ଝରଣା ପାଣି ଅଛି, ମାଟି ତଳେ ଖଣିଜ ସମ୍ବଳ ଅଛି, ଯାହାକୁ ହାତେଇବା ପାଇଁ ବହୁରାଷ୍ଟ୍ରୀୟ କମ୍ପାନୀ ଶାଗୁଣା ପରି ଚାହିଁ ରହିଛନ୍ତି। ସେମାନଙ୍କର ଏହି ହାତେଇବା ରାସ୍ତାରେ ସେମାନେ ନେତା, ଅଫିସର ଓ ରାଜନୈତିକ ଦଳ ସମସ୍ତଙ୍କୁ କୋଟି କୋଟି ଟଙ୍କା ଲାଞ୍ଚ ଓ ଚାନ୍ଦା ଦେଉଛନ୍ତି। ଥରେ ପେସା ଆଇନ ଲାଗୁ ହୋଇଗଲେ, କମ୍ପାନୀଗୁଡ଼ିକ ହୁଏତ ଏହିସବୁ ସମ୍ବଳକୁ ହାତେଇ ପାରିବେ ନାହିଁ ଓ ତାଙ୍କ ହାତବାରିଶି ସାଜିଥିବା ନେତା ଅଫିସର ଟଙ୍କା ରୋଜଗାର କରିବାକୁ ସୁଯୋଗ ପାଇବେ ନାହିଁ। ତେଣୁ ସମସ୍ତେ ମିଶି ସରକାରକୁ ହାତକରି କଳେବଳେ କୌଶଳେ ପେସା ଆଇନକୁ ପଛକୁ ଠେଲିବାକୁ ପ୍ରୟାସ କରୁଛନ୍ତି। ଆଦିବାସୀଙ୍କ ଅଧିକାରକୁ ଲୁଣ୍ଠନ କରିବା ପାଇଁ ଓ ପ୍ରାକୃତିକ ସମ୍ବଳକୁ ବିଦେଶୀଙ୍କ ହାତକୁ ଟେକି ଦେବା ପାଇଁ ପେସା ଆଇନକୁ ପ୍ରଶାସନର ନାଲିଫିତା ତଳେ ପେଷି ଦିଆଯାଉଛି।

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

କ୍ୟୁବା ଉପରେ ନଜର



ଲଳିତେନ୍ଦୁ ପଲାଡୁରୀ

ଜର୍ମାନୀର ନାଜି ଶାସକ ଆଡ୍‌ଲଫ୍ ହଟ୍‌ଲର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଶ୍ୱ ଦେଖିଥିଲା ଏହି ନାଜି ଏକଚ୍ଛତ୍ରବାଦୀଙ୍କ ଶାସନର କ୍ରୂରତା। ହିଟ୍‌ଲରଙ୍କ କୁଖ୍ୟାତି ଇତିହାସରେ ଲିପିବଦ୍ଧ ହୋଇ ରହିଛି। ତେବେ ଏବେ ବିଶ୍ୱରେ ଉଭାହୋଇଛନ୍ତି ଆଉ ଜଣେ ହିଟ୍‌ଲର। ସେ ହେଉଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ନିଜକୁ ସେ ଜଣେ ଏକଚ୍ଛତ୍ରବାଦୀ ବୋଲି କହିଛନ୍ତି। ଟ୍ରମ୍ପ୍ ଗତ ଜାନୁଆରୀରେ ସୁଇଜରଲାଣ୍ଡର ଡାଭୋସ୍‌ରେ ଆୟୋଜିତ ବିଶ୍ୱ ଅର୍ଥନୈତିକ ଫୋରମ ବୈଠକରେ ବେଳେ ବେଳେ ଏକଚ୍ଛତ୍ରବାଦୀ ହେବା ଜରୁରୀ ବୋଲି କହିଥିଲେ। ତେଣୁ ଟ୍ରମ୍ପ୍‌ଙ୍କ ମେଳ ମଧ୍ୟ ହିଟ୍‌ଲରଙ୍କ ସହ ଅନେକ ମାତ୍ରାରେ ସାମଞ୍ଜସ୍ୟ ରଖୁଛି। ହିଟ୍‌ଲର ଜର୍ମାନୀର ୱିମର ଗଣତନ୍ତ୍ରକୁ ଭାଙ୍ଗି ୧୯୩୪ ସୁଦ୍ଧା ଜର୍ମାନୀକୁ ଏକଦଳୀୟ ଶାସନ ବ୍ୟବସ୍ଥା ଓ ଏକଚ୍ଛତ୍ରବାଦରେ ପରିଣତ କରିଥିଲେ। ଜର୍ମାନୀରେ ହିଟ୍‌ଲରଙ୍କ ଉଗ୍ର ଜାତୀୟତାବାଦ ଏବଂ ବିସ୍ତାରବାଦୀ ନୀତି ବିଶ୍ୱକୁ ପ୍ରଭାବିତ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲରଙ୍କ ମୁଖ୍ୟ ଶତ୍ରୁ ଥିଲେ ମିତ୍ରଶକ୍ତି ସୋଭିଏଟ୍ ସଂଘ, ବ୍ରିଟେନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା। ହିଟ୍‌ଲର ୧୯୩୯ରେ ପୋଲାଣ୍ଡ ଅଧିକାର କରିଥିଲେ । ସେ ୬ଲକ୍ଷ ଇହୁଦୀଙ୍କୁ ହତ୍ୟାକରିଥିଲେ। ସାମ୍ୟବାଦ ପ୍ରଚାର କରୁଥିବା ଇହୁଦୀଙ୍କୁ ଜର୍ମାନୀ ଜାତି ପାଇଁ ପରମ ଶତ୍ରୁ ବୋଲି ଭାବି ନେଇଥିଲେ ହିଟ୍‌ଲର। ତେବେ ଏକଚ୍ଛତ୍ରବାଦୀ ହିଟ୍‌ଲର ଇହଧାମରୁ ଯିବାର ୮୧ବର୍ଷ ପରେ ବିଶ୍ୱ ଭୂ-ରାଜନୈତିକ ସ୍ଥିତିରେ ଶୀତଳଯୁଦ୍ଧ ସହ ଅନେକ ଛୋଟବଡ଼ ଯୁଦ୍ଧ ଦେଖି ସାରିଲେଣି ବିଶ୍ୱବାସୀ। କିନ୍ତୁ ଏବେ ଡୋନାଲ୍ଡ ଟ୍ରମ୍ପ୍ ହିଟ୍‌ଲରଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଟ୍ରମ୍ପ୍ କିନ୍ତୁ ଇହୁଦୀଙ୍କୁ ହତ୍ୟା ନ କରି ସେମାନଙ୍କୁ ମିତ୍ର ବନାଇଛନ୍ତି। ଇସ୍ରାଏଲର ଇହୁଦୀଙ୍କୁ ବନ୍ଧୁ ବୋଲି ଆପଣେଇଛନ୍ତି ଟ୍ରମ୍ପ୍, ଆମେରିକାରେ ଥିବା ଇହୁଦୀଙ୍କ କାର୍ଯ୍ୟକୁ ପ୍ରଶଂସା କରୁଛନ୍ତି। ଗାଜାରେ ହମାସକୁ ହତ୍ୟା ନାଁରେ ଶହ ଶହ ଲୋକଙ୍କୁ ହତ୍ୟା କରିଛନ୍ତି ଆମେରିକା ଓ ଇସ୍ରାଏଲର ମିଳିତ ସେନା।

ଇରାନ୍ ସୁପ୍ରିମ ଲିଡରଙ୍କ ବିରୋଧରେ ଜନ ଆନ୍ଦୋଳନ ଆଳ ଦେଖାଇ ଇରାନ୍ ଉପରେ ଆକ୍ରମଣ କରିଛନ୍ତି ଇସ୍ରାଏଲ ଓ ଆମେରିକା। ସେପଟେ ଭେନେଜୁଏଲାଠାରୁ କାନାଡା ଆଉ ଗ୍ରୀନ୍‌ଲାଣ୍ଡ , ଏପଟେ ଇରାନ୍‌ରୁ କ୍ୟୁବା ଯାଏ ଦେଶକୁ ଅକ୍ତିଆର କରିବାକୁ ଯୋଜନା ବନାଇଛନ୍ତି ଟ୍ରମ୍ପ୍। ୨୦୨୫ରେ ନୋବେଲ ଶାନ୍ତି ପୁରସ୍କାର ପାଇ ନଜକୁ ପ୍ରଚୁର ବିଜ୍ଞାପନ କରି ନିରାଶ ହେବା ପରେ ଏବେ ବିଶ୍ୱ ଅଶାନ୍ତିର ସୂତ୍ରଧର ପାଲଟିଛନ୍ତି ଟ୍ରମ୍ପ୍। 'ମେକ୍ ଆମେରିକା ଗ୍ରେଟ୍ ଏଗେନ' ନାରାକୁ ସଫଳ କରିବାକୁ ବିଭିନ୍ନ ଦେଶ ଉପରେ ଲଗାଇଛନ୍ତି ଉଚ୍ଚ ଟାରିଫ। ଏହାସହ ଟ୍ରମ୍ପ୍‌ଙ୍କ ମିଶନ ପାଲଟିଛି ଛୋଟ ଦେଶର ପ୍ରାଚୁର୍ଯ୍ୟ ଓ ତୈଳ ସମ୍ପଦ। କାନାଡାକୁ ଆମେରିକାର ଅଂଶ ବୋଲି କହିବା ସହ ଭେନେଜୁଏଲର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ରାତାରାତି ବାନ୍ଧି ନେଇଛନ୍ତି।



ଭେନେଜୁଏଲାର ତୈଳ ସମ୍ପଦ ଓ ପ୍ରାକୃତିକ ସମ୍ପଦକୁ କବ୍‌ଜା କରିଛନ୍ତି। ଗାଜାରେ ହମାସଙ୍କୁ ନିପାତ କରି ନୂଆ ଟ୍ରମ୍ପ୍ ସିଟିର ପରିକଳ୍ପନା କରିଛନ୍ତି। ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦର ସୂତ୍ରଧର କହି ବାହୁସ୍ଫୋଟ ମାରୁଛନ୍ତି। ଏବେ ଇରାନ୍‌ର ଅଶୋଧିତ ତୈଳ ଭଣ୍ଡାର ହାତେଇବା ପାଇଁ ପ୍ରତିଜ୍ଞା କରିଛନ୍ତି ଟ୍ରମ୍ପ୍। ଟ୍ରମ୍ପ୍‌ଙ୍କ କୋପରୁ ବର୍ତ୍ତିପାରୁନାହାନ୍ତି ଇରାନ୍ ଓ ଏହାର ସହଯୋଗୀ ରାଷ୍ଟ୍ରର ସାଧାରଣ ଜନତା।

ଇରାନ୍ ବିରୋଧରେ ଯୁଦ୍ଧର ପ୍ରଥମ ଦିନରୁ ୨୮ ଫେବୃଆରୀରେ ଦକ୍ଷିଣ ଇରାନ୍‌ର ହର୍ମୋଜଗାନ ପ୍ରଦେଶର ଏକ ବାଳିକା ପ୍ରାଥମିକ ବିଦ୍ୟାଳୟରେ ମିଶାଇଲ ମାଡ଼କରି ୧୬୭ ନିରୀହ ଶିଶୁଙ୍କୁ ହତ୍ୟାକରିଛନ୍ତି। କିନ୍ତୁ ଏଥିପାଇଁ ଅନୁତାପ କରୁନାହାନ୍ତି ଟ୍ରମ୍ପ୍। ଇସ୍ରାଏଲ ସହ ମିଶି ଇରାନ୍‌ର ସୁପ୍ରିମ ଲିଡର ଆୟାତୋଲ୍ଲା ଖାମେନେଇ ,ଇରାନ୍‌ର ଟପ୍ କମାଣ୍ଡର ଅଲି ଲାରିଜ



ଅମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଓ ନ୍ୟୁୟର୍କ ମେୟର ଜୋହରାନ୍ ମମଦାନି ସ୍ଥାନୀୟ ଏକ ସ୍କୁଲକୁ ଗସ୍ତ କରିବା ଅବସରରେ ପିଲାଙ୍କ ସହ ଗୀତ ଗାଉଛନ୍ତି। (ଫଟୋ: ଗାର୍ଡିଆନ୍)

ଆୟାତୋଲ୍ଲା ଖାମେନେଇଙ୍କୁ ଏଯାଏ କବର ଦିଆଯାଇନାହିଁ

ବିରୁଧୁନଗର, ୧୯।୪



ଆମେରିକା ଏବଂ ଇସ୍ରାଏଲୀ ସେନା ଗତ ଫେବ୍ରୁଆରୀ ୨୮ରେ ଇରାନ ଉପରେ ମିଳିତ ଆକ୍ରମଣ ଆରମ୍ଭ କରିଥିଲା। ଆକ୍ରମଣର ପ୍ରଥମ ଦିନରେ ଇରାନର ତତ୍କାଳୀନ ସୁପ୍ରିମ ଲିଡର ୮୬ ବର୍ଷୀୟ ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ମୃତ ସୁପ୍ରିମ ଲିଡର ଖାମେନେଇଙ୍କ ମରଶରୀରକୁ ଏପର୍ଯ୍ୟନ୍ତ କବର ଦିଆଯାଇନାହିଁ। ସର୍ବସାଧାରଣରେ ବୃହତ୍ ଶେଷକୃତ୍ୟ ଆୟୋଜନ କରିବାକୁ ନେଇ ଇରାନୀୟ ଅଧିକାରୀମାନେ ସୁରକ୍ଷା ଆଶଙ୍କାଗୁଡ଼ିକୁ ଆକଳନ କରିବାରେ ଲାଗିଛନ୍ତି। ଫଳରେ ପ୍ରତିଷ୍ଠିତ ପରମ୍ପରା ସତ୍ତ୍ୱେ ମୃତ ସୁପ୍ରିମ ଲିଡରଙ୍କ ଦେହାବଶେଷକୁ ଏପର୍ଯ୍ୟନ୍ତ କବର ଦିଆଯାଇ ନାହିଁ।

ମାର୍ଚ୍ଚ ୪ରୁ ୩ ଦିନିଆ ରାଷ୍ଟ୍ରୀୟ ଶେଷକୃତ୍ୟ ଆରମ୍ଭ କରିବା ପାଇଁ ଇରାନ୍ ପ୍ରଥମେ ଯୋଜନାK କରିଥିଲା। ତେବେ ସେତେବେଳେ ଆମେରିକା ଏବଂ ଇସ୍ରାଏଲୀ ସୈନ୍ୟ ଇରାନରେ ଜୋରଦାର ବୋମାKମାଡ଼ ଜାରି ରଖିଥିବାରୁ ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଅନ୍ତ୍ୟେଷ୍ଟିକ୍ରିୟାରେ ଅଭୂତପୂର୍ବ ଜନସମାଗମ ହେବା ଆଶଙ୍କା ଥିବାରୁ ଏହାକୁ ବିଳମ୍ବିତ କରାଯାଇଥିଲା ବୋଲି ଅଧିକାରୀମାନେ କହିଥିଲେ। ସେବେଠାରୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ କୌଣସି ତାରିଖ ଘୋଷଣା କରାଯାଇ ନାହିଁ।

ଆୟାତୋଲ୍ଲା ଖାମେନେଇଙ୍କ ପୂର୍ବରୁ ସୁପ୍ରିମ ଲିଡର ଥିବା ରୁହୋଲ୍ଲା ଖୋମେନିଙ୍କ ଶେଷକୃତ୍ୟ ୧୯୮୯ରେ ହୋଇଥିବାବେଳେ ଅନେକ ଲକ୍ଷ ଲୋକ ତେହରାନ୍ ରାସ୍ତାକୁ ଓହ୍ଲାଇ ଶୋକବ୍ୟକ୍ତ କରିଥିଲେ। ତେବେ ଆୟାତୋଲ୍ଲାଙ୍କ ମୃତ୍ୟୁବେଳେ ଦେଶର ବରିଷ୍ଠ ନେତୃତ୍ୱଙ୍କୁ ଟାର୍ଗେଟ କରି ଏୟାର ଷ୍ଟ୍ରାଇକ୍ ଜାରି ରହିଥିବାରୁ ସେଭଳି ଦୃଶ୍ୟ ଦେଖିବାକୁ ମିଳିଲା ନାହିଁ। ଆମେରିକୀୟ ବିଶ୍ଳେଷକ ବେହନାମ ତାଲେବ୍ଲୁଙ୍କ ମତରେ ଇରାନ ଏବେ ସେଭଳି ବଡ଼ ଉତ୍ସବ ଆୟୋଜନ କରିବା ସ୍ଥିତିରେ ନାହିଁ। ସରଳ ଭାଷାରେ କହିଲେ, ଶାସନ ବ୍ୟବସ୍ଥା ଏତେ ଦୁର୍ବଳ ଓ ଭୟଭୀତ ଯେ, ସେମାନେ କୌଣସି ବଡ଼ ଧରଣର କାର୍ଯ୍ୟକ୍ରମ କରିବାକୁ ସାହସ କରୁନାହାନ୍ତି ବୋଲି ବେହନାମ କହିଛନ୍ତି। ପୁଣିଥରେ ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍ ବିପଦ ଆଶଙ୍କା ରହିଥିବାବେଳେ ବର୍ଷ ଆରମ୍ଭରେ ହେଉଥିବା ସରକାର ବିରୋଧୀ ରାଲି ହେବା ସମ୍ଭାବନା ରହିଛି। ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ପୁଅ ମୋଜତାବା ଖାମେନେଇ ସୁପ୍ରିମ ଲିଡର ଦାୟିତ୍ୱ ନେଇଥିଲେ ମଧ୍ୟ ତାଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳୁନାହିଁ। ଏଭଳି ବିଭିନ୍ନ ଦିଗକୁ ନେଇ ଇରାନୀୟ ଅଧିକାରୀମାନେ ଚିନ୍ତାରେ ଅଛନ୍ତି।

କିଭ୍ ସୁପରମାର୍କେଟରେ ଗୁଳିମାଡ଼: ୬ ମୃତ

କିଭ୍, ୧୯।୪

ୟୁକ୍ରେନ୍ ରାଜଧାନୀ କିଭ୍‌ର ଏକ ସୁପର ମାର୍କେଟରେ ଶନିବାର ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିମାଡ଼ରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଛନ୍ତି। ୟୁକ୍ରେନ୍ ଅନ୍ତରୀଣ ମନ୍ତ୍ରଣାଳୟ ମୁଖ୍ୟ ଇହୋର କ୍ଲିମେଣ୍ଟୋ କହିଛନ୍ତି, ଯୋଗାଯୋଗ ବିଫଳ ହେବାରୁ ସ୍ୱତନ୍ତ୍ର ପୋଲିସ ୟୁନିଟ୍ ଷ୍ଟୋର ମଧ୍ୟରେ ପ୍ରବେଶ କରିଥିଲା। ବନ୍ଧୁକଧାରୀ ଖସିଯିବାକୁ ଉଦ୍ୟମ କଲାବେଳେ ପୋଲିସ ଗୁଳିରେ ନିହତ ହୋଇଛନ୍ତି।

ବାଂଲାଦେଶ ପାଇଁ ଭାରତର ଉଚ୍ଚାୟୁକ୍ତ ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିନେଶ ତ୍ରିବେଦୀ



ନୂଆଦିଲ୍ଲୀ, ୧୯।୪

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିନେଶ ତ୍ରିବେଦୀଙ୍କୁ ବାଂଲାଦେଶ ପାଇଁ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ କରାଯାଇଛି। ପଶ୍ଚିମବଙ୍ଗର ପୂର୍ବତନ ଏମ୍‌ପି ତ୍ରିବେଦୀ ତୃଣମୂଳ କଂଗ୍ରେସ ଛାଡ଼ି ୨୦୨୧ରେ ଭାଜପାରେ ଯୋଗ ଦେଇଥିଲେ। ସେ ରେଳମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଉଚ୍ଚାୟୁକ୍ତ ପଦବୀରେ କେବଳ ଆଇଏଫ୍‌ଏସ୍ ଅଫିସରଙ୍କୁ ନିଯୁକ୍ତି ଦିଆଯାଉଥିବାବେଳେ ପ୍ରଥମ ଥର ପାଇଁ ଶାସନ ଓ ରାଜନୀତିରେ ଦୀର୍ଘ ଅଭିଜ୍ଞତା ଥିବା ଜଣେ ରାଜନେତାଙ୍କୁ ଉକ୍ତ ପଦବୀ ପାଇଁ ନିଯୁକ୍ତ କରାଯାଇଛି।

ହର୍ମୁଜ୍‌ରେ ଅଚଳାବସ୍ଥା, ପାକ୍‌ରେ ଶାନ୍ତି ପ୍ରସ୍ତୁତି

ଆମେରିକା ଓ ଇରାନ୍ ମଧ୍ୟରେ ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ଧରି ଘମାଘୋଟ ଲଢ଼େଇ ପରେ ଏପ୍ରିଲ ୮ରେ ୨ ସପ୍ତାହର ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ଅବଧି ଆସନ୍ତା ୨୨ରେ ଶେଷ ହେବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅସ୍ତ୍ରବିରତି ଅବଧି ଆଉ ବଢ଼ାଇବାକୁ ଚାହୁଁ ନ ଥିବା ଦୋହରାଉଛନ୍ତି। ତାଙ୍କ ମତରେ ଏପ୍ରିଲ ୨୨ ପୂର୍ବରୁ ଇରାନ୍ ଆମେରିକା ସହ ଡିଲ୍ କରୁ। ନଚେତ୍ ପୁନର୍ବାର ଆକ୍ରମଣର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହୁ। ଇତିମଧ୍ୟରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଶୁକ୍ରବାର ଖୋଲିଦେଇଥିବା ଇରାନ୍ ଘୋଷଣା କରିଥିଲା। କିନ୍ତୁ ଆମେରିକାର ପ୍ରତିକୂଳ ଆଭିମୁଖ୍ୟ ଦେଖି ତେହରାନ୍ ପୁଣି ନିଷ୍ପତ୍ତି ବଦଳାଇଛି। ଇରାନୀୟ ବନ୍ଦରଗୁଡ଼ିକରେ ଆମେରିକୀୟ ନୌସେନା ଅବରୋଧ ନ ହଟାଇବା ପର୍ଯ୍ୟନ୍ତ ହର୍ମୁଜ ଜଳପଥରେ ଜାହାଜ ଚଳାଚଳ ସ୍ୱାଭାବିକ ହେବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛି। ଏଭଳି ସ୍ଥିତିରେ ଇରାନ୍‌ରେ ଗଚ୍ଛିତ ଥିବା ସମୃଦ୍ଧିତ ୟୁରାନିୟମ୍‌କୁ ଆମେରିକା ହାତେଇବାକୁ ଚାହୁଁଛି। ତେହରାନ୍ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିବା ସହ ୱାଶିଂଟନ୍‌କୁ ୟୁରାନିୟମ୍ ହସ୍ତାନ୍ତର କରାଯିବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଦେଇଛି। ଫଳରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ନେଇ ସ୍ପଷ୍ଟତା ଦେଖାଯାଉନାହିଁ। ଏଭଳି ସମୟରେ ପାକିସ୍ତାନ କିନ୍ତୁ ସମ୍ଭାବ୍ୟ ଶାନ୍ତି ଆଲୋଚନା ପାଇଁ ଜୋରଦାର ଉଦ୍ୟମ ଚଳାଇଛି। ଏପ୍ରିଲ ୧୧ ଓ ୧୨ରେ ଇସ୍ଲାମାବାଦ ଆଲୋଚନାରୁ କିଛି ନିଷ୍କର୍ଷ ବାହାରି ନ ଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ସଫଳ କରିବାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଓ ସର୍ବୋଚ୍ଚ ସାମରିକ ଅଧିକାରୀ ଫିଲ୍ଡ ମାର୍ଶାଲ ଆସିମ ମୁନିର କୂଟନୈତିକ ଉଦ୍ୟମକୁ ତ୍ୱରାନ୍ୱିତ କରିଛନ୍ତି। ଦ୍ୱୈତ ନଗରୀ ଇସ୍ଲାମାବାଦ ଓ ରାୱଲପିଣ୍ଡିରେ ପ୍ରଶାସନ ତଥା ସେନା ପକ୍ଷରୁ କଡ଼ା ସୁରକ୍ଷା ବନ୍ଦୋବସ୍ତ ସହ ବ୍ୟାପକ ପ୍ରସ୍ତୁତି ଜଣାଇ ଦେଉଛି ଯେ, ଏଥର କିଛି ଗୋଟିଏ ବୃତ୍ତାନ୍ତ ହେବାକୁ ଯାଉଛି।

ଦୁବାଇ/ୱାଶିଂଟନ୍/ଇସ୍ଲାମାବାଦ, ୧୯।୪(ଏ.ପି./ରଏଟର୍ସ)

ଆମେରିକା-ଇରାନ୍ ଅସ୍ତ୍ରବିରତି ଅବଧି ଶେଷ ହେବାକୁ ବସିଲାଣି। ତେଣୁ ଇସ୍ଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଆଲୋଚନା କେବେ ହେବ ସେନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଦୁଇପକ୍ଷ ମଧ୍ୟରେ ଯୁଦ୍ଧ ଶେଷ ପାଇଁ ବୃତ୍ତାନ୍ତ ଚୁକ୍ତି ଲାଗି ପାକିସ୍ତାନର କୂଟନୈତିକ ପ୍ରୟାସ ଜାରି ରହିଛି। ଏପ୍ରିଲ ୧୫ରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ସାଉଦି ଆରବ ପରେ କାତାର ଓ ତୁର୍କୀ ଗସ୍ତ କରିଥିବାବେଳେ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ଫିଲ୍ଡ ମାର୍ଶାଲ ଆସିମ ମୁନିର ଇରାନ୍‌ରେ ୩ ଦିନ ଅବସ୍ଥାନ କରିଥିଲେ। ଆମେରିକା-ଇରାନ୍ ଯୁଦ୍ଧର ସ୍ଥାୟୀ ସମାଧାନ ଥିଲା ଉଭୟ ଶରିଫ୍ ଓ ମୁନିରଙ୍କ ଗସ୍ତର ଉଦ୍ଦେଶ୍ୟ। ଉଭୟେ ଫେରିବା ପରେ ପାକିସ୍ତାନ ମଧ୍ୟସ୍ଥତାରେ ପୁଣି ହେବାକୁ ଥିବା ଶାନ୍ତି ଆଲୋଚନା ଉପରେ ବିଶ୍ୱ ସମୁଦାୟର ଧ୍ୟାନ କେନ୍ଦ୍ରୀଭୂତ ହୋଇଛି।

ଇସ୍ଲାମାବାଦରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ବିଦେଶୀ ପ୍ରତିନିଧିଙ୍କ ଆଗମନକୁ ଦୃଷ୍ଟିରେ ରଖି ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଇସ୍ଲାମାବାଦରେ ସମ୍ଭାବ୍ୟ ଆଲୋଚନା ପୂର୍ବରୁ ରାଜଧାନୀ ସଂଲଗ୍ନ ସାମରିକ ସହର ରାୱଲପିଣ୍ଡିରେ ସୁରକ୍ଷା ପାଇଁ ୬୦୦ ରାୱଲପିଣ୍ଡିରେ ମଧ୍ୟ ଅନୁରୂପ ପଦକ୍ଷେପ ନିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଉଭୟ ସହରର ଉଚ୍ଚଶିକ୍ଷାନୁଷ୍ଠାନ ଓ ୟୁନିଭର୍ସିଟିଗୁଡ଼ିକୁ ଛୁଟି କରାଯାଇଛି। ଏପରି କି ଆମେରିକା-ଇରାନ୍ ଆଲୋଚନା ପୂର୍ବରୁ ପରୀକ୍ଷାଗୁଡ଼ିକୁ ମଧ୍ୟ ସ୍ଥଗିତ ରଖାଯାଇଛି। ଆମେରିକା ଚେକ୍‌ପଏଣ୍ଟ ପ୍ରତିଷ୍ଠା କରାଯାଇଥିବାବେଳେ ୧୦,୦୦୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା ଏକ୍ସପ୍ରେସ୍ ଟ୍ରିବ୍ୟୁନ୍‌ରେ ରିପୋର୍ଟ ପ୍ରକାଶ ପାଇଛି। ଗୁରୁ ଖାନ୍ ଏୟାରବେସ୍ ଓ ଇସ୍ଲାମାବାଦ ଅନ୍ତର୍ଜାତୀୟ ବିମାନବନ୍ଦର ଆଖପାଖ ସମେତ ସମ୍ବେଦନଶୀଳ ଅଞ୍ଚଳକୁ ରବିବାର ମଧ୍ୟରାତ୍ରିରୁ ବନ୍ଦ ଘୋଷଣା କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍ ସହ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ପାକିସ୍ତାନ ଯାଇପାରନ୍ତି ବୋଲି ପୂର୍ବରୁ କହିଥିବାରୁ ରାୱଲପିଣ୍ଡି ସାମରିକ ଅଧିକାରୀମାନେ ନିରାପତ୍ତା କ୍ଷେତ୍ରରେ କୌଣସି ତ୍ରୁଟିବିଚ୍ୟୁତି ଘଟିବାକୁ ଦେବେ ନାହିଁ। ଏପରି କି ରାୱଲପିଣ୍ଡି ଆକାଶରେ ଡ୍ରୋନ୍ ଉଡ଼ାଣ ଏବଂ ଏରିଅଲ ଫାୟାରିଂ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଭାରି ପରିବହନ ଓ ସାଧାରଣ ପରିବହନକୁ ଅନ୍ୟାଦେଶ ଜାରି ହେବା ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ଇସ୍ଲାମାବାଦ ଜିଲା କମିଶନର Xରେ ସୂଚନା ଦେଇଛନ୍ତି। ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସୋମବାର ସନ୍ଧ୍ୟାରେ ଇସ୍ଲାମାବାଦରେ ପହଞ୍ଚିବେ ବୋଲି ଟ୍ରମ୍ପ୍ ସୂଚନା ଦେଇଛନ୍ତି। ରାୱଲପିଣ୍ଡି ସିଟି ପୋଲିସ ଅଫିସର ସୟେଦ ଖାଲିଦ୍ ମେହମୁଦ୍ ହମ୍‌ଦାନି ଫୁଲପ୍ରୁଫ୍ ସିକ୍ୟୁରିଟି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୨୨ରେ ସବୁଚ୍ଛି ଅସ୍ତ୍ରବିରତି



ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଚଳାବସ୍ଥା ଲାଗି ରହିଥିବାବେଳେ ଓମାନ୍‌ସ୍ଥିତ ମୁସାନ୍‌ଦମ୍ ଉପକୂଳରେ ଜାହାଜ ଓ ତୈଳ ଟ୍ୟାଙ୍କର ଫସିରହିଛି।



ଅମେରିକା-ଇରାନ୍ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପୂର୍ବରୁ ରବିବାର ଇସ୍ଲାମାବାଦର ଫୈଜାଲ ମସ୍‌ଜିଦ ନିକଟ ରାସ୍ତାରେ ପୋଲିସ ପକ୍ଷରୁ ଯାନବାହାନ ଯାଞ୍ଚ ଚାଲିଛି।

ଇଟାଲୀରେ ୨ ଭାରତୀୟଙ୍କୁ ଗୁଳିକରି ହତ୍ୟା

ରୋମ୍, ୧୯।୪

ଇଟାଲୀର ବେର୍ଗାମୋ ପ୍ରଦେଶ ଅନ୍ତର୍ଗତ କୋଭୋସ୍ଥିତ ଏକ ଗୁରୁଦ୍ୱାରା ବାହାରେ ୨ ଜଣ ଭାରତୀୟଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗତ ଶୁକ୍ରବାର ମଧ୍ୟରାତ୍ରର କିଛି ସମୟ ପୂର୍ବରୁ ବୈଶାଖୀ ଉତ୍ସବ ଅବସରରେ ଗୁରୁଦ୍ୱାରା ମାତା ସାହିବ କୌର୍‌ଜୀ ସମ୍ମୁଖ ଉପାସନା ସ୍ଥଳ ଭାବେ ବ୍ୟବହୃତ ଏକ ଗୋଦାମ ଘରୁ ୨ ଭାରତୀୟ ବାହାରୁଥିବାବେଳେ ଆକ୍ରମଣ ହୋଇଥିଲା ବୋଲି ସ୍ଥାନୀୟ ଖବରକାଗଜ ପ୍ରକାଶ କରିଛି। ମୃତକ ହେଲେ କୋଭୋ ବାସିନ୍ଦା ରାଗିନ୍ଦର ସିଂ(୪୮) ଏବଂ ଆଗନାଡେଲୋ ବାସିନ୍ଦା ଗୁରମିତ ସିଂ(୪୮)। ଆକ୍ରମଣକାରୀମାନେ ଗୁଳି ଚଳାଇ କାର୍‌ରେ ଫେରାର ହୋଇଯାଇଥିଲେ। ତଦନ୍ତବେଳେ ଘଟଣାସ୍ଥଳରୁ ୧୦ଟି ଖୋଖା ମିଳିଥିବାବେଳେ ଏହା ଏକ ଯୋଜନାବଦ୍ଧ ଆକ୍ରମଣ ବୋଲି ସନ୍ଦେହ କରାଯାଉଛି। ଆକ୍ରମଣକାରୀ ଜଣେ ଭାରତୀୟ ଓ ସେ ବନ୍ଧୁ ସମୟରେ ଗୁରୁଦ୍ୱାରା ଆସିଥାନ୍ତି ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ସାଟେଲାଇଟ୍ ଫୋନ୍ ରଖିଥିବା ୨ ଆମେରିକୀୟ ଅଟକ

ଶ୍ରୀନଗର, ୧୯।୪

ଶ୍ରୀନଗର ବିମାନବନ୍ଦରରୁ ରବିବାର ୨ ଆମେରିକୀୟଙ୍କୁ ଅଟକ ରଖାଯାଇଛି। ବିମାନବନ୍ଦରରେ ଯାଞ୍ଚ ବେଳେ ସେମାନଙ୍କ ଲଗେଜ୍‌ରୁ ଗୋଟିଏ ସାଟେଲାଇଟ୍ ଫୋନ୍ ମିଳିଥିଲା ବୋଲି ସୁରକ୍ଷା ଅଧିକାରୀମାନେ କହିଛନ୍ତି। ସୁରକ୍ଷା ଅଧିକାରୀମାନେ ସେମାନଙ୍କୁ ପଚରାଉଚରା କରିବା ପରେ ଅଧିକ ତଦନ୍ତ ପାଇଁ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅଟକ ଆମେରିକୀୟଙ୍କ ମଧ୍ୟରୁ ଜଣେ ମୋଣ୍ଟାନା ଅଞ୍ଚଳର ଜିଓଫେରି ସ୍ମିଥ୍ ବୋଲି ଜଣାପଡ଼ିଛି। ସରକାରଙ୍କ ପ୍ରାକ୍ ଅନୁମତି ବିନା ଭାରତରେ ସାଟେଲାଇଟ୍ ଫୋନ୍ ବ୍ୟବହାର ମନା। ଭାରତୀୟ ଟେଲିଗ୍ରାଫ୍ ଆଇନ ଅନୁଯାୟୀ ଏଭଳି ଫୋନ୍ ରଖିଥିବା ଲୋକଙ୍କୁ ଅଟକ କିମ୍ବା ଗିରଫ କରାଯିବା ସହ ଫୋନ୍ ଜବତ କରାଯାଇପାରେ। ଗାଇଡ୍‌ଲାଇନ ଅନୁଯାୟୀ, ସାଟେଲାଇନ୍ ଫୋନ୍ ଆଣିବା କିମ୍ବା ବ୍ୟବହାର କରିବା ଲାଗି ଟେଲିକମ୍ ବିଭାଗରୁ ଲିଖିତ ଅନୁମତି ଆଣିବା ବାଧତାମୂଳକ। ସୁରକ୍ଷାଗତ କାରଣରୁ ଭାରତ କଠୋର ଟେଲିକମ୍ କଟକଣା ଲାଗୁ କରିଛି। ଅତୀତରେ ସାଟେଲାଇଟ୍ ଫୋନ୍ ରଖିଥିବା ଭାରତୀୟଙ୍କ ସମେତ ବିଦେଶୀ ନାଗରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି। ଗତବର୍ଷ ମେ'ରେ ପଣ୍ଡିଚେରୀ ଏୟାରପୋର୍ଟରେ ଜଣେ ଆମେରିକୀୟ ଚକ୍ଷୁ ବିଶେଷଜ୍ଞଙ୍କଠାରୁ ଇରିଡିୟମ୍ ସାଟେଲାଇଟ୍ ଫୋନ୍ ମିଳିବା ପରେ ତାଙ୍କୁ ଅଟକ ରଖାଯାଇଥିଲା।

୨ ଯାଆଁଳା ଝିଅଙ୍କୁ ଗଳାକାଟି ହତ୍ୟା, ଧରାଦେଲେ ବାପା

କାନପୁର, ୧୯।୪

ଉତ୍ତରପ୍ରଦେଶର କାନପୁରରେ ଜଣେ ୪୮ ବର୍ଷୀୟ ବ୍ୟକ୍ତି ତାଙ୍କ ୧୧ ବର୍ଷର ୨ ଯମଜ ଝିଅଙ୍କ ଗଳାକାଟି ହତ୍ୟା କରିବା ପରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମେଡିକାଲ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଶଶୀରଞ୍ଜନ ମିଶ୍ରା ୨ ଝିଅଙ୍କୁ ହତ୍ୟା କରିଥିବା ପୋଲିସକୁ ଡାକି କହିଥିଲେ। ଶଶୀଙ୍କ ଘର ବିହାର ହୋଇଥିବାବେଳେ ସେ ତାଙ୍କ ସ୍ତ୍ରୀ ରେଶମା, ୨ ଯାଆଁଳା ଝିଅ ରିଦ୍ଧି ଓ ସିଦ୍ଧି ଏବଂ ୬ ବର୍ଷର ପୁଅ ସହ କାନପୁରରେ ରହୁଥିଲେ। ସ୍ତ୍ରୀଙ୍କ ପରକୀୟା ପ୍ରୀତି ରହିଥିବା ନେଇ ଶଶୀ ସନ୍ଦେହ କରିଆସୁଥିଲେ। ରେଶମାଙ୍କ କହିବା ଅନୁଯାୟୀ, ଶଶୀ ବିଚଳିତ ରହିବା ସହ ଘର ଭିତରେ ଅନେକ ସିସିଟିଭି କ୍ୟାମେରା ଲଗାଇଥିଲେ। ସେ ରେଶମାଙ୍କୁ ତାଙ୍କ ଝିଅମାନଙ୍କ ପ୍ରକୋଷ୍ଠରେ ପୂରାଇ ଦେଉ ନ ଥିଲେ। ଶନିବାର ରାତିରେ ଖାଇସାରିବା ପରେ ଶଶୀ ୨ ଝିଅଙ୍କୁ ନେଇ ଶୋଇବାକୁ ଯାଇଥିଲେ। ରାତି ସାଢ଼େ ୨ଟା ବେଳେ ସେ ଜଣେ ଝିଅଙ୍କୁ ନେଇ ୱାଶରୁମ୍ ଯାଇଥିଲେ। ପରେ ରୁମ୍‌କୁ ଫେରିଆସି ଲାଇଟ୍ ଲିଭାଇ ଦେଇଥିଲେ। ଏହାର ୨ ଘଣ୍ଟା ପରେ ସେ ପୋଲିସ ଜରୁରୀ ସେବା ନମ୍ବରରେ ଫୋନ୍ କରି ଡାକିବା ସହ ୨ ଝିଅଙ୍କୁ ହତ୍ୟା କରିଥିବା କହିଥିଲେ।


ଶଶୀରଞ୍ଜନ ମିଶ୍ରା ଓ ୨ ଯାଆଁଳା ଝିଅ।

୨୦ରୁ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

ୱାଶିଂଟନ୍, ୧୯।୪

ଆମେରିକା ପ୍ରତିନିଧିଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ଉପରେ ଆଲୋଚନା ପାଇଁ ଆସନ୍ତା ୨୦ ତାରିଖରୁ ଭାରତୀୟ ଅଧିକାରୀମାନେ ୱାଶିଂଟନ୍ ଗସ୍ତରେ ଯାଉଛନ୍ତି। ଭାରତୀୟ ପ୍ରତିନିଧି ଦଳରେ ପ୍ରାୟ ୧୨ ଜଣ ଅଧିକାରୀ ରହିଛନ୍ତି। ୱାଶିଂଟନ୍ ଡିସିରେ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ବୈଠକ ଅନୁଷ୍ଠିତ ହେବ। ଭାରତର ମୁଖ୍ୟ ବୁଖାମଣାକାରୀ ଭାବେ ବାଣିଜ୍ୟ ବିଭାଗ ଅତିରିକ୍ତ ସଚିବ ଦର୍ପଣ ଜୈନ ଟିମ୍‌ର ନେତୃତ୍ୱ ନେଉଛନ୍ତି। ଟିମ୍‌ରେ ସୀମାଶୁଳ୍କ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ମଧ୍ୟ ରହିବେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଆମେରିକା ଟାରିଫ୍‌ରେ ପରିବର୍ତ୍ତନ ଆସିଥିବାରୁ ଉଭୟ ପକ୍ଷ ଫେବ୍ରୁଆରୀ ୭ରେ ପ୍ରକାଶିତ ବାଣିଜ୍ୟ ଚୁକ୍ତିର ରୂପରେଖକୁ ପୁନର୍ବାର ବିଚାର କରିପାରନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଭିନ୍ନ ଦେଶ

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ୨୦ ଏପ୍ରିଲ, ୨୦୨୬ Bhubaneswar, Monday, 20 April, 2026



କେକେଆର୍‌କୁ ଜିତାଇଲେ ରିଙ୍କୁ ପଞ୍ଜାବର ବିଜୟ ଧାରା ଜାରି

କୋଲକାତା,୧୯।୪

ସ୍ପିନରଙ୍କ ଯାଦୁଗରି ବୋଲିଂ ପରେ ରିଙ୍କୁ ସିଂଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ରବିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ୪ ଉଇକେଟରେ ପରାସ୍ତ କରିଛି। ଏହା କୋଲକାତା ପାଇଁ ସପ୍ତମ ମ୍ୟାଚ୍‌ରେ ପ୍ରଥମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ଷଷ୍ଠ ମ୍ୟାଚ୍‌ରେ ଦ୍ୱିତୀୟ ପରାଜୟ। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆଲାନ ବର୍ଡର ଐତିହାସିକ ଇଡେନ ଗାର୍ଡେନ୍ସ ବେଲ ବଜାଇ ଏହି ମ୍ୟାଚ୍ ଆରମ୍ଭ କରିଥିଲେ। ଏହି ଅବସରରେ ପୂର୍ବତନ ଭାରତୀୟ ଅଧିନାୟକ ତଥା କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ମୁଖ୍ୟ ସୌରଭ ଗାଙ୍ଗୁଲି ଉପସ୍ଥିତ ଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ରାଜସ୍ଥାନକୁ ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ପାୱାରପ୍ଲେରେ ୬୩ ରନ କରିବା ସହ ପ୍ରଥମ ଉଇକେଟରେ ୮.୪ ଓଭରରେ ୮୧ ରନ ଯୋଡ଼ିଥିଲେ। ବୈଭବ ୨୮ ବଲରେ ୪୬ (୬ ଚୌକା ଓ ୨ ଛକା) ଓ ଜୟସ୍ୱାଲ ୨୯ ବଲରେ ୩୯ (୪ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ଦୁଇ ଓପନର ଆଉଟ୍ ହେବା ସହ କୋଲକାତାର ସ୍ପିନରଙ୍କ ସମ୍ମୁଖରେ ରାଜସ୍ଥାନର ବ୍ୟାଟିଂ ଲାଇନ୍ ତାସଘର ଭଳି ଭୁଶୁଡ଼ି ପଡ଼ିଥିଲା। ଫଳରେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ କରିପାରିଥିଲା। କୋଲକାତା ପାଇଁ ବରୁଣ ଚକ୍ରବର୍ତ୍ତୀ (୩/୧୪) ଓ ସୁନୀଲ ନାରିନ (୨/୨୬)ଙ୍କ ସ୍ପିନ ଯୋଡ଼ି ୫ ଉଇକେଟ ନେଇଥିବା ବେଳେ କାର୍ତ୍ତିକ ତ୍ୟାଗୀ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କେକେଆର ଆରମ୍ଭରୁ ଦୁଇ ଓପନର ଟିମ୍ ସିଫର୍ଟ ଓ ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଉଇକେଟ ହରାଇଥିଲା। କ୍ରମାଗତ ଉଇକେଟ ପତନ ଘଟିବାରୁ କେକେଆର ଏକଦା ୧୩.୩ ଓଭର ସୁଦ୍ଧା ୮୫ ରନରେ ୬ ଉଇକେଟ ହରାଇ ପରାଜୟ ଆଡ଼େ ମୁହାଁଇଥିଲା। ଏଭଳି ପରିସ୍ଥିତିରେ ଅନୁକୂଳ ରୟ ଓ ରିଙ୍କୁ ସିଂ ଅବିଭାଜିତ ସପ୍ତମ ଉଇକେଟରେ ୩୭ ବଲରେ ୭୬ ରନ ଯୋଡ଼ି ଦଳକୁ ଜିତାଇଥିଲେ। ରିଙ୍କୁ ୩୪ ବଲରେ ୫୩ (୫ ଚୌକା ଓ ୨ ଛକା) ଓ ଅନୁକୂଳ ୧୬ ବଲରେ ୨୯ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପାଇଁ ରବୀନ୍ଦ୍ର ଜାଡେଜା ୨ ଉଇକେଟ ନେଇଥିଲେ।



ବରୁଣ ଚକ୍ରବର୍ତ୍ତୀ ଓ ରିଙ୍କୁ ସିଂ।

ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୫୫/୯(ବୈଭବ ସୂର୍ଯ୍ୟବଂଶୀ-୪୬, ଯଶସ୍ୱୀ ଜୟସ୍ୱାଲ-୩୯, ବରୁଣ ଚକ୍ରବର୍ତ୍ତୀ-୩/୧୪, କାର୍ତ୍ତିକ ତ୍ୟାଗୀ-୩/୨୨, ସୁନୀଲ ନାରିନ-୨/୨୬)। କୋଲକାତା ନାଇଟ୍ ରାଇଡର୍ସ: ୧୯.୪ ଓଭରରେ ୧୬୧/୬ (ରିଙ୍କୁ ସିଂ-୫୩*, ଅନୁକୂଳ ରୟ-୨୯*, ରବୀନ୍ଦ୍ର ଜାଡେଜା-୨/୮, ନାନ୍ଦ୍ରେ ବର୍ଗର-୧/୨୦)।

ମୁଲାନପୁର,୧୯।୪

ପ୍ରିୟାଂଶ ଆର୍ଯ୍ୟ ଓ କୁପର କନୋଲୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ରବିବାର ରାତିରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ୫୪ ରନରେ ପରାସ୍ତ କରିଛି। ଏଥିସହିତ ପଞ୍ଜାବର ବିଜୟ ଧାରା ଜାରି ରହିଥିବା ବେଳେ ଏହା ଦଳର ଷଷ୍ଠ ମ୍ୟାଚ୍‌ରେ ପଞ୍ଚମ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୫୪ ରନ କରିଥିଲା। ଦଳ ପାଇଁ କନୋଲୀ ୪୬ ବଲରେ ୮୭ (୮ ଚୌକା ଓ ୭ ଛକା) ଓ ପ୍ରିୟାଂଶ ୩୭ ବଲରେ ୯୩ (୪ ଚୌକା ଓ ୯ ଛକା) ରନ କରିଥିଲେ। ଦୁହେଁ ଦ୍ୱିତୀୟ ଉଇକେଟରେ ୮୦ ବଲରେ ୧୮୨ ରନ ଯୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ଷ୍ଟୋଇନିସ ୧୬ ବଲରେ ୨୯ (୨ ଲେଖାଏ ଚୌକା ଓ ଛକା) ଓ ଶଶାଙ୍କ ସିଂ ୧୭ (୧ ଚୌକା ଓ ୨ ଛକା) ରନ କରିଥିଲେ। ଜବାବରେ ଲକ୍ଷ୍ନୌକୁ ମିଚେଲ ମାର୍ଶ (୨୮ ବଲ, ୪୦ ରନ, ୩ ଚୌକା ଓ ୨ ଛକା) ଓ ଆୟୁଷ ବଦୋନୀ (୨୧ ବଲ, ୩୫ ରନ, ୫ ଚୌକା ଓ ୧ ଛକା) ୬ ଓଭରରେ ୬୧ ରନର ଆରମ୍ଭ ଦେଇଥିଲେ। ନଂ.୩ରେ ଆସିଥିବା ଅଧିନାୟକ ରିଷଭ ପନ୍ତ ୨୩ ବଲରେ ୪୩ (୧ ଚୌକା ଓ ୪ ଛକା) ରନ କରିଥିବା ବେଳେ ନିକୋଲାସ ପୁରନ (୯) ଫେଲ ମାରିଥିଲେ। ଶେଷ ଆଡ଼କୁ ଏଡେନ ମାରକ୍ରାମ (୪୨ ରନ, ୩ ଲେଖାଏ ଚୌକା ଓ ଛକା) ଓ ମୁକୁଲ ଚୌଧାରୀ (୨୧ ରନ, ୧ ଲେଖାଏ ଚୌକା ଓ ଛକା) ଚେଷ୍ଟା କରିଥିଲେ। ହେଲେ ତାହା ଦଳର ଯଥେଷ୍ଟ ହୋଇ ନ ଥିଲା। ଲକ୍ଷ୍ନୌ ୨୦ ଓଭରରେ ୫ ଉଇକେଟ ହରାଇ ୨୦୦ ରନ କରିଥିଲା। ଫଳରେ ପଞ୍ଜାବ ୫୪ ରନରେ ବିଜୟୀ ହୋଇଥିଲା।

ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ଗୁଜରାଟ ବନାମ ମୁମ୍ବାଇ

ସ୍ଥାନ: ଅହମଦାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




ଶଟ୍ ଖେଳିବା ଅବସରରେ ପ୍ରିୟାଂଶ ଆର୍ଯ୍ୟ ଓ କୁପର କନୋଲୀ।

ସଂକ୍ଷିପ୍ତ ସ୍କୋର

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୫୪/୬ (ପ୍ରିୟାଂଶ ଆର୍ଯ୍ୟ-୯୩, କୁପର କନୋଲୀ-୮୭, ମନିମାରନ ସିଦ୍ଧାର୍ଥ-୨/୩୫, ପ୍ରିନ୍ସ ଯାଦବ-୨/୨୫)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୦୦/୫ (ମିଚେଲ ମାର୍ଶ-୪୦, ରିଷଭ ପନ୍ତ-୪୩, ଆୟୁଷ ବଦୋନୀ-୩୫, ମାର୍କୋ ଜାନସେନ-୨/୩୭)।

ଭାରତୀୟ ନାଗରିକତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲେ ରଶିଦ୍

ନୂଆଦିଲ୍ଲୀ,୧୯।୪(ପି.ଟି.)

ଆଫଗାନିସ୍ତାନର ଷ୍ଟାର ଲେଗ୍ ସ୍ପିନର ରଶିଦ ଖାନ୍‌ଙ୍କୁ ଭାରତ ସମେତ ଦୁଇଟି ଦେଶରୁ ନାଗରିକତ୍ୱ ପ୍ରସ୍ତାବ ସହିତ ସେମାନଙ୍କ ପାଇଁ ଖେଳିବାର ସୁଯୋଗ ଦିଆଯାଇଥିଲା। ହେଲେ ରଶିଦ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ନିଜ ଦେଶ ପ୍ରତି ବିଶ୍ୱସ୍ତ ରହିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏକ ନୂଆ ପୁସ୍ତକରେ ଉଲ୍ଲେଖ ରହିଛି। ସୋମବାର ପ୍ରକାଶ ପାଇବାକୁ ଯାଉଥିବା 'ରଶିଦ୍ ଖାନ୍: ରାସ୍ତାରୁ ଷ୍ଟାରଡମ ପର୍ଯ୍ୟନ୍ତ' ନାମକ ପୁସ୍ତକରେ ଆଫଗାନିସ୍ତାନ ଅଲରାଉଣ୍ଡର ଲେଖକ ମହମ୍ମଦ ହାଣ୍ଡ ଜାଫରଙ୍କୁ ଉଭୟ ଭାରତ ଓ ଅଷ୍ଟ୍ରେଲିଆରୁ ନାଗରିକତ୍ୱ ପ୍ରସ୍ତାବ ଆସିଥିବା ପ୍ରକାଶ କରିଛନ୍ତି।

'ମୋତେ ଭାରତ ଓ ଅଷ୍ଟ୍ରେଲିଆରୁ ନାଗରିକତ୍ୱ ଓ ଖେଳିବା ପ୍ରସ୍ତାବ ଆସିଥିଲା। କିନ୍ତୁ ସେମାନଙ୍କୁ ମୁଁ କହିଥିଲି ଯେ, ଯଦି ମୁଁ ମୋ ଦେଶ ପାଇଁ ନ ଖେଳେ, ତେବେ ଅନ୍ୟ କୌଣସି ଦେଶ ଲାଗି ଖେଳିବି ନାହିଁ'' ବୋଲି ଖାନ କହିଛନ୍ତି। ୨୦୨୩ ଆଇପିଏଲ୍ ସିଜନ ବେଳେ ଭାରତ ପକ୍ଷରୁ ନାଗରିକତ୍ୱ ପ୍ରସ୍ତାବ ପାଇଥିବା ରଶିଦ କହିଛନ୍ତି। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ପାଇଁ ଖେଳୁଥିବା ବେଳେ ଭାରତୀୟ କ୍ରିକେଟ ବୋର୍ଡର ଉଚ୍ଚ ପଦାଧିକାରୀ ମୋତେ ଭେଟିବାକୁ ଚାହୁଁଥିବା ମୋ ଦଳର ଅଧିକାରୀ ମୋତେ କହିଥିଲେ। ମୁଁ ତାଙ୍କୁ ଭେଟିଥିଲି। ସେ ମୋତେ କହିଥିଲେ, ତୁମ ଦେଶରେ ପରିସ୍ଥିତି ଭଲ ନାହିଁ। ଭାରତରେ ଆସି ରୁହ। ଆମେ ତୁମକୁ ଭାରତୀୟ ନାଗରିକତ୍ୱ ଦେବୁ। ଏଠାରେ ରୁହ ଏବଂ କ୍ରିକେଟ ଖେଳ। ତାଙ୍କର ଏଭଳି ପ୍ରସ୍ତାବ ମୋତେ ଚକିତ କରିଥିଲା। କିନ୍ତୁ ମୁଁ ସେମାନଙ୍କୁ ଧନ୍ୟବାଦ୍ ଦେବା ସହ ମୋ ଦେଶ ପାଇଁ ଖେଳିବା ମୋତେ ପସନ୍ଦ ବୋଲି କହିଥିଲି।

ଭାରତର ସୂରଜ ଚାନ୍ଦ ଫାଇନାଲରେ

ଚେନ୍ନାଇ, ୧୯।୪ (ପି.ଟି)

ଭାରତର ସୂରଜ କୁମାର ଚାନ୍ଦ ଏଠାରେ ଚାଲିଥିବା ଏଚ୍‌ସିଏଲ୍ ସ୍କ୍ୱାଶ ପିଏସ୍‌ଏ ଚ୍ୟାଲେଞ୍ଜର ଟୁର୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ଥାନୀୟ ଇଣ୍ଡିଆ ସ୍କ୍ୱାଶ ଏକାଡେମୀରେ ରବିବାର ଖେଳାଯାଇଥିବା ଏକ ପୁରୁଷ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଚାନ୍ଦ ୧୧-୮, ୧୧-୭, ୧୧-୭ରେ ହଂକଂର ୱେଲକ୍ ଟୁ'ଙ୍କୁ ୧୧-୮, ୧୧-୭ ଓ ୧୧-୭ରେ ହରାଇ ଦେଇଛନ୍ତି। ବିଶ୍ୱର ୧୩୪ତମ ର୍ୟାଙ୍କିଙ୍ଗପ୍ରାପ୍ତ ଚାନ୍ଦ ବର୍ତ୍ତମାନ ୮ମ ସିଡ୍ ତଥା ଦକ୍ଷିଣ କୋରିଆର ଜେଅଙ୍ଗମିନ୍ ରିୟୁଙ୍କୁ ଭେଟିବେ। ଭାରତୀୟ ଖେଳାଳିଙ୍କର ଏହା ହେବ ୫ମ ପିଏସ୍‌ଏ ଟୁର୍ ଫାଇନାଲ। ରିୟୁ ୫ମ ସିଡ୍ ହଂକଂର ଆଣ୍ଡେସ ଲିଙ୍ଗ୍‌ଙ୍କୁ ୧୧-୧୩, ୧୧-୯, ୧୧-୩, ୧୩-୧୧ରେ ହରାଇ ଦେଇଛନ୍ତି।

ସ୍କ୍ୱାଶ ପିଏସ୍‌ଏ ଚ୍ୟାଲେଞ୍ଜର ଟୁର୍

ଆଇପିଏଲ୍ ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ବାତିଲ	ପଏଣ୍ଟ	ରନ ହାର
ପଞ୍ଜାବ କିଙ୍ଗ୍ସ	୬	୫	୦	୧	୧୧	+୧.୪୨୦
ରୟାଲ ଚ୍ୟାଲେଞ୍ଜର୍ସ	୬	୪	୨	୦	୮	+୧.୧୭୧
ରାଜସ୍ଥାନ ରୟାଲ୍ସ	୬	୪	୨	୦	୮	+୦.୫୯୯
ସନ୍‌ରାଇଜର୍ସ ହାଇଦ୍ରାବାଦ	୬	୩	୩	୦	୬	+୦.୫୬୬
ଦିଲ୍ଲୀ କ୍ୟାପିଟାଲ୍ସ	୫	୩	୨	୦	୬	+୦.୩୧୦
ଗୁଜରାଟ ଟାଇଟନ୍ସ	୫	୩	୨	୦	୬	+୦.୦୧୮
ଚେନ୍ନାଇ ସୁପର କିଙ୍ଗ୍ସ	୬	୨	୪	୦	୪	-୦.୭୮୦
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ	୬	୨	୪	୦	୪	-୧.୧୭୩
ନାଇଟ ରାଇଡର୍ସ	୬	୧	୫	୧	୩	-୦.୮୭୯
ମୁମ୍ବାଇ ଇଣ୍ଡିଆନ୍ସ	୫	୧	୪	୦	୨	-୧.୦୭୬

କେନ୍ଦୁଝରର ରୋମାଞ୍ଚକ ବିଜୟ

କଟକ,୧୯।୪(କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ରବିବାର ଏକ ମ୍ୟାଚରେ କେନ୍ଦୁଝର ରୋମାଞ୍ଚକ ସ୍ଥିତିରେ ବିଜୟ ହାସଲ କରିଛି। ଟାଙ୍ଗୀର ଡ୍ରିମ୍ସ ଗ୍ରାଉଣ୍ଡରେ ଏକ ଲୋସ୍କୋରିଂ ମ୍ୟାଚ୍‌ରେ କେନ୍ଦୁଝର ୯ରନରେ ବଲାଙ୍ଗୀରକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ମାତ୍ର ୬୦ରନରେ ଅଲଆଉଟ ହୋଇଥିଲା। ଆଶୁତୋଷ ମହାନ୍ତ ସର୍ବାଧିକ ୧୯ରନ କରିଥିଲେ। ବଲାଙ୍ଗୀରର ଦିଲେଶ୍ୱର କଥାର ଏବଂ ପ୍ରିୟାଂଶୁ ସାହୁ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ମାତ୍ର ୬୧ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ବଲାଙ୍ଗୀର ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୧ରନରେ ଅଲଆଉଟ ହୋଇଥିଲା। ସିଦ୍ଧେଶ୍ୱର ବ।ଗ୍(୧୮ରନ)ଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଅଧିକ ସମୟ କ୍ରିଜରେ ଟିକିସ୍ଥି ପାରିନଥିଲେ। ବିଜୟୀ କେନ୍ଦୁଝର ପକ୍ଷରୁ ତାହାଣହାତୀ ମିଡିୟମ ପେସ ବୋଲର ଓମ୍‌ପ୍ରକାଶ ସେଠୀ ୨୪ରନ ବ୍ୟୟରେ ୬ଟି ଉଇକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବିବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡିକରେ ଭୁବନେଶ୍ୱର-ବି ୩୩ରନରେ ଝାରସୁଗୁଡାକୁ, ଭଦ୍ରକ ୭ ଉଇକେଟରେ କେନ୍ଦ୍ରାପଡାକୁ, ନୟାଗଡ ୧୪୫ରନରେ ବରଗଡକୁ, ପାରାଦୀପ ୭ ଉଇକେଟରେ ସୋନପୁରକୁ, କଳାହାଣ୍ଡି ୧୯୨ରନରେ ରାୟଗଡାକୁ ପରାସ୍ତ କରିଛି।

୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ


ଓମ୍‌ପ୍ରକାଶ ସେଠୀ



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>

ଧରିତ୍ରୀ 52 Years
ପୃଷ୍ଠା–୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୦/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Monday, April 20/2026 Page 16 ₹ 7.00 | SAMBALPUR

୫୨ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 145 ମୂଲ୍ୟ ₹୭/-

'ଓଡ଼ିଶା ପ୍ରତି ନିବେଶକଙ୍କ ବିଶ୍ୱାସ ବଢୁଛି'



ଖୋର୍ଦ୍ଧା–ଇନ୍‌ଫୋଭ୍ୟାଲିଠାରେ ସେମିକଣ୍ଡକ୍ଟର ସଂସ୍ଥା ଥ୍ରୀ–ଡି' ଗ୍ଲାସ୍ ସଲ୍ୟୁସନର ଶିଳାନ୍ୟାସ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଥ୍ରୀ–ଡି' ଗ୍ଲାସ୍ ସଲ୍ୟୁସନର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଦାବା ପ୍ରମୁଖ।

ଥ୍ରୀ-ଡି' ଗ୍ଲାସ୍ ସଲ୍ୟୁସନ ପ୍ରକଳ୍ପର ଶିଳାନ୍ୟାସ

■ ନୂତନ ବିକାଶର ଯୁଗ ଆରମ୍ଭ ହୋଇଛି: କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ

ଭୁବନେଶ୍ୱର,୧୯।୪(ରବିନାରାୟଣ ଜେନା)

ଇଣ୍ଟେଲ, ଲକ୍‌ହିଡ ମାର୍ଟିନ ଓ ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ପରି ବିଶ୍ୱସ୍ତରୀୟ ସଂସ୍ଥା ଥ୍ରୀ–ଡି' ଗ୍ଲାସ୍ ସଲ୍ୟୁସନ ସହ ଯୋଡ଼ିହେବା ଓଡ଼ିଶା ପ୍ରତି ବିଶ୍ୱରେ ବୃଦ୍ଧି ପାଉଥିବା ଭରସାର ପ୍ରମାଣ ଦେଉଛି। ଓଡ଼ିଶା ଏବେ ନିବେଶକମାନଙ୍କ ପ୍ରଥମ ପସନ୍ଦର ରାଜ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଖୋର୍ଦ୍ଧା–ଇନ୍‌ଫୋଭ୍ୟାଲିଠାରେ ସେମିକଣ୍ଡକ୍ଟର ସଂସ୍ଥା ଥ୍ରୀ–ଡି' ଗ୍ଲାସ୍ ସଲ୍ୟୁସନରି ଅତ୍ୟାଧୁନିକ ଗ୍ଲାସ୍ ସବ୍‌ଷ୍ଟ୍ରେଟ ପ୍ୟାକେଜିଂ ୟୁନିଟ୍ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରଶିପ୍ ଯାତ୍ରା ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଆଡ୍‌ଭାନ୍ସଡ୍ ଥ୍ରୀ–ଡି' ☞ପୃଷ୍ଠା–୩

15001/21/2627



ପବିତ୍ର ଅକ୍ଷୟ ତୃତୀୟା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଅୟମାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0021

1001/16/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପବିତ୍ର ଅକ୍ଷୟ ତୃତୀୟା ଅବସରରେ

ରାଜ୍ୟସ୍ତରୀୟ କୃଷକ ଦିବସ
ଏବଂ
ସିଏମ୍ କିଷାନ ସହାୟତା ରାଶି ହସ୍ତାନ୍ତର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଶ୍ରୀ ଭର୍ତ୍ତୃହରି ମହତାବ
ସାଂସଦ, କଟକ

ଶ୍ରୀ ବୈଜୟନ୍ତ ପଣ୍ଡା
ସାଂସଦ, କେନ୍ଦ୍ରାପଡ଼ା

ଡ଼ଃ. ବିଭୁ ପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ବିଧାୟକ ବୃନ୍ଦ, କଟକ ଜିଲ୍ଲା

୨୦ ଅପ୍ରେଲ ୨୦୨୬ । ସକାଳ ୯ ଘଟିକା । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ବିଦ୍ୟାଧରପୁର, କଟକ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-1001/1102/2/26-27/0001



ବିଏସ୍‌ଇ ସେନ୍‌ସେକ୍ସ
୭୮,୪୯୩ (+୫୦୪.୮୬)



୧ ଡଲାର = ୯୨.୬୦ ଟଙ୍କା



ବ୍ରେଣ୍ଟ୍ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୮୩.୮୫ ଡଲାର

୧୦ ହଜାର ମେଟା କର୍ମଚାରୀଙ୍କ ଚାକିରି ସଙ୍କଟରେ

ନୂଆଦିଲ୍ଲୀ,୧୯।୪

ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମ କମ୍ପାନୀ ମେଟାରେ କର୍ମଚାରୀଙ୍କ ପାଇଁ ବହୁତ ଖରାପ ଖବର ଆସିଛି। କମ୍ପାନୀର ମାଲିକ ମାର୍କ ଜୁକରବର୍ଗ ଏବେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଉପରେ ପୂରା ଧ୍ୟାନ ଦେଉଛନ୍ତି। ଏଥିପାଇଁ କମ୍ପାନୀ ୧୬ ହଜାର କର୍ମଚାରୀଙ୍କୁ ଚାକିରିରୁ ଛଟେଇ ଯୋଜନା କରୁଛି। ମେ ୨୦ ତାରିଖରୁ ପ୍ରଥମ ରାଉଣ୍ଡ ଛଟେଇ ଆରମ୍ଭ ହେବ। ଏହି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୮ ହଜାର ଲୋକଙ୍କ ଚାକିରି ଯାଇପାରେ। ଏହା କମ୍ପାନୀର ମୋଟ କର୍ମଚାରୀଙ୍କ ମଧ୍ୟରୁ ୧୦% ହେବ। ବର୍ଷ ଶେଷ ସୁଦ୍ଧା ମୋଟ ୧୬ ହଜାର ଲୋକ ଚାକିରି ହରାଇପାରନ୍ତି। ଯେଉଁ କାମ ଏଆଇ କରିପାରିବ, ସେହି କର୍ମଚାରୀଙ୍କ ଚାକିରି ଯିବାର ଆଶଙ୍କା ସବୁଠୁ ଅଧିକ ଅଛି। କମ୍ପାନୀ ଏ ବିଷୟରେ ଏପର୍ଯ୍ୟନ୍ତ କିଛି ବିଧିବଦ୍ଧ ଘୋଷଣା କରିନାହିଁ । ମାତ୍ର ସାଧାରଣରେ ହେଉଥିବା ଚର୍ଚ୍ଚା ଅନୁସାରେ, କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏବେ କେଉଁ କେଉଁ ଲୋକଙ୍କୁ ଛଟେଇ କରାଯିବ ତାହାର ତାଲିକା ପ୍ରସ୍ତୁତ କରୁଛନ୍ତି। ଅନ୍ୟପଟେ ଜୁକରବର୍ଗ ମେଟାକୁ ଏଆଇରେ ବଡ଼ କମ୍ପାନୀ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଚଳିତ ବର୍ଷ କମ୍ପାନୀ ୧୩୫ ବିଲିୟନ ଡଲାର ଖର୍ଚ୍ଚ କରିବ। ଏହି ଟଙ୍କା ନୂଆ ଡାଟା ସେଣ୍ଟର, ଉନ୍ନତ ଚିପ୍ ଆଉ ଏଆଇ ସଫ୍ଟୱେର ତିଆରି କରିବାରେ ଲାଗିବ। ଏହା ପ୍ରଥମ ଥର ନୁହେଁ। ୨୦୨୨ ଓ ୨୦୨୩ ମସିହାରେ ମଧ୍ୟ ଜୁକରବର୍ଗ ୨୧ ହଜାର କର୍ମଚାରୀଙ୍କୁ ଚାକିରିରୁ ବାହାର କରିଥିଲେ। ଏବେ କମ୍ପାନୀରେ ମାନବ ସମ୍ବଳ ବଦଳରେ ଏଆଇ ଅଧିକ କାମ କରିବ। କେବଳ ମେଟା ନୁହେଁ, ପୂରା ଟେକ୍ ଇଣ୍ଡଷ୍ଟ୍ରିରେ ଏହି ପରିସ୍ଥିତି ଅଛି। ଆମାଜନ ସମ୍ପ୍ରତି ୩୦ ହଜାର ଲୋକଙ୍କୁ ଛଟେଇ କରିଛି। ଫିନଟେକ୍ କମ୍ପାନୀ ବ୍ଲକ୍ ମଧ୍ୟ ଏମିତି କରିଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୯୫ଟି ବଡ଼ ଟେକ୍ କମ୍ପାନୀ ୭୩ ହଜାରରୁ ଅଧିକ ଲୋକଙ୍କୁ ନୌକରିରୁ ବିଦାୟ ଦେଇଛନ୍ତି। ଏଆଇ ଆସିବା ଯୋଗୁ ଟେକ୍ କର୍ମଚାରୀଙ୍କ ମଧ୍ୟରେ ଡର ଲାଗିଛି। ଲୋକମାନେ ଏବେ ନିଜର କାମ ଏଆଇ ସହ ଶିଖିବାକୁ ଚେଷ୍ଟା କରୁଛନ୍ତି।

ନିଷ୍ଠା ହିଁ ଆଗ୍ରହକୁ ଦକ୍ଷତାରେ ପରିଣତ କରେ

ନିଗମଜ୍ୟୋତି ପାଠୀ ହେଉଛନ୍ତି ଜଣେ ଦୂରଦର୍ଶୀ ଉଦ୍ୟୋଗୀ, ଯାହାଙ୍କର ପାକକଳା ପ୍ରତି ଥିବା ଗଭୀର ଭଲପାଇବା ଯୋଗୁ ମୟୂରଭଞ୍ଜର ବାରିପଦା ସହରରେ ଜନ୍ମନେଇଛି ଲୋକପ୍ରିୟ ରେଷ୍ଟୁରାଣ୍ଟ 'ନମସ୍ତେ ବାରିପଦା'। କୋଭିଡ୍ ମହାମାରୀର ଅନେକ ଚ୍ୟାଲେଞ୍ଜ ମଧ୍ୟରେ ପ୍ରତିଷ୍ଠାତା ନିଗମଜ୍ୟୋତି ଏବଂ ତାଙ୍କ ଭାଇ ରୋଷେଇ ପ୍ରତି ଥିବା ନିଜର ଆଗ୍ରହକୁ ଏକ 'କ୍ଲାଉଡ୍ କିଚେନ୍'ର ରୂପ ଦେଇଥିଲେ, ଯାହା ଲୋକଙ୍କ ସେବା କରିବାର ଏକ କ୍ଷୁଦ୍ର ପ୍ରୟାସ ଭାବେ ଆରମ୍ଭ ହୋଇଥିଲା। ତାହା ଆଜି ସ୍ଥାନୀୟ ସ୍ୱାଦ ଓ ଆଧୁନିକତାର ଏକ ପ୍ରତୀକ ସାଜିଛି । ସୁସ୍ୱାଦୁ ଖାଦ୍ୟ ପାଇଁ 'ନମସ୍ତେ ବାରିପଦା'କୁ ଏକ ପ୍ରସିଦ୍ଧ ଗନ୍ତବ୍ୟ ସ୍ଥଳରେ ପରିଣତ କରିଥିବା ନିଗମଜ୍ୟୋତିଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର....



ନିଗମଜ୍ୟୋତି ପାଠୀ

ପ୍ରଶ୍ନ–'ନମସ୍ତେ ବାରିପଦା' ଆରମ୍ଭ କରିବା ପଛରେ ଆପଣଙ୍କର ମୂଳ ଲକ୍ଷ୍ୟ କ'ଣ ଥିଲା ଏବଂ ଏହା କିପରି ବିକଶିତ ହେଲା?

ଉତ୍ତର– ସତ କହିବାକୁ ଗଲେ, ଏହା କୌଣସି ବଡ଼ ଯୋଜନାରୁ ଆରମ୍ଭ ହୋଇ ନ ଥିଲା। କୋଭିଡ୍ ମହାମାରୀ ସମୟରେ ଆମର ପାରିବାରିକ ବ୍ୟବସାୟ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥିଲା ଏବଂ ଆମକୁ ଏକ ନୂଆ ପନ୍ଥାର ଆବଶ୍ୟକତା ଥିଲା। ମୁଁ ଏବଂ ମୋ ଭାଇ ରୋଷେଇ କରିବା ଓ ଲୋକଙ୍କୁ ଖୁଆଇବାକୁ ସବୁବେଳେ ଭଲ ପାଉଥିଲୁ, ତେଣୁ ଏକ କ୍ଲାଉଡ୍ କିଚେନ ଆରମ୍ଭ କରିବା ଆମ ପାଇଁ ସ୍ୱାଭାବିକ ଥିଲା। ମୁଁ ପାରମ୍ପରିକ ଭାରତୀୟ ବ୍ୟଞ୍ଜନ ଉପରେ ଧ୍ୟାନ ଦେଇଥିବାବେଳେ ସେ ଚାଇନିଜ୍ ଖାଦ୍ୟରେ ବିଶେଷଜ୍ଞ ଥିଲେ। ଆମର ପୂର୍ବ ବ୍ୟବସାୟ ସହ ଜଡ଼ିତ ଲୋକଙ୍କ ସମର୍ଥନରେ ଆମ ଖାଦ୍ୟ ଧୀରେ ଧୀରେ ଲୋକପ୍ରିୟ ହେଲା ଏବଂ 'ନମସ୍ତେ ବାରିପଦା' ଆଜି ଏକ ବ୍ରାଣ୍ଡରେ ପରିଣତ ହୋଇଛି।

ପ୍ରଶ୍ନ– ପ୍ରତିଯୋଗିତାମୂଳକ ବଜାରରେ ଆପଣ 'ନମସ୍ତେ ବାରିପଦା'କୁ କିପରି ସ୍ୱତନ୍ତ୍ର କରିପାରିଛନ୍ତି?

ଉତ୍ତର– ପାରମ୍ପରିକ ସ୍ୱାଦ ସହିତ ଆଧୁନିକ ବ୍ୟଞ୍ଜନର ଠିକ୍ ମିଶ୍ରଣ ହିଁ ଆମକୁ ଅନ୍ୟମାନଙ୍କଠାରୁ ଅଲଗା କରେ। ଆମ କାର୍ଯ୍ୟ କେବଳ ଖାଦ୍ୟ ପରଷିଦେବା ନୁହେଁ, ବରଂ ଗ୍ରାହକଙ୍କୁ ଏକ ନିଆରା ଅନୁଭୂତି ଦେବା, ଯେଉଁଠି ସେମାନେ ପରିଚିତ ସ୍ୱାଦ ସହ କିଛି ନୂତନତ୍ୱ ପାଇପାରିବେ। ଆରମ୍ଭ ସମୟରେ ବାରିପଦାରେ ଅନେକ ପୁରୁଣା ରେଷ୍ଟୁରାଣ୍ଟ ଥିଲା, ତେଣୁ ନିଜର ପରିଚୟ ସୃଷ୍ଟି କରିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। କିନ୍ତୁ ସମୟ ସହିତ ଆମ ଖାଦ୍ୟର ଗୁଣବତ୍ତା ନିଜେ କହିବା ଆରମ୍ଭ କଲା ଏବଂ ଲୋକଙ୍କ ପ୍ରଶଂସା ହିଁ ଆମର ସବୁଠାରୁ ବଡ଼ ଶକ୍ତି ସାଜିଲା।

ପ୍ରଶ୍ନ– ଖାଦ୍ୟର ଗୁଣବତ୍ତା ବଜାୟ ରଖିବା ସହ ମୂଲ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ଆପଣ କିପରି ସନ୍ତୁଳନ ରକ୍ଷା କରନ୍ତି?

ଉତ୍ତର– ବଜାରରେ ଦରଦାମ୍‌ର ଅନିଶ୍ଚିତତା ମଧ୍ୟରେ ମୂଲ୍ୟ ସନ୍ତୁଳିତ ରଖିବା ସବୁବେଳେ ଏକ ଆହ୍ୱାନ। ଆମେ କଟକ କିମ୍ବା ଭୁବନେଶ୍ୱର ପରି ବଡ଼ ସହରର ରେଷ୍ଟୁରାଣ୍ଟ ଭଳି ମୂଲ୍ୟ ରଖିପାରିବୁ ନାହିଁ, କାରଣ ଏହା ଆମ ସ୍ଥାନୀୟ ଗ୍ରାହକଙ୍କ ପାଇଁ ଉପଯୁକ୍ତ ହେବନାହିଁ। ସେହିପରି ଗୁଣବତ୍ତା ସହ ସାଲିସ କରିବା ଆମ ପାଇଁ ଅସମ୍ଭବ। ତେଣୁ, ଆମେ ଖାଦ୍ୟର ସାମଗ୍ରୀ ଓ ସ୍ୱାଦକୁ ଅକ୍ଷୁଣ୍ଣ ରଖି ବାରିପଦାର ଲୋକଙ୍କ ପାଇଁ ଏକ ସୁଲଭ ମୂଲ୍ୟ ଉପରେ ଗୁରୁତ୍ୱ ଦେଉ।

ପ୍ରଶ୍ନ– ଆପଣଙ୍କର ଏହି ଯାତ୍ରା ଏପର୍ଯ୍ୟନ୍ତ କିପରି ରହିଛି? ଭବିଷ୍ୟତରେ ବ୍ୟବସାୟ ସମ୍ପ୍ରସାରଣ କିମ୍ବା ଫ୍ରାଞ୍ଚାଇଜ୍ ଦେବାର କିଛି ଯୋଜନା ଅଛି କି?

ଉତ୍ତର– ଏହି ଯାତ୍ରାରେ ଅନେକ ଚ୍ୟାଲେଞ୍ଜ ଥିଲା, କିନ୍ତୁ ଏହା ଅତ୍ୟନ୍ତ ସନ୍ତୋଷଜନକ ରହିଛି। ଲୋକମାନେ ଆମ ଖାଦ୍ୟକୁ ପସନ୍ଦ କରି ବାରମ୍ବାର ଆସିବା ଦେଖିଲେ ଆମକୁ ପ୍ରେରଣା ମିଳେ। ବର୍ତ୍ତମାନ ଆମେ ବ୍ୟବସାୟକୁ ଅଧିକ ସ୍ଥାୟୀ କରିବା ସହ ସମ୍ପ୍ରସାରଣ ଓ ଫ୍ରାଞ୍ଚାଇଜ୍ ପାଇଁ ଯୋଜନା କରୁଛୁ। ଆମର ଲକ୍ଷ୍ୟ ହେଉଛି ଏହି ସ୍ୱାଦକୁ ସାରା ଦେଶର ଲୋକଙ୍କ ପାଖରେ ପହଞ୍ଚାଇବା। କିନ୍ତୁ ପ୍ରତିଟି ଆଉଟଲେଟ୍‌ରେ 'ନମସ୍ତେ ବାରିପଦା'ର ସେହି ଅସଲି ସ୍ୱାଦ ବଜାୟ ରଖିବା ଆମର ପ୍ରାଥମିକତା।

ପ୍ରଶ୍ନ– ଜଣେ ଉଦ୍ୟୋଗୀ ଭାବେ ଆପଣ ଏହି କ୍ଷେତ୍ରକୁ କାହିଁକି ବାଛିଲେ? ନୂତନ ଭାବେ ଏହି ବ୍ୟବସାୟକୁ ଆସୁଥିବା ବ୍ୟକ୍ତିଙ୍କୁ ଆପଣ କ'ଣ ପରାମର୍ଶ ଦେବେ?

ଉତ୍ତର– ଏହି କ୍ଷେତ୍ରକୁ ବାଛିଲି କାରଣ ମୁଁ ରୋଷେଇ କରିବା ଓ ଲୋକଙ୍କୁ ଖୁଆଇବାକୁ ହୃଦୟରୁ ଭଲ ପାଏ। ଏହା କେବଳ ଏକ ବ୍ୟବସାୟିକ ନିଷ୍ପତ୍ତି ନ ଥିଲା। ନୂଆ କରି ଏହି କ୍ଷେତ୍ରକୁ ଆସୁଥିବା ବ୍ୟକ୍ତିଙ୍କ ପାଇଁ ମୋର ପରାମର୍ଶ ହେଉଛି, ଆପଣ ଯେଉଁ କାମରେ ଭଲ ଏବଂ ଯାହା ପ୍ରତି ଆପଣଙ୍କର ଆଗ୍ରହ ଅଛି, ତାହାକୁ ହିଁ ବାଛନ୍ତୁ। ନିଷ୍ଠା ହିଁ ଆପଣଙ୍କ ଆଗ୍ରହକୁ ଦକ୍ଷତାରେ ପରିଣତ କରିପାରିବ। ଖାଦ୍ୟ ଶିଳ୍ପରେ ରହିବାକୁ ହେଲେ ନୂଆ ନୂଆ ଜିନିଷ ଶିଖିବା, ବିଭିନ୍ନ ପ୍ରକାର ଖାଦ୍ୟକୁ ବୁଝିବା ଏବଂ ଗ୍ରାହକଙ୍କ ପସନ୍ଦକୁ ଜାଣିବା ଅତ୍ୟନ୍ତ ଜରୁରୀ।

ରାଜ୍ୟରେ ଚାଲିଛି ୯୦,୦୦୦ କୋଟିର ରେଳ ପ୍ରକଳ୍ପ

ଭୁବନେଶ୍ୱର ଷ୍ଟେଶନରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)



ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଓଡ଼ିଶା ଗସ୍ତରେ ଆସି ରବିବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେଶନରେ ଚାଲିଥିବା ପୁନଃବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ସେ ଉନ୍ନତ ଯାତ୍ରୀ ସୁବିଧା ବୃଦ୍ଧି, ବର୍ଦ୍ଧିତ ସୁଗମତା, ଉନ୍ନତ ସର୍କୁଲେଶନ୍ ଏରିଆ ଏବଂ ଆଧୁନିକ, ବିମାନବନ୍ଦର ଭଳି ସୁବିଧା ସମେତ ଯାତ୍ରୀ କେନ୍ଦ୍ରିକ ଉନ୍ନତୀକରଣର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ବୈଷ୍ଣବ ଯାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟର ଗତିକୁ ତ୍ୱରାନ୍ୱିତ କରିବା ଏବଂ ସମୟସୀମା ମଧ୍ୟରେ ସମାପ୍ତି ସୁନିଶ୍ଚିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଷ୍ଟେଶରେ ପୂର୍ବ ପାର୍ଶ୍ୱରେ ପ୍ରସ୍ତାବିତ ଏଲିଭେଟେଡ୍ କରିଡରର ସମୀକ୍ଷା କରି ଏହାର ଶୀଘ୍ର ସମାପ୍ତି ପାଇଁ ସମସ୍ତ ସମସ୍ୟାକୁ ପ୍ରାଥମିକତା ଦେଇ ସମାଧାନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପରେ ସେ ହେଟେରୋଜିନିଅସ୍ ଇଣ୍ଟିଗ୍ରେସନ୍ ପ୍ୟାକେଜିଙ୍ଗ ସଲ୍ୟୁସନ୍ସ (୩ଡି ଗ୍ଲାସ୍ ସଲ୍ୟୁସନ୍ସ) ନାମକ ଭାରତର ପ୍ରଥମ ଆଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟର ଭୂମିପୂଜନ ଅନୁଷ୍ଠାନରେ ଯୋଗଦେଇ ଓଡ଼ିଶାରେ ଚାଲିଥିବା ରେଳ ବିକାଶ କାର୍ଯ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ୯୦,୦୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପଗୁଡ଼ିକ ବର୍ତ୍ତମାନ ରାଜ୍ୟ ସାରା କାର୍ଯ୍ୟକାରୀ ହେଉଛି, ଯାହା ରେଳ ଭିତ୍ତିଭୂମିର ଏକ ଐତିହାସିକ ପ୍ରସାରକୁ ପ୍ରତିଫଳିତ କରୁଛି। ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ, ଓଡ଼ିଶା ରେଳ ବିକାଶ ପାଇଁ ୧୦,୯୨୮କୋଟିରୁ ଅଧିକ ରେକର୍ଡ ବଜେଟ୍ ଆବଣ୍ଟନ ପାଇଛି, ଯାହା ପୂର୍ବ ଦଶନ୍ଧିଗୁଡ଼ିକରେ ହାରାହାରି ଆବଣ୍ଟନ ତୁଳନାରେ ଯଥେଷ୍ଟ ଅଧିକ ଏବଂ ପ୍ରାୟ ୧୩ ଗୁଣ ଅଧିକ। ବିଶେଷକରି ଜୁ ନ । ଗ ଡ଼ – ନ ବ ର ଙ୍ଗ ପୁ ର – ଜ ୟ ପୁ ର – ମ । ଲ କ । ନ ଗି ରି – ଭଦ୍ରାତଳମ କରିଡର ସହିତ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ନେଇ ଉଲ୍ଲେଖ କରିଥିଲେ, ଯାହା ଆଦିବାସୀ ଏବଂ ଆକାଂକ୍ଷୀ ଅଞ୍ଚଳଗୁଡ଼ିକୁ ଯୋଗାଯୋଗରେ ଯଥେଷ୍ଟ ଉନ୍ନତି ଆଣିବ।

୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଦଳି ଗୁଜବ

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଦଳି ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନୂଆ ନିୟମ ଆଣିଥିବା ଗୁଜବ ସୃଷ୍ଟି ହୋଇଛି। ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଏହି ଗୁଜବ ସୃଷ୍ଟି ହେବା ପରେ ଲୋକମାନେ ଚିନ୍ତାରେ ପଡ଼ିଛନ୍ତି। ମାତ୍ର ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋ (ପିଆଇବି) ଏହି ଦାବିର ସତ୍ୟତା ଯାଞ୍ଚ କରି ଏହାର ସ୍ପଷ୍ଟତା ପ୍ରକାଶ କରିଛି। ସୋସିଆଲ୍ ମିଡିଆରେ ଏକ ଖବରର ସ୍କ୍ରିନସଟ୍ ଶେୟାର କରାଯାଉଛି। ଖବର ସହିତ ଆରବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ଫଟୋ ଓ ପୁରୁଣା ୫୦୦ ଟଙ୍କିଆ ନୋଟର ଚିତ୍ର ମଧ୍ୟ ଲଗାଯାଇଛି। ପିଆଇବି ଏହି ପୋଷ୍ଟର ସତ୍ୟାସତ୍ୟ ଯାଞ୍ଚ କରି ଏକ୍ସ'ରେ ଲେଖିଛି, ଏହି ଦାବି ସମ୍ପୂର୍ଣ୍ଣ ଭାବେ ମିଥ୍ୟା। ଆରବିଆଇ ଏପରି କୌଣସି ଘୋଷଣା କରିନାହିଁ। ଆର୍ଥିକ ନିୟମ ଓ ମୁଦ୍ରା ସମ୍ବନ୍ଧୀୟ ଘୋଷଣାର ଅପଡେଟ୍ ପାଇଁ ଆରବିଆଇର ଅଫିସିଆଲ୍ ୱେବସାଇଟ୍ ହିଁ ଏକମାତ୍ର ବିଶ୍ୱସନୀୟ ଉତ୍ସ ବୋଲି ଜନସାଧାରଣଙ୍କୁ ସତର୍କ କରାଯାଇଛି। ସୂଚନା ଥାଉକି, ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେତେବେଳର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବନ୍ଦ କରିବା ଘୋଷଣା କରିଥିଲେ। ଆରବିଆଇ ପୁରୁଣା ୫୦୦ ଟଙ୍କିଆ ନୋଟ୍ ସ୍ଥାନରେ ନୂଆ ୫୦୦ ଟଙ୍କା ନୋଟ୍ ଛାପିଥିଲା। ଏକ ହଜାର ଟଙ୍କା ନୋଟ୍ ବଦଳରେ ୨୦୦୦ ଟଙ୍କା ନୋଟ୍ ଜାରି ହୋଇଥିଲା। ପରେ ଆରବିଆଇ ୨୦୦୦ ଟଙ୍କା ନୋଟ୍ ମଧ୍ୟ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସେଗୁଡ଼ିକୁ ବଦଳି ବା ଜମା କରିବା ପ୍ରକ୍ରିୟା ଏବେ ସମାପ୍ତ ହୋଇସାରିଛି।

ସାମୁଦ୍ରିକ ବୀମା ସୁରକ୍ଷା ପ୍ରଦାନ ଲାଗି ୧୨,୯୮୦ କୋଟି

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ନିରନ୍ତର ସାମୁଦ୍ରିକ ବୀମା ସୁରକ୍ଷା ଯୋଗାଇ ଦେବା ଲାଗି ୧୨,୯୮୦ କୋଟି ଟଙ୍କାର ସାର୍ବଭୌମ ଗ୍ୟାରେଣ୍ଟି ସହ ଗଠନ ହେବ ବିଏମ୍‌ଆଇ ଫୁଲ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ସ୍ୱଦେଶୀ ବୀମା ଫୁଲ୍ ସୃଷ୍ଟି କରିବା ପ୍ରସ୍ତାବକୁ ଅନୁମୋଦନ କରିଛି। ଏହା ନିରନ୍ତର ସାମୁଦ୍ରିକ ବୀମା ସୁରକ୍ଷାକୁ ସୁଗମ କରିବ। ଯେକୌଣସି ଅନ୍ତର୍ଜାତୀୟ ଉତ୍ସରୁ ଭାରତୀୟ ବନ୍ଦର ପର୍ଯ୍ୟନ୍ତ କିମ୍ବା ଏହାର ବିପରୀତ ମାର୍ଗରେ ମାଲ୍ ନେଇ ଯାଉଥିବା ଜାହାଜଗୁଡ଼ିକୁ ସୁଲଭ ବୀମା ଯୋଗାଣ ପାଇଁ ଏହା ଭାରତୀୟ ବ୍ୟବସାୟଗୁଡ଼ିକୁ ସହାୟକ ହେବ । ଅସ୍ଥିର ସାମୁଦ୍ରିକ ମାର୍ଗ ଦେଇ ଅତିକ୍ରମ କରୁଥିବା ଜାହାଜଗୁଡ଼ିକୁ ମଧ୍ୟ ବୀମା ସୁବିଧା ମିଳିବ। ବର୍ଦ୍ଧିତ ବିଶ୍ୱସ୍ତରୀୟ ଭୂରାଜନୈତିକ ଅସ୍ଥିରତା ଯୋଗୁଁ ସାମୁଦ୍ରିକ ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ ମାଲ୍ ଏବଂ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି। ଫଳସ୍ୱରୂପ, ବୀମା ମୂଲ୍ୟ ବୃଦ୍ଧି ପାଇଛି ଏବଂ ନିରନ୍ତର ବୀମା ସୁରକ୍ଷା ଉପଲବ୍ଧତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହା ବ୍ୟତୀତ ଭାରତୀୟ ଜାହାଜଗୁଡ଼ିକ ପିଏଣ୍ଡଆଇ ବୀମା ପାଇଁ 'ଅନ୍ତର୍ଜାତୀୟ ସୁରକ୍ଷା ଏବଂ କ୍ଷତିପୂରଣ ଗୋଷ୍ଠୀ (ଆଇଜିପିଏଣ୍ଡଆଇ) କ୍ଲବ' ଉପରେ ଅତ୍ୟଧିକ ନିର୍ଭର କରନ୍ତି – ଯାହା ତୈଳ ପ୍ରଦୂଷଣ ଦାୟିତ୍ୱ, ନଷ୍ଟ ହୋଇଯାଇଥିବା ପଦାର୍ଥ ଅପସାରଣ, ମାଲ୍‌କ୍ଷତି, କର୍ମଚାରୀଙ୍କ ଆଘାତ ଓ ପ୍ରତ୍ୟାବର୍ତ୍ତନ, ସଂଘର୍ଷ ଦାୟିତ୍ୱ ଇତ୍ୟାଦି ତୃତୀୟପକ୍ଷ ଦେୟତାକୁ କଭର କରିଥାଏ। ତେଣୁ ଏକ ସ୍ୱଦେଶୀ ସାମୁଦ୍ରିକ ବିପଦ ସୁରକ୍ଷା ଫୁଲର ଆବଶ୍ୟକତା ଥିଲା, ଯାହା ବାଣିଜ୍ୟର ସାର୍ବଭୌମତ୍ୱ ଏବଂ ନିରନ୍ତରତାକୁ ସୁରକ୍ଷା ଦେବାରେ ସକ୍ଷମ। ଏପରିକି କଟକଣା କିମ୍ବା ଭୂରାଜନୈତିକ ଉତ୍ତେଜନା ଯୋଗୁ ବୀମା ସୁରକ୍ଷା ପ୍ରତ୍ୟାହାର କରାଯାଉଥିବା ପରିସ୍ଥିତିରେ ମଧ୍ୟ ଏଥିରେ ସୁରକ୍ଷା ମିଳିପାରିବ। ତେବେ ଏହି ଫୁଲ୍ ସମସ୍ତ ସାମୁଦ୍ରିକ ବିପଦ, ଯେପରିକି ହଲ୍ ଓ ଯନ୍ତ୍ରାଂଶ, କାର୍ଗୋ, ପିଏଣ୍ଡଆଇ ଏବଂ ଯୁଦ୍ଧ ବିପଦକୁ କଭର କରିବ। ଫୁଲ୍‌ର ସଦସ୍ୟ ବୀମାକାରୀଙ୍କ ଦ୍ୱାରା ବୀମା ପଲିସି ଜାରି କରାଯିବ, ଯେଉଁମାନେ ଫୁଲର ସାମୂହିକ ଅଣ୍ଡରରାଇଟିଂ କ୍ଷମତାକୁ ବ୍ୟବହାର କରିବେ। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯୫୦ କୋଟି ଟଙ୍କା ହେବ। ଏହି ଫୁଲ୍ ଭାରତୀୟ ଜାହାଜ ଚଳାଚଳ ପରିସ୍ଥିତି ଓ ନିୟାମକ ଆବଶ୍ୟକତା ଅନୁରୂପ ସ୍ଥାନୀୟ ସ୍ତରରେ ଦେୟତା ବୀମାର ପରିଚାଳନା କରିବା ତଥା ଭାରତ ଭିତରେ ସ୍ୱତନ୍ତ୍ର ସାମୁଦ୍ରିକ ବୀମା, ଦାବି ପରିଚାଳନା ଏବଂ ଆଇନଗତ ବିଶେଷଜ୍ଞତା ବିକଶିତ କରିବାରେ ସହାୟକ ହେବ।

ମାସକରେ ୧୭.୨୫ ଲକ୍ଷ ୫ କିଲୋଗ୍ରାମ ଏଫ୍‌ଟିଏଲ୍ ସିଲିଣ୍ଡର ବିକ୍ରି

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)



ହର୍ମୁଜ୍ ପ୍ରଣାଳୀ ସହିତ ଜଡିତ ପରିସ୍ଥିତି ପରିପ୍ରେକ୍ଷୀରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଉଛି। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏଲପିଜିର ମହଜୁଦ ଏବଂ କଳାବଜାର ରୋକିବା ପାଇଁ ସାରା ଦେଶରେ ଭୂରାଜନୈତିକ ପରିସ୍ଥିତି ଦ୍ୱାରା ଏଲ

ହାଇଦ୍ରାବାଦର କଫସିରପ୍, ଗୁଜରାଟରେ ମାଷ୍ଟରମାଇଣ୍ଡ

ଫୁଲନଖରାରୁ ୮ ହଜାର କଫସିରପ୍ ଜବତ ଘଟଣା

ତଦନ୍ତ ପାଇଁ ଦୁଇ ରାଜ୍ୟକୁ ଗଲା ଏସ୍‌ଟିଏଫ୍ ଟିମ୍

ଓଡ଼ିଶା ହୋଲ୍‌ସେଲର ଧର୍ମେନ୍ଦ୍ରଙ୍କୁ ଗିରଫ ପାଇଁ ଚଢ଼ାଉ ଜାରି

ଭୁବନେଶ୍ୱର,୧୯।୪(ତ୍ରିନାଥ ମହାନ୍ତି)

କଟକ ଫୁଲନଖରାରେ ଥିବା ଏକ ସଂସ୍ଥାର ଗୋଦାମରୁ ୮ହଜାର ୮୪୦ ବୋତଲ ନିଷିଦ୍ଧ କଫସିରପ୍ ଜବତ ଘଟଣାର ଲିଙ୍କ୍ ଗୁଜରାଟ ଓ ହାଇଦ୍ରାବାଦକୁ ଲମ୍ବିଛି। ଏହି ବେଆଇନ କାରବାରର ମାଷ୍ଟରମାଇଣ୍ଡ ଗୁଜରାଟରେ ରହି ଓଡ଼ିଶାକୁ କଫ୍‌ସିରପ୍ ପଠାଉଥିଲେ। ଉକ୍ତ କଫସିରପ୍ ହାଇଦ୍ରାବଦରେ ତିଆରି ହେଉଥିବାବେଳେ ଫୁଲନଖରାରେ ମିଛ କମ୍ପାନୀ କରି ବସିଥିବା ଧର୍ମେନ୍ଦ୍ର କୁମାର ରାଉତ ଏହାକୁ ଗୋଦାମରେ ରଖି ରାଜ୍ୟର ବିଭିନ୍ନ ଜିଲାକୁ ପଠାଇ ମାଲାମାଲ ହେଉଥିଲେ। ତଦନ୍ତ ସମୟରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏହା ଜାଣିବା ପରେ ଏହାର ଦୁଇଟି ସ୍ୱତନ୍ତ୍ର ଟିମ୍ ଦୁଇ ରାଜ୍ୟ ଅଭିମୁଖେ ଗସ୍ତ କରିଥିବା ସୂଚନା ମିଳିଛି। ଏକ ଟିମ୍ ଗୁଜରାଟ ଯାଇ ସେଠାରେ ରହି ର‍ୟାକେଟ ଚଳାଉଥିବା ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିବାବେଳେ ଅନ୍ୟ ଏକ ଟିମ୍ ହାଇଦ୍ରାବାଦ ଯାଇ କଫସିରପ୍ ପ୍ରସ୍ତୁତ କରୁଥିବା କମ୍ପାନୀ ସମ୍ପର୍କରେ ପଚରାଉରା କରୁଥିବା ଜଣାପଡ଼ିଛି।

ଓଡ଼ିଶାରେ ନିଷିଦ୍ଧ କଫସିରପ୍‌ର ହୋଲ୍‌ସେଲର ଥିଲେ ଧର୍ମେନ୍ଦ୍ର। ରାଜ୍ୟର ବିଭିନ୍ନ ଜିଲାରେ ଥିବା ଛୋଟ ଏବଂ ବଡ଼ ବେପାରୀଙ୍କୁ ସେ କଫସିରପ୍ ଯୋଗାଉଥିଲେ। ତେବେ ଗୁଜରାଟରୁ ଆସୁଥିବା କଫସିରପ୍‌ର କାଗଜପତ୍ରରେ ମେଡିସିନ୍ ବୋଲି ଉଲ୍ଲେଖ କରାଯାଉଥିଲା। ଫଳରେ ବାଟରେ ପୋଲିସ ଅଟକାଇ ଯାଞ୍ଚ କରୁ ନ ଥିଲା। ୨୦୨୨ ଓ ୨୦୨୫ରେ ବାଲେଶ୍ୱରରୁ ବଡ଼ ପରିମାଣର କଫସିରପ୍ ଜବତ କରାଯାଇଥିଲା। ଡ୍ରଗ୍ସ କଣ୍ଟ୍ରୋଲର ବିଭାଗ ତଦନ୍ତ କରିବା ପରେ ଏହି କାରବାରରେ



ଭୁବନେଶ୍ୱର ଲିଙ୍କ୍ ପଦାକୁ ଆସିଥିଲା। ତଦନ୍ତ କରିବା ପରେ ଫୁଲନଖରାରେ ଥିବା ଏମ୍‌ଏସ୍ ଶୁଭମ ସଂସ୍ଥା ଏଭଳି ବେଆଇନ୍ କଫ୍‌ସିରପ ଯୋଗାଉଥିବା ଜଣାପଡିଥିଲା। ଏହାପରେ ଏସ୍‌ଟିଏଫ ସହାୟତାରେ ଫୁଲନଖରାସ୍ଥିତ ଶୁଭମ୍ ଆସୋସିଏଟ୍ ସଂସ୍ଥାର ଗୋଦାମରେ ଚଢାଉ କରାଯାଇ ପ୍ରାୟ ୧୫ ଲକ୍ଷ ଟଙ୍କାର ୭୪ ପେଟି କଫସିରପ୍ ଜବତ କରାଯାଇଥିଲା। ଡ୍ରଗ୍ସ ଇନ୍ସପେକ୍ଟର ଚିନ୍ମୟ କୁମାର ଜେନାଙ୍କ ଅଭିଯୋଗକ୍ରମେ ସଂସ୍ଥାର ମାଲିକ ଧର୍ମେନ୍ଦ୍ରଙ୍କ ନାମରେ ମାମଲା (ନଂ.୭/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେ ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ଏସ୍‌ଟିଏଫ୍ ବିଭିନ୍ନ ସ୍ଥାନରେ ଚଢାଉ ଚଳାଇଛି। ତେବେ ସେ ବାରମ୍ବାର ସ୍ଥାନ ବଦଳାଉଛନ୍ତି। ତାଙ୍କ ସହ ର‍ୟାକେଟର ମାଷ୍ଟରମାଇଣ୍ଡ ଓ ଅନ୍ୟମାନଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।

ଆଇଟିଆଇ ଅଧ୍ୟକ୍ଷଙ୍କ ନାଁରେ ଯୌନ ନିର୍ଯାତନା ମାମଲା

ଦେବଗଡ଼,୧୯।୪ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ଏକ ସରକାରୀ ଆଇଟିଆଇରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଆଇଟିଆଇର ଅଧ୍ୟକ୍ଷ ରତିକାନ୍ତ ପରିଡ଼ା ସମ୍ପୃକ୍ତା ଛାତ୍ରୀଙ୍କୁ ପ୍ରାୟ ୧ ମାସ ହେବ ଏଭଳି ନିର୍ଯାତନା ଦେଉଥିଲେ। ଏନେଇ ଛାତ୍ରୀ ଜଣଙ୍କ ବାରକୋଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପ୍ରତିବର୍ଷ ମାଟ୍ରିକ୍ ପାସ୍ ପରେ ସ୍ଥାନୀୟ ଅଞ୍ଚଳର ଏକାଧିକ ଶିଶୁଗୃହର ଅନ୍ତେବାସୀ ବାରକୋଟସ୍ଥିତ ଉକ୍ତ ସରକାରୀ ଆଇଟିଆଇରେ ବୈଷୟିକ ଶିକ୍ଷା ପାଇଁ ନାମ ଲେଖାନ୍ତି। ଗତବର୍ଷ ସ୍ଥାନୀୟ ଏକ ଶିଶୁଗୃହର କେତେଜଣ ଅନ୍ତେବାସୀ ଏହି ବୈଷୟିକ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ନାମ ଲେଖାଇଥିଲେ । ସେମାନେ ବାରକୋଟସ୍ଥିତ ସରକାରୀ ଆଇଟିଆଇର ହଷ୍ଟେଲରେ ରୁହନ୍ତି ଓ ଛୁଟି ହେଲେ ପୁଣି ଶିଶୁଗୃହକୁ ଫେରନ୍ତି। କାରଣ କି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ରୁମ୍‌ରେ ପୋଛା ମାରିବା, ଫୁଲ ତୋଳି ଆଣି ଦେବା, ହାତଗୋଡ଼ ଘଷିବା ଇତ୍ୟାଦି କାମ ପାଇଁ ମଧ୍ୟ କହନ୍ତି । ଅପରପକ୍ଷେ ଅଧ୍ୟକ୍ଷ ଶାରୀରିକ ସମ୍ପର୍କ ରଖିବାକୁ ସମ୍ପୃକ୍ତା ଛାତ୍ରୀଙ୍କୁ ବାଧ କରନ୍ତି। ମନ ଭୁଲାଇବା ପାଇଁ ଅଧ୍ୟକ୍ଷ ନିଜ କାରରେ ଛାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଗୁପ୍‌ଚୁପ୍, ଚାଓମିନ, ଆଇସକ୍ରିମ୍ ଖାଇବାକୁ ଦେବା ସହ ଦାମୀ ଉପହାର ଦେଇଥାନ୍ତି। ପ୍ରାୟ ୧ ମାସ ଧରି ଅଧ୍ୟକ୍ଷ ଶାରୀରିକ ସମ୍ପର୍କ ରଖିବା ସହ ନିର୍ଯାତନା ଦେଉଥିବା ଛାତ୍ରୀ ଜଣଙ୍କ କହିଛନ୍ତି। ଏହି ଘଟଣା ନଜରକୁ ଆସିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର, ଉକ୍ତ ଶିଶୁଗୃହର ପରିଚାଳକ ଓ କାଉନ୍‌ସିଲର ଶୁକ୍ରବାର ସମ୍ପୃକ୍ତା ଛାତ୍ରୀଙ୍କୁ ନେଇ ବାରକୋଟ ଥାନାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଛାତ୍ରୀ ଅଧ୍ୟକ୍ଷଙ୍କ ନାଁରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବିଏନ୍‌ଏସ୍ ଧାରା ୬୪(୨)(ଏଫ୍), ୬୪(୨)(ଏମ୍) ଓ ପୋକ୍ସୋ-୬ ଅନୁଯାୟୀ ଏକ ମାମଲା(ନଂ.୧୬୧/୨୬) ରୁଜୁ କରିଛି। ଏନେଇ ଅଧ୍ୟକ୍ଷ ପରିଡ଼ାଙ୍କୁ ଯୋଗାଯୋଗ କରାଯିବାରୁ ସେ ଫୋନ୍ ରିସିଭ୍ କରି ନ ଥିଲେ। ଅପରପକ୍ଷେ ବାରକୋଟ ଆଇଆଇସି ସୁଶାନ୍ତ ବଡ଼ାଇ କହିଛନ୍ତି, ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଜାରି ରହିଛି।

ଲଙ୍ଗଳ ଲୁହା ଆକ୍ରମଣରେ ଜଣେ ମୃତ, ୮ ଆହତ

ମାନସିକ ବିକୃତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ବଡ଼ଗାଁ,୧୯।୪(ଅଶୋକ ଷଡ଼ଙ୍ଗୀ)



ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଲଖୁଆପଡ଼ା ଗାଁ ଦାଣ୍ଡ ଶନିବାର ରାତିରେ ରକ୍ତରଞ୍ଜିତ ହୋଇଛି। ମାନସିକ ବିକୃତ ଯୁବକ ଜଣକ ଗାଁ ଦାଣ୍ଡରେ ଶୋଇଥିବା ବ୍ୟକ୍ତିଙ୍କୁ ଲଙ୍ଗଳ ଲୁହାରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୮ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ରାଜ କୁମାର ବରୁଆ (୫୬)। ଏହି ଘଟଣାରେ ରବିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଯୋଗେଶ୍ୱର ଚମାର(୩୫)। ଏ ନେଇ ସ୍ଥାନୀୟ ପୋଲିସ ଏକ ମାମଲା (ନଂ.୧୨୬/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପ୍ରକାଶ ଯେ, ପ୍ରଚଣ୍ଡ ଗରମ ଯୋଗୁ ଗାଁ ଦାଣ୍ଡରେ ଲୋକମାନେ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ଅଭିଯୁକ୍ତ ଯୋଗେଶ୍ୱର ଏକ ଲଙ୍ଗଳ ଲୁହା ଧରି ଘରୁ ବାହାରିଥିଲେ। ରାସ୍ତାରେ ଖଟ ପକାଇ ଶୋଇଥିବା ରାଜ କୁମାରଙ୍କ ମୁଣ୍ଡକୁ ପ୍ରଥମେ ସେ ଲଙ୍ଗଳ ଲୁହାରେ ଆକ୍ରମଣ କରିଥିଲେ। ରାଜ କୁମାର ପାଟି କରିବାରୁ ତାଙ୍କ ସ୍ତ୍ରୀ ସୁଭଦ୍ରା, ଭଉଣୀ ଯଶୋଦା ଓ ଭାଉଜ ଚଞ୍ଚଳା ବରୁଆ ଘରୁ ବାହାରିଥିଲେ। ଏହି ସମୟରେ ଯୋଗେଶ୍ୱର ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଲୋକେ ଯୋଗେଶ୍ୱରଙ୍କୁ ଧରିବାକୁ ଉଦ୍ୟମ କଲାବେଳେ ବସନ୍ତ ଲେହେରି, ବିକାଶ ଲେହେରି, ସନ୍ତୋଷ ନାଗ ଓ ସୁରଜମନୀ ନାଗ ଆକ୍ରମଣର ଶିକାର ହୋଇଥିଲେ। ପରେ ବହୁ କଷ୍ଟରେ ସେମାନେ ଯୋଗେଶ୍ୱରଙ୍କୁ କାବୁ କରି ମାଡ଼ ମାରିଥିଲେ। ଏଥିରେ ଅଭିଯୁକ୍ତ ମଧ୍ୟ ଆହତ ହୋଇଥିଲେ। ଖବର ପାଇ ବଡ଼ଗାଁ ଥାନା ଏଏସ୍‌ଆଇ ବିଜୟ କୁମାର କର ପୋଲିସ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଯୋଗେଶ୍ୱରଙ୍କୁ ଗିରଫ କରିଥିଲେ। ସମସ୍ତ ଗୁରୁତର ଆହତଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାଜ କୁମାର ବରୁଆଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ରାଉରକେଲା ମେଡିକାଲକୁ ନେଲାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଅଭିଯୁକ୍ତ ଜଣକ ମାନସିକ ବିକୃତ ଥିବା ନେଇ ତାଙ୍କ ସ୍ତ୍ରୀ, ଗ୍ରାମବାସୀ ଓ ପୋଲିସ ପକ୍ଷରୁ ଜଣାପଡ଼ିଛି।

ନାବାଳିକାଙ୍କୁ ବଳାତ୍କାର

ଯୋଡ଼ା,୧୯।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ବିଲେଇପଦା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ଯୋଡ଼ା ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବୁଦ୍ଧଦେବ ସାହୁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଫାଣ୍ଡି ଅଞ୍ଚଳର ଜଣେ ଯୁବକ ଗତ ୪ ତାରିଖରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ କଥାବାର୍ତ୍ତା ପାଇଁ ଘର ବାହାରକୁ ଡାକିଥିଲେ। ନାବାଳିକା ଆସିବା ପରେ ତାଙ୍କୁ ଜବରଦସ୍ତ ଏକ ଘରକୁ ଟେକି ନେଇ ବଳାତ୍କାର କରିଥିଲେ। ପରଦିନ ତାଙ୍କୁ ନେଇ ୯ କି.ମି. ଦୂର ବଳଭଦ୍ରପୁରରେ ରହୁଥିବା ନାବାଳିକାଙ୍କ ସାଙ୍ଗଙ୍କ ଘରେ ଛାଡ଼ିଦେଇଥିଲେ। ସେଠାରେ ୩ ଦିନ ରହିବା ପରେ ସାଙ୍ଗ ନାବାଳିକାଙ୍କ ମା', ବାପାଙ୍କୁ ଖବର ଦେଇଥିଲେ। ଗତ ୮ ତାରିଖରେ ନାବାଳିକାଙ୍କ ମା', ବାପା ଘରକୁ ନେଇ ଆସିଥିଲେ। ଗାଁର ଭଦ୍ର ବ୍ୟକ୍ତିଙ୍କ ଜରିଆରେ ସମାଧାନ ପାଇଁ କହିବାରୁ ଗତ ୧୭ ତାରିଖରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗାଁରେ ଏହାର ସମାଧାନ ନ ହେବାରୁ ଶନିବାର ନାବାଳିକାଙ୍କ ମା' ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୧୪୪/୨୬)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

୨ ପରିବାର ମଧ୍ୟରେ ସଂଘର୍ଷ, ୭ ଗୁରୁତର

କବିସୂର୍ଯ୍ୟନଗର,୧୯।୪(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଗୁଡ଼ିଆଳି ଛକରେ ରବିବାର ୨ ପରିବାର ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଉଭୟ ପରିବାରର ୭ ଜଣ ଗୁରୁତର ଆହତ ହୋଇ କବିସୂର୍ଯ୍ୟନଗର, ଆସିକା ଓ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ଗୁରୁତର ଆହତ ସୁଦର୍ଶନ ବେହେରା କହିଛନ୍ତି ଯେ, ଗୁଡ଼ିଆଳି ଛକରେ ଏକ ଅସ୍ଥାୟୀ ଜଳଖିଆ ଦୋକାନକୁ କେନ୍ଦ୍ର କରି ତାଙ୍କ ପରିବାର ସହ ଅନ୍ୟ ଏକ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା । ରବିବାର ଅପରାହ୍ନ ୧ଟାରେ ଏହା ଉଗ୍ରରୂପ ଧାରଣ କରିଥିଲା। ୨ ପରିବାର ଖଣ୍ଡା, ଛତ ଆଦି ଧରି ଆକ୍ରମଣ, ପ୍ରତି ଆକ୍ରମଣ କରିଥିଲେ। ଏଥିରେ ଗୋଟିଏ ପରିବାରର ଅକ୍ଷୟ ପାତ୍ର, ଟୁକୁଲା ପାତ୍ର ଓ ଅଜୟ ପାତ୍ର ଗୁରୁତର ହୋଇଛନ୍ତି। ଅକ୍ଷୟ ଆସିକା ମେଡିକାଲ ଓ ଟୁକୁଲା ଏବଂ ଅଜୟ କବିସୂର୍ଯ୍ୟନଗର ମେଡିକାଲରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ସେହିପରି ଅନ୍ୟ ଏକ ପରିବାରର ସୁଦର୍ଶନ ବେହେରା କବିସୂର୍ଯ୍ୟନଗର ମେଡିକାଲ ଓ ଅନ୍ୟ ୪ ଜଣ ତ୍ରିଲୋଚନ ବେହେରା, ସଜନୀ ବେହେରା, ଅକ୍ଷୟ ବେହେରା ଏବଂ ଜଗା ବେହେରା ଆସିକାରେ ଚିକିତ୍ସିତ ହୋଇଛନ୍ତି । ଅଜୟ କହିଛନ୍ତି, ତାଙ୍କ ଘରକୁ ୪ରୁ ୫ଜଣ ଖଣ୍ଡା, ରଡ୍ ଧରି ଆସି ଗାଡ଼ି, ଘର ଭଙ୍ଗାରୁଜା କରିବା ସହ ଆକ୍ରମଣ କରିଛନ୍ତି। ତେବେ ଘଟଣାର ତଦନ୍ତ ପରେ ସଂଘର୍ଷର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି ।

୧୫ ଦିନ ପରେ ବି ପୋଲିସ ହାତ ଖାଲି

ମରଣାନ୍ତକ ଆକ୍ରମଣ, ଘର ଭାଙ୍ଗିବା ଘଟଣା

ହାତଡିହୀ,୧୯।୪(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଦୁଡୁଗାଁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ତାଙ୍କ ଘର ଭାଙ୍ଗିବା ଅଭିଯୋଗକୁ ୧୫ ଦିନ ପୂରିଲା। ପୋଲିସ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇନି। ଅପରପକ୍ଷେ ଅଭିଯୁକ୍ତମାନେ ଗିରଫରୁ ବର୍ତ୍ତିବା ପାଇଁ ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଏପ୍ରିଲ ୧ ତାରିଖ ଗ୍ରାମର ନାରାୟଣ ଜେନା (୪୫) ଗ୍ରାମରେ ଚାଲିଥିବା ଅଷ୍ଟପ୍ରହରୀ ଦେଖୁଥିଲେ। ସେହି ସମୟରେ ଗ୍ରାମର କୈଳାସ ଜେନା, ଗୁରୁଦେବ ଜେନା, ସତ୍ୟବ୍ରତ ଜେନା, ଜୟଦେବ ଜେନା, ରୁଦ୍ର ପ୍ରକାଶ ଜେନା ପ୍ରମୁଖ ମିଳିତ ଭାବେ ନାରାୟଣଙ୍କୁ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିସହ ନାରାୟଣଙ୍କ ଘର ମଧ୍ୟ ଭାଙ୍ଗି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ପ୍ରଥମେ ଶାଳନିଆଁ ଏବଂ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ନେଇଥିଲେ। ମେଡିକାଲରୁ ସୁସ୍ଥ ହୋଇ ଫେରିବା ପରେ ନାରାୟଣ ଏପ୍ରିଲ ୪ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ. ୧୩୫/୨୦୨୬) ରୁଜୁ କରିଛି। ମାତ୍ର ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ତଦନ୍ତକାରୀ ଅଧିକାରିଣୀ ବିନିତା ଲାକ୍ରା କହିଛନ୍ତି, ଅଭିଯୁକ୍ତ ଫେରାର ଅଛନ୍ତି। ତେଣୁ ଗିରଫ କରାଯାଇପାରିନି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ନ୍ୟାୟ ପ୍ରଦାନ ନ କଲେ ଆସନ୍ତା ଦିନରେ ଧାରଣା ଦେବେ ବୋଲି ଅଭିଯୋଗକାରୀ କହିଛନ୍ତି।

ରାଜ୍ୟ ଖବର

ଭାଜପା ରାଜ୍ୟ ପଦାଧିକାରୀ ବୈଠକ

ଭୁବନେଶ୍ୱର,୧୯।୪(ରବିନାରାୟଣ ଜେନା):ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ସଫଳତାର ସହ ଶେଷ ହୋଇଛି । ଆସନ୍ତା ମେ'ପହିଲାରୁ ମାସ ଶେଷ ସୁଦ୍ଧା ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସଙ୍ଗଠନକୁ ବୁଥସ୍ତର ପର୍ଯ୍ୟନ୍ତ ସଶକ୍ତ କରାଯିବ ବୋଲି ରାଜ୍ୟ ଭାଜପା ପଦାଧିକାରୀ ବୈଠକରେ ନିଷ୍ପତ୍ତି ହୋଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ରାଜ୍ୟ ପଦାଧିକାରୀ ବୈଠକ ପରେ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, ଭାରତୀୟ ଜନତା ପାର୍ଟିର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥାଏ । ସେ ଦୃଷ୍ଟିରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ରବିବାର ରାଜ୍ୟ ପଦାଧିକାରୀ ଏବଂ ଜିଲା ପ୍ରଭାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନକୁ ବୁଥସ୍ତର ପର୍ଯ୍ୟନ୍ତ ସଶକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

'ଓଡ଼ିଶା ପ୍ରତି...

ପ୍ରଥମ ପୃଷ୍ଠାରୁ...

ଗ୍ଲାସ୍ ସବ୍‌ଷ୍ଟ୍ରେଟ୍ ପ୍ୟାକେଜିଂ ସୁବିଧା ସୃଷ୍ଟି କରିବ। ଏହି ୟୁନିଟ୍‌ରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍‌ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ। ଏହି ପ୍ରକଳ୍ପରେ ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶ ହେବାକୁ ରହିଥିବାବେଳେ ବର୍ଷକୁ ୭୦ ହଜାର ଗ୍ଲାସ୍ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ୍ ଏବଂ ୧୩,୨୦୦ ଅତ୍ୟାଧୁନିକ ଥ୍ରୀ-ଡି ଏଚ୍‌ଆଇ ମଡ୍ୟୁଲ୍ ଉତ୍ପାଦନ କରିବ। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି। ଆଇଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଓ ଏସ୍‌ଆଇସିଏସ୍‌ଇଏମ୍ ପରି ସଂସ୍ଥାମାନେ ପୂର୍ବରୁ ରାଜ୍ୟରେ ୟୁନିଟ୍ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଭିଜନରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ବିପୁଳ ପ୍ରାକୃତିକ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ଯୁବଶକ୍ତି, ଶକ୍ତିଶାଳୀ କନେକ୍ଟିଭିଟି ଏବଂ ରେଜ୍ୱନସିଭ୍ ଗଭର୍ନାନ୍ସ ପାଇଁ ଓଡ଼ିଶା ଏବେ ନିବେଶକଙ୍କ ଲାଗି ପ୍ରଥମ ରାଜ୍ୟ ଭାବେ ପରିଗଣିତ ହେବାକୁ ଯାଉଛି। ଏହା ଓଡ଼ିଶାର ଛାତ୍ରୀଛାତ୍ର ଓ ଇଞ୍ଜିନିୟରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗର ସମୟ। ସେମାନେ ନିଜକୁ ଦକ୍ଷ କରି ଏହି ଉଦୀୟମାନ କ୍ଷେତ୍ରରେ ଅଗ୍ରସର ହେବାକୁ ସେ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ

ଭବାନୀପାଟଣାରେ ତାପମାତ୍ରା ୪୩ ଡିଗ୍ରୀ



ଖରାରୁ ରକ୍ଷା ପାଇବା ଲାଗି ଭବାନୀପାଟଣା ସହରରେ ୨ମହିଳା ଛତାଧରି ଯାଉଛନ୍ତି।

ଭବାନୀପାଟଣା, ୧୯।୪
(ଉତ୍ତମ କୁମାର ଦାଶ)

ପ୍ରବଳ ଖରା ଯୋଗୁ କଳାହାଣ୍ଡି ଜିଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି। ଭବାନୀପାଟଣାରେ ଶନିବାର ତାପମାତ୍ରା ୪୩ ଡିଗ୍ରୀ ରହିଥିବାବେଳେ ରବିବାର ମଧ୍ୟ ସେହି ତାପମାତ୍ରା ରହିଛି। ବର୍ଷା ନ ଥିବାରୁ ଲୋକେ ଗରମରେ ଆଉଟୁପାଉଟୁ ହେଉଥିବା ଦେଖିବାକୁ ମିଳିଛି। ଆସନ୍ତା ୪ ରୁ ୫ ଦିନ ପର୍ଯ୍ୟନ୍ତ ଏଭଳି ଗରମ ଲାଗି ରହିବ। ତାପମାତ୍ରା ୨୦ ତାରିଖ ସୁଦ୍ଧା ୪୩ ଡିଗ୍ରୀ ପାର୍ କରିଯାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାରେ କୁହାଯାଇଛି। ପ୍ରବଳ ଖରା ଯୋଗୁ ଲୋକେ ଘରୁ ବାହାରିଲେ ମୁହଁହାତ ଘୋଡ଼ାଇ ହୋଇଥିବା, ଛତା ଧରିଥିବା ଦେଖିବାକୁ ମିଳୁଛି। ଏପରି ସମୟରେ କଳାହାଣ୍ଡି ଜିଲା ବ୍ୟାପି ଲୋ-ଭୋଲଟେଜ ସମସ୍ୟା ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ପଙ୍ଖା, କୁଲର ଠିକ୍ ଭାବେ ଚାଲୁନି। ରାତିରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍‌କାଟ ଲୋକଙ୍କୁ ବିଚଳିତ କରୁଛ। ଗରମଠାରୁ ବଳିଯାଇଛି ଅଘୋଷିତ ରାତ୍ରିକାଳୀନ ବିଦ୍ୟୁତ୍‌କାଟ ଜନିତ ଯନ୍ତ୍ରଣା। ବିଦ୍ୟୁତ୍ କାଟ ବୋଲି କିଛୁ ଗ୍ରହଣ କରୁ ନାହାନ୍ତି ବିଦ୍ୟୁତ୍ ବିଭାଗ ବା ଟାଟା ପାୱାରର ସ୍ଥାନୀୟ ଅଧିକାରୀ। ସକାଳ ୯ଟା ବାଜିଲେ ଲୋକେ ଆଉ ଘରୁ ପଦାକୁ ବାହାରି ପାରୁ ନ ଥିବା ଦେଖିବାକୁ ମିଳିଛି। ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗରମ ରହୁଥିବାରୁ ଲୋକେ ବାହାରକୁ ନ ବାହାରିବା ଯୋଗୁ ବଜାରରେ ପ୍ରାୟତଃ ଚଳପ୍ରଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଜଳୁଛି ନୂଆପଡ଼ା

ନୂଆପଡ଼ା, ୧୯।୪
(ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଗତ କେତେ ଦିନ ହେବ ପାରଦ ଉପର ମୁହାଁ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜଳୁଛି ନୂଆପଡ଼ା। ପ୍ରଖର ଖରାତାତି, ଝାଞ୍ଜି ପବନ ସାଙ୍ଗକୁ ଅସହ୍ୟ ଗୁଳଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ନଈ, ନାଳ, ମୁଣ୍ଡା, ବନ୍ଧ, ଚହଲା ଶୁଖିବାରେ ବସିଲାଣି। ନଳକୂଅଗୁଡ଼ିକରେ ଅଳ୍ପ ପାଣି ବାହାରୁ ଥିବାବେଳେ ଗଭୀର ନଳକୂଅରେ ଆବଶ୍ୟକତାଠାରୁ କମ୍ ପାଣି ବାହାରୁଛି। ଗ୍ରାମାଞ୍ଚଳରେ ପାଣି ପାଇଁ ନଳକୂଅରେ ଲମ୍ବା ଲାଇନ ଲାଗିବାକୁ ପଡୁଛି। ବସୁଧା ଯୋଜନାରେ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଯୋଗାଇ ଦେଉଥିବା ପାଣି ମଧ୍ୟ ଠିକ ସମୟ ଆସୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ସାଧାରଣ ଲୋକେ ପାଣି ପାଇଁ ହାହାକାର ହେଉଛନ୍ତି। ପଶୁପକ୍ଷୀ କଥା କିଏ ପଚାରେ। ଅନ୍ୟବର୍ଷ ତୁଳନାରେ



ଆଖୁରସ ଦୋକାନରେ ଭିଡ ଲାଗିଛି।

ଚଳିତବର୍ଷ ଏପ୍ରିଲ ପହିଲାରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ବର୍ତ୍ତମାନ ୪୨ ଡିଗ୍ରୀ ସେଲସିୟସକୁ ବୃଦ୍ଧି ହେଲାଣି। ସୂର୍ଯ୍ୟ ଉଦୟରୁ ପ୍ରବଳ ଗରମ ଅନୁଭୂତ ହୋଇ ଅସହ୍ୟ ଝାଞ୍ଜି ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଉଛି। ଏଭଳି ପରିସ୍ଥିତିରେ ପୁଣି ଅଘୋଷିତ ବିଦ୍ୟୁତ କାଟ ଲୋକଙ୍କ କଷ୍ଟକୁ ଆହୁରି ଦ୍ୱିଗୁଣିତ କରି ଦେଉଛି। ଲୋକେ ଘରେ ରହିପାରୁ ନାହାନ୍ତି କି ବାହାରେ ରହିପାରୁ ନାହାନ୍ତି। ଦିନରେ ଗଛମୂଳେ ଆଶ୍ରୟ ନେଉଥିବାବେଳେ ରାତିରେ ବନ୍ୟପ୍ରାଣୀଙ୍କୁ ଡରି କେଉଁଠିକୁ ଯାଉନାହାନ୍ତି। ଥଣ୍ଡା ପାନୀୟ ଜଳ ପାଇଁ ଲସି, ସରବତ, ଆଖୁରସ ଦୋକାନରେ ଭିଡ ଲାଗି ରହୁଛି। ବର୍ତ୍ତମାନ ଆଖୁରସର ଚାହିଦା ରହିଛି। ପାଣି ପିଇବା ପ୍ଲାଷ୍ଟିକ ଗ୍ଲାସରେ ଆଖୁରସ ପ୍ରଥମେ ୨୦ ଟଙ୍କା ରହିଥିଲା। ବର୍ତ୍ତମାନ ୩୦ ଟଙ୍କାକୁ ବୃଦ୍ଧି ହେଲାଣି। ସେହିପରି ଲସି ମଧ୍ୟ କାଚ ଗ୍ଲାସରେ ୨୫ରୁ ୩୦ ଟଙ୍କା ବିକ୍ରୟ ହେଉଥିଲା। ଏବେ ୪୦ ଟଙ୍କାକୁ ବୃଦ୍ଧି ହେଲାଣି। ଲୋକେ ତୃଷା ମେଣ୍ଟାଇବା ପାଇଁ ଥଣ୍ଡା ପାନୀୟ ଜଳ ଅତ୍ୟନ୍ତ ଜରୁରି ମନେକରି ଚଢା ଦରରେ କ୍ରୟ କରୁଛନ୍ତି। ପ୍ରଶାସନ ପକ୍ଷରୁ ମଧ୍ୟ ଆବଶ୍ୟକତା ଅନୁଯାୟୀ ଜଳଛତ୍ର ଖୋଲି ନାହିଁ। ସେହି ଜଳଛତ୍ର ଦ୍ୱାରା ବାଟୋଇ, ଯାତ୍ରୀ ଓ ସ୍କୁଲ ଛାତ୍ରୀଛାତ୍ର ତୃଷା ମେଣ୍ଟାଇଥାନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟରେ ରଖି ଆବଶ୍ୟକତା ଅନୁଯାୟୀ ଜଳଛତ୍ର ଖୋଲାଯାଉ, ପଶୁପକ୍ଷୀ ପାଇଁ କୁଣ୍ଡ ଦ୍ୱରା ପାଣି ରଖାଇ ଦିଆଯାଉ ଓ ଖରାପ ହୋଇ ପଡିରହିଥିବା ନଳକୂଅଗୁଡ଼ିକ ଶୀଘ୍ର ମରାମତି କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ

ଖଡ଼ିଆଳ, ୧୯।୪
(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ବ୍ୟାଡମିଣ୍ଟନ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ରବିବାର ଖଡ଼ିଆଳ ପିଡ଼ପୁଡି ଡାକ ବଙ୍ଗଳାଠାରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ଅଧିକାରୀ ଭାବେ ଖଡିଆଳ ଓକିଲ ସଂଘ ସଭାପତି ଗିରିଧାରୀ ବିଭାର କାର୍ଯ୍ୟ କରିଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକଭାବେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଯୁଗ୍ମସମ୍ପାଦକ ଶୈଳେନ୍ଦ୍ର କୁମାର ଚୌଧୁରୀ, ଜିଲା ପର୍ଯ୍ୟବେକ୍ଷକ ଭାବେ ଦେବବ୍ରତ ସାହୁ ଉପସ୍ଥିତ ଥିଲେ। ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନ ଗାଇଡଲାଇନ ଅନୁଯାୟୀ ଏହି ନିର୍ବାଚନ ସମ୍ପନ୍ନ ହୋଇଛି। ଏଥିରେ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ଭାବେ ସନ୍ତୋଷ କୁମାର ପଟ୍ଟନାୟକ, ଉପସଭାପତି ପ୍ରସନ୍ନ କୁମାର ମହାନା, ସମ୍ପାଦକ ସୁଦିପ୍ତ କୁମାର ବିଶୋଇ, ଯୁଗ୍ମ ସମ୍ପାଦକ ଡ. ସରୋଜ କୁମାର ପଣ୍ଡା ଓ ପ୍ରଭଞ୍ଜନ ସେଠୀ, କୋଷାଧ୍ୟକ୍ଷ ଭାବେ ଅକ୍ଷୟ କୁମାର ପାଢ଼ୀ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟଭାବେ ନନ୍ଦ କୁମାର ନାଗ, ସୁଶାନ୍ତ ତାଣ୍ଡି, ନନ୍ଦଲାଲ ଅଗ୍ରୱାଲ, ରିତେଶ କୁମାର ବାବୁ, ପ୍ରକାଶ ଚନ୍ଦ୍ର ପାତ୍ର, ବନ ବିହାରୀ ବେହେରା, ଦୁର୍ଗା ରଞ୍ଜନ ଖମାରୀ, ସୁମିତ କୁମାର ସାହୁ ଓ ଆଲୋକ କୁମାର ରଥ ନିର୍ବାଚିତ ହୋଇଛନ୍ତି।

PANCHAYAT SAMITI OFFICE
DHENKANAL SADAR, DHENKANAL
Mail Id. : ori-bdhenkanal@od.gov.in
Tender Call Notice No.1228/Dt.17.04.2026/BDO/ DHENKANAL SADAR No.19001/25/2627 : "Block Development Officer, Dhenkanal Sadar on behalf of Governor Odisha invites tenders/quotation from eligible bidders adhering to required criteria, for Supply and Installation of LED based street light and Mini High Mast light in different Gram Panchayat under Sadar Block Dhenkanal.
For detail visit our Website : https://dhenkanal.odisha.gov.in
For detailed information please visit the website http//dhenkanal.odisha.gov.in
Sd./- Block Development Officer
Dhenkanal Sadar
OIPR-19001/19433/1/26-27/0001

ରାଶନ ବିତରଣ ବ୍ୟବସ୍ଥା ସମ୍ପର୍କିତ ସମୀକ୍ଷା ବୈଠକ



ରାଶନ ଯୋଗାଣ ଉପରେ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

ନୂଆପଡା, ୧୯।୪
(ମକାରୁ ବେମାଲ)

ନୂଆପଡା ଜିଲାରେ ରାଶନ ବିତରଣ ବ୍ୟବସ୍ଥା (ପିଡିଏସ) ଓ ଧାନ ଅଧିଗ୍ରହଣ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ଆରମ୍ଭରେ ଜିଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ବର୍ତ୍ତମାନ ୧୪୮ଟି ସୁଲଭ ବିକ୍ରୟ କେନ୍ଦ୍ର କାର୍ଯ୍ୟରତ ଅଛି। ଏହା ମଧ୍ୟରୁ ୧୦୯ଟି ଗ୍ରାମ ପଞ୍ଚାୟତ, ୩୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧ଟି ପୁରୁଷ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଛି। ଜିଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନଏଫଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫଏସ୍‌ଏସ) ଅଧୀନରେ ମୋଟ ୧ ଲକ୍ଷ ୮୯ ହଜାର ୯୧୬ଟି ପରିବାରର ୫ ଲକ୍ଷ ୫୬ ହଜାର ୯୯୨ ଜଣ ସଦସ୍ୟ ରାଶନ କାର୍ଡରେ ଅନ୍ତର୍ଭୁକ୍ତ ଅଛନ୍ତି। ସେହିପରି ୫ ହଜାର ୯୭ଟି ପ୍ରବାସୀ ଶ୍ରମିକ ପରିବାରର ୫ ହଜାର ୪୨୮ ଜଣ ସଦସ୍ୟଙ୍କୁ ରାଶନ କାର୍ଡରେ ସମ୍ମିଳିତ କରାଯାଇଛି। ବୈଠକରେ ପିଡିଏସ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା, ଯୋଗ୍ୟ ହିତାଧିକାରୀମାନଙ୍କୁ ଠିକ ସମୟରେ ରାଶନ ଯୋଗାଣ ସୁନିଶ୍ଚିତ କରିବା ସହ ଧାନ ଅଧିଗ୍ରହଣ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୂଚାରୁ ଭାବେ କାର୍ଯ୍ୟକାରୀ କରିବାକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ସହକାରୀ ଯୋଗାଣ ଅଧିକାରୀ ହୃଷୀକେଶ ନାୟକ, ପୂର୍ଣ୍ଣଶା ଭୋଇ, କୋମନା ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବୋଡେନ ଯୋଗାଣ ନିରୀକ୍ଷକ ଆଲୋକ କୁମାର ପଟ୍ଟନାୟକ, ନୂଆପଡା ଯୋଗାଣ ନିରୀକ୍ଷକ ସୁଭଶ୍ରୀ ଦାଶଙ୍କ ସହ ଅନ୍ୟା ଅଧିକାରୀ ଉପସ୍ଥିତ ଥିଲେ।

ଡେରେସିଂହା ବିରାଟ ପର୍ବ: ଚନ୍ଦନ ଯାତ୍ରା ମଞ୍ଚସ୍ଥ

ଋଷିଡ଼ା, ୧୯।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଡେରେସିଂହା ଗ୍ରାମର ଶ୍ରୀଶ୍ରୀ ରାଧାବଲ୍ଲଭ ନାଟ୍ୟ ସଂସଦ ପକ୍ଷରୁ ହେଉଥିବା ବିରାଟ ପର୍ବ ନାଟ୍ୟ ମହୋତ୍ସବର ତୃତୀୟ ରଜନୀରେ ଚନ୍ଦନ ଯାତ୍ରା ନାଟକ ମଞ୍ଚସ୍ଥ ହୋଇଥିଲା। ମଞ୍ଚସ୍ଥ ନାଟକରେ ବିରାଟ ଭୂମିକାରେ ଦୁର୍ବାସା ରଣା, କୁନ୍ତଭଙ୍ଗ କୌଶିକ ରଣା, ଦୂତ ଭୂମିକାରେ ଭରତ ରଣା, ମାଣିଆ ଯାଦୁ ରଣା, ମଡ଼ାଖାଇ ଜଗବନ୍ଧୁ ରଣା, ରାଣୀ କ୍ଷୀର ସାଗର ରଣା, ସୈରେନ୍ଦ୍ରି ସନ୍ତୋଷ ରଣା, କିଟକ ଇନ୍ଦ୍ରମଣି ରଣା, କରୁଣା ସୁରଥ ରଣା, ନାବିକ ଋଷି ରଣା, ଅଲେଖ ରଣା, ବୁବେଇ ମୁର ରଣା ପ୍ରମୁଖ କଳାକାର ଅଭିନୟ କରିଥିଲେ। ପୂଜକ ଡୋଲାମଣି ପାଣ୍ଡିଆ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନୁଷ୍ଠାନର ସଭାପତି ପୁରନ୍ଦର ରଣା ଓ ସମ୍ପାଦକ ସୁଶାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନାଟକର ବିଭିନ୍ନ ବିଭାଗରେ ଅନୁଷ୍ଠାନର କୃଷ୍ଣଚନ୍ଦ୍ର ରଣା, ସମ୍ବାରୁ ରଣା, ପୁରାଣ ପଣ୍ଡା ନିର୍ମଳ ରଣା, ନମିତ ରଣା, ଟଙ୍କଧର ରଣା, ବିରଞ୍ଚି ରଣା, ପ୍ରହ୍ଲାଦ ରଣା, କଣ୍ଠ ରଣା, ଗୋପାଳ ରଣା, ଟିକେରାମ ରଣା, ବିଶ୍ୱାମିତ୍ର ରଣା, ତ୍ରିଲୋଚନ ରଣା, ଲିଣ୍ଟୁ ରଣା ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

୯ ଦଫା ଦାବିରେ ୨୩ରେ ଭାରତ ବନ୍ଦ



ଖବରଦାତା ସମ୍ମିଳନୀରେ ଭାରତ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଭବାନୀପାଟଣା, ୧୯।୪
(ଉତ୍ତମ କୁମାର ଦାଶ)

ଆଗାମୀ ୨୩ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଭାରତ ମୁକ୍ତି ମୋର୍ଚ୍ଚା କଳାହାଣ୍ଡି ଜିଲା କମିଟି ପକ୍ଷରୁ ରବିବାର ଭବାନୀପାଟଣାସ୍ଥିତ ଜିଲା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇ ଏହି ସୂଚନା ଦିଆଯାଇଛି। ଏଥିରେ ଜାତି ଆଧାରିତ ଜନଗଣନା ସମେତ ମୋଟ ୯ ଦଫା ଦାବି ଉପସ୍ଥାପନ କରାଯାଇଛି। ବହୁଜନ ସମାଜ, ଶିକ୍ଷିତ ଯୁବକ, ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ୨୩ ଭାରତ ବନ୍ଦକୁ ସଫଳ କରିବା ପାଇଁ ସମଗ୍ର ଓଡ଼ିଶା ଓ ଦେଶବାସୀଙ୍କୁ ଆହ୍ୱାନ ଦିଆଯାଇଛି। ସମ୍ମିଳନୀରେ ଭାରତ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ମାଧବ ସୁନାନୀ କହିଛନ୍ତି, ଓବିସିଙ୍କ ଜାତି ଜନଗଣନା ଓ ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ, ଯୁଜିସି ଇକ୍ୱିଟି ରେଗୁଲେସନ କଠୋର ଭାବେ ଲାଗୁ, ୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକମାନଙ୍କୁ ଓଟେଇଟି/ଟିଇଟି ପରୀକ୍ଷାରୁ ମୁକ୍ତି, ଓଡ଼ିଶା ରିଜର୍ଭେସନ ପଲିସିକୁ ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବା, ୱାର୍ଡ ମେମ୍ବରଠାରୁ ସାଂସଦ ପର୍ଯ୍ୟନ୍ତ ଓବିସିଙ୍କ ରାଜନୈତିକ ସଂରକ୍ଷଣ, ୨୦୨୦ରେ ବନ୍ଦ ହୋଇଥିବା ୫୬୩୩ ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବା, ଅଳ୍ପସଂଖ୍ୟକ ସମ୍ପ୍ରଦାୟର ଧାର୍ମିକ ସ୍ୱାଧୀନତା ଉପରେ ହସ୍ତକ୍ଷେପ ବନ୍ଦ କରିବା, ଆଦିବାସୀଙ୍କ ଉପରେ ବିକାଶର ନାମରେ ହେଉଥିବା ଅତ୍ୟାଚାର ବନ୍ଦ କରିବା ଏବଂ ସଫେଇ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଆଦି ଦାବିରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଆଦିତ୍ୟ ହଂସ ଯାଦବ, ଠାକୁର ମଙ୍ଗରାଜ ଏବଂ ଜିଲା କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ସୁନାନୀ ଉପସ୍ଥିତ ଥିଲେ।

ଭାରତ ମୁକ୍ତି ମୋର୍ଚ୍ଚାର ଖବରଦାତା ସମ୍ମିଳନୀ

No.13001/221/2627
OFFICE OF THE MUNICIPAL COUNCIL, BARBIL
"e"-Procurement Notice
BID REFERENCE MUNICIPALITY (BBLM-1/2026-27)
TENDER CALL NOTICE NO. 1521 / BBL MPLTY DATE. 10.04.2026
1. Name of the work :- **Civil construction works as mentioned in website.**
2. No. of work :- **16 (Sixteen)**
3. Bid value :- **Rs.5,75,000/- to Rs.96,51,506/-**
4. Period of completion :- **90-180 days**
5. Period of availability of tenders online :- **From 10.00 A.M. of 20.04.2026 to 5.00 P.M. of 02.05.2026**
6. Last Date & time of bidding online :- **5.00 P.M. of 02.05.2026**
7. Date & time of opening of Technical Bid : **11.00 A.M. of dt.04.05.2026**
8. Name and address of the officer inviting bid :- **EXECUTIVE OFFICER, BARBIL MUNICIPALITY**

Further details can be seen from the procurement portal:- www.tendersorissa.gov.in
Sd./- Executive Officer,
Barbil Municipality
OIPR-13001/13108/1/26-27/0003

OFFICE OF THE SUPERINTENDENT
V.S.S. INSTITUTE OF MEDICAL SCIENCES & RESEARCH
BURLA (SAMBALPUR)
Email: vimsarsuptd24@gmail.com
TENDER CALL NOTICE
No. 6567 /VIMSAR, Burla **Dated : 18-04-2026**
No.10001/67/2627 : Sealed Tenders are hereby invited by the undersigned from the interested reputed Travel Agencies/Tour Operators/Private Individuals having GST registration for providing 02 (two) num. of AC Petrol vehicles and any other requirement like **TUV300/ Bolero/ Ertiga/ Scorpio/ Creta/ Mahindra Marazzo/ Swift Dzire/ Xcent/ Ciaz/ Honda City/ Innova/ Xuv 500/ Private Mini Bus for** official use on monthly rented basis. The Tenders should reach the office of the Superintendent, VSS IMSAR, Burla on or before 3**0.05.2026 by 01.00 PM** through Regd. Post/ Speed post only which will be opened on next working day **at 10.00 AM.**
The detail's terms and conditions can be collected from office of the Superintendent, VIMSAR, Burla from the date of display of tender call Notice in the district website to last upto **10.00 A.M.** on payment of Rs.1000/- (Rupees One Thousand) only in the user fee collection counter towards cost of the Tender paper. It can also be downloaded from the District web site http://sambalpur.odisha.gov.in & submitted with a Bank Draft of Rs.1000/- in favour of Superintendent VIMSAR, Burla.
Sd./- Superintendent
VIMSAR, Burla
OIPR-10001/10026/1/26-27/0005

GOVERNMENT OF ODISHA
DIRECTOR OF AVIATION, COMMERCE AND TRANSPORT DEPARTMENT
REQUEST FOR PROPOSAL
(Reference No.: 993/AV date: 18 April,2026)
"SELECTION OF ORSAC EMPANELLED DGPS-ETS SURVEYORS HAVING OFFICE IN CUTTACK, PURI & BHUBANESWAR FOR SITE VERIFICATION OF HEIGHT CLEARANCE CASES FOR SHRI JAGANNATH INTERNATIONAL AIRPORT (SJIA), PURI"
No.12001/9/2627 : The Director of Aviation, Commerce and Transport Department, Government of Odisha, invites e-Tender for empanelment of agencies from eligible Odisha Space Applications Centre (ORSAC) empanelled Vendors to undertake complete assignment for site verification of height clearance cases for Shri Jagannath International Airport (SJIA), Puri. A detail tender notice can be downloaded from the website of the department https://tendersodisha.gov.in/nicgep/ app & https://ct.odisha.gov.in/tenders. Eligible and interested firms may download the RFP documents which contains the details of the requirement from the website of Government of Odisha and submit and their offer.
The proposals complete in all respect should reach the undersigned latest by 03.00 PM on 08.05.2026. Bids received after the above deadline shall be summarily rejected. The authority reserves the right to reject any or all the proposals without assigning any reason thereof.
Sd./- Director of Aviation
Commerce and Transport (Transport)Department
Government of Odisha
OIPR-12001/12136/1/26-27/0001

ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-03/2026-27
No.32001/76/2627
୧. କାର୍ଯ୍ୟର ନାମ: ମୋଟ ୦୧ (ଏକ) ଗୋଟି ଜଳନିକାସ କାର୍ଯ୍ୟ।
୨. ଅଟକଳ ମୂଲ୍ୟ: ୮୨୭.୯୫ ଲକ୍ଷ ଟଙ୍କା।
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୮ (ଅଠର) ମାସ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା୨୧।୦୪।୨୦୨୬ର ୧୧.୩୦ଘଣ୍ଟାରୁ ତା୦୫।୦୫।୨୦୨୬ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା୦୫।୦୫।୨୦୨୬ର ୧୮.୦୦ଘଣ୍ଟା।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ: **sedrainagecirclectc@gmail.com.**
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ **"https://tendersodisha.gov.in"** ଦେଖାଯାଇପାରିବ। ଆବଶ ଯକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
ଜଳନିକାସ ମଣ୍ଡଳ, କଟକ
OIPR-32001/32174/1/26-27/0001

ODISHA PUBLIC SERVICE COMMISSION
CUTTACK
No.12001/8/2627
NOTICE
No.2175 /P.S.C., Dt.18.04.2026
(1E-01-2025-26) (DR-II)
ADVERTISEMENT NO. 03 OF 2015-16
INTERVIEW FOR POST OF ASSISTANT EXECUTIVE ENGINEER (CIVIL)
(under Water Resources Department)
Website - https://www.opsc.gov.in
In connection with the **Advertisement No. 03 of 2015-16** for the recruitment of **657** numbers of **Assistant Executive Engineer (Civil)**, the Final Result of which was already published on **01.02.2016** and appointment given by the Govt., the Hon'ble High Court while disposing the W.P. (C) No. 8290 & 15877 of 2016 filed by the State, in its order dated 14.05.2024 upheld the orders dated 22.03.2016 of Hon'ble OAT in O.A. No. 3633 (C)/2015, O.A. No. 3551 (C)/2015, O.A. No. 2652 (C)/2015 and O.A. No. 2653 (C) 2015 so far as it relates to preparing the merit list, **(i)** by restricting reservation to the extent of 50% and **(ii)** by deleting the incorrect questions/questions out of syllabus (faulty questions) and add/allot pro rata marks.
2. In order to comply with the orders of the Hon'ble High Court, the Department of Water Resources on 07.04.2026 submitted a revised requisition of 657 posts restricting reservation to 50% as follows.

Category	Advertised Vacancies		Revised Vacancy	
UR	313 (104-W)	(i) O.H.-11 (ii) H.I.-09 and Sports Person-07	330 (109-W)	(i) O.H.-11 (ii) H.I.-09 and Sports Person-07
SEBC	74 (25-W)		74 (25

ଅଂଶୁଘାତରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ଅଭିଯୋଗ

ବୀରମହାରାଜପୁର/ଅମରପାଲି,୧୯।୪ (ଯୁଗଳ କିଶୋର ମିଶ୍ର/ପୀତାୟର ସାହୁ)

ଜନଗଣନା ଡ୍ୟୁଟି କରିବାକୁ ଯାଇଥିବା ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଜଣେ ପ୍ରଧାନଶିକ୍ଷକଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଉଲୁଣ୍ଡା ବ୍ଲକ ବମରାଜ ଗାଁର ବଂଶୀଧର ଭୋଇ(୫୫)। ରବିବାର ସେ ବ୍ଲକ ଅନ୍ତର୍ଗତ ସୁନାପାଲି ଗାଁକୁ ଜନଗଣନା କରିବାକୁ ଯାଇଥିଲେ। ସେଠାରୁ ଅପରାହ୍ନ ପ୍ରାୟ ୨ଟାରେ ଘରକୁ ଫେରିଲା ପରେ ଆସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ


ବଂଶୀଧର ଭୋଇ।

ତୁରନ୍ତ ବୀରମହାରାଜପୁର ଉପଖଣ୍ଡ ଜଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁବର୍ଣ୍ଣପୁର ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ୨ଘଣ୍ଟା ଧରି ଆମ୍ବୁଲାନ୍ସ ଆସି ନ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଡ୍ୟୁଟି କରି ସେ ଅଂଶୁଘାତରେ ମୃତ୍ୟୁବରଣ କରିଥିବା ଶିକ୍ଷକ ବଂଶୀଧର ଭୋଇଙ୍କ ସ୍ତ୍ରୀ ବାସନ୍ତୀ ଭୋଇ ଅଭିଯୋଗ କରିଛନ୍ତି। ବଂଶୀଧର ସୁନାପାଲି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ।

ଜନଗଣନା ଡ୍ୟୁଟି କରିବାକୁ ଯାଇଥିଲେ

ତାଙ୍କର ସ୍ତ୍ରୀ ଏବଂ ଦୁଇ ଅବିବାହିତ ଝିଅ ରହିଛନ୍ତି। ବୀରମହାରାଜପୁର ପୋଲିସ ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୬)ରୁଜୁ ହୋଇଥିବା ଏଏସ୍‌ଆଇ ଗଜାନନ ବେହେରା କହିଛନ୍ତି। ଏ ନେଇ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଡ.ସୁବାସ ପଣ୍ଡାଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ବୋଲି କହିଛନ୍ତି।

ଆଜି ସାଲେଭଟା ପାକ୍ସ ଆଗରେ ରାସ୍ତାରୋକୋ

- ଆନ୍ଦୋଳନକୁ ଓହ୍ଲାଇବେ ମିଳିତ କୃଷକ ମଞ୍ଚ
- ବଲାଙ୍ଗୀର ଜିଲାର ୧୫୯ ଚାଷୀ ଖରିଫ ଧାନ ବିକ୍ରି କରିବାରୁ ବଞ୍ଚିତ


ବିକ୍ରି ନ ହୋଇ ମଣ୍ଡିରେ ପଡି ରହିଥିବା ଚାଷୀଙ୍କ ଧାନ।

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ମିଳିତ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତାକାଲି ଅକ୍ଷୟ ତୃତୀୟ ଦିନ ସାଲେଭଟା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ରାସ୍ତାରୋକୋ କରାଯିବ ବୋଲି ମିଳିତ କୃଷକ ମଞ୍ଚ ପକ୍ଷରୁ କୁହାଯାଇଛି। ମଞ୍ଚ ଆବାହକ ଆକାଶ ମଶ୍ର କହିଛନ୍ତି, ସରକାର ସମସ୍ତ ଚାଷୀଙ୍କଠାରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କିଣିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସରକାରୀ ତଥ୍ୟ ଅନୁସାରେ ବଲାଙ୍ଗୀର ଜିଲାର ୧୫୯ ଚାଷୀ ତାଙ୍କ ଖରିଫ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଜିଲାପାଳଙ୍କ ପତ୍ର (ସଂଖ୍ୟା ୮୮୮ ତା ୧୯/୩/୨୦୨୬)ରେ ସରକାରଙ୍କୁ ସମ୍ପୃକ୍ତ ୧୫୯ ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରିବାକୁ ପତ୍ର ଲେଖିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଉକ୍ତ ଚାଷୀମାନଙ୍କ ଧାନ କିଣାଯାଇନାହିଁ। ସରକାରଙ୍କ ଏଭଳି ଚାଷୀମାରଣ ନୀତି ବିରୋଧରେ ଏବଂ ସମ୍ପୃକ୍ତ ଚାଷୀଙ୍କ ଧାନ ବିକ୍ରି ସୁବ୍ୟବସ୍ଥା ଦାବିରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି କୁହାଯାଇଛି। ଏହି ଆନ୍ଦୋଳନରେ ଜିଲାର ସମସ୍ତ ଚାଷୀ ସଙ୍ଗଠନ ଯଥା ଜିଲା କୃଷକ ମହାସଂଘ, ଜିଲା କୃଷକ ସଂଘ, ଜିଲା କୃଷକ ସଂଘ ସମିତି, ଜୟ କିଷାନ କୃଷକ ସଙ୍ଗଠନ, କୋଶଲି କିଶାନ ସଭା ଏବଂ ନବ ନିର୍ମାଣ କୃଷକ ସଂଘର କର୍ମକର୍ତ୍ତା ଯୋଗ ଦେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲା କୃଷକ ମହାସଂଘ ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା କହିଛନ୍ତି।

୨୩ରେ ସମାନୁପାତିକ ପ୍ରତିନିଧିତ୍ୱ ଦାବିରେ ଭାରତ ବନ୍ଦ

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୨୩ ତାରିଖ ଦିନ ସମାନୁପାତିକ ପ୍ରତିନିଧିତ୍ୱ ଦାବିରେ ଭାରତ ବନ୍ଦ ଡାକରା ଦିଆଯାଇଛି। ବଲାଙ୍ଗୀର ସାମ୍ବାଦିକ ଭବନଠାରେ ରବିବାର ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତଥା ଓବିସି, ଏସ୍‌ଟିଏସ୍‌ସି ସମନ୍ୱୟ ସମିତି ଓଡିଶା ସଭାପତି ସରୋଜ କୁମାର ମେଶ୍ରାଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ କରାଯାଇ ଭାରତ ବନ୍ଦ ସମ୍ପର୍କରେ ସୂଚନା ଦିଆଯାଇଛି। ମଞ୍ଚାସୀନ ରାଜ୍ୟ ଓବିସି ମଞ୍ଚର ରାଜ୍ୟ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଲ ଭାରତ ବନ୍ଦ ସମ୍ପର୍କରେ ସୂଚନା ଦେଇଥିଲେ। ବଲାଙ୍ଗୀର ଜିଲାରେ ବନ୍ଦ ପାଳନକୁ ସମସ୍ତ ଜନସାଧାରଣ ସମର୍ଥନ କରିବାକୁ ନିବେଦନ କରାଯାଇଥିଲା। ବନ୍ଦ ପାଳନ ଦିନ ସମସ୍ତ ଜରୁରୀ କାଳୀନ ସେବା, ପରୀକ୍ଷାର୍ଥୀଙ୍କ ପରୀକ୍ଷା, ବିବାହ କାର୍ଯ୍ୟ ଏବଂ ସମ୍ବେଦନଶୀଳ ପ୍ରସଙ୍ଗକୁ ବାଦ ଦେଇ ଗାଡିମୋଟର ଚଳାଚଳ, ଦୋକାନ ବଜାର ବନ୍ଦ ରଖିବାକୁ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ଆଡଭୋକେଟ୍ ଦିନେଶ ନାଗ, ଜିଲା କୁଲୁତା ସମାଜ ସଭାପତି ଇଂ ବେଲାର ସିଂ ଭୋଇ, ଚାଷୀ ନେତା ମଧୁସୂଦନ କ୍ଷେତୀ ଏବଂ ଓବିସି ମଞ୍ଚର ଆନନ୍ଦ ପଧାନ, ଦଳିତ ନେତା ପ୍ରକାଶ ହରିପାଲ, ଲଳିତ ମହାନନ୍ଦ, ସନ୍ତୋଷ ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

PANCHAYAT SAMITI OFFICE
DHENKANAL SADAR, DHENKANAL
Mail Id. : ori-bdhenkanal@od.gov.in
Tender Call Notice No.1228/Dt.17.04.2026/BDO/ DHENKANAL SADAR No.19001/25/2627 : "Block Development Officer, Dhenkanal Sadar on behalf of Governor Odisha invites tenders/quotation from eligible bidders adhering to required criteria, for Supply and Installation of LED based street light and Mini High Mast light in different Gram Panchayat under Sadar Block Dhenkanal.
For detail visit our Website : https://dhenkanal.odisha.gov.in
For detailed information please visit the website http//dhenkanal.odisha.gov.in
OIPR-19001/19433/1/26-27/0001
Sd./- Block Development Officer
Dhenkanal Sadar

ହାତୀପଲ ଦଳିଦେଲେ ଏକର ଏକର ଡାଙ୍ଗୁଅ ଧାନଚାଷ


ହାତୀପଲ ନଷ୍ଟ କରିଥିବା ଧାନଚାଷ।

ବଘାପଡା,୧୯।୪(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବନଖଣ୍ଡ ବଳାସିଙ୍ଗା ସହରୀ ବନୀକରଣ ଜଙ୍ଗଲରେ ୧୨ଟିକିଆ ହାତୀପଲ ଶନିବାର ରାତିରେ ସାଲୁଙ୍କି ନଦୀ ପାର ହୋଇ ଖୁଣ୍ଟବନ୍ଧ ପଞ୍ଚାୟତର ଚଣ୍ଡୀଗଡ଼ ଓ ଜଗନ୍ନାଥପୁର ଅଞ୍ଚଳକୁ ଚାଲିଆସିଥିଲେ। ସେଠାରୁ ହାତୀପଲ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ। ଜଗତି ଲକ୍ଷ୍ମୀପ୍ରସାଦ, ସପଦୋହଲି, କଉଡ଼ିଆତୋଳା ଗ୍ରାମରେ ହୋଇଥିବା ଡାଙ୍ଗୁଅ ଧାନଚାଷ ଖାଇବା ସହ ମାଡି ମଚକି ନଷ୍ଟ କରି ଦେଇଛନ୍ତି। ପ୍ରଥମେ ହାତୀପଲ ମହାନଦୀ କଡେ କଡେ ଯାଇ ବଛାବଳଦ ବାଟ ଦେଇ ସାପଦୋହଲି ଅଞ୍ଚଳରେ ପ୍ରବେଶ କରି ଧାନ ଖାଇଥିଲେ। ସାପଦୋହଲି ଗ୍ରାମର ଝରିଆ ଜଟିଙ୍କ ୩ ଏକର, ଗାନ୍ଧୀ ଜଟିଙ୍କ ୨ ଏକର, ଦୁଲ୍ଲ ଜଟିଙ୍କ ୧ ଏକର, ଲକ୍ଷ୍ମୀପ୍ରସାଦର ନାରାୟଣ ଶତପଥୀଙ୍କ ୩ ଏକର, ମିଥିଲା ନାଏକଙ୍କ ୨ ଏକର, ବୀରମଣି ପୁରୋହିତଙ୍କ ୫ ଏକର ଡାଙ୍ଗୁଅ ଧାନ ସହ ଅନ୍ୟ କେତେକ ଚାଷୀଙ୍କ ମଧ୍ୟ ଧାନଚାଷକୁ ହାତୀପଲ ଦଳି ନଷ୍ଟ କରିଛନ୍ତି। ଏକାସହ କେତେକ ଚାଷୀଙ୍କ ପନିପରିବା ନଷ୍ଟ ହୋଇଥିବା ଜଣାପଡିଛି। ବିରମଣି ପୁରୋହିତଙ୍କ ଏକ ବୋରିଂ କୂଅକୁ ଭାଙ୍ଗି ନଷ୍ଟ କରିଛନ୍ତି। ସେହିପରି ଗାନ୍ଧୀ ଜଟିଙ୍କ ବିଛାଯାଇଥିବା ପାଣି ପାଇପ୍ ଭାଙ୍ଗି ଦେଇଛନ୍ତି। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଉକ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷତି ଆକଳନ କରିବା ସହ ସରକାରୀ ସହାୟତା ଆବେଦନ କରିବାକୁ ସୂଚନା ଦେଇଛନ୍ତି। ବନ ବିଭାଗ ଉକ୍ତ ହାତୀପଲକୁ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ତରଭାରେ ଜନଗଣନା ଆରମ୍ଭ

ତରଭା,୧୯।୪(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଓ ଏନଏସି ଅଞ୍ଚଳରେ ୨୦୨୬ ଜନଗଣନା ପାଇଁ ଘର ମାନଙ୍କରେ ନମ୍ବର ଦେବା କାର୍ଯ୍ୟ ଶନିବାର ଶେଷ ହୋଇଛି। ରବିବାରରୁ ଆରମ୍ଭ ହୋଇଛି ଘରକୁ ଘର ଯାଇ ପ୍ରଶ୍ନ ପଚାରିବା କାର୍ଯ୍ୟ। ତରଭା ବ୍ଲକର ଗ୍ରାମାଞ୍ଚଳ ପାଇଁ ଜନ ଗଣନା ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ଶ୍ୱେତାଳିନା ମାହାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୯୮ ଜଣ ଗଣନାକାରୀ ଓ ୩୩ ଜଣ ପର୍ଯ୍ୟବେକ୍ଷକ ଜନଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେହିଭଳି ଏନଏସି ଜନ ଗଣନା ଅଧିକାରୀ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକଙ୍କ ତତ୍ତ୍ୱାବଧାନରେ ୧୪ ଜଣ ଗଣନାକାରୀ ଓ ୨ ଜଣ ପର୍ଯ୍ୟବେକ୍ଷକ ଘରକୁ ଘର ଯାଇ ଗୃହକର୍ତ୍ତାଙ୍କୁ ୩୩ଟି ପ୍ରଶ୍ନ ପଚାରୁଛନ୍ତି। ମେ ୧୫ ତାରିଖ ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ ଚାଲୁ ରହିବ।

ବୌଦ୍ଧ ଜିଲା କଂଗ୍ରେସ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା



ମଞ୍ଚରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ବୌଦ୍ଧ,୧୯।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ରବିବାର ନବନିଯୁକ୍ତ ବୌଦ୍ଧ ଜିଲା କଂଗ୍ରେସ କମିଟି ସଭାପତି ଅବଦୁଲ୍ କଲିମ ଖାଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନିୟ ଟାଉନହଲଠାରେ ପୂର୍ବତନ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ତଥା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୂଜିତ କୁମାର ପାଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଗଠିତ ହୋଇ ସମସ୍ତେ କାର୍ଯ୍ୟ କରିବାକୁ ଦଳୀୟ କର୍ମୀ ଓ ନେତାଙ୍କୁ ଆହ୍ୱାନ ଦେଇଥିଲେ।

ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

ଏହି ଅବସରରେ ଜିଲା ସଭାପତି ଖାଁ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ କରିବା ପାଇଁ ସମସ୍ତଙ୍କୁ ସାଙ୍ଗରେ ନେଇ କାର୍ଯ୍ୟ କରିବେ ବୋଲି କହିଥିଲେ। ସେ ରାଜ୍ୟ ସରକାରଙ୍କ ମନମୁଖି କାର୍ଯ୍ୟର ଦୃଢ ସମାଲୋଚନା କରିବା ସହିତ ସରକାରଙ୍କ ବିରୁଦ୍ଧରେ ବର୍ଷିଥିଲେ। ଜିଲାରେ ନିର୍ମାଣ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ କେବେ ଲୋକାର୍ପଣ ହେବ ତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ବ୍ଲକ ସଭାପତି ଅଚ୍ୟୁତ କର୍ଣ୍ଣ, କଣ୍ଢାମାଳ ବ୍ଲକ ସଭାପତି ହୃଦାନ୍ଦନ କହଁର, ନଗର ସଭାପତି ତପନ କୁମାର ରାଉତରାୟ, ଜିଲା ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ସମରେଶ ମିଶ୍ର, ପ୍ରଦୀପ ମହାନନ୍ଦ, ନବୀନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦ ଛକରେ ନୂତନ ଜିଲା କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ଜିଲା ସମ୍ପାଦକ ଦେବରାଜ ପଟ୍ଟନାୟକ, ପ୍ରତ୍ୟୁଷ ମହାନନ୍ଦ, ରଘୁନାଥ ପଲିଆଙ୍କ ସମେତ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ।

No.13001/221/2627

OFFICE OF THE MUNICIPAL COUNCIL, BARBIL
"e"-Procurement Notice
BID REFERENCE MUNICIPALITY (BBLM-1/2026-27)
TENDER CALL NOTICE NO. 1521 / BBL MPLTY DATE. 10.04.2026

1. Name of the work :- **Civil construction works as mentioned in website.**
2. No. of work :- **16 (Sixteen)**
3. Bid value :- **Rs.5,75,000/- to Rs.96,51,506/-**
4. Period of completion :- **90-180 days**
5. Period of availability of tenders online :- **From 10.00 A.M. of 20.04.2026 to 5.00 P.M. of 02.05.2026**
6. Last Date & time of bidding online :- **5.00 P.M. of 02.05.2026**
7. Date & time of opening of Technical Bid : **11.00 A.M. of dt.04.05.2026**
8. Name and address of the officer inviting bid :- **EXECUTIVE OFFICER, BARBIL MUNICIPALITY**

Further details can be seen from the procurement portal:- www.tendersorissa.gov.in

OIPR-13001/13108/1/26-27/0003
Sd./- Executive Officer,
Barbil Municipality

OFFICE OF THE SUPERINTENDENT
V.S.S. INSTITUTE OF MEDICAL SCIENCES & RESEARCH
BURLA (SAMBALPUR)
Email: vimsarsuptd24@gmail.com
TENDER CALL NOTICE
No. 6567 /VIMSAR, Burla **Dated : 18-04-2026**
No.10001/67/2627 : Sealed Tenders are hereby invited by the undersigned from the interested reputed Travel Agencies/Tour Operators/Private Individuals having GST registration for providing 02 (two) num. of AC Petrol vehicles and any other requirement like **TUV300/ Bolero/ Ertiga/ Scorpio/ Creta/ Mahindra Marazzo/ Swift Dzire/ Xcent/ Ciaz/ Honda City/ Innova/ Xuv 500/ Private Mini Bus for** official use on monthly rented basis. The Tenders should reach the office of the Superintendent, VSS IMSAR, Burla on or before 3**0.05.2026 by 01.00 PM** through Regd. Post/ Speed post only which will be opened on next working day **at 10.00 AM.**
The detail's terms and conditions can be collected from office of the Superintendent, VIMSAR, Burla from the date of display of tender call Notice in the district website to last upto **10.00 A.M.** on payment of Rs.1000/- (Rupees One Thousand) only in the user fee collection counter towards cost of the Tender paper. It can also be downloaded from the District web site http://sambalpur.odisha.gov.in & submitted with a Bank Draft of Rs.1000/- in favour of Superintendent VIMSAR, Burla.
OIPR-10001/10026/1/26-27/0005
Sd./- Superintendent
VIMSAR, Burla

GOVERNMENT OF ODISHA
DIRECTOR OF AVIATION, COMMERCE AND TRANSPORT DEPARTMENT
REQUEST FOR PROPOSAL
(Reference No.: 993/AV date: 18 April,2026)
"SELECTION OF ORSAC EMPANELLED DGPS-ETS SURVEYORS HAVING OFFICE IN CUTTACK, PURI & BHUBANESWAR FOR SITE VERIFICATION OF HEIGHT CLEARANCE CASES FOR SHRI JAGANNATH INTERNATIONAL AIRPORT (SJIA), PURI"
No.12001/9/2627 : The Director of Aviation, Commerce and Transport Department, Government of Odisha, invites e-Tender for empanelment of agencies from eligible Odisha Space Applications Centre (ORSAC) empanelled Vendors to undertake complete assignment for site verification of height clearance cases for Shri Jagannath International Airport (SJIA), Puri. A detail tender notice can be downloaded from the website of the department https://tendersodisha.gov.in/nicgep/ app & https://ct.odisha.gov.in/tenders. Eligible and interested firms may download the RFP documents which contains the details of the requirement from the website of Government of Odisha and submit and their offer.
The proposals complete in all respect should reach the undersigned latest by 03.00 PM on 08.05.2026. Bids received after the above deadline shall be summarily rejected. The authority reserves the right to reject any or all the proposals without assigning any reason thereof.
OIPR-12001/12136/1/26-27/0001
Sd./- Director of Aviation
Commerce and Transport (Transport)Department
Government of Odisha

ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-03/2026-27
No.32001/76/2627
୧. କାର୍ଯ୍ୟର ନାମ: ମୋଟ ୦୧ (ଏକ) ଗୋଟି ଜଳନିକାସ କାର୍ଯ୍ୟ।
୨. ଅଟକଳ ମୂଲ୍ୟ: ୮୨୭.୯୫ ଲକ୍ଷ ଟଙ୍କା।
୩. କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଅବଧି: ୧୮ (ଅଠର) ମାସ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା୨୧।୦୪।୨୦୨୬ର ୧୧.୩୦ଘଣ୍ଟାରୁ ତା୦୫।୦୫।୨୦୨୬ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା୦୫।୦୫।୨୦୨୬ର ୧୮.୦୦ଘଣ୍ଟା।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ: **sedrainagecirclectc@gmail.com.**
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ **"https://tendersodisha.gov.in"** ଦେଖାଯାଇପାରିବ। ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ।
OIPR-32001/32174/1/26-27/0001
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
ଜଳନିକାସ ମଣ୍ଡଳ, କଟକ

ODISHA PUBLIC SERVICE COMMISSION
CUTTACK
No.12001/8/2627
NOTICE
No.2175 /P.S.C., Dt.18.04.2026
(1E-01-2025-26) (DR-II)
ADVERTISEMENT NO. 03 OF 2015-16
INTERVIEW FOR POST OF ASSISTANT EXECUTIVE ENGINEER (CIVIL)
(under Water Resources Department)
Website - https://www.opsc.gov.in

In connection with the **Advertisement No. 03 of 2015-16** for the recruitment of **657** numbers of **Assistant Executive Engineer (Civil)**, the Final Result of which was already published on **01.02.2016** and appointment given by the Govt., the Hon'ble High Court while disposing the W.P. (C) No. 8290 & 15877 of 2016 filed by the State, in its order dated 14.05.2024 upheld the orders dated 22.03.2016 of Hon'ble OAT in O.A. No. 3633 (C)/2015, O.A. No. 3551 (C)/2015, O.A. No. 2652 (C)/2015 and O.A. No. 2653 (C) 2015 so far as it relates to preparing the merit list, **(i)** by restricting reservation to the extent of 50% and **(ii)** by deleting the incorrect questions/questions out of syllabus (faulty questions) and add/allot pro rata marks.

2. In order to comply with the orders of the Hon'ble High Court, the Department of Water Resources on 07.04.2026 submitted a revised requisition of 657 posts restricting reservation to 50% as follows.

Category	Advertised Vacancies		Revised Vacancy	
UR	313 (104-W)	(i) O.H.-11 (ii) H.I.-09 and Sports Person-07	330 (109-W)	(i) O.H.-11 (ii) H.I.-09 and Sports Person-07
SEBC	74 (25-W)		74 (25-W)	
SC	43 (14-W)		41 (13-W)	
ST	227 (76-W)		212 (70-W)	
Total	**657 (219-W)**		**657 (217-W)**	

3. The Commission has revised the marks of all candidates by allotting pro rata marks for the out of syllabus/ wrong questions on the basis of the Written Examination held on 30.08.2015 as per the orders of the Hon'ble Court and shortlisted candidates for Interview as per the revised requisition of vacancies indicated supra on the revised marks. Excluding the shortlisted candidates who have already appeared the Interview, there are **220 candidates** shortlisted afresh who were not called for Interview.

4. Now, the Commission invites such 220 candidates for the Interview to be held in the Office of the Commission at 19, Dr. P.K. Parija Road, Cuttack-754001 from **04.05.2026 to 06.05.2026** as per the Programme mentioned below.

PROGRAMME OF DOCUMENT VERIFICATION & INTERVIEW

Date	Time of Document Verification	Time of Interview	Roll Nos. of Candidates
04.05.2026	08.30 A.M.	10.45 A.M.	10007, 10048, 10067, 10068, 10102, 10149, 10181, 10184, 10189, 10214, 10232, 10246, 10305, 11030, 11049, 11096, 11121, 11124, 11134, 11249, 11271, 11308, 11339, 11388, 11416, 11423, 11426, 11432, 11447, 11468, 11553, 11554, 11565, 11575, 11595, 12008, 12053, 12062, 12071, 12124, 12136, 12169, 12172 & 12174 **= 44 Candidates**
	12.30 P.M.	02.45 P.M.	12232, 12236, 12264, 12298, 12303, 12308, 12318, 12409, 12525, 12547, 12634, 12644, 12651, 12685, 12686, 12707, 12710, 12751, 12772, 12806, 12824, 12829, 12838, 12848, 12876, 12900, 13010, 13063, 13086 & 13097 **= 30 Candidates**
05.05.2026	08.30 A.M.	10.45 A.M.	13166, 13305, 13307, 13383, 13420, 13426, 13442, 13472, 13579, 13631, 13644, 13658, 13673, 13705, 13737, 13783, 13810, 13834, 13840, 13871, 13954, 13965, 14036, 14053, 14075, 14153, 14225, 14244, 14288, 14289, 14294, 14363, 14368, 14374, 14384, 14422, 14432, 14472, 14511, 14531, 14573,14581, 14584 & 14585 **= 44 Candidates**
	12.30 P.M.	02.45 P.M.	14587, 14590, 14599, 14649, 14668, 14749, 14757, 14796, 14816, 14828, 14833, 14922, 14936, 14952, 14965, 15149, 15156,15170, 15178, 15183, 15196, 15200, 15218, 15248, 15280, 15286, 15352, 15364,

ବୃନ୍ଦାବନ କଲୋନିରେ ଭାରିଯାନ ଚଳାଚଳ ଉପରେ କଟକଣା

ଝାରସୁଗୁଡ଼ା, ୧୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌରାଞ୍ଚଳ ଅନ୍ତର୍ଗତ ବୃନ୍ଦାବନ କଲୋନି ବାସିନ୍ଦାଙ୍କ ସୁରକ୍ଷା ତଥା ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ମୋଟରଯାନ ଆଇନ ୧୯୮୮ର ଧାରା ୧୧୫ ଅନୁଯାୟୀ, ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏହି ଅଞ୍ଚଳରେ ଭାରିଯାନ ଚଳାଚଳ ଉପରେ ରବିବାର କଟକଣା ଜାରି କରିଛନ୍ତି। ବୃନ୍ଦାବନ କଲୋନିର ସଂକୀର୍ଣ୍ଣ ରାସ୍ତା ଯୋଗୁ ପ୍ରତିଦିନ ସୃଷ୍ଟି ହେଉଥିବା ଟ୍ରାଫିକ ଜାମ୍ ଏବଂ ଦୁର୍ଘଟଣା ଭୟକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ବିଶେଷକରି ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ଏବଂ ନିକଟସ୍ଥ କୁଷ୍ଠାଶ୍ରମର ଅନ୍ତେବାସୀ ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଏବଂ ଦୁର୍ଘଟଣା ରୋକିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ଜିଲାପାଳ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭାରି, ମଧ୍ୟମ ଏବଂ ବ୍ୟବସାୟିକ ଯାତ୍ରୀବାହୀ ଗାଡ଼ି ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଏହାସହିତ ଲୋଡେଡ୍ କିମ୍ବା ଅନ୍‌ଲୋଡେଡ୍ ସାମଗ୍ରୀ ପରିବହନ କରୁଥିବା ଗାଡ଼ି, ଟ୍ରାକ୍ଟର ଏବଂ ୭୫୦୦ କିଲୋଗ୍ରାମରୁ ଅଧିକ ଓଜନ ବିଶିଷ୍ଟ ରୋଡ୍ ରୋଲରଗୁଡ଼ିକ ଉପରେ ମଧ୍ୟ କଟକଣା ଲଗାଯାଇଛି।

ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



କଳସ ଶୋଭାଯାତ୍ରାରେ ସାମିଲ ମହିଳା ପୁରୁଷ।

ରିଆମାଳ, ୧୯।୪(ବଦ୍ରିନାରାୟଣ ଅଗ୍ରୱାଲା)– ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ସଦର ମହକୁମାରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ରବିବାର ସକାଳେ ଅଧିବାସ ପୂଜନ ସହିତ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଶୋଭାଯାତ୍ରାରେ କଳସ ମୁଣ୍ଡେଇ ରଜାବନ୍ଧ ନିକଟରେ ପହଞ୍ଚିଥିଲେ। ପୁରୋହିତ ଧ୍ରୁବେଇଧର ନନ୍ଦ, ସଞ୍ଜୀବ ନନ୍ଦ ପୂଜା କରିବା ପରେ ଯଜ୍ଞକର୍ତ୍ତା ପ୍ରମୋଦ ନନ୍ଦ ସପତ୍ନିକ ପ୍ରଥମେ କଳସରେ ଜଳ ଭର୍ତ୍ତି କରିଥିଲେ। ଏହାପରେ ମହିଳାମାନେ କଳସ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ଅଭିମୁଖେ ଯାଇଥିଲେ। କଳସଯାତ୍ରା ସମୟରେ ହରିନାମ ସଂକୀର୍ତ୍ତନ ଓ ହୁଳହୁଳି ଶବ୍ଦ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଯଜ୍ଞ କମିଟି ସଭାପତି ଜଳନ୍ଧର ଦାଶ ଓ ସମ୍ପାଦକ ବୀରେନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ଏମ୍‌ଜେଓ୍ୱାଇସି ବିଜୟୀ

ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ)



ଖେଳାଳିଙ୍କ ଗହଣରେ ଅତିଥି ଓ ରେଫରି।

ଝାରସୁଗୁଡ଼ାସ୍ଥିତ ଦ୍ୱିତୀୟ ଓଏସ୍‌ଏପି ଷ୍ଟାଡିୟମଠାରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟର ୧୪ତମ ମ୍ୟାଚ୍ ରବିବାର ବେହେରାପାଟର ଏମ୍‌ଜେଓ୍ୱାଇସି ଏବଂ ଦୀପାପଡ଼ାର ଆଦିବାସୀ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ଜେଓ୍ୱାଇସି ଟିମ୍ ୬–୦ ଗୋଲରେ ବିଜୟୀ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଳ, ସମ୍ମାନିତ ଅତିଥି ଭାବେ ଖବରଦାତା ରତ୍ନାକର ବେହେରା, ଗୁରୁ ପ୍ରେମ୍ ସିଂ ଥାପା, ଭାଜପା ଯୁବ ସଭାପତି ବିବେକ ଶ୍ରୀବାସ, ତାପସ ରାୟ ଚୌଧୁରୀ, ବିଜୟ ବେହେରା, ବିଜୟ ବକ୍ସି, ସୁଶାନ୍ତ ମାଲି, ସଞ୍ଜୟ ଦାସ, ବିବେକା ପ୍ରଧାନ, ସଞ୍ଜୟ ରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଅଗସ୍ତି ହାତୀପଦା, ଶରତ କିଷାନ, ଲକ୍ଷ୍ମଣ କିଷାନ ଏବଂ ସଞ୍ଜୟ କିଷାନ ମ୍ୟାଚ୍ ପରିଚାଳନା କରିଥିଲେ।

ଆଜିଠୁ ୧୦୦ ଅସହାୟଙ୍କୁ ମିଳିବ ମାଗଣା ଭୋଜନ

ଝାରସୁଗୁଡ଼ା, ୧୯।୪(ଆଶିଷ ରଞ୍ଜନ ଦାଶ)– ଝାରସୁଗୁଡ଼ା ସହରରେ ଥିବା ଶ୍ୟାମ ଦରବାର ଟ୍ରଷ୍ଟ ଏବଂ ଲୋଧା ପରିବାରର ମିଳିତ ସହଯୋଗରେ ସ୍ଥାନୀୟ ଲୋଧା ଧର୍ମଶାଳାଠାରେ ଏପ୍ରିଲ ୨୦ ତାରିଖ ଅର୍ଥାତ୍ ସୋମବାରଠାରୁ ଭୋକିଲା ଲୋକଙ୍କୁ ମାଗଣା ଭୋଜନ ଦିଆଯିବ। ଏହି ମହତ୍ କାର୍ଯ୍ୟର ଉଦ୍‌ଘାଟନ ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କରିବା ନେଇ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ସହରର ପ୍ରାୟ ୧୦୦ ଜଣ ଅସହାୟ ଓ ଭୋକିଲା ଲୋକଙ୍କୁ ଏଠାରେ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯିବ। ଆଗାମୀ ଦିନରେ ଶ୍ୟାମବାବାଙ୍କ ଏକ ମନ୍ଦିର ନିରାଲା ଧାମ ନିର୍ମାଣ ପାଇଁ ମଧ୍ୟ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି।

ଛାତ୍ର ଜୀବନରେ ନମ୍ରତା ଗୁଣ ଜରୁରୀ



ଆୟୋଜିତ ରାଷ୍ଟ୍ର ନିର୍ମାଣ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

ସମ୍ବଲପୁର,୧୯।୪(ବି.ଶଙ୍କର)

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର-୨୦୨୬

ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରଠାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ୩୦ଟି ଉଚ୍ଚ ବିଦ୍ୟାଳୟ ନବମ ଶ୍ରେଣୀର ୬୬ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଉତ୍ତମ ଚରିତ୍ର ଗଠନ ସକାଶେ ରାଷ୍ଟ୍ର ନିର୍ମାଣ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ସ୍ୱାସ୍ଥ୍ୟରକ୍ଷା ପାଇଁ ଯୋଗ ଉପରେ ଆଲୋଚନା କରିଥିଲେ। ଏହାପରେ ଆସ ଆମେ ପରସ୍ପରକୁ ଜାଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ପ୍ରାକ୍ତନ ଜିଲା ଶିକ୍ଷା ମଣ୍ଡଳାଧୀଶ ଡ. ଗିରିଧାରୀ ହୋତା ବିଭିନ୍ନ ଉଦାହରଣ ମାଧ୍ୟମରେ, ଜୀବନରେ ନମ୍ରତାର ଗୁରୁତ୍ୱ ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ଛାତ୍ର ଜୀବନରେ ନମ୍ରତା ଗୁଣ ଜରୁରୀ ଅଟେ। ଛାତ୍ରୀଛାତ୍ରମାନେ ନମ୍ର ହେଲେ ଜୀବନର ପ୍ରତ୍ୟେକ ସମସ୍ୟାକୁ ସହଜରେ ସମାଧାନ କରିପାରବେ, ଯାହାକି ପରବର୍ତ୍ତୀ ସମୟରେ ତାଙ୍କୁ ଚରିତ୍ରବାନ ମଣିଷ ଭାବେ ପ୍ରତିଷ୍ଠା ଲାଭ କରିବେ ବୋଲି ହ. ହୋତା ମତବ୍ୟକ୍ତ କରିଥିଲେ । ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲେ। ସଭ୍ୟ ସଚିବ ସମ୍ପାଦକ ରଘୁନାଥ ମିଶ୍ର, ବରିଷ୍ଠ ସଭ୍ୟା ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡା, ଇଂ.ସୁଶାନ୍ତ କୁମାର ଗୁରୁ, ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଉପସ୍ଥିତ ଥିଲେ । ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସହଯୋଗ କରିଥିଲେ ସଦସ୍ୟ ହରି ନାରାୟଣ ପଣ୍ଡା ଏବଂ ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୧୯।୪(ବି.ଶଙ୍କର)

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ ସମ୍ବଲପୁର ଜିଲା ଦେଦର ନୂଆପାଲିସ୍ଥିତ ଉଦୀୟମାନ ମାତୃକ୍ଷେତ୍ର ପରିସରରେ ରବିବାର ପାଳିତ ହୋଇଛି। ଏହି ଅବସରରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ୪୨ତମ ବାର୍ଷିକ ଉତ୍ସବ ଏବଂ ଶିକ୍ଷାକେନ୍ଦ୍ରର ୨୭ତମ ବାର୍ଷିକୋତ୍ସବ ଭକ୍ତିପୂର୍ଣ୍ଣ ପରିବେଶରେ ପାଳନ କରାଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ ପରିଚାଳନା କମିଟି ସଭାପତି ମନୋରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ଏବଂ ମ୍ୟାନେଜିଙ୍ଗ ଟ୍ରଷ୍ଟି ଉଦିତ ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସକାଳେ ପତାକା ଉତ୍ତୋଳନ, ବନ୍ଦେ ମାତରମ୍ ଗାନ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା। ରେଢାଖୋଲ ବିଧାୟକ ତଥା ବିଧାନସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଫେସର ଡ. ଅରୁଣ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ରର ଶିକ୍ଷା ଆଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଏବଂ ବରିଷ୍ଠ ଖବରଦାତା ଶିବଶଙ୍କର ନନ୍ଦ, ଜୟନ୍ତପୁର ସରପଞ୍ଚ ଆରତୀ ତାଣ୍ଡି ଯୋଗ ଦେଇଥିଲେ। ଡ. ଅରୁଣ କୁମାର ତ୍ରିପାଠୀ ପୂର୍ଣ୍ଣାଙ୍ଗ ଶିକ୍ଷା ହିଁ ଭବିଷ୍ୟତର ଶିକ୍ଷା ବିଷୟବସ୍ତୁ ଉପରେ ମାର୍ମିକ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାତ୍ମିକ ଚିନ୍ତାଧାରାର ପ୍ରସାର, ଶାରୀରିକ କ୍ରୀଡ଼ା ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

PANCHAYAT SAMITI OFFICE
DHENKANAL SADAR, DHENKANAL
Mail Id. : ori-bdhenkanal@od.gov.in
Tender Call Notice No.1228/Dt.17.04.2026/BDO/ DHENKANAL SADAR
No.19001/25/2627 : "Block Development Officer, Dhenkanal Sadar on behalf of Governor Odisha invites tenders/quotation from eligible bidders adhering to required criteria, for Supply and Installation of LED based street light and Mini High Mast light in different Gram Panchayat under Sadar Block Dhenkanal.
For detail visit our Website : https://dhenkanal.odisha.gov.in
For detailed information please visit the website http//dhenkanal.odisha.gov.in
Sd./- Block Development Officer
Dhenkanal Sadar
OIPR-19001/19433/1/26-27/0001

No.13001/221/2627
OFFICE OF THE MUNICIPAL COUNCIL, BARBIL
"e"-Procurement Notice
BID REFERENCE MUNICIPALITY (BBLM-1/2026-27)
TENDER CALL NOTICE NO. 1521 / BBL MPLTY DATE. 10.04.2026
1. Name of the work :- **Civil construction works as mentioned in website.**
2. No. of work :- **16 (Sixteen)**
3. Bid value :- **Rs.5,75,000/- to Rs.96,51,506/-**
4. Period of completion :- **90-180 days**
5. Period of availability of tenders online :- **From 10.00 A.M. of 20.04.2026 to 5.00 P.M. of 02.05.2026**
6. Last Date & time of bidding online :- **5.00 P.M. of 02.05.2026**
7. Date & time of opening of Technical Bid : **11.00 A.M. of dt.04.05.2026**
8. Name and address of the officer inviting bid :- **EXECUTIVE OFFICER, BARBIL MUNICIPALITY**

Further details can be seen from the procurement portal:- www.tendersorissa.gov.in
Sd./- Executive Officer,
Barbil Municipality
OIPR-13001/13108/1/26-27/0003

OFFICE OF THE SUPERINTENDENT
V.S.S. INSTITUTE OF MEDICAL SCIENCES & RESEARCH
BURLA (SAMBALPUR)
Email: vimsarsuptd24@gmail.com
TENDER CALL NOTICE
No. 6567 /VIMSAR, Burla **Dated : 18-04-2026**
No.10001/67/2627 : Sealed Tenders are hereby invited by the undersigned from the interested reputed Travel Agencies/Tour Operators/Private Individuals having GST registration for providing 02 (two) num. of AC Petrol vehicles and any other requirement like **TUV300/ Bolero/ Ertiga/ Scorpio/ Creta/ Mahindra Marazzo/ Swift Dzire/ Xcent/ Ciaz/ Honda City/ Innova/ Xuv 500/ Private Mini Bus for** official use on monthly rented basis. The Tenders should reach the office of the Superintendent, VSS IMSAR, Burla on or before 3**0.05.2026 by 01.00 PM** through Regd. Post/ Speed post only which will be opened on next working day **at 10.00 AM.**
The detail's terms and conditions can be collected from office of the Superintendent, VIMSAR, Burla from the date of display of tender call Notice in the district website to last upto **10.00 A.M.** on payment of Rs.1000/- (Rupees One Thousand) only in the user fee collection counter towards cost of the Tender paper. It can also be downloaded from the District web site http://sambalpur.odisha.gov.in & submitted with a Bank Draft of Rs.1000/- in favour of Superintendent VIMSAR, Burla.
Sd./- Superintendent
VIMSAR, Burla
OIPR-10001/10026/1/26-27/0005

GOVERNMENT OF ODISHA
DIRECTOR OF AVIATION, COMMERCE AND TRANSPORT DEPARTMENT
REQUEST FOR PROPOSAL
(Reference No.: 993/AV date: 18 April,2026)
"SELECTION OF ORSAC EMPANELLED DGPS-ETS SURVEYORS HAVING OFFICE IN CUTTACK, PURI & BHUBANESWAR FOR SITE VERIFICATION OF HEIGHT CLEARANCE CASES FOR SHRI JAGANNATH INTERNATIONAL AIRPORT (SJIA), PURI"
No.12001/9/2627 : The Director of Aviation, Commerce and Transport Department, Government of Odisha, invites e-Tender for empanelment of agencies from eligible Odisha Space Applications Centre (ORSAC) empanelled Vendors to undertake complete assignment for site verification of height clearance cases for Shri Jagannath International Airport (SJIA), Puri. A detail tender notice can be downloaded from the website of the department https://tendersodisha.gov.in/nicgep/ app & https://ct.odisha.gov.in/tenders. Eligible and interested firms may download the RFP documents which contains the details of the requirement from the website of Government of Odisha and submit and their offer.
The proposals complete in all respect should reach the undersigned latest by 03.00 PM on 08.05.2026. Bids received after the above deadline shall be summarily rejected. The authority reserves the right to reject any or all the proposals without assigning any reason thereof.
Sd./- Director of Aviation
Commerce and Transport (Transport)Department
Government of Odisha
OIPR-12001/12136/1/26-27/0001

ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-03/2026-27
No.32001/76/2627
୧. କାର୍ଯ୍ୟର ନାମ: ମୋଟ ୦୧ (ଏକ) ଗୋଟି ଜଳନିକାସ କାର୍ଯ୍ୟ।
୨. ଅଟକଳ ମୂଲ୍ୟ: ୮୨୭.୯୫ ଲକ୍ଷ ଟଙ୍କା।
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୮ (ଅଠର) ମାସ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା୨୧।୦୪।୨୦୨୬ର ୧୧.୩୦ଘଣ୍ଟାରୁ ତା୦୫।୦୫।୨୦୨୬ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା୦୫।୦୫।୨୦୨୬ର ୧୮.୦୦ଘଣ୍ଟା।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା: ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ: **sedrainagecirclectc@gmail.com.**
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ **"https://tendersodisha.gov.in"** ଦେଖାଯାଇପାରିବ। ଆବଶ ଯକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ।
ସ୍ୱା./– ଅତିରିକ୍ତ ମୁଖ୍ୟଯନ୍ତ୍ରୀ
ଜଳନିକାସ ମଣ୍ଡଳ, କଟକ
OIPR-32001/32174/1/26-27/0001

ODISHA PUBLIC SERVICE COMMISSION
CUTTACK
No.12001/8/2627
NOTICE
No.2175 /P.S.C., Dt.18.04.2026
(1E-01-2025-26) (DR-II)
ADVERTISEMENT NO. 03 OF 2015-16
INTERVIEW FOR POST OF ASSISTANT EXECUTIVE ENGINEER (CIVIL)
(under Water Resources Department)
Website - https://www.opsc.gov.in
In connection with the **Advertisement No. 03 of 2015-16** for the recruitment of **657** numbers of **Assistant Executive Engineer (Civil)**, the Final Result of which was already published on **01.02.2016** and appointment given by the Govt., the Hon'ble High Court while disposing the W.P. (C) No. 8290 & 15877 of 2016 filed by the State, in its order dated 14.05.2024 upheld the orders dated 22.03.2016 of Hon'ble OAT in O.A. No. 3633 (C)/2015, O.A. No. 3551 (C)/2015, O.A. No. 2652 (C)/2015 and O.A. No. 2653 (C) 2015 so far as it relates to preparing the merit list, **(i)** by restricting reservation to the extent of 50% and **(ii)** by deleting the incorrect questions/questions out of syllabus (faulty questions) and add/allot pro rata marks.
2. In order to comply with the orders of the Hon'ble High Court, the Department of Water Resources on 07.04.2026 submitted a revised requisition of 657 posts restricting reservation to 50% as follows.

Category	Advertised Vacancies		Revised Vacancy	
UR	313 (104-W)	(i) O.H.-11 (ii) H.I.-09 and Sports Person-07	330 (109-W)	(i) O.H.-11 (ii) H.I.-09 and Sports Person-07
SEBC	74 (25-W)		74 (25-W)	
SC	43 (14-W)		41 (13-W)	
ST	227 (76-W)		212 (70-W)	
Total	657 (219-W)		657 (217-W)	

3. The Commission has revised the marks of all candidates by allotting pro rata marks for the out of syllabus/ wrong questions on the basis of the Written Examination held on 30.08.2015 as per the orders of the Hon'ble Court and shortlisted candidates for Interview as per the revised requisition of vacancies indicated supra on the revised marks. Excluding the shortlisted candidates who have already appeared the Interview, there are **220 candidates** shortlisted afresh who were not called for Interview.
4. Now, the Commission invites such 220 candidates for the Interview to be held in the Office of the Commission at 19, Dr. P.K. Parija Road, Cuttack-754001 from **04.05.2026 to 06.05.2026** as per the Programme mentioned below.
PROGRAMME OF DOCUMENT VERIFICATION & INTERVIEW

Date	Time of Document Verification	Time of Interview	Roll Nos. of Candidates
04.05.2026	08.30 A.M.	10.45 A.M.	10007, 10048, 10067, 10068, 10102, 10149, 10181, 10184, 10189, 10214, 10232, 10246, 10305, 11030, 11049, 11096, 11121, 11124, 11134, 11249, 11271, 11308, 11339, 11388, 11416, 11423, 11426, 11432, 11447, 11468, 11553, 11554, 11565, 11575, 11595, 12008, 12053, 12062, 12071, 12124, 12136, 12169, 12172 & 12174 = 44 Candidates
	12.30 P.M.	02.45 P.M.	12232, 12236, 12264, 12298, 12303, 12308, 12318, 12409, 12525, 12547, 12634, 12644, 12651, 12685, 12686, 12707, 12710, 12751, 12772, 12806, 12824, 12829, 12838, 12848, 12876, 12900, 13010, 13063, 13086 & 13097 = 30 Candidates
05.05.2026	08.30 A.M.	10.45 A.M.	13166, 13305, 13307, 13383, 13420, 13426, 13442, 13472, 13579, 13631, 13644, 13658, 13673, 13705, 13737, 13783, 13810, 13834, 13840, 13871, 13954, 13965, 14036, 14053, 14075, 14153, 14225, 14244, 14288, 14289, 14294, 14363, 14368, 14374, 14384, 14422, 14432, 14472, 14511, 14531, 14573,14581, 14584 & 14585 = 44 Candidates
	12.30 P.M.	02.45 P.M.	14587, 14590, 14599, 14649, 14668, 14749, 14757, 14796, 14816, 14828, 14833, 14922, 14936, 14952, 14965, 15149, 15156,15170, 15178, 15183, 15196, 15200, 15218, 15248, 15280, 15286, 15352, 15364, 15370 & 15396 = 30 Candidates
06.05.2026	08.30 A.M.	10.45 A.M.	15427, 15455, 15529, 15531, 15561, 15566, 15673, 15715, 15726, 15781, 15802, 15830, 15965, 16010, 16024, 16111, 16114, 16148, 16181, 16211, 16238, 16331, 16335, 16434, 17103, 17107, 17144, 17158, 17160, 17173, 17207, 17234, 17256, 17314, 17322, 17407, 17447, 17503, 17520, 17530, 17532, 17575, 17578 & 17626 = 44 Candidates
	12.30 P.M.	02.45 P.M.	17635, 17674, 17706, 17723, 17759, 17775, 17818, 17882, 18023, 18082, 18091, 18108, 18128, 18209, 18283, 18289, 18307, 18386, 18409, 18412, 18414, 18485, 18514, 18569, 18661, 18672, 19460 & 19568 = 28 Candidates

N.B. The concerned candidates are advised to report at the Office of the Commission half an hour before the commencement of verification of Original Certificates & Documents on their scheduled dates & time as mentioned against each.
It is also made clear that, the candidature of these candidates for the recruitment is **purely provisional.** The candidature is liable to rejection in the event of inadequacy /deficiency found at any stage before or after the verification of Original Certificate /Documents and is subject to fulfillment of terms and conditions laid down in the Advertisement.
Mere participation in the Document Verification does not reserve any right to appear in the Interview. The candidates shall be allowed to the Interview on the scheduled date & time mentioned above subject to fulfillment of their eligibility in all respect as per verification of Original Certificate /Documents. The decision of the Commission thereon shall be final.
THE CANDIDATE IS REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH A SET OF SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION
The Candidates are required to mention **"Submitted by me and certified as genuine and has not been cancelled"** and put their full signature and date on each Photo Copy of the Certificates/Documents)
(ALL THE CERTIFICATES/DOCUMENTS SHOULD BE ISSUED WITHIN THE LAST DATE OF SUBMISSION OF ONLINE APPLICATION i.e 15.06.2015)
1. Documents Required :-
i. Hard copy of Online Application Form **mentioning Roll No. at the Top Right Hand Corner.**
ii. H.S.C. or equivalent Certificate in support of declaration of age issued by the concerned Board/Council.
iii. H.S.C or equivalent Mark Sheet.
iv. Required Odia Test Pass Certificate from the Competent Authority, wherever applicable.
v. Intermediate/+2 Sc. Pass Certificate issued by the concerned University/Council.
vi. Intermediate/+2 Sc. Mark Sheet.
vii. Diploma Pass Certificate.
viii. Diploma Mark Sheets.
ix. Degree (i.e Engineering in Civil) pass Certificate issued by the recognized University or AMIE of India in Civil.
x. Mark lists of all semesters of Degree in Civil Engineering passed including fail marks, if any, issued by the concerned Council/University.
xi. Conversion Certificate/Conversion Formula (CGPA to Percentage), wherever applicable.
xii. Certificate of character and conduct from the Principal/Proctor/Dean or Professor in charge of Teaching Department of the College or University in which he/she last studied.
xiii. "No Objection Certificate" from the Competent Authority/Head of Office; wherever applicable.
xiv. **Caste Certificate by birth in support of claim as SC/ST, wherever applicable, which has been uploaded with Online Application Form. (Please see and refer NOTE-1 of Para-11 of the Advertisement)**
xv. SEBC Certificate issued within **16.06.2012 to 15.06.2015**, wherever applicable.
xvi. Permanent Disability Certificate (indicating percentage of permanent disability) issued by the concer

ପାଣିଗାଁକୁ ହରାଇ ସର୍ଗିଗୁଡ଼ା ଚାମ୍ପିୟନ



କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

କୋକସରା,୧୯।୪
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ଗ୍ରାମପଞ୍ଚାୟତର ନୂଆଗୁଡା କାଦୋପଦରଠାରେ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏକାୟର ନାଏକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜମରା ପାଣିଗାଁକୁ ହରାଇ ସର୍ଗିଗୁଡା ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ସର୍ଗିଗୁଡା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର

ଏକାୟର ନାଏକ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ

ମଧ୍ୟରେ ୯ ଓଭର ୫ ବଲରେ ସମସ୍ତ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ପାଣିଗାଁ ଟିମ୍ ୧୦ ଓଭର ଖେଳି ୯ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ତେବେ ସର୍ଗିଗୁଡା ଟିମ୍ ୩୧ ରନରେ ବିଜୟୀ ହୋଇ ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଛି। ଖେଳକୁ ଅମ୍ପିୟାର ଭାବେ ପରିଚାଳନା କରିଥିଲେ। ସ୍କୋର ବୋର୍ଡ ଦାୟିତ୍ୱରେ କ୍ଷୀତିରାମ ନାଏକ ରହିଥିବାବେଳେ ସାନୁ ମହାରଣା ଓ ଲିଯୁନ ନାଏକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ କଳାହାଣ୍ଡି ଜିଲା ବଞ୍ଜାରା ସମାଜର ସଭାପତି ଯଶୋବନ୍ତ ସିଂ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

୨୫ କୁଇଣ୍ଟାଲ ମହୁଲ ଜବତ

ଥୁଆମୂଳ ରାମପୁର,
୧୯।୪(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଅବୈଧ ମହୁଲ ଚାଲାଣ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୨୫ କୁଇଣ୍ଟାଲ ମହୁଲ ବୋଝେଇ ଏକ ପିକଅପ ଭ୍ୟାନକୁ ଜବତ କରାଯାଇଥିବା ବେଳେ ଏନେଇ ମାମଲା ରୁଜୁ ହୋଇଛି। ଥୁଆମୂଳ ରାମପୁର ବ୍ଲକର ଲିଲିଙ୍ଗପଦର ଗ୍ରାମରୁ ଏକ ପିକଅପ ଭ୍ୟାନ ଓଡ଼ି ୦୮ ଏମ୍ ୬୪୯୮ ଯୋଗେ ମହୁଲ ଜୁନାଗଡ଼ ଅଞ୍ଚଳକୁ ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବରପାଇ ଥୁଆମୂଳ ରାମପୁର ଅବକାରୀ ବିଭାଗ କର୍ଲାପାଟ ଅଞ୍ଚଳରେ ଚଢ଼ାଉ କରି ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଗାଡ଼ିରୁ ପ୍ରାୟ ୨୫ କୁଇଣ୍ଟାଲ ମହୁଲ ମିଳିଥିଲା, ଯାହାକୁ ଅବୈଧ ଭାବେ ମଦ ପ୍ରସ୍ତୁତି ପାଇଁ ନିଆଯାଉଥିବା ସନ୍ଦେହ କରାଯାଉଛି। ଜବତ ମହୁଲକୁ ପରବର୍ତ୍ତୀ ସମୟରେ ଲାଠିଆଗୁଡ଼ା ମଦ ଭାଟିରେ ଜିମା ଦିଆଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୧୦/୨୦୨୬) ରୁଜୁ କରାଯାଇଛି।

ପୁରାତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ପଙ୍କ ଉଦ୍ଧାର କରି କାର୍ଯ୍ୟକ୍ଷମ କରାଯିବ



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

ନୂଆପଡ଼ା,୧୯।୪
(ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କ୍ଷୁଦ୍ର ଜଳସେଚନ ବିଭାଜନ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟ ବୈଷୟିକ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ଯୋଜନା ଅଧୀନରେ ଚାଲୁଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯାଇଥିଲା। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ନୂତନ ପ୍ରକଳ୍ପ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲାପାଳ ପୁରାତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ପଙ୍କ ଉଦ୍ଧାର କରି ସେଗୁଡ଼ିକର ପୁନରୁଦ୍ଧାର କରିବାକୁ ଓ କାର୍ଯ୍ୟକ୍ଷମତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ ଯୋଜନା ମାଧ୍ୟମରେ ପୁରୁଣା କେନାଲଗୁଡ଼ିକର ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ନୂତନ କେନାଲ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରି ଚାଷୀମାନଙ୍କୁ ଅଧିକ ଜଳସେଚନ ସୁବିଧା ଯୋଗାଇବାକୁ ଜୋର ଦେଇଥିଲେ। ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରି କୃଷି ଉତ୍ପାଦନ ବୃଦ୍ଧି ପାଇଁ ବିଭାଗୀୟ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ ସରୋଜ ସା, କ୍ଷୁଦ୍ର ଜଳସେଚନ ବିଭାଗ ଖଡ଼ିଆଳ, ଅନ୍ତର୍ଯ୍ୟାମୀ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ନୂଆପଡ଼ା, ସାର୍ଥକ ରଞ୍ଜନ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଖଡ଼ିଆଳ, ଅଙ୍କିତ ସିଂ ସହକାରୀ ନିର୍ବାହୀ ଯନ୍ତ୍ରୀ (ଆକଳନକାରୀ), ପ୍ରତୀକ ରଞ୍ଜନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ନୂଆପଡ଼ା, ଅଶ୍ୱିନୀ କୁମାର ସେଠୀ, ପୂର୍ଣ୍ଣଚନ୍ଦ୍ର ବେହେରା କନିଷ୍ଠ ଯନ୍ତ୍ରୀ ଖଡ଼ିଆଳ ପ୍ରମୁଖ ଉପସ୍ଥିତ ଥିଲେ।

ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ଲାଞ୍ଜିଗଡ଼,୧୯।୪
(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରସ୍ଥିତ ଧଅଁରାଭଟା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦଶାରୀ ମୁଖ୍ୟ ଅତିଥି, ଶାନ୍ତିକୁଞ୍ଜ ହରିଦ୍ୱାର ପରିବ୍ରଜକ ଅଶୋକ କୁମାର ପେନଥୋଇ ମୁଖ୍ୟ ବକ୍ତା ଓ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରାକ୍ଷିତ ନାଏକ, ଥୁଆମୂଳ ରାମପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ପ୍ରକାଶ ସତ୍ୟ, ମଧୁପୁର ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରିହର କୁମାର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଦେବବ୍ରତ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠନ କରିଥିଲେ।

ନିର୍ବାଚନମଣ୍ଡଳୀ ପୁନଃଗଠନ ନିମନ୍ତେ ବୈଠକ

କୋକସରା,୧୯।୪
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବିଧାନସଭା ନିର୍ବାଚନମଣ୍ଡଳୀ ପୁନଃଗଠନ ନିମନ୍ତେ ରବିବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡେଙ୍ଗାଗୁଡା ଧାନ ମଣ୍ଡିଠାରେ ମହିମା ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ନାଗରିକ ଗରୁଡ଼ଧଜ ମାଝୀ ସଭାପତିତ୍ୱ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜୀବ କୁମାର ଅଗ୍ରୱାଲ, ଉପସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ବରାଡଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃଗଠନ ଦାବି ଉପରେ ଆଲୋଚନା କରାଯାଇ ଜନମତ ସଂଗ୍ରହ କରାଯାଇଥିଲା। ଗ୍ରାମପଞ୍ଚାୟତ ସ୍ତରରୁ ଦାବିକୁ ତୀବ୍ର କରିବା ପାଇଁ ୧୧ ଜଣିଆ କମିଟି ଗଠନ କରାଯାଇଥିଲା। ମହିମା ଗ୍ରାମ ପଞ୍ଚାୟତ ସ୍ତରୀୟ କ୍ରିୟାନୁଷ୍ଠାନ କମିଟିର ସଭାପତି ଭାବେ ଗରୁଡ଼ଧଜ ମାଝୀ, ଉପସଭାପତି ଘନଶ୍ୟାମ ନାଏକ, ସମ୍ପାଦକ ନିଲାମ୍ବର ନାଏକ, ସାମାଜିକ ଗଣମାଧ୍ୟମ ସଂଯୋଜକ ପ୍ରଦୀପ କୁମାର ଧଙ୍ଗଡାମାଝୀ ପ୍ରମୁଖ ରହିଛନ୍ତି। ବୈଠକରେ ମହିମା ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ସୁମତି ବାଗ, ରବିନାରାୟଣ ଦାସ, ସଞ୍ଜୟ ସିଙ୍ଗଲ, ଟଙ୍କଧର ନାଏକ, ଯଜ୍ଞଦତ୍ତ ପ୍ରଧାନୀ ସମେତ ଅନେକ ଲୋକ ଉପସ୍ଥିତ ରହିଥିଲେ।

ସିନାପାଲି ଶିକ୍ଷା ବିଭାଗ ତରଫରୁ ରକ୍ତଦାନ ଶିବିର

ସିନାପାଲି, ୧୯।୪
(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ରବିବାର ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ୧୬ଟି କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟ ରକ୍ତଦାତା ମିଶି ସମୁଦାୟ ୭୫ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଯତୀନ୍ଦ୍ର କୁମାର ସେଠଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟଅତିଥି ଭାବରେ ନୂଆପଡା ଜିଲାପାଳ ମଧୁସୂଦନ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଡିଓ କର୍ମୀ ଓରାମ, ମେଡିକାଲ ଅଫିସର ଶ୍ରୀମାନ ସାହୁ, ଡାକ୍ତର ନୈମିଶ ସା, ଏବିଇଓ ପ୍ରଦୀପ ପଣ୍ଡା, ଓଷ୍ଟାର ଜିଲା ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ, ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରି ପ୍ରମୁଖ ଉପସ୍ଥିତ ଥିଲେ।

ମନୋରୋଗୀଙ୍କ ସୁରକ୍ଷା, ଅଧିକାର ସଚେତନତା ଶିବିର

ଥୁଆମୂଳ ରାମପୁର,
୧୯।୪ (ଦୁର୍ଗା କୀର୍ତ୍ତି)

ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହରେ ଶନିବାର ତାଲୁକ ଆଇନସେବା କମିଟି ପକ୍ଷରୁ ମନୋରୋଗୀଙ୍କ ସୁରକ୍ଷା ଓ ଆଇନଗତ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏମ୍‌ଏଫ୍‌ସି ତଥା ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ଡ. ତାରିଣୀ ପ୍ରସାଦ ସାହୁ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ମନୋସ୍ୱାସ୍ଥ୍ୟ ସମସ୍ୟା କୌଣସି ଲଜ୍ଜାର ବିଷୟ ନୁହେଁ। ସେମାନଙ୍କ ପ୍ରତି ସାମାଜିକ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ଠିକ୍ ସମୟରେ ଚିକିତ୍ସା ଯୋଗାଇଦେବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ପ୍ରଦ୍ୟୋଷ କୁମାର ପଣ୍ଡା ଯୋଗଦେଇ ମନୋରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସିଡିପିଓ ମଧୁମାଲା ବାଗ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପୁନାରାମ ସୋରେନ ମନୋରୋଗୀଙ୍କ ପାଇଁ ଥିବା ସରକାରୀ ଯୋଜନା, ସହାୟତା ଓ ଭତ୍ତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପିପି ପ୍ରିୟଙ୍କା ମାଝୀ, ଆଇନଜୀବୀ ତୁଳସୀରାମ ମାଝୀ ଓ ଦିଲୀପ କୁମାର ନାଏକ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଆଇନଜୀବୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୋର୍ଟର ବରିଷ୍ଠ କିରାଣୀ ଅଶୋକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ।

ଯୁବକଙ୍କ ମୃତଦେହ ଜବତ: ହତ୍ୟା ଅଭିଯୋଗ

ଧର୍ମଗଡ, ୧୯।୪ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅନ୍ତର୍ଗତ ନନ୍ଦଗାଁ ପଞ୍ଚାୟତ ବିରାମାଲ ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ଶନିବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ମୃତକ ଜଣକ ଉକ୍ତ ଗ୍ରାମର ବେଣୁଧର ନାଏକ(୩୫)। ବିଳମ୍ବିତ ରାତିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକ ଓ ପୋଲିସ ଉଦ୍ଧାର କରି ପ୍ରଥମେ ଧର୍ମଗଡ ଡାକ୍ତରଖାନା ଓ ପରବର୍ତ୍ତୀ ସମୟରେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ହିଁ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ସ୍ତ୍ରୀ ଏହା ଏକ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବା ଧର୍ମଗଡ ଥାନାରେ ଅଭିଯୋଗ କରିଛିଥି। ବେଣୁଧର ଗତ ୧୦ତାରିଖ ଅପରାହ୍ନ ସମୟରେ ନିଜ ଗାଁ ବିରାମାଲକୁ ଚାଷ କାମ କରିବାକୁ ଯାଇ ଫେରି ନ ଥିଲେ। ଫୋନରେ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା। ବିଳମ୍ବିତ ରାତିରେ ଗ୍ରାମର କେତେଜଣ ଡାକି ଧାରୁଆଅସ୍ତ୍ରରେ ହାତ ହାଣିବା ସହ ମୁହଁରେ ଆକ୍ରମଣ କରିମାରିଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ସୁଦର୍ଶନ ନାଏକ ପ୍ରକାଶ କରିଛନ୍ତି।

ଆମପାଣିଠାରେ ପର୍ଶୁରାମ ଜୟନ୍ତୀ



ପର୍ଶୁରାମ ଜନ୍ମୋତ୍ସବ ପାଇଁ ଶୋଭାଯାତ୍ରା କରାଯାଉଛି।

କୋକସରା,୧୯।୪
(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଆର୍‌ଏମ୍‌ସି (ଧାନମଣ୍ଡି) ଠାରେ ରବିବାର ବ୍ଲକ ବ୍ରାହ୍ମଣ ସମାଜ ତରଫରୁ ପର୍ଶୁରାମ ସେନା ଓ ପ୍ରଜ୍ଞା ବାହିନୀର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ଭଗବାନ ପର୍ଶୁରାମ ଜନ୍ମୋତ୍ସବ ପାଳନ କରାଯାଇଛି। ଏହି କ୍ରମରେ ଉତ୍ସବ ପାଳନ ପ୍ରାରମ୍ଭରେ ସ୍ଥାନୀୟ ସତସଙ୍ଗ କେନ୍ଦ୍ର ନିକଟରୁ ଘଣ୍ଟ, ସଂକୀର୍ତ୍ତନ ଦଳ ସହିତ ବିରାଟ ଶୋଭାଯାତ୍ରା ବାହାରି ସଭା ସ୍ଥଳରେ ପହଞ୍ଚିଥିଲେ। ଏହାପରେ ବ୍ରାହ୍ମଣ ସମାଜର ପୂର୍ବତନ ସଭାପତି ତ୍ରିନାଥ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜର ବରିଷ୍ଠ କର୍ମକର୍ତ୍ତା ତଥା ଶିଳ୍ପପତି ଜନାର୍ଦ୍ଦନ ପଣ୍ଡା ମୁଖ୍ୟ ଅତିଥି, କଳାହାଣ୍ଡି ଜିଲା ବ୍ରାହ୍ମଣ ସମାଜର ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ମୁଖ୍ୟବକ୍ତା, ପ୍ରଜ୍ଞାବାହିନୀ ଜିଲା ସଂଯୋଜିକା ସ୍ନେହଲତା ଷଡଙ୍ଗୀ, କୋକସରା ବ୍ଲକ ବ୍ରାହ୍ମଣ ସମାଜର ସଭାପତି ଶ୍ରୀମନ୍ତ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଅତିଥିମାନେ ଭଗବାନ ପର୍ଶୁରାମଙ୍କୁ ପୂଜାର୍ଚ୍ଚନା ପରେ ପ୍ରଜ୍ଞାବାହିନୀ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ବ୍ଲକ ବ୍ରାହ୍ମଣ ସମାଜ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ପ୍ରଜ୍ଞା ବାହିନୀ ସଭାପତି ସୀମନ୍ତିନୀ ପଣ୍ଡା, ସମ୍ପାଦିକା ବିଷ୍ଣୁ ପ୍ରିୟା ଠାକୁର, ବ୍ଲକ ପର୍ଶୁରାମ ସେନା ସଭାପତି ଗୋଦାବରୀଶ ପାତ୍ର, ସମ୍ପାଦକ ଈଶ୍ୱରୀ ପ୍ରସାଦ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ରକ୍ତଦାନ ଶିବିର, ୪୬ ୟୁନିଟ ସଂଗ୍ରହ

ଲାଞ୍ଜିଗଡ଼,୧୯।୪
(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁର ସ୍ଥିତ ଏକ ହୋଟେଲଠାରେ ଲାଞ୍ଜିଗଡ ସ୍ଥିତ ଓଏସଏଲ ଲାଞ୍ଜିଗଡ ଶାଖା ତରଫରୁ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ୭୩ ତମ ଜନ୍ମଦିନ ପାଳନ ଅବସରରେ ଓଡ଼ିଶା ବ୍ଲଡ଼ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବେଦାନ୍ତର ଲୋଜେଷ୍ଟିକ ଆଲୁମିନା ମୁଖ୍ୟ ଅଭିଷେକତିୱାରୀ ଓ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ ବେଦାନ୍ତ ରେଲୱେ ମୁଖ୍ୟ ସନ୍ତୋଷ କୁମାର ଗଉଡ଼ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ମା' ଭୈରବୀ ଟ୍ରକ ୟୁନିଅନର ସଭାପତି ଚନ୍ଦ୍ରଶେଖର ବେହେରା, ଉପ ସଭାପତି ବଟକୃଷ୍ଣ ପୃଷ୍ଟି ସମ୍ପାଦକ ଆୟୁବ ଖାନ, ଉପଦେଷ୍ଟା କମିଟିର ନବୀନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୪୬ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

ଫର୍ମ ନଂ. ୩
[ବିନିୟମ – ୧୫(୧)(କ) ଦେଖନ୍ତୁ]

ଅନାଦାୟ ଋଣ ଅସୁଲି ଅପିଲୀୟ ନ୍ୟାୟାଧିକରଣ, କୋଲକାତାଙ୍କ ଇଜିଲାସରେ

୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା-୭୦୦୦୦୧

ନିୟମିତ ଅପିଲ ସଂ. ୭/୨୦୨୬

ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ..... ଆବେଦନକାରୀ।

ବନାମ

ସିଦ୍ଧାନ୍ତ ନାରାୟଣ ସିଂହଦେଓ ଓ ଅନ୍ୟମାନେ ..... ପ୍ରତିବାଦୀଗଣ।

ପ୍ରାପ୍ତେଷୁ,

(୧) ସୌରେନ୍ଦ୍ର ନାରାୟଣ ସିଂହଦେଓ, ପିତା- ସ୍ୱର୍ଗତ ହୀରେନ୍ଦ୍ର ପ୍ରତାପ ସିଂହଦେଓ, ବାସସ୍ଥାନ- ପ୍ଲଟ୍ ନଂ.୭୩/ଏ, ଫରେଷ୍ଟ ପାର୍କ, ବାପୁଜୀ ନଗର, ୟୁନିଟ୍-୧, ଥାନା- କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) ଏବଂ ବର୍ତ୍ତମାନ ସି ୨-୯୦୧, ଡ ଲିଜେଣ୍ଡ, ସେକ୍ଟର ୫୭, ଗୁରୁଗାଓଁ, ହରିୟାଣା-୧୨୨୦୦୧ ପ୍ରତିବାଦୀ ସଂ. ୪

(୨) ଶିବାଙ୍ଗୀ ଯାଜୋଡ଼ିଆ, ସ୍ୱାମୀ- ଜୟ କୁମାର ଯାଜୋଡ଼ିଆ, ବାସସ୍ଥାନ- ବାଖରାବାଦ, କଟକ, ପିନ୍ ୭୫୩୦୦୨ ପ୍ରତିବାଦୀ ସଂ. ୫

(୩) ସଂଯୁକ୍ତା ଶାହ ଦେଓ, ସ୍ୱାମୀ- ଡା. କର୍ଣ୍ଣ ଅବତାର ଶାହ ଦେଓ, ପିତା- ହୀରେନ୍ଦ୍ର ପ୍ରତାପ ସିଂହଦେଓ, ସ୍ଥାୟୀ ବାସସ୍ଥାନ- ନୂଆପଡ଼ା ଷ୍ଟ୍ରୀଟ୍, ସ୍ଥାନ/ପୋଷ୍ଟ/ଥାନା: ଭବାନୀପାଟଣା, ଜିଲ୍ଲା- କଳାହାଣ୍ଡି, ପିନ୍ ୭୬୬୦୦୧ (ଓଡ଼

ତଦନ୍ତ ରିପୋର୍ଟ ଦେଲେ ଜିଲାପାଳ

ସୋନପୁର,୧୯।୪(ମୃତ୍ୟୁଞ୍ଜୟ ଶତପଥୀ)



- ଏମ୍‌ସିଏଚ୍‌ରେ ଚିକିତ୍ସା ଅବହେଳାରୁ ନବଜାତକର ମୃତ୍ୟୁ ଅଭିଯୋଗ
- ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ ସରକାର

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏମ୍‌ସିଏଚ୍ (ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର)ରେ ଚିକିତ୍ସା ଅବହେଳାରୁ ନବଜାତକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ତିନି ଜଣିଆ ବିଶେଷଜ୍ଞ ଡାକ୍ତର କମିଟି ଏହି ଘଟଣାର ତଦନ୍ତ କରିଥିଲେ। ଡାକ୍ତର ଦାଶ ଏହି ରିପୋର୍ଟକୁ ଜିଲାପାଳଙ୍କୁ ଗତ ୧୭ ତାରିଖରେ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ଚିକିତ୍ସା ଅବହେଳାରୁ ନବଜାତକଙ୍କ ମୃତ୍ୟୁ ଅଭିଯୋଗକୁ ଅସ୍ୱୀକାର କରାଯିବା ସହ ଭୁଲ ବୁଝାମଣାରୁ ଏଭଳି ହୋଇଥିବା, ଏପରିକି ଶିଶୁଙ୍କୁ ବାହାର କ୍ଷୀର ଦିଆଯିବାରୁ ଗଳା ସଂକ୍ରମଣ କାରଣରୁ ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଘଟଣାକୁ ଗୁରୁତ୍ୱର ସହ ନିଆ ଯାଇଥିଲା। ଶିଶୁ ମୃତ୍ୟୁର ସଠିକ୍ କାରଣ ନିର୍ଦ୍ଧାରଣ ପାଇଁ ତଦନ୍ତ କରି ସବିଶେଷ ବିବରଣୀ ଦେବା ନିମନ୍ତେ ଗତ ୧୮ ତାରିଖରେ ସୁବର୍ଣ୍ଣପୁର ଜିଲାପାଳଙ୍କୁ କୁହାଯାଇଥିଲା। ୨୦ ତାରିଖ ସୁଦ୍ଧା ତଦନ୍ତ ଶେଷ କରି ରିପୋର୍ଟ ଦେବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଥିଲା। ଜିଲାପାଳ ଡ. ସାହୁ ନିଜେ ଚିକିତ୍ସାଳୟକୁ ଯାଇ ନବଜାତକଙ୍କ ମା', ବାପା, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ସିଡିଏମ୍‌ଏଣ୍ଡପିଏଚ୍‌ଓ ଡାକ୍ତର ଦାଶ, ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶ, ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର କ୍ଷୀରୋଦ୍ର କୁମାର ମିଶ୍ରଙ୍କ ସହିତ ଆଲୋଚନା କରି ଶିଶୁ ମୃତ୍ୟୁର ସଠିକ୍ କାରଣ ସମ୍ପର୍କରେ ସବିଶେଷ ବିବରଣୀ ସଂଗ୍ରହ କରିଥିଲେ। ଜିଲାପାଳ ଡ. ସାହୁ ଉକ୍ତ ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବଙ୍କୁ ପଠାଇଥିବା ଜଣାପଡିଛି। ଏବେ ରାଜ୍ୟ ସରକାର ଦୋଷୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଓ ଏପରି ଦୁଃଖଦ ଘଟଣାର ନିବାରଣ ପାଇଁ କିଭଳି ପଦକ୍ଷେପ ନେଉଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି।

ଅଭିଯୋଗ ଅନୁଯାୟୀ, ବୌଦ୍ଧ ଜିଲା କଣ୍ଢାମାଳ ଥାନା ପତ୍ରାପାଲି ଗ୍ରାମର ସୁରେନ୍ଦ୍ର ନାଏକଙ୍କ ସ୍ତ୍ରୀ ଜୟନ୍ତୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଗତ ୧୩ ତାରିଖରେ ସୁବର୍ଣ୍ଣପୁର ପ୍ରସୂତୀକାଳିନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ତ୍ରୋପଚାର ପରେ ଜୟନ୍ତୀ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁପୁତ୍ରର ଓଜନ ୧କିଲୋ ୮୨୦ଗ୍ରାମ ଥିଲା। ଶିଶୁ ପୁତ୍ରର ଆବଶ୍ୟକତା ଠାରୁ କମ ଓଜନ ଥିବାରୁ ଦାୟିତ୍ୱରେ ଥିବା ଡାକ୍ତର ଉକ୍ତ ଶିଶୁକୁ ଏସ୍‌ଏନ୍‌ସିୟୁ(ସ୍ୱତନ୍ତ୍ର ଶିଶୁ ଯତ୍ନ ୟୁନିଟ୍)ରେ ଭର୍ତ୍ତି କରିବାକୁ ଲେଖିଥିଲେ। କିନ୍ତୁ କାର୍ଯ୍ୟରତ ସେବିକା ଡାକ୍ତରଙ୍କ ନିର୍ଦ୍ଦେଶକୁ ଅଣଦେଖା କରିଶିଶୁଙ୍କୁମା'ଙ୍କ ସହରଖି କିଛିଟୀକା ଦେଇଥିଲେ। ପର ଦିନ ଶିଶୁକୁ ପୁଣି ଟୀକା ଦେବା ପାଇଁ ନିଆ ଯାଇଥିଲା। ଶିଶୁକୁ ଏସ୍‌ଏନ୍‌ସିୟୁରେ ରଖିବାକୁ ଡାକ୍ତର ଲେଖିଛନ୍ତି, ତୁମେ କାହିଁକି ରଖିଲ ନାହିଁ ବୋଲି ଅନ୍ୟ ଜଣେ ସେବିକା ଶିଶୁଙ୍କ ମା' ଓ ବାପାଙ୍କୁ କହିଥିଲେ। ତେବେ ପରେ ଜ୍ୱର ହେବା ପରେ ଶିଶୁର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ସେବିକାଙ୍କ ଗୁରୁତର ଅବହେଳାରୁ ନବଜାତକ ଆଖି ବୁଜିଲେ ବୋଲି ଅଭିଯୋଗ କରିଥିଲେ। ଜିଲାପାଳଙ୍କୁ ଏସମ୍ପର୍କରେ ପଚାରିବାରୁ ସେ ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି।

ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ବୀରମହାରାଜପୁର,୧୯।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ପରିଚାଳନା କମିଟି ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ବିଷ୍ଣୁ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବ ବୈଠକର ବିବରଣୀକୁ ଦୃଢୀକରଣ କରାଯାଇଥିଲା। କମିଟି ସମ୍ପାଦକ ଇନ୍ଦ୍ରଜିତ ପରୁଆ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ବିଜୟ କୁମାର ତ୍ରିପାଠୀ ଆୟବ୍ୟୟ ବିବରଣୀ ଉପସ୍ଥାପନା କରିଥିଲେ। ବିଶେଷ ଭାବେ ଅକ୍ଷୟ ତୃତୀୟା, ସ୍ନାନପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ା ଯାତ୍ରା ଶୃଙ୍ଖଳିତଭାବେ ଆଲୋଚନା ହୋଇଥିଲା। ଏହା ସହିତ ଠାକୁରଙ୍କ ଅଳଙ୍କା, ରଥଚକ ନିର୍ମାଣ, ମନ୍ଦିର ରଙ୍ଗ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ବଳରାମ କାଣ୍ଡ, ରମାକାନ୍ତ ପୁରୋହିତ, ଲଳିତ କୁମାର କର, କୃଷ୍ଣଚନ୍ଦ୍ର ମଲ୍ଲିକ, ମାଗୁଣି ଦାସ, ମନ ରଞ୍ଜନ ତରିଆ, ଜନ୍ମେଶ୍ୱର ପ୍ରଧାନ, ପ୍ରକାଶ କୁମାର ହୋତା, ଯୁଗଳ କିଶୋର ମିଶ୍ର ଉପସ୍ଥିତ ଥିଲେ। ଶେଷରେ କମିଟି କାର୍ଯ୍ୟକାରୀ ସଭାପତି ଭୂଷଣ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସୁବର୍ଣ୍ଣପୁରରେ ସିଏମ୍ ଟ୍ରଫି ପାଇଁ ପ୍ରସ୍ତୁତି

ସୋନପୁର,୧୯।୪(ମୃତ୍ୟୁଞ୍ଜୟ ଶତପଥୀ)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ କ୍ରୀଡା ସଙ୍ଗଠକ।

ସୁବର୍ଣ୍ଣପୁର ସହର ସ୍ଥିତ ଗାନ୍ଧୀ ଷ୍ଟାଡିୟମରେ ଆସନ୍ତା ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ସିଏମ ଟ୍ରଫି ୨୦୨୬ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟର ମିନି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଏଥିରେ ଅଧକ୍ଷତା କରିଥିଲେ। ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ଏହାକୁ ପରିଚାଳନା କରିଥିଲେ। ବୈଠକରେ ସୋନପୁର ଉପଜିଲାପାଳ ଡ ସୌମ୍ୟରୂପା ରଥ, ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ କଲ୍ୟାଣୀ ବେହେରା, ଜିଲା କ୍ରୀଡା ସଂଘ ସମ୍ପାଦକ ପୀଯୁଷ କୁମାର ପଣ୍ଡା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଙ୍ଗୀ ବିଶ୍ୱନାଥ ଉପସ୍ଥିତ ଥିଲେ। ସିଏମ ଟ୍ରଫିରେ ଜିଲାର ସମସ୍ତ ୬ଟି ବ୍ଲକରୁ ଖେଳାଳିମାନେ ଅଂଶଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତାରେ ଭଲିବଲ ଓ ଖୋ-ଖୋ ୧୪ ବର୍ଷରୁ କମ୍ ଏବଂ କବଡ଼ି ୧୬ବର୍ଷରୁ କମ ବର୍ଗରେ ଆୟୋଜିତ ହେବ। ବୃଦ୍ଧି ପାଉଥିବା ତାପମାତ୍ରା ଓ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି କଡା ଏସ୍‌ଓପି ଅନୁସରଣ କରାଯିବ। ଖେଳଗୁଡ଼ିକୁ ପ୍ରାତଃକାଳୀନ ସମୟ ଏବଂ ଓ ଅପରାହ୍ନ ୪ଟା ପରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ବୈଠକରେ କ୍ରୀଡାର ସଫଳ ଆୟୋଜନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଲଜିଷ୍ଟିକ୍ସ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

ଶତ ପ୍ରତିଶତ ନମ୍ବର ରଖିଲେ କୁମାର ଅଭିନବ

ସୋନପୁର,୧୯।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପାଇଁ ସୁନାମ ଆଣିଲେ



କୁମାର ଅଭିନବ ମିଶ୍ର।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସରଗଜ ଗ୍ରାମର କୁମାର ଅଭିନବ ମିଶ୍ର ସିବିଏସଇ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ରଖିବା ସହ ଜିଲାର ଗୌରବ ବଢାଇଛନ୍ତି। ଏହା ଜଣାପଡିବା ପରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଫୋନ ଯୋଗେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ବଲାଙ୍ଗୀରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ -୨ରେ ଅଧ୍ୟୟନ କରୁଥିବା ବେଳେ ୫୦୦ରୁ ୫୦୦ନମ୍ବର(ଶତ ପ୍ରତିଶତ) ରଖିବା ସହ ନିଜର ବିଦ୍ୟାଳୟ ତଥା ଜିଲା ପାଇଁ ସୁନାମ ଆଣିଛନ୍ତି। ତରଭା ବ୍ଲକ ସରଗଜ ଗ୍ରାମର ଜ୍ୟୋସ୍ନାରାଣୀ ତ୍ରିପାଠୀ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କ ପୁଅ ହେଉଛନ୍ତି କୁମାର ଅଭିନବ। ସେ ଏହାର ସମସ୍ତ ଶ୍ରେୟ ସ୍କୁଲର ସମସ୍ତ ଶିକ୍ଷୟିତ୍ରି ଶିକ୍ଷକ ତଥା ତାଙ୍କୁ ପ୍ରେରଣା ଯୋଗାଇ ଥିବା ପରିବାର ବର୍ଗଙ୍କୁ ଦେଇଛନ୍ତି। ପ୍ରଶାନ୍ତ ବଲାଙ୍ଗୀରରେ ରହୁଥିବା ବେଳେ ସେ ତରଭା ବ୍ଲକ ସରଗଜ ପଞ୍ଚାୟତ ଅନ୍ତର୍ଗତ ଜୁରାବନ୍ଧ ୟୁପି ସ୍କୁଲରେ ଶିକ୍ଷକ ଅଛନ୍ତି। ଏବଂ ଜ୍ୟୋସ୍ନାରାଣୀ ବଲାଙ୍ଗୀର ଠିକାଦାରପଡ଼ା ୟୁପି ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରୁଛନ୍ତି।

ବିନିକାରେ ପର୍ଶୁରାମ ଜୟନ୍ତୀ ପାଳିତ

ବିନିକା,୧୯।୪ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବ୍ରହ୍ମ ସମାଜ ପକ୍ଷରୁ ରବିବାର ବିନିକା ଗଡଭିତର ଜଗନ୍ନାଥ ମନ୍ଦିରରେ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ଯଥାରୀତି ପୂଜାର୍ଚ୍ଚନା ପରେ ରଞ୍ଜିତ ପଣ୍ଡାଙ୍କୁ ପର୍ଶୁରାମ ବେଶରେ ଏକ ସୁସଜ୍ଜିତ ବିମାନରେ ବସାଇ ପରିକ୍ରମା କରାଯାଇଥିଲା। ଏଥିସହ ଏକ ବାଇକ ରାଲି ସିଂଘିୟୁବା, କମିରା ମୁଖ୍ୟ ରାସ୍ତା ଦେଇ ରାମପୁର, ବାଗଡିଆ ଛକ, ଅରିଗାଁ ରାସ୍ତା ଦେଇ ସିନ୍ଦୁରପୁରରେ ପହଞ୍ଚିଥିଲା। ଏହାପରେ ସିନ୍ଦୁରପୁର ଗୋପାଳଜୀ ମନ୍ଦିର ପରିସରରେ ବ୍ରହ୍ମ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲ। ଆୟୋଜିତ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବ୍ରହ୍ମ ସମାଜ ବିନିକା ବ୍ଲକ ସଭାପତି ସନ୍ତୋଷ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ସୁବର୍ଣ୍ଣପୁର ଜିଲା ସଭାପତି ଆଦିକନ୍ଦ ବାବୁ, ଆନ୍ତରାଷ୍ଟ୍ରୀୟ ସଭାପତି ଆର୍ତତ୍ରାଣ ପଣ୍ଡାଙ୍କ ସମେତ ବିନିକା, ଡୁଙ୍ଗୁରିପାଲି ଓ ଉଲୁଣ୍ଡା ବ୍ରହ୍ମ ସମାଜର ପାଞ୍ଚଶହରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ଏଥିରେ ସାମିଲ ଥିଲେ। ଶିକ୍ଷାବିତ୍ ହିମାଂଶୁ ଭୂଷଣ ପଣ୍ଡା ସଭା ପରିଚାଳନା କରିଥିଲେ। ଆସନ୍ତାବର୍ଷ ସିଲାଟି ଗ୍ରାମଠାରୁ ଶୋଭାଯାତ୍ରା ବାହାରି ଉଲୁଣ୍ଡା ବ୍ଲକକୁ ଯିବାପାଇଁ ନିଷ୍ପତ୍ତି ହୋଇଛି।

ବ୍ୟବଚ୍ଛେଦ ପରେ ଗାଁରେ ପହଞ୍ଚିଲା ମୃତଦେହ

ବୀରମହାରାଜପୁର,୧୯।୪(ଯୁଗଳ କିଶୋର ମିଶ୍ର)

ଗୁଳିମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟଣା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟ ଛକରେ ଗତ ଶୁକ୍ରବାର ରାତିରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ଚମ୍ପାମାଳର ବିକ୍ରମ ମହାରଣା(ବିକି)ଙ୍କ ମୃତ୍ୟୁ ଘଟିଥିଲା। ରବିବାର ଅପରାହ୍ନରେ ମୃତଦେହ ବୁର୍ଲାରୁ ବ୍ୟବଚ୍ଛେଦ ହୋଇ ପହଞ୍ଚିବା ପରେ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା। ସୂଚନାଥାଉକି ଗତ ୧୭ ତାରିଖ ରାତି ପ୍ରାୟ ୯ ଟାରେ ବିକ୍ରମ ଅନ୍ୟ କେତେକଙ୍କ ସହ ଏକ ପାନ ଦୋକାନରେ ବସିଥିବା ସମୟରେ ତାଙ୍କ ସାଥୀ ଶୁଭମ ପ୍ରୀତମ ହୋତାଙ୍କ ଗୁଳିରେ ଚଳି ପଡିଥିଲେ। ଅଦ୍ୟାବଧି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନାହିଁ।

ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଡୁଙ୍ଗୁରିପାଲି, ୧୯।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ହେବାକୁ ଥିବା ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ରବିବାର ବାବା କପିଳେଶ୍ୱର ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରଦୀପ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଗତବର୍ଷ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଆଲୋଚନା ହୋଇଥିଲା। ଚଳିତବର୍ଷ ଧୁମଧାମରେ ମହୋତ୍ସବ ପାଳନ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଜୁନ ୧୭ ତାରିଖ ବୁଧବାର ପତରପେଡିଁ, ୧୮ ତାରିଖ ଦେବ ନିମନ୍ତ୍ରଣ, ୧୯ ତାରିଖ ଗଣସନ, ହଳଦୀ, ବରାନୁଗମାନ ଓ ରାତ୍ରରେ ଶିବ ପାର୍ବତୀ ବିବାହ, ୨୦ ତାରିଖ ଶନିବାର କନ୍ୟା ବିଦାୟ କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ କନ୍ୟାପିତାଭାବେ ଜ୍ୟୋତିପ୍ରକାଶ ମିଶ୍ର ଓ ବରପିତାଭାବେ ହରିଶ ସାହୁ ଦାୟିତ୍ୱ ତୁଲାଇବେ। ଉପସଭାପତି ହୃଷୀକେଶ ସାହୁ, ସମ୍ପାଦକ ରୁଦ୍ରକିଶୋର ମହଲା, ସହସମ୍ପାଦକ ସୁବାଷ ପାତ୍ର, କୋଷାଧକ୍ଷ ହରିହର ଦତ୍ତା, ସଭ୍ୟ ଭୋଜରାଜ ଦଣ୍ଡସେନା, ସୁନିଲ କୁମାର ମିଉଲ, ଲକ୍ଷ୍ମଣ ମେହେର, ଉମାଶଙ୍କର ଭରାସାଗରିଆ, ମୁକୁନ୍ଦ ମେହେର, ବିପ୍ରଚରଣ ସାହୁ ରହିଛନ୍ତି।

ବରଘାଟକୁ ହରାଇ ଅମରପାଲି ଫାଇନାଲରେ



ଅମରପାଲିରେ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଅମରପାଲି,୧୯।୪(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ମହେନ୍ଦ୍ର ମାଝୀ ସ୍ମାରକୀ ରାତ୍ରିକାଳୀନ କ୍ରିକେଟ କପ ଶନିବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରାଣବନ୍ଧୁ ସାହୁ ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷତା କରିଥିଲେ। ଅମରପାଲି ହାଇସ୍କୁଲର ଖେଳଶିକ୍ଷକ କହ୍ନେଇ ଚରଣ ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷାବିତ୍ ମାଧବ ନାଏକ ସମ୍ମାନିତ ଅତିଥଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଦାଦରପାଲି ଓ ଗୁଡୁଗୁଦା ମଧ୍ୟରେ ହୋଇଥିଲା। ଏଥିରେ ଦାଦରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୪୯ ରନ କରିଥିଲା। ଜବାବରେ ଗୁଡୁଗୁଦା ଦଳ ଆବଶ୍ୟକ ୫୦ ରନକୁ ୫.୧ ଓଭରରେ ଗୋଟିଏ ଉଇକେଟ ବିନିମୟରେ ହାସଲ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବାରଘାଟ ଓ ବହଳପଦର ମଧ୍ୟରେ ହୋଇଥିଲା। ବରଘାଟ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୫ ଉଇକେଟ ହରାଇ ୬୩ ରନ କରିଥିଲା। ଜବାବରେ ବହଳପଦର ଦଳ ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୬୨ ରନ କରି ଗୋଟିଏ ରନରେ ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ ଚକାମୁଣ୍ଡା ଓ ମେଣ୍ଡିଲିପାଲି ମଧ୍ୟରେ ହୋଇଥିଲା। ଏଥିରେ ଚକାମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୪ ଉଇକେଟ ହରାଇ ୪୯ ରନ କରିଥିବା ବେଳେ ମେଣ୍ଡିଲିପାଲି ୪.୧ ଓଭରରେ ୩ ଉଇକେଟ ହରାଇ ୫୦ରନ କରି ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ ବରଘାଟ ଓ ଗୁଡୁଗୁଦା ମଧ୍ୟରେ ହୋଇଥିଲା। ଏଥିରେ ବରଘାଟ ୬ ଓଭରରେ ୫ ଉଇକେଟ ହରାଇ ୬୧ ରନ କରିଥିଲା। ଜବାବରେ ଗୁଡୁଗୁଦା ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୪୦ ରନ କରି ପରାସ୍ତ ହୋଇଥିଲା। ପଞ୍ଚମ ମ୍ୟାଚ ଅମରପାଲି ଓ ଜନକପୁର ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ୬ ଓଭରରେ ୨ ଉଇକେଟ ହରାଇ ୭୪ ରନ କରିଥିଲା। ପ୍ରତିଉତ୍ତରରେ ଜନକପୁର ନିର୍ଦ୍ଧାରିତ ଓଭରରେ ୩୩ ରନ କରି ପରାସ୍ତ ହୋଇଥିଲା। ଷଷ୍ଠ ମ୍ୟାଚ ମେଣ୍ଡିଲିପାଲି ଓ ଅମରପାଲି ମଧ୍ୟରେ ହୋଇଥିଲା। ମେଣ୍ଡିଲିପାଲି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ସମସ୍ତ ଉଇକେଟ ହରାଇ ୪୪ ରନ କରିଥିଲା। ଜବାବରେ ଅମରପାଲି ୪.୨ ଓଭରରେ ୪୫ ରନ କରି ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲ ଅମରପାଲି ଓ ବରଘାଟ ମଧ୍ୟରେ ହୋଇଥିଲା। ଏଥିରେ ବରଘାଟ ପ୍ରଥମେ ବ୍ୟାଟିଂ କରି ୬

ମଦ ଡିପୋରେ ଭଙ୍ଗାରୁଜା କଲେ ମହିଳା

ବାଲିଶଙ୍କରା,୧୯।୪
(ହୃଦାନନ୍ଦ ବାରିକ)

ତଲସରା ଥାନା ଅନ୍ତର୍ଗତ ସରକାରୀ ସ୍ୱୀକୃତିପ୍ରାପ୍ତ ବାଲିଶଙ୍କରା ମଦଭାଟିର ଟୁମୁଲିଆ ଭୂଖନପଡ଼ା ମଦ ଡିପୋକୁ ଭୂଖନପଡାର ମହିଳାମାନେ ଭଙ୍ଗାରୁଜା କରିଛନ୍ତି। ମଦଭାଟିର ସହ ପରିଚାଳକ ଓ ୩ ଜଣ ସହଯୋଗୀଙ୍କୁ ଜୀବନରୁ ମାରି ଦେବାର ଧମକ ଦେଇଥିବା ନେଇ ବାଲିଶଙ୍କରା ମଦଭାଟିର ସହ ପରିଚାଳକ ସଞ୍ଜିତ ଯାଦବ ତଲସରା ଥାନାରେ ଅଭିଯୋଗ କରିଛନ୍ତି।

ଗତ ଶନିବାର ଅପରାହ୍ନ ୫ଟାରେ ମଦଭାଟିର ସହ ପରିଚାଳକ ସଞ୍ଜିତ ଯାଦବ ଓ ତାଙ୍କ ୩ ଜଣ ସହଯୋଗୀ ଟୁମୁଲିଆ ଭୂଖନପଡା ମଦ ଡିପୋରେ ଥିଲେ। ଏହି ସମୟରେ ଟୁମୁଲିଆ ଭୂଖନପଡାର ମହିଳା ସରସ୍ୱତୀ ଧୁରୁଆ, ସରୋଜିନୀ ବାର୍ଲା, ସାବିତ୍ରୀ ଧୁରୁଆ, ଯାବତି ଧୁରୁଆ, ସୀମା ଧୁରୁଆ, ରଞ୍ଜିତା ପ୍ରଧାନ, ପାର ଟପ୍ପୋ ମଦ ଭାଟି ଡିପୋକୁ ଆସି ସଞ୍ଜିତ ଯାଦବ ଓ ତାଙ୍କ ୩ ଜଣ ସହଯୋଗୀଙ୍କୁ ମାଡ ମାରି ମଦ ଡିପୋକୁ ଫୋପାଡ଼ି ଦେବାର ଧମକ ଦେଇଥିଲେ। ପରେ ସଞ୍ଜିତ ଯାଦବ ଓ ତାଙ୍କ ୩ ଜଣ ସହଯୋଗୀଙ୍କୁ ମାଡ଼ ମାରି ଡିପୋରେ ତାଲା ପକାଇ ଦେଇଥିଲେ। କିଛି ସମୟ ପରେ ତାଲା ଖୋଲି ମହିଳାମାନେ ସେଠାରୁ ଚାଲି ଯାଇଥିଲେ। ପୁଣି ରବିବାର ସକାଳେ ସେହି ମହିଳାମାନେ ଆସି ମଦଭାଟି ବନ୍ଦ କରି ଜିନିଷପତ୍ର ନେଇ ଚାଲିଯାଅ ନଚେତ ମଦ ଭାଟି ଡିପୋକୁ ବନ୍ଦ କରି ତାଲା ମାରିଦେବୁ ବୋଲି କହିଥିଲେ। ଏହି ଘଟଣାକୁ ନେଇ ସଞ୍ଜିତ ଯାଦବ ତଲସରା ଥାନାରେ ଅଭିଯୋଗ କରିବା ପାଇଁ ଯାଇଥିବାବେଳେ ମହିଳାମାନେ ମଦ ଡିପୋ ଘରର ଆଇବେଷ୍ଟସ, ୨ଟି ଗେଟକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। ସଞ୍ଜିତଙ୍କ ସହଯୋଗୀ ମଦ ଭାଟିରେ ଥିବା ପପ୍ପୁ ସିଂହ ଓ ଅଶ୍ୱିନ ତ୍ରିପାଠୀ ଥିବା ସମୟରେ ଧମକ ଦେବା ସହ ଭଙ୍ଗାରୁଜା କରିଥିଲେ। ଆଉ ଥରେ ଆସିଲେ ମଦ ଡିପୋର ଘର ସମ୍ପୂର୍ଣ୍ଣ ଭାଙ୍ଗି ତୁମମାନଙ୍କୁ ଜୀବନରୁ ମାରି ଦେବୁ ବୋଲି ମହିଳାମାନେ କହିଥିବା ନେଇ ସଞ୍ଜିତ ଥାନାରେ ଅଭିଯୋଗ କରିଛନ୍ତି।

କୃତୀ କ୍ରୀଡ଼ାବିତ୍‌ଙ୍କୁ ୪୦ ସ୍ୱର୍ଣ୍ଣ , ୫୦ ରୌପ୍ୟ, ୬୦ କାଂସ୍ୟ ପଦକ



ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ସୁନ୍ଦରଗଡ଼,୧୯।୪
(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ର ଭବାନୀ ଭବନ ଷ୍ଟାଡିୟମରେ ଉଜ୍ଜଳ କରାଟେ ସ୍କୁଲର କରାଟେ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଥିଲା। ଗଣେଶ ଚନ୍ଦ୍ର ବେହେରାଙ୍କ ମାର୍ଗଦର୍ଶନରେ ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୬୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କର ଦକ୍ଷତା, ଶୃଙ୍ଖଳା ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୪୦ଟି ସ୍ୱର୍ଣ୍ଣ ଏବଂ ୫୦ ଟି ରୌପ୍ୟ ପଦକ ଏବଂ ୬୦ଟି କାଂସ୍ୟ ପଦକ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ ଯୋଗଦେଇ କୃତୀ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରିଥିଲେ। ସେନସାଇ ତଥା ଜାତୀୟ ରେଫରି ଦେବାଶିଷ କବି, ସେନସାଇ ରାକେଶ କୁମାର, ସେନସାଇ ପ୍ରଫୁଲ କୁମାର ନାୟକ, ସେନସାଇ ସାକିଆ ପରୱିନ, ସେନସାଇ ସ୍ୱପ୍ନିକା ରାଣୀ ପଣ୍ଡା, ସେନସାଇ ତୁଷାର ବେହେରା, ସେନସାଇ ସରୋଜ ଏବଂ ସେନସାଇ ଜୟ ମହାନନ୍ଦିଆଙ୍କ ସମେତ ଉତ୍ସର୍ଗୀକୃତ ପ୍ରଶିକ୍ଷକଙ୍କ ସହାୟତାରେ ଏହି ଇଭେଣ୍ଟ ସୁଗମ ଭାବରେ ପରିଚାଳିତ ହୋଇଥିଲା।

ସୁନ୍ଦରଗଡ଼ରେ କରାଟେ ଟୁର୍ନାମେଣ୍ଟ

ବିଶ୍ୱ ଐତିହ୍ୟ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଅଧ୍ୟାପକ ଓ ଛାତ୍ରୀଛାତ୍ର।

ସୁନ୍ଦରଗଡ଼,୧୯।୪
(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ବିଶ୍ୱ ଐତିହ୍ୟ ଦିବସ ଶନିବାର ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ବବିତା ଭିତ୍ରିଆ ସଭାପତିତ୍ୱ କରି ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଆମ ଐତିହ୍ୟ ସ୍ଥଳୀଗୁଡ଼ିକର ସୁରକ୍ଷା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ କିଞ୍ଜିର୍ମା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ଚୌଧୁରୀ ଯୋଗଦେଇ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଐତିହାସିକ ସ୍ଥଳୀ ସମ୍ପର୍କରେ ତଥ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଇତିହାସ ପ୍ରଫେସର ଡା. ସରୋଜ କୁମାର ପଟେଲ ଏବଂ ଦର୍ଲପାଲି କଲେଜର ଅଧ୍ୟକ୍ଷ ଡା. ସୁରେଶ ପାଣ୍ଡେ ଯୋଗଦେଇ ଭାରତର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟ ସ୍ଥଳୀ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଡା. ଜୟଶଙ୍କର ନାଏକ ଐତିହ୍ୟ ସଂଜ୍ଞା ଓ ପ୍ରକାର ଭେଦ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

ବସ୍ ଦୁର୍ଘଟଣାରେ ପଥଚାରୀ ମୃତ

କୁଆଁରମୁଣ୍ଡା,୧୯।୪
(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ରାମପାଲ ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେବାରୁ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝୁମଝରିଆ ପଞ୍ଚାୟତ ଲାସେ ଗ୍ରାମର ସନିକା ଖାଲଖୋ(୫୫)। ଶୁକ୍ରବାର ସନ୍ଧ୍ୟାରେ ରାଉରକେଲାରୁ ବୀରମିତ୍ରପୁର ଯାଉଥିବା ଏକ ଯାତ୍ରୀବାହୀ ବସ୍ ଧକ୍କା ଦେବାରୁ ସନିକା ଖାଲଖୋ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ବୀରମିତ୍ରପୁର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗକୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଅଟକ ରଖିଛି। ଘଟଣାର ୪୮ ଘଣ୍ଟା ପରେ ମଧ୍ୟ ପୋଲିସ ବସ ଚାଳକଙ୍କୁ ଧରିପାରି ନାହିଁ।

ସୁନା ଅଳଙ୍କାର, ଟଙ୍କା ଚୋରି

କୁତ୍ରା,୧୯।୪ (ଦେବାଶିଷ ସାହୁ)

କୁତ୍ରା ଚୁନିପଡା ଗ୍ରାମର ବ୍ୟବସାୟୀ ଅବକାଶ ଦାସଙ୍କ ଘରୁ ରବିବାର ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି କରି ଫେରାର ହୋଇଯାଇଛନ୍ତି। ଅବକାଶ କାମ ସମ୍ପର୍କରେ ବୁର୍ଲାରେ ଶ୍ୱଶୁର ଘରକୁ ଯାଇଥିବା ବେଳେ ତାଙ୍କ ସାନ ଭାଇ ରମେଶ ଦାସ ରାଜଗାଙ୍ଗପୁରକୁ ଯାଇଥିଲେ। ଏହି ସୁଯୋଗର ଫାଇଦା ଉଠାଇ ଦୁର୍ବୃତ୍ତମାନେ ଘର ପଛପଟ ପାଚେରି ଡେଇଁ ଘରର ତାଲା କାଟି ଭିତରକୁ ପ୍ରବେଶ କରିଥିଲେ। ଆଲମିରା ଭାଙ୍ଗି ସେଥିରେ ରଖାଯାଇଥିବା ପ୍ରାୟ ୭ରୁ ୮ ଲକ୍ଷ ଟଙ୍କା ନଗଦ ସହ ୧୦ ଭରି ସୁନା ନେଇଯାଇଥିଲେ। ସନ୍ଧ୍ୟାରେ ରମେଶ ଘରକୁ ଆସି ଚୋରି ହୋଇଥିବା ଜାଣି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

ବିଦ୍ୟୁତ୍ ତାର ଚୋରି ଘଟଣା, ଅଭିଯୁକ୍ତ ଗିରଫ

ବନ୍ଧମୁଣ୍ଡା,୧୯।୪(ସୁବ୍ରତ ଦେ)

ବନ୍ଧମୁଣ୍ଡା ରେଲୱେ କଲୋନିରେ ଗତ କିଛି ମାସ ଧରି ବିଦ୍ୟୁତ୍ ତାର ଚୋରି ହେଉଥିଲା। ଏହି ଘଟଣାରେ ବନ୍ଧମୁଣ୍ଡା ପୋଲିସ ରବିବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଯାଇଛି। ସେ ହେଲେ ରାଉରକେଲା ସେକ୍ଟର-୨ ଅଞ୍ଚଳର ଖରିଆ ବାହାଲ ବସ୍ତିର ବାସିନ୍ଦା ରାଜେନ୍ଦ୍ର ବାଗ (୩୫)। ରାଜେନ୍ଦ୍ରଙ୍କ ପାଖରୁ ପ୍ରାୟ ୧୦ କିଲୋଗ୍ରାମ ତମ୍ବା ତାର ଜବତ କରାଯାଇଛି। ବନ୍ଧମୁଣ୍ଡା ରେଲୱେ କଲୋନିରେ ଗତ କିଛି ମାସ ଧରି ଯେତେ ତାର ଚୋରି ହୋଇଛି ସେଥିରେ ଅଭିଯୁକ୍ତ ରାଜେନ୍ଦ୍ର ଜଡ଼ିତ ଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

ନିଆଁରେ ପୋଡ଼ି ହୋଇ ଶିଶୁକନ୍ୟା ମୃତ

ସୁନ୍ଦରଗଡ,୧୯।୪
(ଜୟ ନାରାୟଣ ମେଣ୍ଟୁଳି)

ସଦର ଥାନା ବଳଦମାଲ ମୁଣ୍ଡାପଡ଼ା ଗ୍ରାମରେ ନିଆଁରେ ପୋଡ଼ି ହୋଇ ଗୁରୁତର ଜଣେ ୩ବର୍ଷୀୟ ଶିଶୁକନ୍ୟାଙ୍କ ଗତ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ତାରିକା ମୁଣ୍ଡା। ଗତ ମାସ ୨୬ତାରିଖରେ ଶିଶୁକନ୍ୟା ଜଣକ ନିଆଁରେ ପୋଡି ହୋଇ ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା କରାଇ ଘରକୁ ଆଣିଥିଲେ। ଶନିବାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ସଦର ଥାନା ପୋଲିସ ଏକ ଅପମୃତ୍ୟୁ (ନଂ.୨୧/୨୬) ମାମଲା ରୁଜୁ କରିଛି।

ବଡ଼ଗାଁରେ ପର୍ଶୁରାମ ଜୟନ୍ତୀ ପାଳିତ



ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।

ବଡ଼ଗାଁ,୧୯।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ଦେବ ମଣ୍ଡପଠାରେ ରବିବାର ବଡ଼ଗାଁ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଛି। ବ୍ରାହ୍ମଣ ସମାଜର ସଭାପତି ପରମାନନ୍ଦ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମାଜର ବିଭିନ୍ନ ଗ୍ରାମର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ସକାଳେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ର ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କଲାପରେ ଦେବ ମଣ୍ଡପଠାରେ ରୀତିନୀତି ଅନୁସାରେ ହୋମଯଜ୍ଞ ସହ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ସମାଜର ଉପ ସଭାପତି ହରେକୃଷ୍ଣ ପୁରୋହିତ, ସତ୍ୟବାନ ବିଶି, ସମ୍ପାଦକ ସୌରଭ ପଣ୍ଡା, ପୂର୍ବତନ ସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ସତ୍ୟନାରାୟଣ ନାୟକ,ସୁଧୀର ବିଶି ପ୍ରମୁଖ ଯୋଗଦେଇଥିଲେ।

ଆର୍‌ଏସ୍‌ପି କ୍ୱାର୍ଟରରୁ ଚୋରି ଉଦ୍ୟମ

ରାଉରକେଲା,୧୯।୪
(ସଙ୍ଗୀତା ଜେନା)

ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ବି' ବ୍ଲକର ଏକ ବନ୍ଦ ଘରୁ କିଛି ଦୁର୍ବୃତ୍ତ ଚୋରି ଉଦ୍ୟମ କରିବା ସମୟରେ ଘର ମାଲିକଙ୍କ ସହ ମୁହାଁମୁହିଁ ହୋଇଥିବା ସୂଚନା ମିଳିଛି। ଘର ମାଲିକ ଥାନା ଦ୍ୱାରସ୍ଥ ହୋଇ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ତଦନ୍ତ କରୁଛି। ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନା ଅନୁଯାୟୀ, ବି' ବ୍ଲକରେ ଜଣେ ଆର୍‌ଏସ୍‌ପି କାରଖାନା କର୍ମଚାରୀ ରୁହନ୍ତି। ସେ କିଛିଦିନରୁ ତାଙ୍କ ପୈତୃକ ଗ୍ରାମକୁ ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ଅନ୍ୟ ଜଣେ ପରିଚିତ ଲୋକ ତାଙ୍କ ଘରକୁ ଶୋଇବାକୁ ଆସୁଥିଲେ। ଶନିବାର ରାତିରେ ଉକ୍ତ ବ୍ୟକ୍ତି ଘର ଖୋଲିବା ସମୟରେ କିଛି ଦୁର୍ବୃତ୍ତ ଚୋରି ଉଦ୍ୟମ କରୁଥିବା ଦେଖାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ଦେଖି ଉକ୍ତ ଦୁର୍ବୃତ୍ତମାନେ ସାମଗ୍ରୀ ନ ନେଇ ଫେରାର ହୋଇଯାଇଥିଲେ।

ଚଳନ୍ତା କାର୍‌ରେ ଲାଗିଲା ନିଆଁ, ବର୍ତ୍ତିଲେ ୧୦ ଛାତ୍ର

କୁତ୍ରା,୧୯।୪(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଦେଇମୁଣ୍ଡା ନିକଟରେ ରବିବାର ସନ୍ଧ୍ୟାରେ ଏକ ଚଳନ୍ତା କାର୍‌ରେ ନିଆଁ ଲାଗି ଯାଇଥିଲା। ଏଥିରୁ ଅଳ୍ପକେ ୧୦ ଛାତ୍ର ବର୍ତ୍ତିଯାଇଛନ୍ତି । ପରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। କିରିଙ୍ଗସିରା ଉଚ୍ଚ ବିଦ୍ୟାଳୟର ୧୦ ଛାତ୍ର ରାଉରକେଲାକୁ ଭଲିବଲ ଖେଳିବାକୁ ଯାଇଥିଲେ। ସେଠାରୁ ବିଜୟୀ ଟ୍ରଫି ଧରି ଫେରିବା ସମୟରେ କନ୍ଦେଇମୁଣ୍ଡା ନିକଟରେ ଗାଡ଼ି ଭିତରୁ ଧୂଆଁ ବାହାରିଥିଲା ଓ ହଠାତ୍ ଫୁତୁଫୁତୁ ହୋଇ ଜଳିଯାଇଥିଲା । ଗାଡ଼ିରେ ଥିବା ସମସ୍ତେ ଚିତ୍କାର କରି ଓହ୍ଲାଇ ପଡ଼ିଥିଲେ ଏବଂ ବଡ଼ ବିପଦରୁ ରକ୍ଷା ପାଇଯାଇଥିଲେ। ତେବେ ଗାଡ଼ିରେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଶର୍ଟ ସର୍କିଟରୁ ଏହି ନିଆଁ ଲାଗିଥିବା କୁହାଯାଉଛି।

ଏତୋଙ୍କ ସ୍ମୃତିରେ ଶହୀଦ ଦିବସ ପାଳନ

ବନ୍ଧମୁଣ୍ଡା (ସୁବ୍ରତ ଦେ)

ଜମି ଓ ଅଧିକାର ପାଇଁ ପ୍ରାଣ ହରାଇ ଥିବା ବରକାନି ଗାଁର ଆଦିବାସୀ ଯୁବକ ଶହୀଦ ଏତୋ ଏକ୍କାଙ୍କର ପ୍ରଥମ ବାର୍ଷିକୀ ଅବସରରେ ରବିବାର ସ୍ଥାନୀୟ ବିସ୍ଥାପିତ ଗ୍ରାମବାସୀମାନେ ଶହୀଦ ଦିବସ ପାଳନ କରିଛନ୍ତି। ଏହି ଅବସରରେ ଗ୍ରାମବାସୀମାନେ ଏତୋ ଏକ୍କାଙ୍କର ତ୍ୟାଗ, ସାହସ ଓ ସଂଘର୍ଷକୁ ସ୍ମରଣ କରି କହିଛନ୍ତି, ତାଙ୍କର ଅବଦାନ ଆଦିବାସୀ ସମାଜର ହୃଦୟରେ ସଦାସର୍ବଦା ଅମର ରହିବ। ଉଲ୍ଲେଖନୀୟ ଯେ, ଗତ ବର୍ଷ ଏପ୍ରିଲ ୧୯ ତାରିଖରେ ବରକାନି ଗାଁରେ ରାଉରକେଲା ଇସ୍ପାତ କାରଖାନାର ରେଳ ଲାଇନ ନିର୍ମାଣକୁ ନେଇ ଗ୍ରାମବାସୀ ଓ ଜିଲା ପ୍ରଶାସନ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ସେହି ସମୟରେ ଏତୋ ଏକ୍କାଙ୍କ ମୃତ୍ୟୁ ଘଟିଥିଲା ; ଯାହାକୁ ଆଧାର କରି ଶହୀଦ ଦିବସ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ବରକାନି, ଡୁମେରତା, ରେଙ୍ଗାଲି, ଟାଙ୍ଗରମୁଣ୍ଡା, ଝାଡ଼ବେଡ଼ା, ଜାରାଟୋଲି, ଆର୍‌ଏସ୍ କଲୋନି, ଝିରପାଣି ଓ ପୋଗରା ବାହାଲ ଭଳି ଅନେକ ଗାଁରୁ ବହୁ ସଂଖ୍ୟକ ବିସ୍ଥାପିତ ଯୋଗଦେଇଥିଲେ।

ମାତା ପୂଜା ଅବସରରେ ଭଣ୍ଡାରା

ବନ୍ଧମୁଣ୍ଡା,୧୯।୪ (ସୁବ୍ରତ ଦେ)

ବନ୍ଧମୁଣ୍ଡା ବି-ସେକ୍ଟରଠାରେ ଚାଲିଥିବା ମାତା ପୂଜା ଅବସରରେ ରବିବାର ପୂଜା କମିଟି ପକ୍ଷରୁ ଭବ୍ୟ ଭଣ୍ଡାରାର ଆୟୋଜନ କରାଯାଇଥିଲା। ତେଲୁଗୁ ସମ୍ପ୍ରଦାୟଙ୍କ ଦ୍ୱାରା ଆୟୋଜିତ ଏହି ପୂଜା ଏବେ ଧାର୍ମିକ ଉତ୍ସାହ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଛି।ପୂଜାର ସପ୍ତମ ଦିନରେ ଆୟୋଜିତ ଏହି ଭଣ୍ଡାରାରେ ବହୁ ସଂଖ୍ୟକ ଭକ୍ତମାନେ ଭାଗ ନେଇ ପ୍ରସାଦ ଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଯେ, ଏହି ମାତା ପୂଜା ଆସନ୍ତା ୨୨ ତାରିଖରେ ସମାପ୍ତ ହେବ। ପ୍ରତିଦିନ ଏଠାରେ ଭକ୍ତମାନଙ୍କ ଭିଡ଼ ଲାଗି ରହୁଛି।

BHUBANESWAR DEVELOPMENT AUTHORITY
Akash Shova Building, Sachivalaya Marg, Bhubaneswar-751001
Visit us at : http://www.bda.gov.in

No.13001/224/2627
INVITATIONS FOR BIDS (IFB)
Bid Identification No. 250 Dated. 17.04.2026

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in **double cover system** conforming to the Detailed Tender Call Notice (DTCN) from Electrical Contractors having **valid HT license** registered under Government of Odisha, having PAN and valid EPF & ESI registration No., GST Registration Certificate for the item of work mentioned in the table below.

Sl No	Name of work	Estimated Cost (In Rs)	EMD (In Rs)	Cost of Tender Paper (In Rs)	Period of Completion
(1)	(2)	(3)	(4)	(5)	(6)
1.	Provision of permanent power supply to the Playground at Govt. High School, Saheednagar, Bhubaneswar	6,89,134.00	1% of the estimated cost put to tender. (Through online transfer by the last date & time for receipt of bids)	4,000/- + GST@18% (Through online transfer by the last date & time for receipt of bids)	30 (Thirty) days
2.	Provision of permanent power supply to the Playground at Laxmisagar High School, Laxmisagar, Bhuabneswar	6,72,841.00	1% of the estimated cost put to tender. (Through online transfer by the last date & time for receipt of bids)	4,000/- + GST@18% (Through online transfer by the last date & time for receipt of bids)	30 (Thirty) days
3.	Provision of permanet power supply to the Playground at Rajdhani College, Baramunda, Bhubaneswar	5,97,446.00	1% of the estimated cost put to tender. (Through online transfer by the last date & time for receipt of bids)	4,000/- + GST@18% (Through online transfer by the last date & time for receipt of bids)	30 (Thirty) days

2. The Bid documents will be available in the website : **https://tendersodisha.gov.in** from **Dtd.22.04.2026** to **Dtd.07.05.2026** up to **17.00 Hours.**
3. Bids along with cost of tender paper and EMD (Bid Security) shall be received only **"On Line"** on or before **Dtd.07.05.2026** up to **17.00 Hours**. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website : https://tendersodisha.gov.in

OIPR-13001/13033/1/26-27/0012 Sd./- Executive Engineer, Division-IV, BDA

ଫର୍ମ ନଂ. ୩
[ବିନିୟମ – ୧୫(୧)(କ) ଦେଖନ୍ତୁ]
ଅନାଦାୟ ଋଣ ଅସୁଲି ଅପିଲୀୟ ନ୍ୟାୟାଧିକରଣ, କୋଲକାତାଙ୍କ ଇଜିଲାସରେ
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା-୭୦୦୦୦୧
ନିୟମିତ ଅପିଲ ସଂ. ୭/୨୦୨୬
ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ..... ଆବେଦନକାରୀ।
ବନାମ
ସିଦ୍ଧାନ୍ତ ନାରାୟଣ ସିଂହଦେଓ ଓ ଅନ୍ୟମାନେ ..... ପ୍ରତିବାଦୀଗଣ।
ପ୍ରାପ୍ତେଷ୍ଟୁ,
(୧) ସୌରେନ୍ଦ୍ର ନାରାୟଣ ସିଂହଦେଓ, ପିତା- ସ୍ୱର୍ଗତ ହୀରେନ୍ଦ୍ର ପ୍ରତାପ ସିଂହଦେଓ, ବାସସ୍ଥାନ- ପ୍ଲଟ୍ ନଂ.୭୩/ଏ, ଫରେଷ୍ଟ ପାର୍କ, ବାପୁଜୀ ନଗର, ୟୁନିଟ୍-୧, ଥାନା- କ୍ୟାପିଟାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) ଏବଂ ବର୍ତ୍ତମାନ ସି ୨-୯୦୧, ଦ ଲିଜେଣ୍ଡ, ସେକ୍ଟର ୫୬, ଗୁଡ଼ଗାଓଁ, ହରିୟାଣା-୧୨୨୦୦୧ ପ୍ରତିବାଦୀ ସଂ. ୪
(୨) ଶିବାଙ୍ଗୀ ଯାଜୋଡ଼ିଆ, ସ୍ୱାମୀ- ଜୟ କୁମାର ଯାଜୋଡ଼ିଆ,

ଟ୍ରମା କେୟାର କେନ୍ଦ୍ରରେ ମିଳୁନି ଚିକିତ୍ସା ସେବା

ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ହସ୍ପିଟାଲ
୪ ବର୍ଷରେ ଘଟିଛି ୧୦୨୦ ଦୁର୍ଘଟଣା

ରାଜ୍ୟ ସରକାର ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏପରି କି ହସ୍ପିଟାଲର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ହେଲେ କେତେକ କ୍ଷେତ୍ରରେ ରୋଗୀମାନେ ଏହାର ସୁଫଳ ପାଉନାହାନ୍ତି। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ଝାରସୁଗୁଡ଼ା ସଦର ହସ୍ପିଟାଲରେ। ଏଠାରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୨୦୨୪ ମାର୍ଚ୍ଚରେ ୧୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଟ୍ରମା କେୟାର କେନ୍ଦ୍ର ଉଦ୍‌ଘାଟନ ହୋଇଥିଲା। କିନ୍ତୁ ବିଶେଷଜ୍ଞ ଡାକ୍ତର ଓ କର୍ମଚାରୀଙ୍କ ଅଭାବରୁ ଏହା ଏବେ ନାମକୁ ମାତ୍ର କାର୍ଯ୍ୟ କରୁଛି। ଟ୍ରମା କେୟାର କେନ୍ଦ୍ରରେ ନ୍ୟୁରୋସର୍ଜନ କିମ୍ବା ପ୍ଲାଷ୍ଟିକ୍ ସର୍ଜନ ନାହାନ୍ତି। ତେଣୁ ସ୍ନାୟବିକ ସମସ୍ୟା କିମ୍ବା ଗୁରୁତର ରୋଗୀଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଛି। ଫଳରେ ଚିକିତ୍ସାରେ ବିଳମ୍ବ ହେତୁ ରୋଗୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଶିଳ୍প ଓ ଖଣି ସମୃଦ୍ଧ ଝାରସୁଗୁଡ଼ା ଜିଲାରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ଏନ୍‌ଏଚ୍-୪୯ ଏବଂ ବିଜୁ ଏକ୍ସପ୍ରେସ ୱେ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ପରିଣତ ହୋଇଛି। ବିଶେଷକରି ପ୍ରସନ୍ନ ପଣ୍ଡା ଛକରୁ ଖେରୁଆଲ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ୱେରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଝାରସୁଗୁଡ଼ା ସଦର, ବଡ଼ମାଲ ଏବଂ ବ୍ରଜରାଜନଗର ଥାନା ଅଞ୍ଚଳରେ ସର୍ବାଧିକ ଦୁର୍ଘଟଣା ଘଟୁଥିବା ଜଣାପଡିଛି। ସହରର ପ୍ରମୁଖ ଛକରେ ଆଲୋକ ଅଭାବ, ଗୋରୁଙ୍କ ପ୍ରାଦୁର୍ଭାବ ଏବଂ ପୋଲିସ ପାଟ୍ରୋଲିଂର ଶିଥିଳତା ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀମାନେ ମତପ୍ରକାଶ କରିଛନ୍ତି। ଜିଲାରେ ୨୦୨୨ରୁ ୨୦୨୫ ମଧ୍ୟରେ ୧୦୨୦ ଦୁର୍ଘଟଣା ଘଟିଥିବା ସଡ଼କ ଦୁର୍ଘଟଣା ରିପୋର୍ଟରୁ ଜଣାପଡିଛି। ସେଥିମଧ୍ୟରେ ୪୨୦ ଜଣଙ୍କ ମୃତ୍ୟୁ



ଘଟିଥିବାବେଳେ ୩୯୬ ଜଣ ଗୁରୁତର ଓ ୨୫୦ ଜଣ ସାମାନ୍ୟ ଆହତ ହୋଇଛନ୍ତି। ବିଶେଷକରି ଟ୍ରାଫିକ ଅବ୍ୟବସ୍ଥା ଓ ଦ୍ରୁତଗତିରେ ଭାରିଯାନ ଚଳାଚଳ ସାଧାରଣ ଜନତାଙ୍କ ପାଇଁ କାଳ ସାଜିଛି। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଝାରସୁଗୁଡ଼ା ସଦର ଡାକ୍ତରଖାନାରେ ସ୍ୱତନ୍ତ୍ର ଟ୍ରମା କେୟାର କେନ୍ଦ୍ର ଖୋଲାଯାଇଛି। ହେଲେ ଏହା ରୋଗୀଙ୍କୁ ଠିକ୍‌ଭାବେ ଚିକିତ୍ସା ସେବା ଯୋଗାଇପାରୁନାହିଁ। ଅସ୍ଥିଶଲ୍ୟ ଡାକ୍ତର ଥିଲେ ମଧ୍ୟ ସେମାନଙ୍କ ସଂଖ୍ୟା ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ଏଥିସହ ନିଶ୍ଚେତକ, ନର୍ସିଂ ଅଫିସର ଓ ଫାର୍ମାସିଷ୍ଟ ପଦବୀ ଖାଲିପଡ଼ିଛି। ଜିଲା ପ୍ରଶାସନ ତୁରନ୍ତ ଟ୍ରମା କେୟାର କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମି ଓ ଡାକ୍ତର ନିଯୁକ୍ତି କରିବା ସହ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଝାରସୁଗୁଡ଼ା ପୌର ପରିଷଦ ଉପାଧକ୍ଷ ବେଣୁଗୋପାଳ ପାଣିଗ୍ରାହୀ ଦାବି କରିଛନ୍ତି। ସାମାଜିକ କର୍ମୀ ଦେବାନନ୍ଦ ବାରିକ କହିଛନ୍ତି, ଟ୍ରମା କେୟାର କେନ୍ଦ୍ରରେ ବ୍ୟବହାର ପାଇଁ ଆସିଥିବା ମେଶିନଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଝାରସୁଗୁଡ଼ାବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏନେଇ ହସ୍ପିଟାଲ ମ୍ୟାନେଜର ଆତିଶ କୁମାର କହିଛନ୍ତି, ଏଠାରେ କିଛି ଡାକ୍ତର ପଦବୀ ଖାଲି ରହିଛି। ତେଣୁ ଆମେ ବିଭିନ୍ନ କମ୍ପାନୀ, ବୁର୍ଲା ମେଡିକାଲରୁ ଡାକ୍ତରୀ ଟିମ୍ ଆଣି ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ପ୍ରୟାସ କରୁଛୁ।

ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଝାରସୁଗୁଡ଼ା, ୧୯।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଟାଏକୋଣ୍ଡୋ ଏକାଡେମୀ ଆନୁକୂଲ୍ୟରେ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ସ୍ଥାନୀୟ ଏନ୍.କଟାପାଲିସ୍ଥିତ ଅନ୍ନପୂର୍ଣ୍ଣା ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମାଷ୍ଟର ସୁନ୍ଦରମଣି ପଟେଲ, କୋଚ୍ ସାଗର ରାଉତ ଓ ସୌରଭ ଭୈଶାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ପ୍ରତିଯୋଗିତାରେ ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର ବର୍ଗର ବାଳିକା, ବାଳକ ଅଂଶଗ୍ରହଣ କରିଥିଲେ। କଲର ବେଲ୍ଟ ଏବଂ ବ୍ଲାକ୍ ବେଲ୍ଟ ବର୍ଗରେ ହୋଇଥିବା ଏହି ପ୍ରତିଯୋଗିତାରେ ମୋଟ ୧୩୪ ଜଣ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ୭୫ ଜଣ ସ୍ୱର୍ଣ୍ଣ ପଦକ, ୩୭ ଜଣ ରୌପ୍ୟ ପଦକ, ୨୨ ଜଣ କାଂସ୍ୟ ପଦକ ପାଇଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲା କ୍ରୀଡ଼ା ଅଧିକାରୀ ଅମରୀଶ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପଦକ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂଘର ବିଜୟ ବେହେରା, ତାପସ ରାୟ ଚୌଧୁରୀ, ବିଜୟ ବକ୍ସି, କ୍ରିକେଟ୍ ଆସୋସିଏଶନର ଅଶୋକ ପ୍ରଧାନ ଓ ଅନିରୁଦ୍ଧ କେବଟ ଉପସ୍ଥିତ ଥିଲେ। ସେହିପରି କୁମୁଦ ରଞ୍ଜନ କଲେଜର ଖେଳ ଶିକ୍ଷକ ବିବେକ ପ୍ରଧାନ, ସୁଦ୍ଧା ଅଗସ୍ତି, ଶ୍ରୀୟା ରଞ୍ଜନ ଏବଂ ଆୟୁଷି ମାଥୁର ଅତିଥି ଭାବେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

୨୧ରେ ରାଜ୍ୟସ୍ତରୀୟ ଗଣସମ୍ମିଳନୀ

ଝାରସୁଗୁଡ଼ା, ୧୯।୪(ଆଶିଷ ରଞ୍ଜନ ଦାଶ)– ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍‌ଆଇଆରକୁ ନେଇ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟସ୍ତରୀୟ ଗଣ ସମ୍ମିଳନୀ ଆସନ୍ତା ୨୧ ତାରିଖ ପୂର୍ବାହ୍ନ ୧୧ରେ ଝାରସୁଗୁଡ଼ା କଲ୍ସ କଲୋନିସ୍ଥିତ ଉତ୍କଳଜ୍ୟୋତି ସଭାଗୃହଠାରେ ଅନୁଷ୍ଠିତ ହେବ। ଏନେଇ ଲୋକତାନ୍ତ୍ରିକ ରାଷ୍ଟ୍ର ନିର୍ମାଣ ଅଭିଯାନ ଓଡ଼ିଶା ଶାଖାର କୋର୍ କମିଟି ସଦସ୍ୟ ତଥା ଝାରସୁଗୁଡ଼ା ଜିଲା ଆବାହକ ଅନନ୍ତ ପଣ୍ଡା ଏକ ପ୍ରେସ୍ ରିଲିଜ୍ ମାଧ୍ୟମରେ ଜଣାଇଛନ୍ତି। ଲୋକତାନ୍ତ୍ରିକ ରାଷ୍ଟ୍ର ନିର୍ମାଣ ଅଭିଯାନ ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଏସ୍‌ଆଇଆର୍ ଏବଂ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରାଯିବ। ନିକଟ ଅତୀତରେ କର୍ନାଟକ, ମହାରାଷ୍ଟ୍ର, ହରିୟାଣା, ବିହାର ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଭୋଟର ତାଲିକା ସଂଶୋଧନ ସମୟରେ ଲକ୍ଷାଧିକ ଯୋଗ୍ୟ ଭୋଟରଙ୍କ ନାମ କଟିଯିବା ଏବଂ ଅନିୟମିତତା ହେବା ଭଳି ଖବର ସାମ୍ନାକୁ ଆସିଛି। ବିନା ସୂଚନାରେ ଭୋଟରଙ୍କ ନାମ ବାଦ୍ ଦିଆଯିବା ଫଳରେ ନାଗରିକଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ବିଷୟରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କୁ ଠିକ୍ ସୂଚନା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଯାହା କି ଏହି କାର୍ଯ୍ୟକ୍ରମରେ ଆଲୋଚନା ହେବ। ବର୍ତ୍ତମାନ ଓଡ଼ିଶାରେ ଏସ୍‌ଆଇଆର୍ ପ୍ରକ୍ରିୟା ଘୋଷଣା ହୋଇଥିବାରୁ, ଏହାର ଦୁର୍ବଳତା ଓ ପ୍ରଭାବ ଉପରେ ସାଧାରଣ ନାଗରିକଙ୍କୁ ସଚେତନ କରିବା ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରେସ୍ ରିଲିଜ୍‌ରେ ସୂଚନା ଦିଆଯାଇଛି।

ପର୍ଶୁରାମ ଜୟନ୍ତୀରେ ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ବ୍ୟକ୍ତିବୃନ୍ଦ।

ଦେବଗଡ଼,୧୯।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ପର୍ଶୁରାମ ବାହିନୀ ଓ ବାମଣ୍ଡା ବ୍ରାହ୍ମଣ ସମାଜର ମିଳିତ ଆନୁକୂଲ୍ୟରେ ଦେବଗଡ଼ ସହରରେ ପର୍ଶୁରାମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପର୍ଶୁରାମ ବାହିନୀ ସଭାପତି ସତ୍ୟ ନାରାୟଣ ମିଶ୍ର, ଆବାହକ ସୁଚଞ୍ଚିତ ମହାପାତ୍ର, ବାମଣ୍ଡା ବ୍ରାହ୍ମଣ ସମାଜ ସଭାପତି ଅଶୋକ କୁମାର ମିଶ୍ର ଓ ସମ୍ପାଦକ ଗୌରହରୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉଭୟ ସଙ୍ଗଠନର ବହୁ କର୍ମକର୍ତ୍ତା ଓ ସଦସ୍ୟା, ସଦସ୍ୟ ପାରମ୍ପରିକ ବସ୍ତ୍ର ପରିଧାନ କରିବା ସହ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ରକୁ ସୁସଜ୍ଜିତ ରଥ(ଯାନ)ରେ ସ୍ଥାପନ କରିବା ସହ ବିଭିନ୍ନ ବାଦ୍ୟ ଓ ସଂକୀର୍ତ୍ତନର ତାଳେ ତାଳେ ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ସାହି ଗଳି ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ସଦସ୍ୟ ଓ କର୍ମକର୍ତ୍ତାମାନେ ହାତରେ ଖଣ୍ଡା, ଗଦା ଓ ଫାର୍ସା ଆଦି ସାଙ୍କେତିକ ଅସ୍ତ୍ରଶସ୍ତ୍ର ଧରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ପି ଅନିଲ କୁମାର ମିଶ୍ର ସାମିଲ ହୋଇ ନଗର ପରିକ୍ରମା କରିଥିଲେ। ଶୋଭଯତ୍ରା ପରେ ପର୍ଶୁରାମ ଛକରେ ଭଗବାନ ପର୍ଶୁରାମଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରାଯାଇଥିଲା। ଏଥିସହ ଶତାଧିକ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଜିଲାର ବିଭିନ୍ନ ପ୍ରାନ୍ତରୁ ପର୍ଶୁରାମ ବାହିନୀ, ବାମଣ୍ଡା ବ୍ରାହ୍ମଣ ସମାଜ ଓ ଅଖିଳ ବାମଣ୍ଡା ମାତୃଶକ୍ତି ସଂଘର ସଦସ୍ୟା, ସଦସ୍ୟ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ଆର୍‌ଏସ୍‌ଏସ୍‌ର ପ୍ରବୁଦ୍ଧ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ

ବେଲପାହାଡ଼, ୧୯।୪
(ସୁବାସ ପ୍ରଧାନ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)ର ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ଠାରେ ରବିବାର ପ୍ରବୁଦ୍ଧ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଆଭିମୁଖ୍ୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ଲତିକା ପଟେଲ ଯୋଗଦେଇ ସାମାଜିକ ଏକତା ଏବଂ ମୂଲ୍ୟବୋଧ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ପ୍ରାନ୍ତ ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ଯୋଗଦେଇ ରାଷ୍ଟ୍ର ଗଠନରେ ସଂଘର ଭୂମିକା ଓ ଜାତୀୟତାବାଦ ଉପରେ ଗୁରୁତ୍ୱାରୋପ କରିଥିଲେ। ଝାରସୁଗୁଡ଼ା ଜିଲା ସହ ସଂଘଚାଳକ ରୋହିତ ସାହୁ ସମସ୍ତଙ୍କୁ ସମାଜ ସେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚିକିତ୍ସକ, କଳାକାର, କ୍ରୀଡ଼ାବିତ୍, ପ୍ରଶାସନିକ ଅଧିକାରୀ ଓ ବୈଜ୍ଞାନିକଙ୍କ ସମେତ ୧୦ଟି ପ୍ରମୁଖ ଶ୍ରେଣୀର ବୁଦ୍ଧିଜୀବୀ ଉପସ୍ଥିତ ରହି ରାଷ୍ଟ୍ର ନିର୍ମାଣ ସଂକଳ୍ପକୁ ଦୋହରାଇଥିଲେ।

କୋଲାବିରା ବ୍ଲକରେ ନୂତନ ଓବିସି କମିଟି ଗଠିତ

କୋଲାବିରା, ୧୯।୪
(ସଞ୍ଜୟ ପୂଜାରୀ)



ବୈଠକରେ ଉପସ୍ଥିତ କମିଟି ସଦସ୍ୟ ଓ କର୍ମକର୍ତ୍ତା।

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅଧୀନ ସମାସିଂହା ଗ୍ରାମ କଲ୍ୟାଣ ମଣ୍ଡପଠାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ବର୍ଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଂଯୋଜକ ସିର୍ଯ୍ୟୁକୁମାର ଖମାରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଓବିସି ବର୍ଗର ବିଭିନ୍ନ ସମସ୍ୟା, ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ, ସମାଜର ଉନ୍ନତି ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ବ୍ଲକ୍‌ର ୯ଟି ପଞ୍ଚାୟତରୁ ଆସିଥିବା ସଦସ୍ୟଙ୍କ ଉପସ୍ଥିତିରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ପରିଚାଳନା କମିଟି ସଭାପତି ଭାବେ ସିର୍ଯ୍ୟୁକୁମାର ଖମାରୀ, ଉପସଭାପତି ଭାବେ ଦୁଲାରାମ ସେନାପତି, ଚିଙ୍କୁ ସାହୁ, ପ୍ରଦୀପ ସାହୁ, ସମ୍ପାଦକ ଭାବେ ଦୁଲେଶ୍ୱର ପଟେଲ, ସହସମ୍ପାଦକ ଭାବେ ସୁକାନ୍ତ ସାହୁଙ୍କୁ ମନୋନିତ କରାଯାଇଛି। ସେହିପରି ସଂଯୋଜକ ଭାବେ ଚନ୍ଦ୍ରଶେଖର ପଟେଲ, ମହିଳା ସଂଯୋଜକ ଭାବେ ସୁରଭିରାଣୀ ପଟେଲ ଓ ଜୁଥିକା ସାହୁ ମନୋନିତ ହୋଇଛନ୍ତି। ଏହି ବୈଠକରେ ଗୁରୁ ଚରଣ ସାହୁ, ନଳୀନ ପଟେଲ, ପିଣ୍ଟୁ କୁମାର ସାହୁ, ଭିକାରି ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ଗ୍ରାମ ସ୍ତରରେ ସଙ୍ଗଠନକୁ ଅଧିକ ମଜଭୁତ୍ କରିବା ପାଇଁ ବୈଠକରେ ସଂକଳ୍ପ ନିଆଯାଇଛି।

'ରାଷ୍ଟ୍ର ହିତ ପାଇଁ ଏକତ୍ରୀକରଣ ଆବଶ୍ୟକ'

ଝାରସୁଗୁଡ଼ା, ୧୯।୪(ଆଶିଷ ରଞ୍ଜନ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଝାରସୁଗୁଡ଼ା ଜିଲା ସରବାହାଲ ରୋଡସ୍ଥିତ ସ୍ୱର୍ଣ୍ଣଭୂମିଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଏକ ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଏକ୍‌ଜୁଟ୍ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। କାର୍ଯ୍ୟକ୍ରମରେ ସଂଘ ଚାଳକ ସୁରେଶ ଗାନ୍ଧୀ ଏବଂ ମୁଖ୍ୟ ଅତିଥି ନାଗମଣୀ ମିଶ୍ର ଯୋଗଦେଇ କହିଛନ୍ତି, ରାଷ୍ଟ୍ରର ହିତ ପାଇଁ ସମାଜର ପ୍ରମୁଖ ବ୍ୟକ୍ତିମାନଙ୍କ ଏକତ୍ରୀକରଣ ଏକାନ୍ତ ଆବଶ୍ୟକ। ବିଶେଷକରି ଯୁବଗୋଷ୍ଠୀକୁ ଏଥିପାଇଁ ଉତ୍ସାହିତ କରିବା ଦରକାର, ଯଦ୍ୱାରା ସେମାନେ ଦେଶ ଗଠନରେ ନିଜକୁ ନିୟୋଜିତ କରିପାରିବେ। ଆର୍‌ଏସ୍‌ଏସ୍ ସବୁବେଳେ ସେବାର ମାର୍ଗଦର୍ଶନ ଦେଇ ଆସୁଛି ବୋଲି ସେମାନେ କହିଛନ୍ତି। ମୁଖ୍ୟବକ୍ତା ବିଦ୍ୟୁତ୍ ମୁଖାର୍ଜୀ କହିଛନ୍ତି, ସଂଘର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସଂସ୍କାରରେ ଉନ୍ନତି ଆଣିବା ଆମର ମୂଳ ଲକ୍ଷ୍ୟ।

BHUBANESWAR DEVELOPMENT AUTHORITY
Akash Shova Building, Sachivalaya Marg, Bhubaneswar-751001
Visit us at : http://www.bda.gov.in

No.13001/224/2627 Dated. 17.04.2026
Bid Identification No. 250

INVITATIONS FOR BIDS (IFB)

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in **double cover system** conforming to the Detailed Tender Call Notice (DTCN) from Electrical Contractors having **valid HT license** registered under Government of Odisha, having PAN and valid EPF & ESI registration No., GST Registration Certificate for the item of work mentioned in the table below.

Sl No	Name of work	Estimated Cost (In Rs)	EMD (In Rs)	Cost of Tender Paper (In Rs)	Period of Completion
(1)	(2)	(3)	(4)	(5)	(6)
1.	Provision of permanent power supply to the Playground at Govt. High School, Saheednagar, Bhubaneswar	6,89,134.00	1% of the estimated cost put to tender. (Through online transfer by the last date & time for receipt of bids)	4,000/- + GST@18% (Through online transfer by the last date & time for receipt of bids)	30 (Thirty) days
2.	Provision of permanent power supply to the Playground at Laxmisagar High School, Laxmisagar, Bhuabneswar	6,72,841.00	1% of the estimated cost put to tender. (Through online transfer by the last date & time for receipt of bids)	4,000/- + GST@18% (Through online transfer by the last date & time for receipt of bids)	30 (Thirty) days
3.	Provision of permanet power supply to the Playground at Rajdhani College, Baramunda, Bhubaneswar	5,97,446.00	1% of the estimated cost put to tender. (Through online transfer by the last date & time for receipt of bids)	4,000/- + GST@18% (Through online transfer by the last date & time for receipt of bids)	30 (Thirty) days

2. The Bid documents will be available in the website : https://tendersodisha.gov.in from **Dtd.22.04.2026** to **Dtd.07.05.2026** up to **17.00 Hours.**
3. Bids along with cost of tender paper and EMD (Bid Security) shall be received only **"On Line"** on or before **Dtd.07.05.2026** up to **17.00 Hours**. The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any moment without assigning any reason thereof.
6. Any addendum/corrigendum/cancellation shall only be uploaded in the website : https://tendersodisha.gov.in

OIPR-13001/13033/1/26-27/0012 Sd./- Executive Engineer, Division-IV, BDA

ଫର୍ମ ନଂ. ୩
[ବିନିୟମ – ୧୫(୧)(କ) ଦେଖନ୍ତୁ]

ଅନାଦାୟ ଋଣ ଅସୁଲି ଅପିଲୀୟ ନ୍ୟାୟାଧିକରଣ, କୋଲକାତାଙ୍କ ଇଜିଲାସରେ
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା-୭୦୦୦୦୧
ନିୟମିତ ଅପିଲ ସଂ. ୭/୨୦୨୬

ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ..... ଆବେଦନକାରୀ।
ବନାମ
ସିଦ୍ଧାନ୍ତ ନାରାୟଣ ସିଂହଦେଓ ଓ ଅନ୍ୟମାନେ ..... ପ୍ରତିବାଦୀଗଣ।

ପ୍ରାପ୍ତେଷୁ,
(୧) ସୌରେନ୍ଦ୍ର ନାରାୟଣ ସିଂହଦେଓ, ପିତା- ସ୍ୱର୍ଗତ ହୀରେନ୍ଦ୍ର ପ୍ରତାପ ସିଂହଦେଓ, ବାସସ୍ଥାନ- ପ୍ଲଟ୍ ନଂ.୭୩/ଏ, ଫରେଷ୍ଟ ପାର୍କ, ବାପୁଜୀ ନଗର, ୟୁନିଟ୍-୧, ଥାନା- କ୍ୟାପି

ସଂକ୍ଷେପରେ

୨୩ରେ ସମାନୁପାତିକ ପ୍ରତିନିଧିତ୍ୱ ଦାବିରେ ଭାରତ ବନ୍ଦ

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୨୩ ତାରିଖ ଦିନ ସମାନୁପାତିକ ପ୍ରତିନିଧିତ୍ୱ ଦାବିରେ ଭାରତ ବନ୍ଦ ଡାକରା ଦିଆଯାଇଛି। ବଲାଙ୍ଗୀର ସାମ୍ବାଦିକ ଭବନଠାରେ ରବିବାର ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତଥା ଓବିସି, ଏସ୍‌ଟିଏସ୍‌ସି ସମନ୍ୱୟ ସମିତି ଓଡିଶା ସଭାପତି ସରୋଜ କୁମାର ମେଶ୍ୱାଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ କରାଯାଇ ଭାରତ ବନ୍ଦ ସମ୍ପର୍କରେ ସୂଚନା ଦିଆଯାଇଛି। ମାଆସୀନ ରାଜ୍ୟ ଓବିସି ମଞ୍ଚର ରାଜ୍ୟ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଲ ଭାରତ ବନ୍ଦ ପାଳନକୁ ସମସ୍ତ ଜନସାଧାରଣ ସମର୍ଥନ କରିବାକୁ ନିବେଦନ କରାଯାଇଥିଲା। ବନ୍ଦ ପାଳନ ଦିନ ସମସ୍ତ ଜରୁରୀ କାଳୀନ ସେବା, ପରୀକ୍ଷାର୍ଥୀଙ୍କ ପରୀକ୍ଷା, ବିବାହ କାର୍ଯ୍ୟ ଏବଂ ସମ୍ବେଦନଶୀଳ ପ୍ରସଙ୍ଗକୁ ବାଦ ଦେଇ ଗାଡିମୋଟର ଚଳାଚଳ, ଦୋକାନ ବଜାର ବନ୍ଦ ରଖିବାକୁ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ଆଡଭୋକେଟ୍ ଦିନେଶ ନାଗ, ଜିଲା କୁଲୁତା ସମାଜ ସଭାପତି ଇଂ ବେଲାର ସିଂ ଭୋଇ, ଚାଷୀ ନେତା ମଧୁସୂଦନ କ୍ଷେତୀ ଏବଂ ଓବିସି ମଞ୍ଚର ଆନନ୍ଦ ପଧାନ, ଦଳିତ ନେତା ପ୍ରକାଶ ହରିପାଲ, ଲଳିତ ମହାନନ୍ଦ, ସନ୍ତୋଷ ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରାହ୍ମଣ ସମାଜ ପକ୍ଷରୁ ପଶୁରାମ ଜୟନ୍ତୀ ପାଳିତ

ଟିଟିଲାଗଡ଼,୧୯।୪(ଶରତ ମିଶ୍ର)

ଟିଟିଲାଗଡ଼ ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପଶୁରାମଙ୍କ ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏନେଇ ଶ୍ରୀ ପଶୁରାମଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ହୋମଯଜ୍ଞ କରାଯାଇଥିଲା। ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଯଜ୍ଞ ଅନୁଷ୍ଠାନରେ ଅଭିଳାଷ ସ୍ୱରୂପ ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ବ୍ରାହ୍ମଣ ସମାଜ ସଭାପତି ସୁବୋଧ ଚନ୍ଦ୍ର ଦାଶ ,ସମ୍ପାଦକ ସତ୍ୟବ୍ରତ ପଣ୍ଡା, ଶର୍ମା ବ୍ରାହ୍ମଣ ସମାଜ ସଭାପତି ଶଙ୍କର ପଣ୍ଡିତ, ସମ୍ପାଦକ ପି. ଶର୍ମାଙ୍କ ଗହଣରେ ଏକ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ସମେତ ବ୍ରାହ୍ମଣ ପରିବାର ବରିଷ୍ଠ ସଦସ୍ୟ ରାମ ନାରାୟଣ ମିଶ୍ର, ଶୁକଦେବ ଯୋଶୀ, ରମାନାଥ ଖମାରୀ, ଭବାନୀ ପ୍ରସାଦ ହୋତା, ଚିନ୍ତାମଣି ମହାପାତ୍ର, ମାନସ ପାଣି, ବନମାଳୀ ଦାଶ, ଲକ୍ଷ୍ମୀକାନ୍ତ ମହାପାତ୍ର, ରାଜୁ ମିଶ୍ର, ଦିଲୀପ ପୁରୋହିତ, ମୀନକେତନ ମିଶ୍ର, ଜଗନ୍ନାଥ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

କଣ୍ଟାବାଞ୍ଜିର ଝିଅ ଏନ ଜାହ୍ନବୀଙ୍କ କୃତିତ୍ୱ

କଣ୍ଟାବାଞ୍ଜି,୧୯।୪(ଗୁରୁ ଦୟାଲ ହଂସ)

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଅଡିଟୋରିଅମଠାରେ ଗତ ୧୨ ଓ ୧୩ ତାରିଖରେ 'ମୋର ଭାରତ ବଜେଟ କ୍ୱେଷ୍ଟ' ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଯୁବବ୍ୟାପାର ଓ ଖେଳକୁଦ ମନ୍ତ୍ରଣାଳୟ ପକ୍ଷରୁ କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପୂର୍ବତନ ଛାତ୍ରୀ ଏନ. ଜାହ୍ନବୀ ଦୋରାଙ୍କ ନାମକୁ ଓଡ଼ିଶା ସରକାରଙ୍କୁ ସୁପାରିଶ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଞ୍ଚାସୀନ ଥିଲେ । ବହୁ ଯୁବତୀଯୁବକ ଭାଗ ନେଇଥିଲେ। ଜାହ୍ନବୀଙ୍କ ମଞ୍ଚ ପରିଚାଳନା ନେଇ ବାଚସ୍ପତି ପାଢ଼ୀ ଖୁସିବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଯୋଗଦେଇ ଯୁବଶକ୍ତି ଏକତ୍ରିତ ହେଲେ ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ର ହୋଇପାରିବ ବୋଲି କହିଥିଲେ। ଜାହ୍ନବୀ ହେଉଛନ୍ତି, କଣ୍ଟାବାଞ୍ଜିର ଏନ ରାଜେଶ୍ୱରୀ ଦୋରା ଓ ଏନ ହରିଶଙ୍କର ଦୋରାଙ୍କ ଝିଅ । ଗତବର୍ଷ ଏପ୍ରିଲରେ ସଂସଦରେ ଅନୁଷ୍ଠିତ ଯୁବ ସମ୍ମିଳନୀରେ ଏକ ଦେଶ ଏକ ନିର୍ବାଚନ ତର୍କରେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି କଣ୍ଟାବାଞ୍ଜି ସହରକୁ ଗୌରବାନ୍ୱିତ କରିଥିଲେ । ଏହି କୃତିତ୍ୱ ପାଇଁ ମହିଳା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୁରୋହିତ ଓ ଅଞ୍ଚଳବାସୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଭଗବାନ ପଶୁରାମଙ୍କ ପ୍ରତିମୂର୍ତ୍ତି ଅନାବରଣ, ଶୋଭାଯାତ୍ରା

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)





ଭଗବାନ ଶ୍ରୀ ପଶୁରାମଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରୁଛନ୍ତି(ବାମ), ବଲାଙ୍ଗୀର ସହର ପରିକ୍ରମା କରୁଥିବା ଶୋଭାଯାତ୍ରା।

ଚିରଞ୍ଜିବୀ ଭଗବାନ ଶ୍ରୀ ପଶୁରାମଙ୍କ ଜନ୍ମୋତ୍ସବ ଉପଲକ୍ଷେ ଜିଲା ବ୍ରାହ୍ମଣ ମହାସଭା ଓ ପଶୁରାମ ବାହିନୀ ଆନୁକୂଲ୍ୟରେ ରବିବାର ନୃସିଂହ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନୀୟ ପଶୁରାମ ଛକ ଠାରେ ଭଗବାନ ପଶୁରାମଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାଛଡା ସନ୍ଧ୍ୟାରେ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଛି। ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ସର୍ବଭାରତୀୟ ବ୍ରାହ୍ମଣ ଫେଡେରେଶନର ସଭାପତି ପ୍ରଦୀପ ଯୋଷୀ (କେରଳ), ପୌରାଧକ୍ଷା ଲିକା ସାହୁ ଓ ସଦର ବ୍ଲକ ଅଧକ୍ଷା ସରିତା ବାଗ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଆରଟିଓ ଅଫିସ ନିକଟରେ ପଶୁରାମଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଏହି ସମୟରେ ଜିଲା ବ୍ରାହ୍ମଣ ମହାସଭା ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠୀ, ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ ଓ ପଶୁରାମ ବାହିନୀର ସଭାପତି ବିଧୁ ଭୂଷଣ ତ୍ରିପାଠୀ, ପଶୁରାମ କମିଟି ଆବାହକ ଶିବ ଶଙ୍କର ଖୁଆସ ପ୍ରମୁଖ ଉପସ୍ଥିତ ଥିଲେ । ସକାଳେ ଶ୍ରୀ ନୃସିଂହ ମନ୍ଦିରଠାରେ ଭଗବାନ ଶ୍ରୀ ପଶୁରାମଙ୍କ ଜନ୍ମୋତ୍ସବ ପାଳନ ଦାଶ ମହାରାଜ ଯୋଗ ଦେଇଥିଲେ। ଉଦିତ ଚନ୍ଦ୍ର ପଣ୍ଡା, ଗୋବର୍ଦ୍ଧନ ପାଣ୍ଡିଆ, ଜୟରାମ ମିଶ୍ର, ପଶୁରାମ ନାୟକ, ବୁଲୁ ବେହେରା, ରାଜଶ୍ରୀ ତ୍ରିପାଠୀ, କିଶୋର କୁମାର ପୁରୋହିତ ପ୍ରମୁଖ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜାତି ସଙ୍ଗଠନର ପ୍ରତିନିଧି ଓ ଜନସାଧାରଣ ଯୋଗଦାନ କରିଥିଲେ। ପ୍ରତିମୂର୍ତ୍ତିକୁ ପାଟଶାଗଡର ଜଣାଶୁଣା ସ୍ଥପତି ଅର୍ନ୍ତୟାମୀ ମେହେର ଓ ତାଙ୍କ ପୁତ୍ର ଅଭିଳାଷ ମେହେର ନିର୍ମାଣ କରିଛନ୍ତି।

ଆଜି ସାଲେଭଟା ପାକ୍ସ ଆଗରେ ରାସ୍ତାରୋକୋ

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)



ବିକ୍ରି ନ ହୋଇ ମଣ୍ଡିରେ ପଡି ରହିଥିବା ଚାଷୀଙ୍କ ଧାନ।

ବଲାଙ୍ଗୀର ଜିଲା ମିଳିତ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତାକାଲି ଅକ୍ଷୟ ତୃତୀୟ ଦିନ ସାଲେଭଟା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ରାସ୍ତାରୋକୋ କରାଯିବ ବୋଲି ମିଳିତ କୃଷକ ମଞ୍ଚ ପକ୍ଷରୁ କୁହାଯାଇଛି।

ମଞ୍ଚ ଆବାହକ ଆକାଶ ମିଶ୍ର କହିଛନ୍ତି, ସରକାର ସମସ୍ତ ଚାଷୀଙ୍କଠାରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କିଣିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସରକାରୀ ତଥ୍ୟ ଅନୁସାରେ ବଲାଙ୍ଗୀର ଜିଲାର ୧୫୯ ଚାଷୀ ତାଙ୍କ ଖରିଫ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଜିଲାପାଳଙ୍କ ପତ୍ର (ସଂଖ୍ୟା ୮୮୮ ତା ୧୯/୩/୨୦୨୬)ରେ ସରକାରଙ୍କୁ ସମ୍ପୃକ୍ତ ୧୫୯ ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରିବାକୁ ପତ୍ର ଲେଖିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଉକ୍ତ ଚାଷୀମାନଙ୍କ ଧାନ କିଣାଯାଇନାହିଁ। ସରକାରଙ୍କ ଏଭଳି ଚାଷୀମାରଣ ନୀତି ବିରୋଧରେ ଏବଂ ସମ୍ପୃକ୍ତ ଚାଷୀଙ୍କ ଧାନ ବିକ୍ରି ସୁବ୍ୟବସ୍ଥା ଦାବିରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି କୁହାଯାଇଛି। ଏହି ଆନ୍ଦୋଳନରେ ଜିଲାର ସମସ୍ତ ଚାଷୀ ସଙ୍ଗଠନ ଯଥା ଜିଲା କୃଷକ ମହାସଂଘ, ଜିଲା କୃଷକ ସଂଘ, ଜିଲା କୃଷକ ସଂଘ ସମିତି, ଜୟ କିଷାନ କୃଷକ ସଙ୍ଗଠନ, କୋଶଲି କିଶାନ ସଭା ଏବଂ ନବ ନିର୍ମାଣ କୃଷକ ସଂଘର କର୍ମକର୍ତ୍ତା ଯୋଗ ଦେଇ ଆନ୍ଦୋଳନକୁ ଓସ୍ଫାଇବେ ବୋଲି ଜିଲା କୃଷକ ମହାସଂଘ ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା କହିଛନ୍ତି।

■ ଆନ୍ଦୋଳନକୁ ଓସ୍ଫାଇବେ ମିଳିତ କୃଷକ ମଞ୍ଚ

■ ବଲାଙ୍ଗୀର ଜିଲାର ୧୫୯ ଚାଷୀ ଖରିଫ ଧାନ ବିକ୍ରି କରିବାରୁ ବଞ୍ଚିତ

ରେଳଧାରଣାରୁ ମୃତଦେହ ଜବତ

ବଲାଙ୍ଗୀର,୧୯।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ସନ୍ନିକଟ ବଲାଙ୍ଗୀର–ଖୁଜେନପାଲି ରେଳ ଫାଟକ ମୁନସିନଗର ନିକଟରୁ ରବିବାର ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ଜବତ ହୋଇଛି। ମୃତ ବ୍ୟକ୍ତି ଜଣକ ଜନାର୍ଦ୍ଦନ ଦେବତା (୫୪) ବୋଲି ଚିହ୍ନଟ କରାଯାଇଛି। ସେ ଖୁଜେନପାଲି ମୁନସିନଗରରେ ରହି ରୋଷେୟା ଭାବେ କାମ କରୁଥିଲେ। ଜନାର୍ଦ୍ଦନ ଏକ ହାପପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିବା ବେଳେ ହାତରେ ଏକ ଗାମୁଛା ଧରିଥିବା ଦେଖିବାକୁ ମିଳିଥିଲା। ଏକ ମାଲ୍ ବୋଝେଇ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ବୋଲି କୁହାଯାଉଛି। ଘଟଣାସ୍ଥଳରେ ଆରପିଏଫ୍ ଓ ଜିଆରପି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପୋଲିସ ପଠାଇଥିବା ଜଣାପଡିଛି।

ନିମ୍ନମାନର ମଧ୍ୟାହ୍ନଭୋଜନ ଦିଆଯିବା ନେଇ ଅଭିଯୋଗ

ଲାଠୋର,୧୯।୪(ଭୁବନେଶ୍ୱର ବାରିକ)

କାର୍ଯ୍ୟାନୁଷ୍ଠାନ ପାଇଁ ଦାବି



ବଲାଙ୍ଗୀର ଜିଲା ଟୁରେକେଲା ବ୍ଲକ ଅଧୀନ ବଡ଼ବାଙ୍କି ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯିବା ସାଙ୍ଗକୁ ମାଣ୍ଡିଆ ଲଡୁ ମିଳୁନାହିଁ। ଏ ନେଇ ଗ୍ରାମବାସୀ ଏବଂ ଏସଏମସି ସଭ୍ୟାସଭ୍ୟ ବଲାଙ୍ଗୀର ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗପତ୍ର ଦାଖଲ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଗ୍ରାମର ଲୋକନାଥ ପୁଟେଲ, ଗୋରେଖ ଧରୁଆ, ତପ ନିଆଲ, ଜୟକେଶ ଦାସ, ପୂର୍ଣ୍ଣମୟ ମାଝି ଏବଂ ଖଗପତି ଧରୁଆ ପ୍ରମୁଖ ଏହିଅଭିଯୋଗପତ୍ର ଦେଇଥିବା ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୧୯୫୮ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହୋଇଥିବା ବେଳେ ବର୍ତ୍ତମାନ ପ୍ରଥମରୁ ଯୁକ୍ତ ୨ କଳା ପର୍ଯ୍ୟନ୍ତ ୫ ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ସରକାର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ ଶହ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ସହ ସପ୍ତାହକୁ ୩ ଦିନ ମାଣ୍ଡିଆ ଲଡୁ ଦେବାର ବ୍ୟବସ୍ଥା କରିଛନ୍ତି। ହେଲେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ଯେତିକି ପରିମାଣର ପନିପରିବା ଦେଇ ରୋଷେଇ କରାଯିବା କଥା ତାଠାରୁ ବହୁ କମ୍ ପରିମାଣ ଓ ନିମ୍ନମାନର ପନିପରିବା ପକାଇ କାମ ଚଳାଇ ନିଆଯାଉଛି। ମାଣ୍ଡିଆ ଲଡୁ ଆଦୌ ଦିଆଯାଉନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଫଳରେ ବାଧ ହୋଇ ଗ୍ରାମବାସୀ ଏବଂ ଏସଏମସି ସଭ୍ୟାସଭ୍ୟ ନିକଟରେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଏନେଇ ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳଦେବ ଦୀପଙ୍କ ସହ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲାପାଳ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଅଜଣା ବୃଦ୍ଧାଙ୍କ ମୃତଦେହ ଜବତ

କଣ୍ଟାବାଞ୍ଜି,୧୯।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଧାମନଡଙ୍ଗା ଗ୍ରାମସ୍ଥିତ ଏକ ରାଇସ୍ ମିଲ ନିକଟ ପିପ୍ପଳ ଗଛ ନିକଟରୁ ଜଣେ ବୃଦ୍ଧାଙ୍କ ମୃତଦେହ ପୋଲିସ ଶନିବାର ଦିନ ଜବତ କରିଛି। ବୃଦ୍ଧାଙ୍କ ବୟସ ୮୫ ବର୍ଷ ପାଖାପାଖି ହେବ। ତାଙ୍କର ପରିଚୟ ମିଳି ପାରିନାହିଁ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଗ୍ରାମବାସୀଙ୍କ କହିବା ମୁତାବକ ବୃଦ୍ଧା ଜଣକ ଦୁଇ ତିନି ଦିନ ତଳେ ଏହି ଅଞ୍ଚଳକୁ ଭିକ ମାଗି ଆସିଥିବା ଦେଖିବାକୁ ମିଳିଥିଲା। ଭୀଷଣ ଖରା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତାଙ୍କର କେହି ସମ୍ପର୍କୀୟ ଜଣା ପଡି ନ ଥିବାରୁ ମୃତ ଶରୀରକୁ ଟିଟିଲାଗଡ ଡାକ୍ତରଖାନାରେ ରଖାଯାଇଥିବା ସୂଚନା ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪/୨୦୨୬) ରୁଜୁ କରି ତଦନ୍ତ ଚଳାଇଥିବା। ଥାନା ଆଇଆଇସି ଗୋପାଲ କର୍ଣ୍ଣଙ୍କ ଠାରୁ ପ୍ରକାଶ।

ବୟୋଜ୍ୟେଷ୍ଠ ନାଗରିକ ଆବାସକୁ ଜିଲା ପ୍ରଶାସନିକ ଅଧିକାରୀଙ୍କ ପରିଦର୍ଶନ



ବୟୋଜ୍ୟେଷ୍ଠ ନାଗରିକ ଆବାସକୁ ଜିଲା ପ୍ରଶାସନିକ ଅଧିକାରୀ ପରିଦର୍ଶନ କରୁଛନ୍ତି।

ଦେଓଗାଁ,୧୯।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲିସ୍ଥିତ ବୟୋଜ୍ୟେଷ୍ଠ ନାଗରିକ ଆବାସକୁ ଜିଲା ପ୍ରଶାସନିକ ଅଧିକାରୀ ପରିଦର୍ଶନ କରିଛନ୍ତି। ବଲାଙ୍ଗୀର ଉପଖଣ୍ଡସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖୁରା, ସମ୍ବିତା ହୋତା ତଥା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠ ପ୍ରମୁଖ ଆବାସକୁ ଯାଇ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ଓ ସ୍ଥିତି ଉପରେ ପଚାରି ବୁଝିଥିଲେ। ଏହାଛଡା ପ୍ରଚଣ୍ଡ ଖରା ସମୟରେ ପାଣିର ବ୍ୟବସ୍ଥା ଉପରେ ଅବଗତ ହୋଇଥିଲେ। ଏଥିସହ ଡୁରନ୍ତ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ଅବଗତ କରି ପାଣି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଆବାସର କାର୍ଯ୍ୟନିର୍ବାହୀ ଅଧିକାରୀ ଶିବ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସଇଁତଲାରେ ପଶୁରାମ ଜୟନ୍ତୀ, ଭବ୍ୟ ଶୋଭାଯାତ୍ରା

ସଇଁତଲା,୧୯।୪(ରାଖାଲ ପ୍ରସାଦ ଶତପଥୀ)



ପଶୁରାମ ଜୟନ୍ତୀ ଅବସରରେ ଯୋଗ ଦେଇଥିବା ବ୍ରାହ୍ମଣ ସମାଜର ମହିଳା,ପୁରୁଷ।

ସଇଁତଲା ସହରର ବ୍ରାହ୍ମଣ ସମାଜ ତରଫରୁ ପଶୁରାମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ସଇଁତଲାସ୍ଥିତ ରାମମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ତଥା ମହିଳାମାନେ ଭଗବାନ ପଶୁରାମଙ୍କ ପ୍ରତିମୂର୍ତ୍ତିକୁ ସୁ-ସଜ୍ଜିତ ରଥରେ ବିରାଜମାନ କରିବା ସହ ନଗର ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ଘଣ୍ଟ, ବାଦ୍ୟ ସହ ସଂକୀର୍ତ୍ତନୀୟର ତାଳେ ତାଳେ ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସମାଜର ପୁରୁଷ ଓ ମହିଳାମାନେ ପାରମ୍ପରିକ ପୋଷାକ ପରିଧାନ କରିଥିବା ଦେଖିବାକୁ ମିଳି

ବରଗଡ଼ରେ ୨୨ ଯାଏ ସ୍କୁଲ, କଲେଜ ଛୁଟି

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲାରେ ଅସହ୍ୟ ତାତି ଅନୁଭୂତ ହେଉଛି। ଏହାକୁ ଦୃଷ୍ଟିରେ ରଖି ବରଗଡ ଜିଲାପାଳ ଆଦିତ୍ୟ ଗୋୟଲ ସ୍କୁଲ, କଲେଜ ଛୁଟି ଘୋଷଣା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ରବିବାର ପ୍ରକାଶିତ ବିଜ୍ଞପ୍ତି (ନଂ-୧୩/ଆର୍‌ଇଏସ/୨୦୨୬) ଅନୁଯାୟୀ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ଏବଂ ବୈଷୟିକ ଅନୁଷ୍ଠାନଗୁଡିକୁ ଛୁଟି ଘୋଷଣା କରାଯାଇଛି।

ଆଜି ଅଖିମୁଠି ଅନୁକୂଳ, ଚାଷୀଙ୍କ ଉତ୍ସାହ ନାହିଁ



ଚାଷୀମାନେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଦା କରିଥିବା ଧାନ।

ବରଗଡ଼,୧୯।୪(ପ୍ରେମାନନ୍ଦ ଖମାରୀ)

ସୋମବାର କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା। ଚାଷୀମାନେ ଚାଷ ପାଇଁ ପାଗ ଭିଡ଼ିବେ। କେବଳ ସେତିକି ନୁହେଁ, ରାଜ୍ୟର ବିଭିନ୍ନ ସ୍ଥାନରେ ଜିଲାପାଳଙ୍କଠୁ ଜନ ପ୍ରତିନିଧିମାନେ ମଧ୍ୟ କ୍ଷେତକୁ ଆସି ହଳ, ନଙ୍ଗଳ ଧରି ଅଖିମୁଠି ଅନୁକୂଳ କରିବେ। କିନ୍ତୁ ଏଭଳି ଶୁଭବେଳାରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନକିଣା ନୀତି ଯୋଗୁ ଆଜି ମଧ୍ୟ ବରଗଡ଼ ଜିଲାର ଅନେକ ଚାଷୀ ଅସନ୍ତୁଷ୍ଟ ଅଛନ୍ତି। ଭଲ ଅମଳ ପାଇଁ ନେତା, ମନ୍ତ୍ରୀ ଅଖି ମୁଠି ଅନୁକୂଳ କରୁଛନ୍ତି ସତ, କିନ୍ତୁ ଚାଷୀଙ୍କ ଅମଳ ଶସ୍ୟ ବିକ୍ରି ପାଇଁ ସରକାରୀ କଳରେ ଅବହେଳା କରାଯାଉଛି। ଏହି ଦୃଷ୍ଟିରୁ ଚାଷୀଙ୍କୁ ବହୁ ହଟହଟା ହେବାକୁ ପଡୁଛି। ବରଗଡ଼ ଜିଲାରେ ଏଭଳି ସ୍ଥିତି ଉପୁଜିଛି। ବିଭାଗୀୟ ଅବହେଳା ଯୋଗୁ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଗତ ଖରିଫରେ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧିଙ୍କୁ ଜଣାଇ ନୟାନ୍ତ ହେବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତମାସ ୯ତାରିଖରୁ ଅହର୍ନିଶ ଧାରଣାରେ ବସିଛନ୍ତି। ତଥାପି ଜିଲା ପ୍ରଶାସନ, ଜନ ପ୍ରତିନିଧି ନିର୍ବିକାର ରହିଛନ୍ତି। ଫଳରେ ଅସନ୍ତୋଷ ମଧ୍ୟରେ ଏଥର ବରଗଡ଼ ଜିଲାର ଚାଷୀ ଅଖି ମୁଠି ଅନୁକୂଳ କରିବେ। ଏଥିସହ ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ରାଜ୍ୟ ସ୍ତରରେ ଅନୁଷ୍ଠିତ ଅକ୍ଷୟତୃତୀୟା କାର୍ଯ୍ୟକ୍ରମର ପ୍ରସାରଣ କୃଷକଙ୍କୁ ଉଦ୍‌ବୋଧନର ସିଧାପ୍ରସାରଣ ପ୍ରସାରିତ ହେବ। ଚକୁଲିଫାର୍ମଠାରେ ହେବାକୁ ଥିବା ଜିଲାସ୍ତରୀୟ ଅକ୍ଷୟତୃତୀୟା ପାଳନ ପାଇଁ ଜିଲା ପ୍ରଶାସନିକ ଅଧିକାରୀ ରବିବାର ଆସି ବୃତ୍ତାନ୍ତ ପ୍ରସ୍ତୁତିର ତଦାରଖ କରିଛନ୍ତି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବିଡିଓ ଚିଘୁନାଥ ସୁନା, ପ୍ରହ୍ଲାଦ ଖୋସଲା ପ୍ରସ୍ତୁତି ତଦାରଖ କରିଥିଲେ। ସାଧାରଣ ସଭା ପାଇଁ ଅତାବିରା ବିଧାୟକ ନୀହାର ଇଞ୍ଜନ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ବୃତ୍ତାନ୍ତ ହୋଇଛି।

ଠକିଦେଲେ ଯୋଗାଣ ମନ୍ତ୍ରୀ



ଖାଦ୍ୟ ଯୋଗଣ ଓ ଖାଉଟା କଲ୍ୟାଣ ମନ୍ତ୍ରୀ ଚାଷୀଙ୍କ ସମସ୍ତ ବିକ୍ରିଯୋଗ୍ୟ ଧାନ କିଣାଯିବ ବୋଲି କହିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାକୁ ଚଳିତ ମାସ ୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି ମଧ୍ୟ କରିଥିଲେ। ହେଲେ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନବିକ୍ରି ଦାବିରେ ଚାଷୀଙ୍କ ଧାରଣା ୭ ସପ୍ତାହ ବିତିଯିବ। ମାତ୍ର ସମ୍ପୃକ୍ତ ଚାଷୀଙ୍କ ବସ୍ତାଟିଏ ମଧ୍ୟ ଧାନ ବିକ୍ରି ହେଲା ନାହିଁ। ଅନ୍ୟପଟେ ସମସ୍ତ ଚାଷୀଙ୍କ ବିକ୍ରିଯୋଗ୍ୟ ଧାନ କିଣାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କହିବା ଦୁର୍ଭାଗ୍ୟଜନକ।

- ପୂର୍ଣ୍ଣଚନ୍ଦ୍ର ସାହୁ, ତୋରା

ଧାର କରଜରେ ପରିବାର ଚଳୁଛି



ଏପର୍ଯ୍ୟନ୍ତ ଗତବର୍ଷ ଖରିଫରେ ଅମଳ ଧାନ ବିକ୍ରି କରି ପାରି ନାହୁଁ। ଖରିଫ ଚାଷ ପାଇଁ ଧାର, କରଜ କରି ଚାଷ କରିଥିଲୁ। ତାହା ତ ପରିଶୋଧ କରି ପାରି ନାହୁଁ। ପୁଣି ଧାର, କରଜରେ ରବି ଫସଲ କରିଛୁ। ଏପରିକି ଧାର, ଉଧାରରେ ପରିବାର ଗୁଜୁରାଣ ମେଣ୍ଟାଉଛୁ। ଧାନବିକ୍ରି ପଞ୍ଜୀକରଣ ପାଇଁ ଆମେ ଆବଶ୍ୟକ କାଗଜାତ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତିରେ ଦେଇଥିଲୁ। ପଞ୍ଜୀକରଣରେ ବିଭାଗୀୟ କର୍ମଚାରୀଙ୍କ ଅବହେଳା କଲେ। ଆମେ ଏବେ ଦୁର୍ଦ୍ଦଶା ଭୋଗୁଛୁ।

- କେତନ ଚରଗୁଣ, ସହରାଟିକ୍ରା

ଉଧାରରେ ପୁଅଙ୍କ ଚିକିତ୍ସା



ଗତବର୍ଷ ଖରିଫରେ ଭଲ ଧାନ ଅମଳ ହୋଇଥିଲା। ବିକ୍ରି ପାଇଁ ୧୭୦ ପ୍ୟାକେଟ୍ ଧାନ ସହରାଟିକ୍ରା ମଣ୍ଡିରେ ପକାଇଛି। ହେଲେ ଏପର୍ଯ୍ୟନ୍ତ ଟୋକନ ଆସି ନଥିବାରୁ ତାହା ବିକ୍ରି ହୋଇ ପାରି ନାହିଁ। ଧାନବିକ୍ରି ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଲିଥିବା ଧାରଣାରେ ସାମିଲ ହୋଇଛି। ତଥାପି କିଛି ସୁଫଳ ମିଳି ନାହିଁ। ଅନ୍ୟପଟେ ପୁଅ ବିସ୍ମାୟନଙ୍କୁ ଆଖି ଅସ୍ତ୍ରୋପଚାର ହେବାକୁ ଜରୁରୀ ପଡ଼ିଲା। ଲକ୍ଷେ ଟଙ୍କା ଉଧାର କରି ପୁଅର ଚିକିତ୍ସା କରିଛି।

- ମହେନ୍ଦ୍ର ପ୍ରଧାନ, ପିପିଲିପାଲି

ଅକ୍ଷୟତୃତୀୟା ଉତ୍ସାହ ଫିକା



କୃଷକଙ୍କ ଆଦିପର୍ବ ଅକ୍ଷୟ ତୃତୀୟ ବହୁ ପୁରାତନ ପରମ୍ପରା। ଏହାକୁ ଅତି ଉତ୍ସାହର ସହିତ ଚାଷୀମାନେ ମାଟିପୂଜା, ବଳଦ ପୂଜ ସହିତ ପ୍ରଥମ ବିହନ ବୁଣି ନୂତନ ଚାଷ ଆରମ୍ଭ କରିଥାନ୍ତି। ହେଲେ ବରଗଡ଼ ଜିଲାର ବହୁତ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ି ଧାନ ବିକ୍ରି କରି ପାରି ନାହାନ୍ତି। ଏହାକୁ ନେଇ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଖରାତାତି, ଝଡ଼ବର୍ଷା ସତ୍ତ୍ୱେ ଧାରଣା ଦେଇଛନ୍ତି। ଫଳରେ ଅଖି ମୁଠି ଅନୁକୂଳରେ ମଧ୍ୟ ଚାଷୀଙ୍କ ଉତ୍ସାହ ନାହିଁ।

- ରମେଶ ମହାପାତ୍ର, ଚାଷୀନେତା

ପର୍ଶୁରାମଙ୍କ ଜନ୍ମ ମହୋତ୍ସବ ପାଳିତ



ବରପାଲି ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରଭୁ ପର୍ଶୁରାମଙ୍କ ଜୟନ୍ତୀ ପାଳନ କରାଯାଉଛି।

ବରପାଲି,୧୯।୪(ଚିତ୍ତରଞ୍ଜନ ସାହୁ)

ସାମ୍ପ୍ରତିକ ସ୍ଥିତିରେ ସନାତନ ଧର୍ମ ଘୋର ସଙ୍କଟରେ ପଡ଼ିଥିବାରୁ ସମଗ୍ର ବ୍ରାହ୍ମଣ ସମାଜ ଏକତା ବଜାୟ ରଖି ସନାତନ ଧର୍ମକୁ ରକ୍ଷା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ବରପାଲିର ପର୍ଶୁରାମ ଜନ୍ମ ମହୋତ୍ସବରେ ମତ ବ୍ୟକ୍ତ କରିଥିଲେ। ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜ ପକ୍ଷରୁ ରବିବାର ଭଗବାନ ପର୍ଶୁରାମଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଛି। ସକାଳେ ଜଗନ୍ନାଥ ମନ୍ଦିରରେ ଭଗବାନ ପର୍ଶୁରାମଙ୍କ ପୂଜାର୍ଚ୍ଚନା ପରେ ଏକ ବିରାଟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଶୋଭାଯାତ୍ରା ପରେ ଜଗନ୍ନାଥ ମନ୍ଦିର ପରିସରରେ ସମାଜର ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ହୋତା, ସମ୍ପାଦକ ଅରୁଣ କୁମାର ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ତ୍ରିପାଠୀ, ବାଲ କିଶୋର ଖାଡ଼ଙ୍ଗା ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକୁ ବାଲ କିଶୋର ଖାଡ଼ଙ୍ଗା ସଂଯୋଜନା କରିଥିବାବେଳେ ଉପସଭାପତି ବିଭୂତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅତାବିରା/ଗୋଡ଼ଭଗା,(ଯୁଧିଷ୍ଠିର ମହାପାତ୍ର/ସୁରେଶ ଦାଶ): ବ୍ରାହ୍ମଣ ସମାଜର ଇଷ୍ଟ ଦେବ ପ୍ରଭୁ ପର୍ଶୁରାମଙ୍କ ଜନ୍ମୋତ୍ସବ ରବିବାର ଅତାବିରା ବ୍ରାହ୍ମଣ ସମାଜ ପକ୍ଷରୁ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବ୍ରାହ୍ମଣ ସମାଜ ପକ୍ଷରୁ ମା' ଦୁର୍ଗାଙ୍କ ମନ୍ଦିରରେ ମା' ଦୁର୍ଗା, ପ୍ରଭୁ ପର୍ଶୁରାମ ଓ ମାତା ଗାୟତ୍ରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ନିସର୍ଗେଷ ମିଶ୍ର ପ୍ରଭୁ ପର୍ଶୁରାମ ରୂପରେ ଅଭିଷିକ୍ତ ହୋଇଥିଲେ। ସିଦ୍ଧାର୍ଥ ଶଙ୍କର ପଣ୍ଡା ଓ ସ୍ତ୍ରୀ ଲିପ୍ସା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ପଣ୍ଡିତ ସେରୀ ଶଙ୍କର ଶତପଥୀ ଓ ଜୟକୁମାର ଦାଶ। ଏହାପରେ ଏକ ଭବ୍ୟ ଶୋଭାଯାତ୍ରା ମା' ଦୁର୍ଗା ମନ୍ଦିରରୁ ବାହାରି ସହର ପରିକ୍ରମା କରି ଅଗ୍ରସେନ ଭବନକୁ ପହଞ୍ଚିଥିଲା। ପରେ ଅତାବିରା ବ୍ଲକ ମନାପ ଗ୍ରାମର ପଣ୍ଡିତ ଗୋବିନ୍ଦ ଚନ୍ଦ୍ର କଣ୍ଡା ଓ ସାଥୀଙ୍କ ପକ୍ଷରୁ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଗୋଡ଼ଭଗା, ଅତାବିରା, ୧୯।୪ (ସୁରେଶ ଦାଶ/ଯୁଧିଷ୍ଠିର ମହାପାତ୍ର)

ଗୋଡ଼ଭଗା କେନ୍ଦ୍ରସ୍ଥିତ ଘୁଡୁକାଟିକ୍ରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରଠାରେ ଶିଶୁ ବାଟିକା ବିଭାଗ –୧ ଅରୁଣ, ଉଦୟ, ପ୍ରଭାତର 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ବିଏଏମ୍‌ଏସ୍ ଆୟୁର୍ବେଦିକ ଡାକ୍ତର ରାମ ଗୋପାଳ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ରୋଗ ଏବଂ ତା'ର ଚିକିତ୍ସା ବିଷୟରେ ଉପସ୍ଥିତ ଅଭିଭାବକ ଅଭିଭାବିକାମାନଙ୍କୁ ମାର୍ଗଦର୍ଶନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ବିଶାଳ ଔପଚାରିକ ଓ ଅନୌପଚାରିକ ଶିକ୍ଷା, କ୍ରିୟାକଳାପ ମାଧ୍ୟମରେ ବିଷୟ ଶିକ୍ଷା ସମ୍ବନ୍ଧରେ ଅବଗତ କରାଇଥିଲେ। ପରିଚାଳନା ସମିତିର ସଭାପତି ପ୍ରଦୀପ କର୍ଣ୍ଣ ଶିଶୁ ସ୍ୱାସ୍ଥ୍ୟରେ ମାଆବାପାଙ୍କ ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବେବିରାଣୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସରିତା ଦେହୁରି ସଂଯୋଜନା କରିଥିଲେ। ବିଦ୍ୟାଳୟର ତନ୍ମୟୀଭଉଣୀ ବ୍ୟକ୍ତିଗତ ଗୀତ ଗାନ କରିଥିଲେ।

ଆଜି ଚକୁଲିଫାର୍ମରେ ଜିଲାସ୍ତରୀୟ ଅକ୍ଷୟତୃତୀୟା

ଅତାବିରା, ୧୯।୪(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଚକୁଲିଫାର୍ମ ସରକାରୀ କୃଷି ଫାର୍ମଠାରେ ସୋମବାର ଜିଲା ସ୍ତରୀୟ ଅକ୍ଷୟ ତୃତୀୟା ପାଳନ ପାଇଁ ପ୍ରସ୍ତୁତି ବୃତ୍ତାନ୍ତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ ସଭାପତି ତଥା ନିକଟରେ ପ୍ରଥମ ଥର ପାଇଁ ରାଜ୍ୟ ସଭା ସଦସ୍ୟ ନିର୍ବାଚିତ ହୋଇଥିବା ମନମୋହନ ସାମଲ ଯୋଗ ଦେବେ। ସୋମବାର ସକାଳେ ବରଗଡ଼ ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ରେଙ୍ଗାଲିକେମ୍ପ ଛକରୁ ଏକ ସ୍ୱତନ୍ତ୍ର ବିରାଟ ଶୋଭାଯାତ୍ରା ବାହାରି ଜିଲା ସ୍ତରୀୟ ଅକ୍ଷୟତୃତୀୟା ପାଳନ ଚକୁଲିଫାର୍ମ ସରକାରୀ କୃଷି ଫାର୍ମକୁ ସକାଳ ୯ଟାରେ ପହଞ୍ଚିବେ। ସେଠାରେ ଭଜନକୀର୍ତ୍ତନ ସହ ପୂଜାପାଠ ହୋଇ ମୁଖ୍ୟ ଅତିଥି ଶ୍ରୀ ସାମଲ ଅଖିମୁଠି ଅନୁକୂଳ କରିବାର କାର୍ଯ୍ୟକ୍ରମ ରହିଛି।



ଜିଲା ସ୍ତରୀୟ ଅକ୍ଷୟ ତୃତୀୟା ପାଇଁ ପ୍ରସ୍ତୁତି ତଦାରଖ କରୁଛନ୍ତି ଜିଲା ପ୍ରଶାସନ।

ବୈଶାଖ ମେଳାରେ ଅନ୍ନଛତ୍ର ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ବିଭିନ୍ନ ସର୍କଲ ସଭାପତି, ସମ୍ପାଦକ ଓ ପଦାଧିକାରୀମାନେ।

ପାଇକମାଳ,୧୯।୪(ବଡ଼ ଶତପଥୀ)

ଶ୍ରୀଶ୍ରୀ ନୃସିଂହନାଥସ୍ଥିତ ବଡ଼ଦେଓ ମଣ୍ଡପରେ ଗୋଣ୍ଡ ସମାଜ ପକ୍ଷରୁ ଆଗାମୀ ବୈଶାଖ ମେଳା ଅବସରରେ ଅନ୍ନଛତ୍ର ବ୍ୟବସ୍ଥା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବଡ଼ଦେଓ ମନ୍ଦିର ନିର୍ମାଣ କମିଟିର ସଭାପତି ଗଜରାଜ ସିଂ ପୁଟାଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକମାଳ, ଝାରବନ୍ଧ ଓ ପଦ୍ମପୁର ବ୍ଲକର ଗୋଣ୍ଡ ସମାଜର ବିଭିନ୍ନ ସର୍କଲ ସଭାପତି, ସମ୍ପାଦକ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ ବୈଶାଖ ମେଳା ସମୟରେ ଭକ୍ତ ଓ ଯାତ୍ରୀମାନଙ୍କ ପାଇଁ ଅନ୍ନଛତ୍ର ବ୍ୟବସ୍ଥା କରିବାକୁ ସଭାରେ ସ୍ଥିର କରାଯାଇଥିଲା। ଆଗାମୀ ବୈଶାଖ ମେକା ଏପ୍ରିଲ ୨୬ରୁ ମେ ୧ ତାରିଖ ଯାଏ ୬ ଦିନ ଧରି ଅନୁଷ୍ଠିତ ହେବ, ଚଳିତ ବର୍ଷ ବିଶେଷକରି ତୀବ୍ର ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ପିଇବା ପାଣି, ବିଶ୍ରାମ ପାଇଁ ଛାୟା ବ୍ୟବସ୍ଥା ଏବଂ ଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ଅନ୍ନଛତ୍ର ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା। ଏହାସହିତ ବୋଡାସମ୍ବର ଅଞ୍ଚଳର ମହାମନ୍ତ୍ରୀ ଭୋଳାନାଥ ଜଗତ ଗତ ମାର୍ଚ୍ଚ ୩୧ ତାରିଖରେ ଶିକ୍ଷକତାରୁ ଅବସର ଗ୍ରହଣ କରିଥିବାରୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଭାରେ ଜୟ ସିଂ ଦାଉ, ଚିତ୍ତରଞ୍ଜନ ପୋରେ, ନାରଦ ସିଦାର, ବସନ୍ତ ଧରୁଆ, ଶିବ ପୁଟା, ଶୋଭାରାମ ଧରୁଆ, ରଞ୍ଜନ ମାଝୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଦୁର୍ଯ୍ୟୋଧନ ପୁଟା ଧନ୍ୟବାଦ ଦେଇଥିଲେ।

ଗଛକୁ ଧକ୍କା ଦେଲା କାର୍, ୬ ଗୁରୁତର

ବଘିଆପଡା,୧୯।୪(ଶ୍ରୀକାନ୍ତ ସାହୁ)

ଆଗ ଚକ ଫାଟିଯିବାରୁ ଏକ କାର୍ ଭାରସାମ୍ୟ ହରାଇ ରବିବାର ଖୋର୍ଦ୍ଧା–ବଲାଙ୍ଗୀର ୫୬ ନମ୍ବର ଜାତୀୟ ରାଜପଥର ବୌଦ୍ଧ ଥାନା ଜହ୍ନାପଙ୍କ ଗାୟତ୍ରୀ ପ୍ରଜ୍ଞାପୀଠ ନିକଟ ରାସ୍ତାକଡ଼ ଗଛକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଜଣେ ନବଜାତ ଶିଶୁ ସହ ୬ ଜଣ ଗୁରୁତର ହୋଇଛନ୍ତି। ଗଛକୁ ଧକ୍କା ଦେବା ପରେ ଗାଡି ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ବୌଦ୍ଧ ସହର ବଗିଚାସାହିର ଶୁଭାଶିଷ ଆଚାର୍ଯ୍ୟ, ପତ୍ନୀ ସ୍ୱସ୍ତିକା ହୋତା, ଶାଶୁ କମଳିନୀ ହୋତା, ୭ ବର୍ଷର ପୁଅ ଶ୍ରିୟାନ୍ସ ଆଚାର୍ଯ୍ୟ ଏବଂ ୪ଦିନର ନବଜାତ ଶିଶୁ ଏକ କାର୍ ଯୋଗେ ଟିଟିଲାଗଡରୁ ବୌଦ୍ଧ ଫେରୁଥିଲେ। ଜହ୍ନାପଙ୍କ ଗାୟତ୍ରୀ ପ୍ରଜ୍ଞାପୀଠ ନିକଟରେ ହଠାତ ଗୋଟିଏ ଆଗ ଚକ ଫାଟିଯିବାରୁ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା ଓ କାର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ନିକଟରେ ଥିବା ବିଦ୍ୟୁତ ଫିଡରର କର୍ମଚାରୀ ଓ ସ୍ଥାନୀୟ ଲୋକେ ନିଆଁ ଲିଭାଇ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ଦୁର୍ଘଟଣାରେ କାର୍ ଚାଳକ ପ୍ରଭୁଦତ୍ତ ସିଂଙ୍କ ସମେତ ଗାଡ଼ିରେ ଥିବା ଆଚାର୍ଯ୍ୟ ପରିବାରର ସମସ୍ତ ସଦସ୍ୟ ଗୁରୁତର ହୋଇଛନ୍ତି। ବୌଦ୍ଧ ପୋଲିସ୍ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛି।

ଆମ୍ବେଡ଼କର ଜୟନ୍ତୀ

ଘଣ୍ଟାପଡ଼ା,୧୯।୪(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଡାମାଳ ନିର୍ବାଚନ ମଣ୍ଡଳୀର ମଲିକୁଦ ଗ୍ରାମରେ ଭାଜପା ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ରାମଚନ୍ଦ୍ର ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଡଃ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଭାରେ ବରଗାଁ ପଞ୍ଚାୟତ ସମିତି ସଭ୍ୟା ଅଙ୍ଗୁରୀ ତାଣ୍ଡି ମୁଖ୍ୟଅତିଥି, ପୂର୍ବତନ ଜିଲା ଉପସଭାପତି ତଥା ଆଇନଜୀବୀ ଚିତ୍ତରଞ୍ଜନ ପାତ୍ର ମୁଖ୍ୟବକ୍ତା ଏବଂ ଘଣ୍ଟାପଡ଼ା ମଣ୍ଡଳ ସଭାପତି ଗୋପୀନାଥ କହଁର, ଦଳିତ ସମାଜ ସଭାପତି ଲଳିତ ମହାନନ୍ଦ, ସମ୍ପାଦକ ଦୟାନିଧି ମହାନନ୍ଦ, ଗାଁ କମିଟି ସମ୍ପାଦକ ଭକ୍ତବନ୍ଧୁ ବଣ୍ଟକି, ଆମ୍ବେଦକର କମିଟି ସମ୍ପାଦକ ସୁବାସ ମହାନନ୍ଦ, ଧ୍ରୁବଚରଣ ମହାନନ୍ଦ, ପ୍ରଭାତ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହି ଡଃ ଆମ୍ବେଦକରଙ୍କ ଜୀବନୀ ଓ ବିକଶିତ ଭାରତରେ ସମ୍ବିଧାନର ଚିତ୍ର ବର୍ଣ୍ଣନା କରିଥିଲେ। ବରିଷ୍ଠ ଭାଜପା କର୍ମୀ ଠାକୁର ଚରଣ ନାୟକ ସଭା ପରିଚାଳନା କରିଥିଲେ।

ଅସହ୍ୟ ତାତି ସାଙ୍ଗକୁ ବିଦ୍ୟୁତ୍ କାଟ, ଜନଜୀବନ ଅସ୍ତବ୍ୟସ୍ତ

ପଦ୍ମପୁର,୧୯।୪ (ପ୍ରଦୀପ୍ତ ଦାଶ)

ତତଲା ପବନ ସାଙ୍ଗକୁ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ। କିଛିଦିନ ହେଲ

ଡରାଇଲାଣି ଖରା, ପାରଦ ଉପରମୁହାଁ



ପ୍ରବଳ ଖରା ଯୋଗୁ ରେଳ ଷ୍ଟେଶନ ନିକଟ ଏକ ଶେଡ୍‌ରେ ଲୋକେ ଆଶ୍ରୟ ନେଇଛନ୍ତି।



ଶକ୍ତି ନଗରର ଏକ ଜଳାଶୟରେ ମଇଁଷି ପଲ।



ଜଣେ ଯୁବତୀ ମୁହଁରେ କପଡ଼ା ବାନ୍ଧି ଯାଉଛନ୍ତି।

ରାଉରକେଲା, ୧୯।୪ (ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲାରେ ସକାଳ ୮ଟା ହେଲେ ପ୍ରବଳ ତାତି ଅନୁଭୂତ ହେଉଛି। ସୁନ୍ଦରଗଡ଼ ସମେତ ରାଉରକେଲାରେ ବିଗତ ୭ଦିନ ହେଲାଣି ସର୍ବାଧିକ ୪୨ ଡିଗ୍ରୀ ଉପରେ ତାପମାତ୍ରା ରହୁଛି। ଗରମ ଓ ଶୁଷ୍କ ପରିସ୍ଥିତି ଯୋଗୁ ଜଳାଶୟଗୁଡିକରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ପୂର୍ବାହ୍ନ ସମୟରେ ଲୋକେ ବାହାରକୁ ବାହାରିବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତାଘାଟ, ଟିଂରୋଡ୍ ଆଦି ଖାଁ ଖାଁ ହୋଇପଡୁଛି। ଆଖୁରସ, ନବାତ, ଲସି ଷ୍ଟଲରେ ଗହଳି ହେଉଛି। ଅପରପକ୍ଷେ, କାଳବୈଶାଖୀ ବର୍ଷା ଆଶା କ୍ଷୀଣ ହେବାରେ ଲାଗିଛି। ସହରବାସୀ ପଙ୍ଖା, କୁଲର, ଏସି ଉପରେ ନିର୍ଭର କରୁଛନ୍ତି। ସହରର ଛେଣ୍ଡ, ବାସନ୍ତୀ କଲୋନୀ, ସିଭିଲଟାଉନଶିପ୍, କୋଏଲନଗର, ଶକ୍ତିନଗର ଆଦି ଅଞ୍ଚଳରେ ଅଧିକ ଗୁଳୁଗୁଳି ଅନୁଭୂତ ହେଉଛି। ସେହିପରି ରାଉରକେଲା ଶିଳ୍ପାଞ୍ଚଳ, ବନ୍ଧମୁଣ୍ଡା, ଡୁମକେଲା ଅଞ୍ଚଳରେ ତାତିର ପ୍ରଭାବ ସାମାନ୍ୟ କମ୍ ରହୁଛି। ରାଜ୍ୟର ଉତ୍ତପ୍ତ ଓ ଶୁଷ୍କ ସହର ଭାବେ ପରିଚିତ ରାଉରକେଲାରେ ପ୍ରବଳ ତାତି ଯୋଗୁ ଲୋକାଲ ଯାତ୍ରୀବାହୀ ବସ୍, ଅଟୋ, ରିକ୍ସା ଆଦିରେ ଯାତାୟାତ କରୁଥିବା ଯାତ୍ରୀଙ୍କ ସଂଖ୍ୟା କମ୍ ହେଉଛି। ଖରାରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। କୁଆଁରମୁଣ୍ଡା, ହାତୀବାରି, ପୁରୁଣାପାଣି, ନୂଆଗାଁ, କଲୁଙ୍ଗା, ସରଡେଗା, ରାଜାମୁଣ୍ଡା, ବଣେଇ ଉପଖଣ୍ଡ ସମେତ ଅନ୍ୟାନ୍ୟ ସ୍ଥାନକୁ ଯାଉଥିବା ଯାତ୍ରୀମାନେ ବେଶୀ ଅସୁବିଧା ଭୋଗୁଛନ୍ତି। ସେହିପରି ବ୍ୟବସାୟ କରିବାକୁ ରାଉରକେଲା ଉପରେ ନିର୍ଭର କରୁଥିବା ବ୍ୟବସାୟୀମାନେ ଉପାୟହୀନ ହୋଇପଡିଛନ୍ତି। ସେମାନେ ଗାମୁଛା, ପାଣିବୋତଲ ସହ ଯାତ୍ରା କରୁଥିବା କହିଛନ୍ତି। ସେହିପରି ଶୀତତାପ ନିୟନ୍ତ୍ରିତ ଆମ ବସ୍ ଗୁଡ଼ିକରେ ଯାତ୍ରୀମାନଙ୍କ ଭିଡ଼ ରହୁଛି। ତେବେ ସେଥିରେ ମାଲ୍ ପରିବହନ ବ୍ୟବସ୍ଥା ନ ଥିବାରୁ ଘରୋଇ ଯାତ୍ରୀବାହୀ ବସ୍ ଉପରେ ବ୍ୟବସାୟୀମାନେ ନିର୍ଭର କରୁଥିବା କହିଛନ୍ତି।

ସେହିପରି ବୁଲା ଗାଈଗୋରୁଙ୍କ ଅବସ୍ଥା ଅନୁରୂପ ରହିଛି। ଖୋଲା ଆକାଶ ତଳେ ଗାଈଗୋରୁ, କୁକୁର ଆଦି ପ୍ରାଣୀ ରହିବାକୁ ବାଧ୍ୟ ହେଉଛନ୍ତି। ଅଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ଘାସ, ଗୁଳ୍ମଲତା ପୋଡିଗଲାଣି। ଏଥିପାଇଁ ଗାଈଗୋରୁଙ୍କ ଖାଦ୍ୟାଭାବ ଦେଖାଦେଇଛି। ୬୦ରୁ ଊର୍ଦ୍ଧ୍ୱ ବସ୍ତି ନିକଟରେ ବୁଲାଗାଈଗୋରୁଙ୍କ ସଂଖ୍ୟା ଅଧିକ ରହିଥିବାବେଳେ ପର୍ଯ୍ୟାପ୍ତ ଖାଦ୍ୟ ନ ଥିବା ଦେଖାଯାଇଛି। ଏ ନେଇ ଆର୍‌ଏମ୍‌ସି ଉପାୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚରାଯିବାରୁ ସେ କହିଲେ, ପ୍ରବଳ ଗ୍ରୀଷ୍ମ ପାଇଁ ପ୍ରଶାସନ ପକ୍ଷରୁ ଏସ୍‌ଓପି କରାଯାଇଛି। ଯାହାକୁ ଅନୁପାଳନ ବାଧ୍ୟତାମୂଳକ ରହିଛି। ଘରୁ ବାହାରିବା ସମୟରେ ସୁରକ୍ଷା ସହ ବାହାରିଲେ ଭଲ। ଟ୍ରାଫିକ୍ ପୋଷ୍ଟ ନିକଟରେ ଗ୍ରୀନ୍ ସେଡ୍ କରାଯାଇଛି। ସେଠାରେ ଆରୋହୀମାନେ ଖରାରୁ ରକ୍ଷା ପାଇବେ। ଆଗାମୀ ଦିନରେ ଅନ୍ୟ ପୋଷ୍ଟ ଗୁଡ଼ିକରେ ଏହି ବ୍ୟବସ୍ଥା କରାଯିବ। ସେହିପରି ବୁଲା ଗାଈଗୋରୁଙ୍କ ପାଇଁ ବିଭିନ୍ନ ସ୍ଥାନରେ ପାଣିକୁଣ୍ଡ ତିଆରି କରାଯାଇଛି। ଅଧିକ ପାଣିକୁଣ୍ଡ ଓ ଖାଦ୍ୟ ବ୍ୟବସ୍ଥା କରାଯିବ ବୋଲି ନାୟକ କହିଛନ୍ତି। ସେହିପରି ଏସ୍‌ଡ଼ିଭିଓ ଡା. ପ୍ରସନ୍ନ ମହାରଣାଙ୍କୁ ପଚରାଯିବାରୁ ସେ କହିଲେ, ଖରାମାସ ଆରମ୍ଭରୁ ଲୋକଙ୍କୁ ସଚେତନ କରିବା ପାଇଁ ଡାକବାଜି ଯନ୍ତ୍ରରେ ପରାମର୍ଶ ଦିଆଯାଉଛି। ପ୍ରାଣୀଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ, ପାଣି ଓ ଔଷଧ ଯୋଗାଇବା ସହ ରୋଗ ପ୍ରତିଷେଧକ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ।

ବ୍ରାହ୍ମଣ ସେନା ପକ୍ଷରୁ ପଣା ବିତରଣ

ରାଉରକେଲା, ୧୯।୪ (ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୬/୧୭ ଛକ ନିକଟରେ ରବିବାର ବ୍ରାହ୍ମଣ ସେନା ପକ୍ଷରୁ ସଭାପତି ଶ୍ରଦ୍ଧା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ରବିବାର ପଣା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ଜୟନ୍ତୀ ପାଳନ ଅବସରରେ ସେନା ପକ୍ଷରୁ ବହୁ କର୍ମୀମାନେ ଉପସ୍ଥିତ ରହି ବାଟୋଇଙ୍କୁ ପଣା ବିତରଣ କରିଥିଲେ। ଏଥିରେ ଇଂ. ବିମଲ ବିଶି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱୟଂ ଶ୍ରୀହରି ଦଶ ଅବତାରରୁ ବ୍ରାହ୍ମଣ ରୂପୀ ପର୍ଶୁରାମ ଅବତାର ଧରି ଧର୍ମ ରକ୍ଷା ତଥା ଧରାପୃଷ୍ଠରେ ପାପୀମାନଙ୍କୁ ସଂହାର କରି ସତ୍ୟ ଓ ଶାନ୍ତି ସ୍ଥାପନା କରିଥିଲେ ବୋଲି ବିଶି କହିଥିଲେ। ଆଶିଷ କୁମାର ଦାଶ, ସନ୍ତୋଷ ହୋତା, ଦୀପକ ପଣ୍ଡା, ଶାନ୍ତନୁ ଦାଶ, ସୌରଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ୟଙ୍ଗ୍ ଟ୍ୟାଲେଣ୍ଟରେ ପ୍ରତିଭା ଦେଖାଇଲେ କଳାକାର

ରାଉରକେଲା, ୧୯।୪ (ସଙ୍ଗୀତା ଜେନା)

ନୃତ୍ୟକଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ କଳାକାର ଚୟନ କରିବା ପାଇଁ ରବିବାର ୟଙ୍ଗ ଟ୍ୟାଲେଣ୍ଟ ରାଉରକେଲା ୨୦୨୬ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ସେକ୍ଟର-୨ସ୍ଥିତ ସାହାନାଇ ମଣ୍ଡପରେ ଉକ୍ତ ଅଡିଶନ୍ ଆୟୋଜିତ ହୋଇଥିଲା। ଏଥିରେ ନୃତ୍ୟ ଶିଳ୍ପୀ, ଆଙ୍କରିଂ, ସଙ୍ଗୀତ, ଷ୍ଟେଜ୍‌ପରଫର୍ମାନ୍ସ, ଝାଙ୍କିକଳାକାରମାନଙ୍କ ପାଇଁ ହୋଇଥିବା ଅଡିଶନ୍‌ରେ ୩୪୦ଜଣ ଯୁବ କଳାକାର ଅଂଶଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀରେ ରବର୍ଟ ହାଇଫିଲ୍, ଅନୀଲ ମଲ୍ଲିକ, ଜନ୍ମେଜୟ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିଭା ମୂଲ୍ୟାୟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସାଗର ଜେନାଙ୍କ ତତ୍ତ୍ୱାବଧାନରେ ଋଷିତୋଷ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ରୋଡ୍ ବ୍ଲାଷ୍ଟ, ରେଳ ଚଳାଚଳ ବ୍ୟାହତ

ରାଉରକେଲା, ୧୯।୪ (ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଳବାଇ ଅଧୀନ ରାଉରକେଲା–ରାଞ୍ଚି ରୁଟ୍‌ରେ ରବିବାର ଅପରାହ୍ନରେ ରୋଡ୍ ବ୍ଲାଷ୍ଟ ଯୋଗୁ କିଛି ସମୟ ପାଇଁ ରେଳ ଚଳାଚଳ ବ୍ୟାହତ ହୋଇଥିବା ସୂଚନା ମିଳିଛି। ତେବେ ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି ହେବା ପରେ ସନ୍ଧ୍ୟା ୬ଟାରେ ଉକ୍ତ ରୁଟ୍‌କୁ ପୁନଃ ସ୍ୱାଭାବିକ କରାଯାଇଥିଲା। ଏଥିଯୋଗୁ ୬ରୁ ଊର୍ଦ୍ଧ୍ୱ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ ଚଳାଚଳରେ ବିଳମ୍ବ ହୋଇଥିଲା। ସୂଚନା ଅନୁଯାୟୀ, ଝାଡଖଣ୍ଡ ଟାଟି–ପରାବାଦୋନିଆ ଷ୍ଟେଶନ ରୁଟ୍‌ରେ ମରାମତି କାର୍ଯ୍ୟ ହେଉଥିବା ସମୟରେ ଏପରି ରୋଡ୍ ବ୍ଲାଷ୍ଟ କରିଥିଲା। ଫଳରେ ଉକ୍ତ ଷ୍ଟେଶନରୁ ରେଳ ଚଳାଚଳ ବାରଣ କରାଯାଇ ମରାମତି ହୋଇଥିଲା।

ପର୍ଶୁରାମଙ୍କ ଶାସ୍ତ୍ର ଭକ୍ତି, ନ୍ୟାୟ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ

ରାଉରକେଲା, ୧୯।୪ (ସଙ୍ଗୀତା ଜେନା)

ରାଉରକେଲା ବ୍ରାହ୍ମଣ କଲ୍ୟାଣ ସଭା ପକ୍ଷରୁ ଭଗବାନ ଶ୍ରୀ ପର୍ଶୁରାମଙ୍କ ଜୟନ୍ତୀ ସମାରୋହ ରାଉରକେଲା ରେଳଷ୍ଟେଶନ ନିକଟସ୍ଥ ଅମର ଭବନ ପରିସରରେ ରବିବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ଦିନ ସନ୍ଧ୍ୟା ୭ଟା ୩୦ରେ ଅମର ଭବନ ପରିସରରେ ଏକ ସମ୍ମାନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜ ସଭାପତି ବିନୟ ଶର୍ମାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଳ୍ପପତି ତଥା ସମାଜସେବୀ ସନ୍ତୋଷ ପାରିକ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରାହ୍ମଣ କଲ୍ୟାଣ ସଭାର ଉପାଧ୍ୟକ୍ଷ ଦିଲୀପ ଶର୍ମା ଟିଙ୍କୁ ଚୌମଲ, ସମ୍ପାଦକ ସଞ୍ଜୟ ଶିଖୱାଲ, କାର୍ଯ୍ୟକାରୀ ସଭାପତି ଶ୍ରବଣ ପାରିକ, ସହ ସଚିବ ପ୍ରଦ୍ୟୁମ୍ନ ଶର୍ମା, ମହେଶ ଶର୍ମା, କୋଷାଧ୍ୟକ୍ଷ ଜୟପ୍ରକାଶ ଶର୍ମା, ପୂର୍ବତନ ସଭାପତି ମନୋହର ଲାଲ ମହର୍ଷିଙ୍କ ସମେତ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ସନ୍ତୋଷ ପାରିକ ତାଙ୍କ ବକ୍ତବ୍ୟରେ କହିଥିଲେ, ଭଗବାନ ପର୍ଶୁରାମଙ୍କ ହାତରେ ପରଶୁ ହେଉଛି ସେହି ଦଣ୍ଡ ଯାହା ଅତ୍ୟାଚାରୀମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଏ। କ୍ଷମତା ବିନା ନ୍ୟାୟ କେବେ କାର୍ଯ୍ୟକାରୀ ହୋଇପାରିବନାହିଁ। ଭଗବାନ ପର୍ଶୁରାମଙ୍କ ଶାସ୍ତ୍ର ଭକ୍ତି, ନ୍ୟାୟ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିଲା। ଶାସ୍ତ୍ରର ସୁରକ୍ଷା ଶାସ୍ତ୍ର ବିନା ହୋଇପାରିବନାହିଁ। ସମାଜର ଉନ୍ନତି ପାଇଁ ଯୁବପିଢ଼ି ଆଗକୁ ଆସିବା ଉଚିତ। ଯେଉଁ ସମାଜର ବିକାଶ ହୁଏ ସେ ଦ୍ରୁତଗତିରେ ପ୍ରଗତି କରେ। ଯୁବପିଢ଼ି ସମାଜର ମେରୁଦଣ୍ଡ। ନିଜର କାର୍ଯ୍ୟ କରିବା ସହିତ ବ୍ରାହ୍ମଣମାନେ ପର୍ଶୁରାମଙ୍କ ଆଦର୍ଶ ଏବଂ ମାର୍ଗଦର୍ଶନକୁ ଅନୁସରଣ କରିବା ଉଚିତ। ଆଜି ସମାଜର ଯୁବପିଢ଼ି ପ୍ରତ୍ୟେକ କ୍ଷେତ୍ରରେ ଆଗରେ ଅଛନ୍ତି। ଶିକ୍ଷା, ବ୍ୟବସାୟ, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଆମ ସମାଜର ଲୋକମାନେ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହର ସହିତ କାର୍ଯ୍ୟ କରୁଛନ୍ତି ଏବଂ ମହିଳା ଶକ୍ତି ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଆଗରେ ରହିଛି ବୋଲି ପାରିକ କହିଥିଲେ। ଏହି ଅବସରରେ ପୂର୍ବତନ ସଭାପତି ଏବଂ ସଚିବଙ୍କୁ ସମ୍ମାନିତ କରାଯାଇଥିଲା। ରାଜେଶ ଶର୍ମା ମଞ୍ଚ ପରିଚାଳନା କରିଥିଲେ।

ପର୍ଶୁରାମ ଜୟନ୍ତୀରେ ସାଂସ୍କୃତିକ ସମାରୋହ



ସମାରୋହରେ ସମ୍ମାନିତ ହୋଇଥିବା ବ୍ୟକ୍ତିତ୍ୱ।

ସାଇବାବା ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

ରାଉରକେଲା, ୧୯।୪ (ସଙ୍ଗୀତା ଜେନା)

ସେକ୍ଟର-୨ ଓଏସ୍‌ଆର୍‌ଟିସି କଲୋନୀସ୍ଥିତ ସାଇବାବା ମନ୍ଦିର ପ୍ରତିଷ୍ଠାର ୧୩ତମ ବାର୍ଷିକ ଉତ୍ସବ ତଥା ଯଜ୍ଞ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ଅଧିବାସ ହୋଇଥିବାବେଳେ ରବିବାର ସକାଳ ୮ଟାରେ ସେକ୍ଟର-୨୦ କୋଏଲ ନଦୀ ବୈକୁଣ୍ଠ ଘାଟରୁ ପବିତ୍ର ଜଳ ସଂଗ୍ରହ କରି ଭବ୍ୟ କଳସ ଯାତ୍ରାରେ ମନ୍ଦିରକୁ ଅଣାଯାଇଥିଲା। ପରେ ପୂଜାକର୍ମ, ସୂର୍ଯ୍ୟପୂଜା, ମଣ୍ଡଳପୂଜା, ସନ୍ଧ୍ୟାରେ ହୋମ, ପୂର୍ଣ୍ଣାହୁତି ଓ ପ୍ରସାଦସେବନ କରାଯାଇଥିଲା। ପୂଜକ ଚନ୍ଦ୍ରମଣି ଆଚାର୍ଯ୍ୟ, ଦୀପକ ରଞ୍ଜନ ଦାଶ, ସନ୍ତୋଷ କୁମାର ରାୟଗୁରୁ, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଜୟନ୍ତ ଡୋରା ଓ ବିମଳା ଡୋରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଆବାହକ ଗୋପାଳ ଜେନା, ଦିଲ୍ଲୀପ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସହର ଜଗିବେ ୪୫ ପ୍ଲାଟୁନ ପୋଲିସ ଫୋର୍ସ

ରାଉରକେଲା, ୧୯।୪ (ଦିନେଶ ମିଶ୍ର)

ରାଉରକେଲା ସହରକୁ ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗସ୍ତ କରୁଛନ୍ତି। ଏହାକୁ ନେଇ ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୪୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ କରିବା ପାଇଁ ୬ ଜଣ ଏସ୍‌ପିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ୫୧ ଜଣ ଇନ୍ସପେକ୍ଟର ନିୟୋଜିତ ହେବେ। ଏଥିସହ ୯ଜଣ ଅତିରିକ୍ତ ଏସ୍‌ପି, ୮ଶହ ହୋମଗାର୍ଡ ଏବଂ ୨ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ପୋଲିସ କର୍ମଚାରୀ ଉପସ୍ଥିତ ରହିବେ। ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କଡାକଡି ସାଙ୍ଗକୁ ପାର୍କିଂ ବ୍ୟବସ୍ଥା ସୂଚାରୁରୂପେ ପରିଚାଳନା ପାଇଁ ଡିଆଇଜି ରାୟ ନିର୍ଦ୍ଦେଶ ଦେଇଛନ୍ତି।

ଆଇଜିଏଚ୍‌ରେ କର୍ନିଆଲ୍ ପ୍ରତିରୋପଣ

ରାଉରକେଲା, ୧୯।୪ (ବିପ୍ଳବ ରଞ୍ଜନ ଦାଶ)

ସେଲ୍ ରାଉରକେଲା ଇସ୍ପାତ କାରଖାନା ଅଧୀନ ଇସ୍ପାତ ଜେନେରାଲ୍ ହସ୍ପିଟାଲ (ଆଇଜିଏଚ୍) ମାନବ ଅଙ୍ଗ ପ୍ରତିରୋପଣ ଆଇନର ସମ୍ପୂର୍ଣ୍ଣ ଅନୁପାଳନ କରି ସଫଳତାର ସହିତ କର୍ନିଆଲ୍ ପ୍ରତିରୋପଣ ଆରମ୍ଭ କରିଛି। ଏହି ସଫଳତାର ମାଇଲଖୁଣ୍ଟ ସ୍ୱରୂପ ଚକ୍ଷୁ ବିଜ୍ଞାନରେ ଆଇଜିଏଚ୍ ବର୍ଦ୍ଧିତ ବିଶେଷଜ୍ଞତା ଏବଂ କର୍ନିଆଲ୍ ଅନ୍ଧତ୍ୱ ମୁକାବିଲା ଦିଗରେ ଏହାର ଉତ୍ସର୍ଗତାକୁ ଆହୁରି ସୁଦୃଢ଼ କରିବାରେ ସକ୍ଷମ ହୋଇଛି।

ଉଲ୍ଲେଖନୀୟ ଯେ, 'ଇସ୍ପାତ ଦୃଷ୍ଟିଦାନ' ଚକ୍ଷୁ ବ୍ୟାଙ୍କ ୨୦୧୪ ଏପ୍ରିଲଠାରୁ ଏଯାବତ ଆଇଜିଏଚ୍‌ରେ କାର୍ଯ୍ୟକ୍ଷମ ହେଉଛି। ହସ୍ପିଟାଲ୍ କର୍ନିଆଲ୍ ପୁନରୁଦ୍ଧାର କାର୍ଯ୍ୟକ୍ରମ (ଏଚସିଆରପି)ର ଏକ ଅଂଶ ଭାବେ ଚକ୍ଷୁ ବ୍ୟାଙ୍କ କର୍ନିଆ ଦାନ ଗ୍ରହଣ କରି ପ୍ରତିରୋପଣ ପାଇଁ ଭୁବନେଶ୍ୱରକୁ ପଠାଉଥିଲା। କିନ୍ତୁ ଏବେ ଆଇଜିଏଚ୍ ଓଡ଼ିଶାର ଚିକିତ୍ସା ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟରୁ 'ମାନବ ଅଙ୍ଗ ପ୍ରତିରୋପଣ ଆଇନ ୧୯୯୪' ଅଧୀନରେ କର୍ନିଆଲ୍ ପ୍ରତିରୋପଣ ନିମନ୍ତେ ପଞ୍ଜୀକରଣ ପାଇଁ ସ୍ୱୀକୃତି ପାଇଛି। ସମ୍ପ୍ରତି ଦୁଇ ଜଣ ସ୍ଥାନୀୟ ବାସିନ୍ଦାଙ୍କ ଉପରେ କର୍ନିଆ ପ୍ରତିରୋପଣ କରାଯାଇଥିଲା, ଯେଉଁମାନେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରେ ଏକ ସାଧାରଣ ଜଟିଳତା–ସ୍ୟୁଡୋଫାକିକ୍ ବୁଲ୍‌ସ କେରାଟୋପାଥି ଯୋଗୁ ଅତି ଦୟନୀୟ ଭାବେ ଦୃଷ୍ଟିଶକ୍ତି ହରାଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମ ଅସ୍ତ୍ରୋପଚାର ଗତ ୭ ତାରିଖରେ ଏବଂ ଦ୍ୱିତୀୟଟି ୧୬ ତାରିଖରେ ସମ୍ପନ୍ନ ହୋଇଥିଲା। ଉଭୟ ଅସ୍ତ୍ରୋପଚାର ଉତ୍କୃଷ୍ଟ ଫଳାଫଳ ପ୍ରଦାନ କରିଥିଲା ଏବଂ ରୋଗୀମାନେ ପୂର୍ବାପେକ୍ଷା ଉନ୍ନତ ଦୃଷ୍ଟି ଶକ୍ତି ଫେରି ପାଇଥିଲେ। ଏଥିରେ କର୍ନିଆ, ଫାକୋ ସର୍ଜନ ଏବଂ ଚକ୍ଷୁ ବିଜ୍ଞାନର ମୁଖ୍ୟ ପରାମର୍ଶଦାତା ଡକ୍ଟର ଅନିମା ଟିଗା ଉଭୟ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ। ତାଙ୍କୁ ଡାକ୍ତର ହେନା ହେମ୍ବ୍ରମ ଓ ଶିଷ୍ଟର ନମିତା ପ୍ରମୁଖ ସହଯୋଗ କରିଥିଲେ। କ୍ଷତିଗ୍ରସ୍ତ କର୍ନିଆ ଟିସୁକୁ ସୁସ୍ଥ ଦାତା ଗ୍ରାଫ୍ଟ ସହିତ ବଦଳାଇବା ପାଇଁ ଉନ୍ନତ କୌଶଳ ନିୟୋଜିତ କରାଯାଇଥିଲା, ଯାହା ସଠିକତା ଏବଂ ସର୍ବନିମ୍ନ ଆରୋଗ୍ୟ ସମୟକୁ ସୁନିଶ୍ଚିତ କରିଥିଲା।



ରୋଗୀଙ୍କ ସହ ଡାକ୍ତରୀ ଦଳ।

ସଭାସ୍ଥଳ ବୁଲି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ରାଉରକେଲା, ୧୯।୪ (ଦିନେଶ ମିଶ୍ର)

ଆଉ ଦିନକ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଉରକେଲା ଗସ୍ତରେ ଆସୁଛନ୍ତି। ଏହାକୁ ନେଇ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଉରକେଲା ବିମାନବନ୍ଦରରେ ଯାଞ୍ଚ ଆରମ୍ଭ ହୋଇଥିବାବେଳେ ସେକ୍ଟର-୧୩ ନିକଟ ବିମାନବନ୍ଦର ପଡିଆରେ ସଭାକକ୍ଷ ଓ ଷ୍ଟେଜ ନିର୍ମାଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ବିମାନବନ୍ଦର ପଡିଆରେ ରବିବାର ଦଳୀୟ କର୍ମୀମାନଙ୍କ ସହ ସଭାସ୍ଥଳ ସ୍ଥିତି ଯାଞ୍ଚ କରିଛନ୍ତି। ସେ ସଭାସ୍ଥଳରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରାୟ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନଙ୍କୁ ନେଇ ସମ୍ବଲପୁରୀ, ଓଡିଶୀ, ଆଦିବାସୀ ନୃତ୍ୟ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅଭ୍ୟାସର ସମୀକ୍ଷା କରିଥିଲେ। ଏଥିସହ ଓରମାସ ପକ୍ଷରୁ ମିଲେଟ ପ୍ରସ୍ତୁତି ସାମଗ୍ରୀ ଷ୍ଟଲସାଙ୍ଗକୁ ଜିଲାରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଷ୍ଟଲ ବୁଲି ଦେଖିଥିଲେ। ଛେଣ୍ଡରେ ନିର୍ମାଣ ହୋଇଥିବା ୪୨.୪୪ କୋଟିର ସାଇନ୍ସ ପାର୍କ, ପାନପୋଷଠାରେ ୪୦କୋଟି ବ୍ୟୟରେ ଜନଜାତି ସଂଗ୍ରହାଳୟ, ସ୍ମାର୍ଟସିଟି ବିଲ୍‌ଡିଂରେ ଥିବା ଟ୍ରାଫିକ କଣ୍ଟ୍ରୋଲ ଆଇସିସି ହଲ ଓ କୋଏଲନଗର ସ୍ଥିତ ରିକ୍ରେସନ୍ ପାର୍କକୁ ମିଶାଇ ପ୍ରା

ସଂକ୍ଷେପରେ

ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ

ସମ୍ବଲପୁର,୧୯।୪(ବି.ଶଙ୍କର)

ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ମେଧାବୀ ଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ସାମ୍ବାଦିକ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସିବିଏସଇ ପରୀକ୍ଷାରେ ୯୯.୬% ମାର୍କ ରଖିଥିବା ଗଣ୍ଡା ସମ୍ପ୍ରଦାୟର ଦିବ୍ୟରଞ୍ଜନ ମନ୍ଦୋଦରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେ ମଦନାବତୀ ପବ୍ଲିକ ସ୍କୁଲ ଏବଂ ବିରାଟ କୋଚିଂରେ ପଢୁଥିଲେ। ସଫଳତା ସକାଶେ ତାଙ୍କ ପିତା ଅଶ୍ୱିନୀ ମନ୍ଦୋଦରୀ ଏବଂ ମା' ସୁଜାତା ମନ୍ଦୋଦରୀଙ୍କୁ ସମ୍ମାନୀତ କରାଯାଇଥିଲା । ଗଣ୍ଡା ସମାଜ କଲ୍ୟାଣ ପରିଷଦ ସଭାପତି ନିହାଲ ସିଂହ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ସମାଜ ଉପସଭାପତି ଶିବଶଙ୍କର ପ୍ରଧାନ, ସମ୍ପାଦକ ଅମିନ ମହାନନ୍ଦ ଉପସ୍ଥିତ ଥିଲେ।

ଅଗ୍ରୱାଲ ମହିଳା ସମ୍ମିଳନୀ ପକ୍ଷରୁ ପଙ୍କା ପ୍ରଦାନ କାର୍ଯ୍ୟକ୍ରମ

ସମ୍ବଲପୁର,୧୯।୪(ବି.ଶଙ୍କର)

ସହରରେ ପାରଦ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଅନ୍ତରାଷ୍ଟ୍ରୀୟ ଅଗ୍ରୱାଲ ମହିଳା ସମ୍ମିଳନୀ ପକ୍ଷରୁ ସ୍ଥାନୀୟ କଚେରିସ୍ଥିତ ସାଓଲିନ କୁଫୁ ଉଷୁ ଆସୋସିଏଶନର ଖେଳାଳିଙ୍କୁ ପଙ୍କା ପ୍ରଦାନ କରାଯାଇଛି । ରବିବାର ଏନେଇ ସମ୍ବଲପୁର ଜିଲା ଜୁଡୋ ହଲଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଅନ୍ତରାଷ୍ଟ୍ରୀୟ ଅଗ୍ରୱାଲ ମହିଳା ସମ୍ମିଳନୀ ସମ୍ବଲପୁର ଶାଖାର ପ୍ରଥମ ସଭାପତି ସନ୍ତୋଷ ତୟାଲ ଓ ବର୍ତ୍ତମାନର ସଭାନେତ୍ରୀ ଶାରଦା ଭାଲୁଟିଆ ଆସୋସିଏଶନକୁ ଆସି ୬ଟି ପଙ୍କା ଦେଇଛନ୍ତି । ଏହି ଅବସରରେ ଲଜପତ ରାଏ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା ମୁଖ୍ୟ ଅତିଥିଥିଲେ। ଆସୋସିଏଶନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା କହିଥିଲେ, ଅଗ୍ରୱାଲ ସମ୍ମିଳନୀର କାର୍ଯ୍ୟ ଖେଳାଳିଙ୍କୁ ଖରାଦିନରେ ନିୟମିତ ତାଲିମ ନେବାରେ ସହାୟକ ହେବ।

ବୁର୍ଲା ଡିଏଭିରେ ମହାତ୍ମା ହଂସରାଜ ଜୟନ୍ତୀ ପାଳିତ

ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର)

ବୁର୍ଲା ଏମ୍ସିଏଲ୍ ଆନନ୍ଦବିହାରସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଶିକ୍ଷା ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ପ୍ରତିଷ୍ଠାତା ମହାତ୍ମା ହଂସରାଜଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଯୋଗଦେଇ ମହାତ୍ମା ହଂସରାଜଙ୍କ ଡିଏଭି ଆନ୍ଦୋଳନ ମାଧ୍ୟମରେ ଶିକ୍ଷାର ବିକାଶ ଉପରେ କହିଥିଲେ। ଶିକ୍ଷକ ଶ୍ରୀହର୍ଷ କୁମାର ପତି ବକ୍ତବ୍ୟ ରଖିଥିଲେ। ଡ. ଶାନ୍ତନୁ କୁମାର ତ୍ରିପାଠୀ, ସୁଶାନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ଅଭୟ କୁମାର ମିଶ୍ର ସଂଯୋଜନା କରିଥିଲେ।

ଗୁଦଗୁଦାକୁ ପାଠ୍ୟ ପୁସ୍ତକରେ ସ୍ଥାନିତ କର

କୁଚିଣ୍ଡା,୧୯।୪(ବିରଞ୍ଚି ଦର୍କା)



ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଭଗିନ୍ଦ୍ର କିଷାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର ଜିଲା କୁଚିଣ୍ଡା ଆଦିବାସୀ ଭବନସ୍ଥିତ ବାଲମତି ଦେହୁରୀ ସମ୍ମିଳନୀ କକ୍ଷରେ ରବିବାର ପ୍ରାକ୍ତନ ବାମଣ୍ଡା ସାହିତ୍ୟ ସଂସ୍କୃତି ପରିଷଦର ଦ୍ୱିତୀୟ ସାମ୍ବତ୍ସରିକ ଉତ୍ସବ ଓ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ତହସିଲଦାର ମୂରଲୀଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ମୁଖ୍ୟଅତିଥି, ରଙ୍ଗାବତୀ ଗୀତର ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ସ୍ୱତନ୍ତ୍ର ଅତିଥି, ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଡା. ସତ୍ୟପ୍ରକାଶ ଦୋରା, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫୁଲ୍ଲ ମହାପାତ୍ର, ଅଲେଖ ମହିମା ପୀଠର ଶେଷଦେବ ବାବା, ମମତା କୁମାରୀ ସୁଆର, ପଶ୍ଚିମ ଓଡ଼ିଶା କଳାକାର ସଂଘ ସଭାପତି ମୂରଲୀଧର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ବାମଣ୍ଡା ଐତିହ୍ୟ ଓ ସଂଗ୍ରାମ ସମ୍ପର୍କରେ ଆଲୋଚନା କରି ଦେବଗଡର ପଧାନପାଟକୁ ପିଲାଙ୍କ ପାଠ୍ୟ ପୁସ୍ତକରେ ସ୍ଥାନ କରିଥିବାରୁ ସ୍ୱାଗତ କରିଥିଲେ। ଏଥିସହ ସରକାର ସମ୍ବଲପୁର ଜିଲାର ଗୁଦଗୁଦା ଜଳପ୍ରପାତକୁ ମଧ୍ୟ ଅନୁରୂପଭାବେ ସାମିଲ କରିବାକୁ ଦାବି କରିଥିଲେ। ଏହି ଅବସରରେ ପ୍ରଥମ ପ୍ରାକ୍ତନ ବାମଣ୍ଡା ରାଜ୍ୟସ୍ତରୀୟ କବି ସମ୍ମିଳନୀର ଆବାହକ ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକଙ୍କୁ ବାମଣ୍ଡାମଣି ସମ୍ମାନ ଏବଂ ନବନିଯୁକ୍ତ ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ

ବାମଣ୍ଡା ସାହିତ୍ୟ ସଂସ୍କୃତି ପରିଷଦର ସାମ୍ବତ୍ସରିକ ଉତ୍ସବ

ପରିଷଦ ସଭାପତି ଭଗିନ୍ଦ୍ର କିଷାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରାଧାକୃଷ୍ଣ ସାହିତ୍ୟ ସଂସଦ ସମ୍ପାଦକ ବିପିନ ବିହାରୀ ପୃଷ୍ଟିଙ୍କ ସଂଯୋଜନାରେ ଓଡ଼ିଶାର ଖୋର୍ଦ୍ଧା, କଟକ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର ଆଦି ଜିଲାରୁ ଆସିଥିବା କବି ଅଧ୍ୟାପକ ରୁଦ୍ରନାରାୟଣ ମିଶ୍ର, ବସନ୍ତ ଚୌଧୁରୀ, ସୌଭାଗ୍ୟ ପାତ୍ର, ତ୍ରୈଲୋକ୍ୟ ମହାପାତ୍ର, ପ୍ରେମସାଗର ଦେହେରିଆ, ବନମାଳୀ ନାମଦେଓ, ସୁସ୍ମିତା ପଟେଲ, ଇନ୍ଦୁ ମିଶ୍ର, ତୁଳସୀ ମଞ୍ଜରୀ ବହିଦାରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କବି ସାମିଲ ହୋଇଥିଲେ। ଶେଷରେ ପ୍ରମୋଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ

କୁଚିଣ୍ଡା,୧୯।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡାରେ ରବିବାର ସନ୍ଧ୍ୟାରେ ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି। କୁଚିଣ୍ଡା ଜଗନ୍ନାଥ ମନ୍ଦିରଠାରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ପର୍ଶୁରାମ ଭବନରେ ପହଞ୍ଚିଥିଲା। ବ୍ରାହ୍ମଣ ସମାଜ ସଭାପତି ତପନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୦ ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ପିଙ୍କୁ ପାଣି, ସିମନ ଦ୍ୱିବେଦୀ, ରୋଶନ ଶର୍ମା, ପ୍ରଶାନ୍ତ ଶର୍ମା, ସୌରଭ କର, ଚୁଲବୁଲ ହୋତା, ପର୍ଶୁରାମ ମିଶ୍ର, ଗଗନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ମହିଳା ମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

କୁଚିଣ୍ଡା,୧୯।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ବାମରାଠାରେ ରବିବାର ସନ୍ଧ୍ୟାରେ ଭାଜପା ମଣ୍ଡଳ ମହିଳା ମୋର୍ଚ୍ଚା ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଲୋକ ସଭାରେ କେନ୍ଦ୍ର ସରକାର ପକ୍ଷରୁ ଆଗତ ମହିଳା ସଂରକ୍ଷଣ ବିଲ, ଲୋକ ସଭା ଓ ବିଧାନ ସଭା ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ସହ ସମ୍ବିଧାନ ସଂଶୋଧନ ବିଲ୍‌କୁ ବିରୋଧି ଦଳ ବିରୋଧ କରିବାରୁ ଏହି ବିଲ କାଟ ଖାଇଥିଲା। ଏହା ମହିଳାଙ୍କ ପ୍ରତି ଅପମାନ ବୋଲି ଭାଜପା ଅଭିଯୋଗ କରି ବାମରା ଭାଜପା ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ଜାଫନା ପଟେଲଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରୁ ଏକ ପ୍ରତିବାଦ ଶୋଭାଯାତ୍ରା ବସଷ୍ଟାଣ୍ଡ ଛକ ପର୍ଯ୍ୟନ୍ତ କରାଯାଇଥିଲା। ପରେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ମଣ୍ଡଳ ମହିଳା ମୋର୍ଚ୍ଚା ଉପସଭାପତି ବିଶାଖା ମାଝି, ପୂଜା ନାଏକ, ପ୍ରତି ଉପାଧ୍ୟାୟ, ଭାରତୀ ମିଞ୍ଜ, ପଦ୍ମାବତୀ ମହାନନ୍ଦଙ୍କ ପ୍ରମୁଖ ସାମିଲ ହୋଇଥିଲେ।

୧୧୪ ମୋବାଇଲ୍ ମାଲିକଙ୍କୁ ହସ୍ତାନ୍ତର କଲା ପୋଲିସ



ଉଦ୍ଧାର ମୋବାଇଲ୍ ଫୋନ ମାଲିକଙ୍କୁ ଫେରସ୍ତ କରୁଛନ୍ତି ଏଏସ୍‌ପି ଅଜୟ କୁମାର ମିଶ୍ର।

ସମ୍ବଲପୁର,୧୯।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଦ୍ୱାରା ବିଭିନ୍ନ ସ୍ଥାନରୁ ହଜିଥିବା ୧୧୪ଟି ମୋବାଇଲ୍ ଫୋନ ଉଦ୍ଧାର କରିଛି। ଜିଲା ପୋଲିସ ମୁଖ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ମୋବାଇଲ୍ ହ୍ୟାଣ୍ଡଓଭର ମେଳା ମାଧ୍ୟମରେ ପୋଲିସ ପାଇଥିବା ମୋବାଇଲ ଫୋନର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି। ଏହି ପରିପ୍ରେକ୍ଷୀରେ ପୋଲିସ ମୁଖ୍ୟାଳୟରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଅଜୟ କୁମାର ମିଶ୍ର କହିଛନ୍ତି, ଉଦ୍ଧାର ହୋଇଥିବା ମୋବାଇଲ ଫୋନ୍‌ଗୁଡ଼ିକ କୌଣସି ଚୋରି ହୋଇଥିବା ନୁହେଁ ବରଂ ବିଭିନ୍ନ ସମୟରେ ଅସାବଧାନତା ଯୋଗୁ ହଜିଥିବା ବିଭିନ୍ନ ଲୋକଙ୍କ ଫୋନ। ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ସାଇବର ଥାନା ଏବଂ ବୈଷୟିକ ଟିମ୍ ସହାୟତାରେ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଅଭିଯୋଗ ଆଧାରରେ ଏହି ସଫଳତା ମିଳିଛି। ଜିଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳରୁ ଏହି ମୋବାଇଲ୍ ଫୋନଗୁଡ଼ିକ ଉଦ୍ଧାର କରାଯାଇଛି। ସେଥିମଧ୍ୟରେ ଅଇଁଠାପାଲି ଥାନା ପୋଲିସ ଦ୍ୱାରା ସର୍ବାଧିକ ୨୫ଟି, ବୁର୍ଲା ଥାନା ପୋଲିସ ଦ୍ୱାରା ୧୯, ଟାଉନ୍ ଥାନା ପୋଲିସ ଦ୍ୱାରା ୧୨, ଧନୁପାଲି ଥାନା ପୋଲିସ ଦ୍ୱାରା ୬ ଏବଂ କୁଚିଣ୍ଡା ଥାନା ପୋଲିସ ଦ୍ୱାରା ୮ ସମେତ ଅନ୍ୟାନ୍ୟ ଥାନାରୁ ମଧ୍ୟ ଆଉ କିଛି ମୋବାଇଲ୍ ଫୋନ୍ ଉଦ୍ଧାର ହୋଇଛି। ହଜିଥିବା ଫୋନ୍ ଫେରି ପାଇବା ପରେ ମାଲିକମାନେ ପୋଲିସକୁ ପ୍ରଶଂସା କରିଛନ୍ତି।

ହଜିଲା ମୋବାଇଲ୍ ପାଇଲା ପୋଲିସ

ପ୍ରଥମ ଜିଲାସ୍ତରୀୟ ସନ୍ତରଣ ସ୍ପ୍ରିଣ୍ଟ କାର୍ଣ୍ଣିଭାଲ



ଓଡ଼ିଶା ମାଷ୍ଟର୍ସ ସନ୍ତରଣ ସଂଘ ଆୟୋଜିତ ପ୍ରଥମ ଜିଲାସ୍ତରୀୟ ସ୍ପ୍ରିଣ୍ଟ କାର୍ଣ୍ଣିଭାଲରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ସମ୍ବଲପୁର,୧୯।୪(ବି.ଶଙ୍କର)

ଓଡିଶା ମାଷ୍ଟର୍ସ ସନ୍ତରଣ ସଂଘ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ସ୍ପ୍ରିଣ୍ଟ କାର୍ଣ୍ଣିଭାଲ–୨୦୨୬ ରବିବାର ସମ୍ବଲପୁରସ୍ଥିତ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ପ୍ରେମରଞ୍ଜନ ପ୍ରଧାନ ଓ ସମ୍ପାଦକ ସୁରଜ ବାଗଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ଉପଦେଷ୍ଟା ଆର୍ତ୍ତତ୍ରାଣ ମାଝୀ ଅନୁଷ୍ଠାନିକ ଭାବେ ୫୦ ମିଟର ସ୍ପ୍ରିଣ୍ଟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଏହି ସ୍ପ୍ରିଣ୍ଟ କାର୍ଣ୍ଣିଭାଲରେ ୧୦ ବର୍ଷରୁ କମ, ୧୧ରୁ ୧୨ ବର୍ଷ, ୧୩ରୁ ୧୪ ବର୍ଷ, ୧୫ରୁ ୧୭ ବର୍ଷ ଏବଂ ପୁରୁଷ ଓ ମହିଳା ବିଭାଗରେ ଫ୍ରି ଷ୍ଟାଇଲ, ବ୍ରେଷ୍ଟ ଷ୍ଟ୍ରୋକ, ବଟର ଫ୍ଲାଏ ଓ ବେକ ଷ୍ଟ୍ରୋକ ଷ୍ଟାଇଲରେ ବିଭିନ୍ନ ବିଭାଗରେ ୫୦ ମିଟରର ସନ୍ତରଣ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜାତୀୟସ୍ତରୀୟ, ରାଜ୍ୟସ୍ତରୀୟ ପ୍ରତିଯୋଗିତାଗୁଡିକର ଆରମ୍ଭ ହେବା ପୂର୍ବରୁ ନିଜକୁ ପ୍ରତିଯୋଗୀ ଭାବ ସୃଷ୍ଟି କରି ପ୍ରସ୍ତୁତ କରିବା ଏହି ସ୍ପ୍ରିଣ୍ଟ କାର୍ଣ୍ଣିଭାଲର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବରିଷ୍ଠ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରକାଶ କରିଛନ୍ତି । ଏହି ପ୍ରତିଯୋଗିତାରେ ୯୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବର୍ଗରେ ଚାମ୍ପିୟନ ହୋଇଥିଲେ ଶ୍ରେୟାଂଶ ତ୍ରିପାଠୀ, ଅନୁଷ୍ଠା ଶର୍ମା, ଦେବେଶ ବାଗ, ଶ୍ରୀଲେଖା ମିଶ୍ର, ୟଶରଜ ଲୁହା, ଅଲିୟାନା ପଣ୍ଡା, ରୋହିତ ଦୀପ ଓ ଜ୍ୟୋତି ସଲମା । ଏହି ସ୍ପ୍ରିଣ୍ଟ କାର୍ଣ୍ଣିଭାଲକୁ ପରିଚାଳନା କରିଥିଲେ ସୁରେନ୍ଦ୍ର ନାଏକ, ଆଶୁତୋଷ ନାଏକ, ଅନନ୍ତ ବେରିହା, ଲକ୍ଷ୍ମୀଚନ୍ଦ୍ର ମହାକୁଡ଼, ପ୍ରଦୀପ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ଜଗବନ୍ଧୁ ବେହେରା, ବଦ୍ରୀନାରାୟଣ ପୁରୋହିତ, ବିକାଶ ହରିପାଲ, ଅନୁପ୍ରିୟା ପଣ୍ଡା, ରଙ୍କନିଧି ସେଠ, ଦିଲୀପ ଜେନା, ମନୋଜ ବନଛୋର, ଅଲିଶା କେରକେଟା, ଅନନ୍ୟା ସାହା ଓ ମନୋଜ ବନଛୋର। ଶେଷରେ ମାଷ୍ଟର୍ସ ସନ୍ତରଣ ସଂଘର ବରିଷ୍ଠ ସଭ୍ୟ ନାରାୟଣ ପଣ୍ଡା, ଗଣେଶ ପାଣିଗ୍ରାହୀ, ଜୟନ୍ତ ପାଣ୍ଡେ, ଅନିଲ ବେରିହା ଓ ସମ୍ବଲପୁର ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ପୁରସ୍କାର ବିତରଣ କରିଥିଲେ ।

ଆଗାମୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ମୁଖ୍ୟ ଉଦ୍ଦେଶ୍ୟ

କୁନୁ ହତ୍ୟା ଘଟଣା, ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଗିରଫ

ସମ୍ବଲପୁର/ରେଙ୍ଗାଲି,୧୯।୪
(ପ୍ରମୋଦ ବହିଦାର/ଦେବବ୍ରତ ପଣ୍ଡା)

ସମ୍ବଲପୁରଜିଲା ରେଙ୍ଗାଲିଥାନା ଜାମବାହାଲ ଛକରେ ଗତ ଏପ୍ରିଲ ୫ ତାରିଖରେ ଘଟିଥିବା ସୌମ୍ୟରଞ୍ଜନ ବିଶ୍ୱାଳ ଓରଫ୍ କୁନୁ ହତ୍ୟା ମାମଲାରେ ଫେରାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଜଣଙ୍କୁ ରବିବାର ଗିରଫ କରିଛି ପୋଲିସ। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ରେଙ୍ଗାଲି ପୁରୁଣା ବସ୍ତିର ଚିନ୍ତାମଣି ବାଗ(୪୬) ଏବଂ କାନ୍ଧେଇକେଲାର ପ୍ରତାପ ପ୍ରଧାନ(୨୬)। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିପୂର୍ବରୁ ପୋଲିସ ଏହି ଘଟଣାରେ ଗତ ୮ ତାରିଖରେ ୪ଜଣ ଚିଙ୍କୁ ମିର୍ଦ୍ଧା, ସୁନିଲ ବାଗ, ରୋହନ ଦୀପ ଓ ନିଖିଲ ଦୀପଙ୍କୁ ଗିରଫ କରିଥିଲା। ପୋଲିସ ତଦନ୍ତ ଅନୁସାରେ ଏକ ବାଇକ୍ ଚୋରିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ପରେ ଏହା ଉଗ୍ର ରୂପ ଧାରଣ କରି ହତ୍ୟାକାଣ୍ଡର ରୂପ ନେଇଥିଲା। ଅଭିଯୁକ୍ତମାନେ କାଠ ଫାଳିଆ ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ସୌମ୍ୟରଞ୍ଜନ ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସୌମ୍ୟରଞ୍ଜନଙ୍କ ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ସହଯୋଗୀ ଗୁରୁତର ଆହତ ହୋଇଥିଲେ।

ଗିରଫଦାରି ସଂଖ୍ୟା ୬କୁ ବୃଦ୍ଧି

ଏସ୍‌ପିଏଲ୍ କ୍ରିକେଟ: ରେଡ୍‌ଆର୍ମି ବିଜୟୀ



ଟ୍ରଫି ସହ ବିଜେତା ଓ ଉପବିଜେତା ଦଳର ଖେଳାଳିମାନେ।

ଜମନକିରା,୧୯।୪ ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ଖେଳ ପଡ଼ିଆରେ ଚାଲିଥିବା ଏସ୍‌ପିଏଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରେଡ ଆର୍ମି ବିଜେତା, ଫାଇଟର ଇଲେଭେନ ଉପବିଜେତା ଘୋଷିତ ହୋଇଥିଲା। ରେଡଆର୍ମି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୩୦ ରନ କରିଥିଲା। ଜବାବରେ ଫାଇଟର ଇଲେଭନ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ କରି ପରାସ୍ତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସମାଜସେବୀ ରବୀନ୍ଦ୍ର ପ୍ରସାଦ ଦାନୀ, ସମ୍ମାନିତ ଅତିଥିଭାବେ ୱାର୍ଡସଭ୍ୟ ତନ୍ମୟ ପ୍ରଧାନ, ଦେବେନ୍ଦ୍ର କାଉ ଏବଂ ମହିନ୍ଦ୍ର ପଧାନ ଯୋଗଦେଇଥିଲେ। ଅତିଥିମାନେ ବିଜେତା ରେଡଆର୍ମି ଦଳକୁ ଟ୍ରଫି ସହ ୧୦ହଜାର ଓ ଉପ ବିଜେତା ଦଳ ଫାଇଟର ଇଲେଭେନ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ବେଷ୍ଟ ଉଇକେଟ କେରଭାବେ ନିର୍ମଳ ସାହୁ, ବେଷ୍ଟ ବ୍ୟାଟସମ୍ୟାନଭାବେ ସାଞ୍ଜୟ ଭୋଇ ବିବେଚିତ ହୋଇଥିଲେ। ଷଣ୍ଢପଥର ୟୁଥ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ଆୟୋଜନରେ ସଭାପତି ମହମ୍ମଦ ଦାନିଶ ଖାନ, ପ୍ରଦୀପ ପଧାନ, କମଲ ମେହେର, ଦେବାଶିଷ ଘଟୁଆଳ, ଦୀପକ ନାଏକ, କାର୍ତ୍ତିକ ମାଝୀ, ବିକାଶ ଚନ୍ଦ୍ର ଦେହୁରୀ, ଦୁଷ୍ମନ୍ତ ପ୍ରଧାନ, କିଶୋର ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ଗତ ୧୦ ତାରିଖରେ ଉଦ୍‌ଘାଟିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ୮ ଟି ଦଳ ଅଂଶଗ୍ରହଣ କରିଥିଲେ।

ମେ ୨୩ରୁ ଏସ୍‌କେପିଏଲ୍ ସିଜନ–୩

ସମ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....


ରିଦ୍ଧି
ପରିବାରବର୍ଗ


ସିବାନୀ
ପରିବାରବର୍ଗ


ଆଦ୍ୟାନ୍ତ
ପରିବାରବର୍ଗ


ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଡେମ୍ପୋକୁ ହରାଇଲା ରାଜସ୍ଥାନ ୟୁନାଇଟେଡ୍

ମାରଗାଓ, ୧୯।୪ (ପି.ଟି.)

ଚଳିତ ଇଣ୍ଡିଆନ ଫୁଟ୍‌ବଲ ଲିଗ୍ (ଆଇଏଫ୍‌ଏଲ୍)ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୨-୧ ଗୋଲ୍‌ରେ ଡେମ୍ପୋ ଏସ୍‌ସିକୁ ହରାଇ ଦେଇଛି। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ମାର୍କସ ଜୋଶେଫଙ୍କ ଗୋଲ୍ ବଳରେ ଡେମ୍ପୋ ଏଫ୍‌ସି ପ୍ରଥମେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଜେରାର୍ଡ ଆର୍ଟିଗାସ ଓ ଥୋମ୍ୟୋ ଏଲ୍ ସିମରୟଙ୍କ ଗୋଲ୍ ସହାୟତାରେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ୨-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ରବିବାର ଏହି ଫଳାଫଳ ଦ୍ୱାରା ରାଜସ୍ଥାନ ଏପର୍ଯ୍ୟନ୍ତ ଖେଳିଥିବା ୯ଟି ମ୍ୟାଚ୍‌ରୁ ୧୭ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଡେମ୍ପୋ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୯ ପଏଣ୍ଟ ସହ ପୂର୍ବଭଳି ୬ଷ୍ଠ ସ୍ଥାନରେ ରହିଛି।

ସ୍କୁଲ୍ସ ଓପନ ଚେସ୍: ମନୀଷ ଚାମ୍ପିୟନ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୫ମ କେ.ଡି. ପିଲାଇ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୪.୫ ପଏଣ୍ଟ ପାଇ ମନୀଷ ଦାସ ଚାମ୍ପିୟନ ହୋଇଛନ୍ତି। ସ୍ୱସ୍ତିକ୍ ତ୍ରିପାଠୀ, ପ୍ରିୟଦର୍ଶନ ରାୟ, ଆରିଶ ନନ୍ଦ ଗୋସ୍ୱାମୀ ଓ ଆୟାଭଦ୍ର ମହାନ୍ତି ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟିଟିଇ ସୁଧୀର କୁମାର ସାହୁ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶଯୋଗ୍ୟ, କେ.ଡି. ପିଲାଇ ନାମରେ ବିଶେଷ ପରିଚିତ କ୍ରିଷ୍ଣା ଦୁରୁସ୍ୱାମୀ ପିଲାଇ ଦୀର୍ଘ ଦୁଇ ଦଶନ୍ଧି ଧରି ଏହି ୬୪-ସ୍କୋୟାର ବିଶିଷ୍ଟ ଗେମ୍‌ରେ ଲୋକପ୍ରିୟ ଥିଲେ। ସେ ୧୯୬୦ରୁ ୧୯୮୨ ମଧ୍ୟରେ ୧୧ ଥର ରାଜ୍ୟ ଚାମ୍ପିୟନ ହୋଇଥିଲେ। ଜଣେ ସରକାରୀ କର୍ମଚାରୀ ହୋଇ ମଧ୍ୟ ରାଜ୍ୟରେ ଚେସ୍ ପ୍ରମୋଶନ ପାଇଁ ଅନେକ କାର୍ଯ୍ୟ କରିଥିଲେ। ତାଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି

ନୂଆଦିଲ୍ଲୀ, ୧୯।୪ (ପି.ଟି.)

ଭାରତୀୟ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଏକ ବର୍ଷ ପାଇଁ ନବୀକରଣ କରାଯାଇଛି। ସେ ଆସନ୍ତାବର୍ଷ ପର୍ଯ୍ୟନ୍ତ ତାଙ୍କ ପଦବୀରେ ରହିବେ। ୨୦୨୭ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ପଦକ୍ଷେପ ନେଇଛି। ଅଗରକରଙ୍କ ଅଧ୍ୟକ୍ଷତାରେ ଚୟନକମିଟି ଅଧୀନରେ ୨୦୨୩ ଅକ୍ଟୋବର ଓ ୨୦୨୬ ମାର୍ଚ୍ଚ ମଧ୍ୟରେ ମନୋନୀତ ଭାରତୀୟ ଦଳଗୁଡ଼ିକ ଚାରୋଟି ଆଇସିସି ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିପାରିଛି ଏବଂ ତିନୋଟିରେ (ଦୁଇ ଟି୨୦ ବିଶ୍ୱକପ୍ ଏବଂ ଗୋଟିଏ ଆଇସିସି ଚାମ୍ପିୟନ୍ସ ଟ୍ରଫି) ବିଜୟ ଲାଭ କରିପାରିଛି। ଏହି କାରଣରୁ ତାଙ୍କ ସହିତ ହୋଇଥିବା ଚୁକ୍ତିର ଚତୁର୍ଥ ବର୍ଷ ପାଇଁ ନବୀକରଣ କରାଯାଇଛି। ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ସୂତ୍ରରୁ ପ୍ରକାଶ ଅଗରକର ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହୁଁ ନ ଥିଲେ। ଜଣେ ଚୟନକର୍ତ୍ତା ଜୁନିୟର କିମ୍ବା ସିନିୟରରେ ୪ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ, କିମ୍ବା ଉଭୟ କମିଟିରେ ମୋଟ ୫ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ମାତ୍ର ଏଠାରେ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇ ନାହିଁ ବରଂ ନବୀକରଣ କରାଯାଇଛି। ଅଗରକର ସବୁବେଳେ କହିଥାନ୍ତି ତାଙ୍କ କମିଟିର କାର୍ଯ୍ୟଦକ୍ଷତାକୁ ଅନୁଧ୍ୟାନ କରି ଉପରିସ୍ଥ କର୍ମକର୍ତ୍ତା ଯାହା ନିଷ୍ପତ୍ତି ନିଅନ୍ତୁ। ସେ ନିଜ ଆଡୁ ତାଙ୍କ ଚୁକ୍ତି ନବୀକରଣ କରିବାକୁ ଚାହିବେ ନାହିଁ। ଆସନ୍ତା ୫୦ ଓଭର ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ବୋର୍ଡ ଅଗରକରଙ୍କୁ ହଟାଇବାକୁ ଚାହୁଁନି। ଅଗରକର ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ କଠୋର ପଦକ୍ଷେପ ନେଇଛନ୍ତି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ଖେଳାଳିଙ୍କୁ ଟେଷ୍ଟରୁ ଅବସର ଦିଆଇଛନ୍ତି। ସିନିୟର ପେସ୍ ବୋଲର ମହମ୍ମଦ ଶାମିଙ୍କୁ ଅନ୍ତର୍ଜାତୀୟ କ୍ରିକେଟରୁ ବାଦ୍ ଦେଇଛନ୍ତି। ପୁନଶ୍ଚ ସେ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି୨୦ ବିଶ୍ୱକପ୍ ଦଳରୁ ବାଦ୍‌ଦେଇ ଫର୍ମରେ ଥିବା ଇଶାନ କିଶନଙ୍କୁ ଦଳରେ ସ୍ଥାନ ଦେଇଥିଲେ।

ବିଶ୍ୱରେକର୍ଡ ଭାଙ୍ଗିଲା ମାନବୀୟ ରୋବୋ



ବେଜିଂ, ୧୯।୪ (ପି.ଟି.)

ଏକ ଚାଇନିଜ କମ୍ପାନୀ ଦ୍ୱାରା ନିର୍ମିତ ଏକ ମାନବୀୟ ରୋବୋ ଏଠାରେ ସୌଖୀନ ଧାବକମାନଙ୍କ ସହିତ ଏକ ହାଫ୍ ମାରାଥନ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛି। କେବଳ ସେତିକି ନୁହେଁ, ଏହି ରୋବଟ ୫୦ ମିନିଟ୍ ୨୬ ସେକେଣ୍ଡ ଟାଇମିଂ ସହ ମନୁଷ୍ୟ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଛି। ପୁରୁଷ ହାଫ୍ ମାରାଥନ ବିଶ୍ୱରେକର୍ଡ ଉଗାଣ୍ଡାର ଷ୍ଟାର ଡିଷ୍ଟାନ୍ସ ରନର ଜାକବ କିପ୍ ଲିମୋଙ୍କ ନାମରେ ରହିଛି। ସେ ଗତ ମାସରେ ପର୍ତ୍ତୁଗାଲରେ ଅନୁଷ୍ଠିତ ଲିସ୍‌ବନ ହାଫ୍ ମାରାଥନରେ ରେକର୍ଡର ଅଧିକାରୀ ହୋଇଥିଲେ। ରେସ୍‌ରେ ମଣିଷ ଧାବକଙ୍କ ସହ ଚାଇନା, ଫ୍ରାନ୍ସ, ଜର୍ମାନୀ ଓ ବ୍ରାଜିଲ ଆଦି ଦେଶରୁ ୧୦୦ରୁ ଅଧିକ ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାର ନିୟମାନୁସାରେ ୨୧ କି.ମି. ଦୂରତା ବିଶିଷ୍ଟ ରେସ୍‌ରେ ଧାବକ ଏବଂ ମାନବୀୟ ରୋବୋଗୁଡ଼ିକ ସମାନ ରାସ୍ତାରେ ସୁରକ୍ଷା ଦୃଷ୍ଟିରୁ ପୃଥକ୍ ଲେନ୍‌ରେ ଦୌଡ଼ିଥିଲେ। ରୋବଟ ଲାଗି କଟ୍‌ଅଫ୍ ଟାଇମିଂ ୩ ଘଣ୍ଟା ୪୦ ମିନିଟ ରଖାଯାଇଥିଲା।

ହାଫ୍ ମାରାଥନ

ଆଇରିଶ୍ ଓପନ ବିଲିୟାର୍ଡ୍ସ
ସୁବ୍ରତ ନକ୍‌ଆଉଟରୁ ବଞ୍ଚିତ

ଭୁବନେଶ୍ୱର, ୧୯।୪(ତପନ ସ୍ୱାଇଁ)

ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ଭାଗନେବା ପୂର୍ବରୁ ଓଡ଼ିଶାର କ୍ୟୁ ସ୍ପୋର୍ଟ୍ସ ତାରକା ସୁବ୍ରତ ଦାସ ଆୟର୍ଲାଣ୍ଡରେ ଚାଲିଥିବା ଆଇରିଶ୍ ଓପନ ବିଲିୟାର୍ଡ୍ସର ନକ୍‌ଆଉଟରେ ପ୍ରବେଶରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ନିଜର ପ୍ରଥମ ଲିଗ୍ ମ୍ୟାଚରେ ଇଂଲାଣ୍ଡର ଟେରୀ ଆଜୋରଙ୍କୁ ୨୧୭-୧୭୪ ଓ ଦ୍ୱିତୀୟ ମ୍ୟାଚରେ ସ୍କଟଲାଣ୍ଡର ପିଟର ଷ୍ଟାନରଙ୍କୁ ୨୩୦-୧୧୬ରେ ପରାସ୍ତ କରିଥିବା ସୁବ୍ରତ ରବିବାର ୧୬ଥର ବିଶ୍ୱ ଚାମ୍ପିୟନ ମାଇକ୍ ରସେଲଙ୍କଠାରୁ ୭୦-୫୬୦ ପଏଣ୍ଟରେ ହାରି ଯାଇଛନ୍ତି। ଏହାପରେ ନିର୍ଣ୍ଣାୟକ ମ୍ୟାଚରେ ଇଂଲଣ୍ଡର ଖ୍ରିଷ୍ଟିଆନ କିର୍କଙ୍କଠାରୁ ମାତ୍ର ୫ (୨୨୦-୨୨୫)ରେ ପରାଜୟ ତାଙ୍କ ପାଇଁ ମହଙ୍gା ପଡ଼ିଛି। ସେ ନକ୍‌ଆଉଟରେ ଖେଳିବାକୁ ଯୋଗ୍ୟତା ପାଇପାରି ନାହାନ୍ତି। ସୋମବାରଠାରୁ ସୁବ୍ରତ ଏହାପରେ ୪ ଦିନ ବିଶିଷ୍ଟ ୱାର୍ଲ୍ଡ ମ୍ୟାଚପ୍ଲେ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ (ପଏଣ୍ଟ ଫର୍ମାଟ)ରେ ଖେଳିବେ। ଏହା ଆସନ୍ତା ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାପରେ ସେ ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଆୟର୍ଲାଣ୍ଡର କାର୍ଲୋଠାରେ ଚଳିତ ମାସ ୨୪ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର

ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। କ୍ୱାର୍ଟର ଫାଇନାଲର ପ୍ରଥମ ମ୍ୟାଚରେ ଆଶୁତୋଷ ପାଢ଼ୀ ଓ ନିଶାନ୍ତ ବିଶ୍ୱାଳ, ଦ୍ୱିତୀୟରେ ରାକେଶ ରୋଶନ ପ୍ରଧାନ ଓ ଉଦ୍ଭାସ ମହାପାତ୍ର, ତୃତୀୟରେ ଚେତନ ଆନନ୍ଦ ଓ ଅନୁଜ କୁମାର ପଣ୍ଡା ଏବଂ ଚତୁର୍ଥ କ୍ୱାର୍ଟର ଫାଇନାଲରେ ମିଶାଲ ସ୍ୱାଇଁ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ମୁକାବିଲା ହେବ। ରବିବାର ଅନୁଷ୍ଠିତ ମ୍ୟାଚରେ ଅନୁଜ ପଣ୍ଡା ୨-୧ରେ ଚିରାଗ ଆରୋରା, ମିଶାଲ ସ୍ୱାଇଁ ୨-୦ରେ ଶିବପ୍ରସାଦ ସେଠୀ, ଆକାଶ ମହାପାତ୍ର ୨-୦ରେ ରୁମିତ ଗୁପ୍ତା, ଆଶୁତୋଷ ପାଢ଼ୀ ୨-୦ରେ ସବ୍ୟସାଚୀ ପଟ୍ଟନାୟକ ଓ ରାକେଶ ରୋଶନ ପ୍ରଧାନ ୨-୧ରେ ସିଦ୍ଧାର୍ଥ ସେନ୍‌ଙ୍କୁ ପରାସ୍ତ କରିଛନ୍ତି।


ଅନୁଜ କୁମାର ପଣ୍ଡା

କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍

ମୁଚୋଭାଙ୍କୁ ହରାଇ ରିବାକିନା ଚାମ୍ପିୟନ

ଷ୍ଟୁଟଗାର୍ଟ (ଜର୍ମାନୀ), ୧୯।୪ (ଏପି)

କାଜାଖସ୍ତାନର ଏଲିନା ରିବାକିନା ଦ୍ୱିତୀୟ ଥର ପୋର୍ସେ ଟେନିସ ଗ୍ରାଁ ପ୍ରି ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ କାରୋଲିନା ମୁଚୋଭାଙ୍କୁ ୭-୫୪, ୬-୧ରେ ହରାଇ ଦେଇଛନ୍ତି। ୨୬ ବର୍ଷୀୟା ଏହି ଖେଳାଳି ପୂର୍ବରୁ ଏଠାରେ ୨୦୨୪ରେ ଚାମ୍ପିୟନ ହୋଇଥିଲେ। କାତାରରେ ବିଜୟ ଲାଭ କରିବା ପରେ ଚେକ୍ ରିପବ୍ଲିକର ମୁଚୋଭାଙ୍କର ଏହାଥିଲା ଦ୍ୱିତୀୟ ଫାଇନାଲ।

ଜାଇନୁଲଙ୍କୁ 'ତୁଷାରଶ୍ରୀ' ଟାଇଟଲ

ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)

ଆଚାର୍ଯ୍ୟ ବିହାରସ୍ଥିତ ଆଚାର୍ଯ୍ୟ ହରିହର ପାର୍କରେ ୮ମ ତୁଷାରଶ୍ରୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତା ମୋଟ ୫ଟି ବିଭାଗରେ ହୋଇଥିବାବେଳେ ଏସ୍.କେ. ଜାଇନୁଲ ଟାଇଟଲ ବିଜେତା ହୋଇଛନ୍ତି। ୬୦ କେଜିରେ ବର୍ଗରେ କିଶୋର କୁମାର ଜେନା ପ୍ରଥମ, ରାକେଶ କୁମାର ସାହୁ ଦ୍ୱିତୀୟ ଏବଂ ସନ୍ତୋଷ କୁମାର ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୭୦କେଜିରେ ଏସ.କେ. ଜାଇନୁଲ ପ୍ରଥମ, ଆଶିଷ କୁମାର ରାୟ ୨ୟ ଓ ସନାତନ ସାହୁ ତୃତୀୟ ହୋଇଛନ୍ତି। ୭୫କେଜିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ରଞ୍ଜନ ନାୟକ, ଦ୍ୱିତୀୟ ପ୍ରମୋଦ କୁମାର ସ୍ୱାଇଁ ଓ ତୃତୀୟ ଓମ୍ ପ୍ରସାଦ ମିଶ୍ର। ଅନ୍ୟ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସୁରେନ୍ଦ୍ର କୁମାର ଦାସ, ଦ୍ୱିତୀୟ ଆଶିଷ ରଞ୍ଜନ ଦତ୍ତ, ତୃତୀୟ ଓମ୍ ସ୍ୱରୂପ ମହାନ୍ତି। ସେହିପରି ଫିଟନେସ୍ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ ସୁରେନ୍ଦ୍ର କୁମାର ଦାସ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ସାଗର ଦଳେଇ ଓ ଦୁର୍ଗାଚରଣ ସାମନ୍ତରାୟ। ପ୍ରତିଯୋଗିତାକୁ ଆୟୋଜନ କରିଥିଲେ ତୁଷାର ଚାରିଟେବୁଲ ଟ୍ରଷ୍ଟ, ମା' ସୁନାଦେଇ ୱାକର୍ସ କ୍ଲବ ଏବଂ ଆଚାର୍ଯ୍ୟ ବିହାର ପରିଷଦ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିକାଶ ପଟ୍ଟନାୟକ, ନବ କିଶୋର ବେହେରା, ପଦ୍ମଜା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୁବାରାମ ସିଂ, ଭଜମନ ମହାନ୍ତି, ଶିଶିର ମହାପାତ୍ର, ଅମ୍ଲେଶ ଦାସ, ତୁଷାର ଚାରିଟେବୁଲ ଟ୍ରଷ୍ଟର ସଭାପତି ଜୀତେନ୍ଦ୍ର କୁମାର ଜେନା ଓ ସମ୍ପାଦକ ବିବେକାନନ୍ଦ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଚାରକ ଥିଲେ ଓଡ଼ିଶା ବଡ଼ି ବିଲଡିଂ ଆଶୋସିଏଶନର ସଭାପତି ସୁମିତ ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର।


ଅତିଥିଙ୍କ ଗହଣରେ 'ତୁଷାରଶ୍ରୀ' ଟାଇଲଟ ବିଜୟୀ ଏସ.କେ. ଜାଇନୁଲ।



ଧ-୧୬୩



ଧ-୧୬୨

୨ୟ ଜନ୍ମଦିନ ଶୁଭେଚ୍ଛା



ଆଦ୍ୟାନ୍ତ (KING)

ଯାଜପୁର, କରଡାପାଳ ନିବାସୀ ମୃଣୟ ଏବଂ ଓଁକାରମାୟୀଙ୍କ ସୁପୁତ୍ର ଆଦ୍ୟାନ୍ତର ଜନ୍ମବାର୍ଷିକୀ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ତାର ସର୍ବମଙ୍ଗଳ ଓ ଦୀର୍ଘଆୟୁଷ କାମନା କରୁଅଛୁ।

ଧ-୧୬୪

Classified Everyday

0674-2580101, 9692975378



REAL ESTATE

SALE

Ready to move apartment Sale Near Hanspal, Rasulgarh, Bhubaneswar. 9777433701. D-29

Plot Sale Near Sundarpada OEC College with Boundary wall- 6372670155. D-30

ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520. D-32



All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly opening full body massage. Best therapist, Good Looking: 7205888795. D-135

All types of physiotherapy and massage. Contact: 9556924059 / 7656969134. D-109

AFFIDAVIT

I, Sumitra Das aged about 52 years, D/o Banabihari Mishra, W/o- Ratanlal Dash, At/ Post/P.S.- Baisinga, Dist.- Mayurbhanj, PIN- 757028 Odisha declared by this affidavit No- 18, dated 9.4.2026 that onwards I shall be known as Sumitra Dash for all purpose. D-156

By virtue an affidavit (V 068309 and CF No.- 138) sworn before the Executive Magistrate, BBSR on dated- 10.04.26, I, A. Babu Rao, S/o- Late Alapana Mohan Rao, Qtr. No.- D-18/1, Type-II, Mancheswar Railway Colony, BBSR, PIN- 751017 declare that I have changed my name A. Babu Rao to Alapana Babu Rao and my wife's name from A. Bhulaxmi to Alapana Bhulakshmi. Henceforth, my and my wife's name will be known as Alapana Babu Rao and Alapana Bhulakshmi respectively in the KV No-3, BBSR School admission register as the parents of my daughter Alapana Dharani. D-158

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




By virtue of an affidavit sworn before the Notary Public, G.Udayagiri, Dtd-15.04.2026, I, Manoj Kumar Pradhan, S/o- Maheswar Pradhan, Address: At- Katadaganda, P.O.- Nilungia, P.S./ Tahasil- G.Udayagiri, Dist.- Kandhamal, Odisha Aadhaar No. XXXX XXXX 5478 declare that my name has been mentioned in ROR of Mauza Katadaganda, Khata No. 29 as Manoj Kumar Mallick, Cast: Kandha instead of my actual name Manoj Kumar Pradhan, Cast: Kandha. I swear in this affidavit and declare that Manoj Kumar Mallick and Manoj Kumar Pradhan is one and same Person. Henceforth, I shall be known as Manoj Kumar Pradhan for all purposes.
Manoj Kumar Pradhan
D-155

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଶ୍ରବ୍ଧାନନ୍ଦ ମିଶ୍ର

ଆବିର୍ଭାବ ୨୮/୦୭/୧୯୩୨ ଶ୍ରାବଣ ଦଶମୀ | ତିରୋଧାନ ୨୮/୦୪/୨୦୧୭ ଅକ୍ଷୟ ତୃତୀୟା

ଆପଣଙ୍କ ଅବର୍ତ୍ତମାନକୁ ସହଜରେ ବିଶ୍ୱାସ କରିହୁଏନା। ଚାହୁଁ ଚାହୁଁ ୯ବର୍ଷ ବିତିଗଲା। ହେ କର୍ମ

ଧରିତ୍ରୀ 52 Years
ଧରିତ୍ରୀ DHARITRI
ସ୍ୱାସ୍ଥ୍ୟ ବିଜ୍ଞାନ
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ୨୦ ଏପ୍ରିଲ, ୨୦୨୬ Bhubaneswar, Monday, 20 April, 2026

ଭିଟାମିନ୍-ଡି' ଅଭାବରୁ ହୋଇପାରେ ହୃଦ୍‌ଘାତ



ଆମ ଶରୀର ପାଇଁ ଭିଟାମିନ୍ 'ଡି' କେତେ ଉପକାରୀ, ତାହା ପ୍ରାୟ ଅନେକ ଜାଣନ୍ତି। ଏହା ବିଭିନ୍ନ ଖାଦ୍ୟ ପଦାର୍ଥରେ ଭରି ରହିଛି ଏବଂ ଏହାର ଅନ୍ୟତମ ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେବେ ଏହି ଭିଟାମିନ୍ ଅଭାବରେ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେବେ ଏହାର ପରିମାଣ ଯଦି ଶରୀରରେ ଅସନ୍ତୁଳିତ ରହିଲା, ତେବେ ହୃଦ୍‌ଘାତ ପରି ସମସ୍ୟାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ବିଷୟକୁ ନେଇ ସେମାନେ କରିଥିବା ଏକ ସର୍ଭେରୁ ଏକଥା ଜଣାପଡିଥିଲା। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୧୦% ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ସମସ୍ୟା ଦେଖିବାକୁ ମିଳିଥିଲା। ସେମାନଙ୍କ ଶରୀରରେ ଭିଟାମିନ୍ 'ଡି'ର ପରିମାରଣ କମ୍ ଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଦଳୀ, କମଳା, ଆଲ୍‌ମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଆଦିରେ ଭିଟାମିନ୍ 'ଡି' ଭରିରହିଛି।

ଦୀର୍ଘକାଳୀନ କିଡ୍‌ନୀ ରୋଗ



ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀରର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ବହୁ ପରିମାଣରେ ପ୍ରୋଟିନ ନିଷ୍କାସିତ ହୁଏ। ଫଳରେ ରକ୍ତରେ ଆଲବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଡାଇବେଟିକ୍ ନେଫ୍ରୋପାଥିରେ ଡାଇବେଟିସ୍ ଯୋଗୁ କିଡ୍‌ନୀ ନଷ୍ଟ ହୋଇ ଜାତ ହୁଏ କିଡ୍‌ନୀ ଅକ୍ଷମତା। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ।

ପାଚିଲା ଫଳରେ ହାନିକାରକ କାର୍ବାଇଡ୍



ଡ. ଆଶିଷ କୁମାର ଯେନା

''ଫଳକୁ ପଚାଇବା ସହିତ ହାନିକାରକ ଆର୍ସେନିକ୍ ଓ ଫସ୍‌ଫରସ୍ ହାଇଡ୍ରାଇଡ୍ ସହ ମିଶି ମଣିଷ ଶରୀରକୁ ଆସିବାର ଆଶଙ୍କା ଥାଏ। ଏହିସବୁ କ୍ଷତିକାରକ ରାସାୟନିକ ପଦାର୍ଥଗୁଡ଼ିକ ଶରୀରରେ ଥକାପଣ, ଶୋଷ ଲାଗିବା, କୁଣ୍ଢେଇ ହେବା, ବାନ୍ତି, ପାଟିରେ ଘା', କିଡ୍‌ନୀ ସମସ୍ୟା, ମଧୁମେହ ବା ଡାଇବେଟିସ୍, ହୃଦ୍‌ରୋଗ ଏବଂ କ୍ୟାନ୍‌ସର ପରି ମାରାତ୍ମକ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। କ୍ୟାଲ୍‌ସିୟମ୍ କାର୍ବାଇଡ୍ ଫଳରେ ଥିବା ପୁଷ୍ଟିକର ମୂଲ୍ୟକୁ କମାଇଥାଏ।''






ଆଜିର ବ୍ୟସ୍ତବହୁଳ ଓ ସହରୀକରଣ ଜୀବନଶୈଳୀ ମଧ୍ୟରେ ବାଡ଼ିବଗିଚା ସ୍ୱପ୍ନ ପରି ମନେହୁଏ। ଅଧିକାଂଶ ସମୟରେ ଆମ୍ଭେମାନେ ଫଳ ପାଇଁ ବଜାର ଉପରେ ନିର୍ଭରଶୀଳ। ଅନେକ ଫଳ ଯଥା ଆମ୍ବ, କଦଳୀ ଇତ୍ୟାଦି ଆମ ଅଞ୍ଚଳରେ ଉତ୍ପାଦନ ହେଉଥିଲେ ମଧ୍ୟ ବର୍ଦ୍ଧିତ ଚାହିଦା ମେଣ୍ଟାଇବା ପାଇଁ ଅନ୍ୟ ରାଜ୍ୟରୁ କ୍ରୟ କରାଯାଏ। ପାଚିଲା ଫଳଗୁଡ଼ିକ ରପ୍ତାନି ସମୟରେ ନଷ୍ଟ ହେବାର ସମ୍ଭାବନାକୁ ଆଖିଆଗରେ ରଖି କଞ୍ଚା ଫଳଗୁଡ଼ିକୁ ବ୍ୟବସାୟୀମାନେ ଆମଦାନୀ କରିଥା'ନ୍ତି। ଲୋକମାନଙ୍କର ଚାହିଦା ପୂରଣ କରିବାକୁ ଯାଇ ଫଳଗୁଡ଼ିକୁ ଶୀଘ୍ର ପଚାଇବାର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ଏଥିପାଇଁ ବଜାରରେ ଉପଲବ୍ଧ କ୍ୟାଲ୍‌ସିୟମ୍ କାର୍ବାଇଡ୍ ନାମକ ରାସାୟନିକ ପଦାର୍ଥର ଉପଯୋଗ କରାଯାଏ, ଯାହା ସର୍ବସାଧାରଣରେ କାର୍ବାଇଡ୍ ରୂପେ ପରିଚିତ। କ୍ୟାଲ୍‌ସିୟମ କାର୍ବାଇଡ୍ ଜଳକଣା ସଂସ୍ପର୍ଶରେ ଆସି ଏସିଟିଲିନ୍ ନାମକ ରାସାୟନିକ ଗ୍ୟାସ୍ ତିଆରି କରିଥାଏ। ଏହି ଏସିଟିଲିନ୍ ଏବଂ କ୍ୟାଲ୍‌ସିୟମ୍ କାର୍ବାଇଡ୍ ଫଳକୁ ପଚାଇବାରେ ସହାୟକ ହୋଇଥାଏ। ଏସିଟିଲିନ୍ ଉଦ୍ଭିଦରୁ ସ୍ୱତଃ ପ୍ରସ୍ତୁତ ହେଉଥିବା ଇଥିଲିନ୍ ନାମକ ହରମୋନ୍‌କୁ ଅନୁକରଣ କରି ଫଳକୁ ପଚାଇଥାଏ। କିନ୍ତୁ ଚିନ୍ତାର ବିଷୟ ହେଉଛି, କ୍ୟାଲ୍‌ସିୟମ୍ କାର୍ବାଇଡ୍‌ରେ ଥିବା ହାନିକାରକ ରାସାୟନିକ ପଦାର୍ଥ ଯଥା ଆର୍ସେନିକ୍ ଏବଂ ଫସ୍‌ଫରସ୍ ହାଇଡ୍ରାଇଡ୍ ଇତ୍ୟାଦି କ୍ୟାଲ୍‌ସିୟମ୍ କାର୍ବାଇଡ୍ ଫଳ ସଂସ୍ପର୍ଶରେ ଆସି କଞ୍ଚାଫଳକୁ ପଚାଇବା ସହିତ ହାନିକାରକ ଆର୍ସେନିକ୍ ଓ ଫସ୍‌ଫରସ୍ ହାଇଡ୍ରାଇଡ୍ ସହ ମିଶି ମଣିଷ ଶରୀରକୁ ଆସିବାର ଆଶଙ୍କା ଥାଏ। ଏହିସବୁ କ୍ଷତିକାରକ ରାସାୟନିକ ପଦାର୍ଥଗୁଡ଼ିକ ଶରୀରରେ ଥକାପଣ, ଶୋଷ ଲାଗିବା, କୁଣ୍ଢେଇ ହେବା, ବାନ୍ତି, ପାଟିରେ ଘା', କିଡ୍‌ନୀ ସମସ୍ୟା, ମଧୁମେହ ବା ଡାଇବେଟିସ୍, ହୃଦ୍‌ରୋଗ ଏବଂ କ୍ୟାନ୍‌ସର ପରି ମାରାତ୍ମକ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। କ୍ୟାଲ୍‌ସିୟମ୍ କାର୍ବାଇଡ୍ ଫଳରେ ଥିବା ପୁଷ୍ଟିକର ମୂଲ୍ୟକୁ କମାଇଥାଏ। ଉଦାହରଣ ସ୍ୱରୂପ ଭିଟାମିନ୍ ସି। ଏହି ଭିଟାମିନ୍‌ର ଆଣ୍ଟି ଅକ୍ସିଡାଣ୍ଟ ଶରୀର ପାଇଁ ଲାଭଦାୟକ। ଆମ ଶରୀର ଭିଟାମିନ୍ 'ସି'କୁ ତିଆରି କରିବାରେ ସକ୍ଷମ ହୋଇନଥାଏ। ମୁଖ୍ୟତଃ ଫଳରୁ ଭିଟାମିନ୍ 'ସି' ମିଳିଥାଏ। କ୍ୟାଲ୍‌ସିୟମ୍ କାର୍ବାଇଡ୍ ଦ୍ୱାରା ପଚାଯାଉଥିବା ଫଳରେ ଭିଟାମିନ୍ 'ସି'ର ପରିମାଣ ଅପେକ୍ଷାକୃତ କମ୍ ରହିଥାଏ। ପ୍ରକୃତିରୁ ମିଳୁଥିବା ପାଚିଲା ଫଳରେ ବିଭିନ୍ନ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ଯଥା ଆନ୍ଥୋସିଆନିନ୍, ଭିଟାମିନ୍ 'ସି' ଓ କାରୋଟିନଏଡ୍‌ସ ରହିଥାଏ। ସମ୍ପ୍ରତି ମଣିଷର ଅଗ୍ରଗତି ସହିତ ତା'ର ଚାହିଦା ଅନେକ ମାତ୍ରାରେ ବଢ଼ିଛି। ତତ୍‌କ୍ଷଣାତ୍ ସବୁକିଛି ପାଇବାର ମୋହ ତାକୁ ଗ୍ରାସ କରିଛି। ତେଣୁ ଇଥୋଫେନ୍ ପରି ଅନ୍ୟ ଏକ କୀଟନାଶକ ଦ୍ରବଣକୁ ଫଳ ପଚାଇବା ପାଇଁ ଆଜିକାଲି ବ୍ୟବହାର କରାଯାଉଅଛି। ଇଥୋଫେନ୍ ହେଉଛି ଫସ୍‌ଫରସ୍‌ଯୁକ୍ତ ଉଚ୍ଚ ଅମ୍ଳ ଜଡ଼ିତ ରାସାୟନିକ ପଦାର୍ଥ, ଯାହା କ୍ଷାରକ ସଂସ୍ପର୍ଶରେ ଆସି ଇଥିଲିନ୍ ଗ୍ୟାସ ପ୍ରସ୍ତୁତ କରିଥାଏ। ଏହି ଇଥିଲିନ୍ ଗ୍ୟାସ ଫଳକୁ ପଚାଇଥାଏ। ଇଥୋଫେନ୍‌ର ପ୍ରତ୍ୟକ୍ଷ ବ୍ୟବହାର ଇଥିଲିନ୍ ଗ୍ୟାସ୍ ପ୍ରସ୍ତୁତ କରିବା ସହିତ କ୍ଷତିକାରକ ୨-ହାଇଡ୍ରୋକସି ଫସ୍‌ଫୋନିକ୍ ଏସିଡ୍ ମଧ୍ୟ ତିଆରି କରିଥାଏ। ତେଣୁ ଇଥୋଫେନ୍ ଦ୍ରବଣର ପାର୍ଶ୍ୱ ପ୍ରତିକ୍ରିୟା ଥିବାରୁ ଏହାର ସିଧାସଳଖ ପ୍ରୟୋଗକୁ ମଧ୍ୟ ବାରଣ କରାଯାଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ନିୟମାବଳୀ ଅନୁଯାୟୀ ଇଥୋଫେନ୍‌ରୁ ଉତ୍ପନ୍ନ ହେଉଥିବା ଇଥିଲିନ୍ ଗ୍ୟାସ ବ୍ୟବହାର ପାଇଁ ଅନୁମୋଦିତ ପଦ୍ଧତି ଉଲ୍ଲେଖ କରାଯାଇଅଛି। କାର୍ବାଇଡ୍ ଏବଂ ଇଥୋଫେନ୍ ଦ୍ରବଣ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥିବାରୁ ଏହାକୁ ଫଳ ପଚାଇବା ପାଇଁ ବ୍ୟବହାର କରିବା ପରିବର୍ତ୍ତେ ଇଥିଲିନ୍ ଗ୍ୟାସର ବ୍ୟବହାର ଅନୁକରଣୀୟ। ବର୍ତ୍ତମାନ ଇଥିଲିନ୍ ଗ୍ୟାସକୁ ବ୍ୟବହାର କରାଯାଇ ଅନେକ ଫଳ ପଚାଇବା କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି।

– ସହକାରୀ ପ୍ରଫେସର, ରସାୟନ ବିଜ୍ଞାନ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ
ମୋ : ୯୮୫୩୨୨୨୯୧୯


ଯକ୍ଷ୍ମା ନିର୍ଣ୍ଣୟ ପାଇଁ ପରୀକ୍ଷା

ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକ୍‌ସନ ଦେଇ ମାଣ୍ଟ ପରୀକ୍ଷା କରାଯାଏ। ରକ୍ତ ପରୀକ୍ଷା ଏବଂ ଛାତିର ଏକ୍ସ-ରେ ମଧ୍ୟ ହୋଇଥାଏ। ସ୍ଥଳ ବିଶେଷରେ ଫୁସ୍‌ଫୁସ୍‌ର ସିଟି ସ୍କାନ ଆବଶ୍ୟକ ପଡ଼ିପାରେ । ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ। ରୋଗ ନିର୍ଣ୍ଣୟ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। ଏହାବ୍ୟତୀତ ଔଷଧ ଖାଇବାରେ ଅନିୟମିତତା, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଠିକ୍ ନୁହେଁ। ଡାକ୍ତରଙ୍କ ପରାମର୍ଶ ; ଅନୁସାରେ ଔଷଧି ଖାଆନ୍ତୁ। ଏବେ ଡାଇରେକ୍ଟଲି ଅବ୍‌ଜରର୍ଭଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କରାଯାଇ ସୁଫଳ ମିଳୁଛି। ଏହି ପଦ୍ଧତିରେ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତଦାରଖରେ ରୋଗୀକୁ ନିୟମିତ ଔଷଧ ଖୁଆଇବା ବ୍ୟବସ୍ଥା ଅନୁସୃତ ହେଉଛି। ଯକ୍ଷ୍ମାରୋଗର ନିବାରଣ ପାଇଁ ଶିଶୁଙ୍କୁ ବିସିଜି ଟିକା ଦିଆଯାଉଛି ।



ସନ୍ତୁଳିତ ଖାଦ୍ୟ ଓ କୋଲେଷ୍ଟରଲ ପରିମାଣ

ଆମ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ତେବେ ଏଥିପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ବିଶେଷଭାବରେ ଜଣେ ଯଦି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତି, ତେବେ ତାଙ୍କ ଶରୀରରେ କୋଲେଷ୍ଟରଲ ପରିମାଣ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ, ଆଉ ଏକ ସରଳ ଉପାୟ ରହିଛି, ଯଦ୍ଦ୍ୱାରା ଏହାକୁ ସନ୍ତୁଳିତ ରଖିହେବ। ତାହା ହେଲା ରକ୍ତଦାନ। ଅର୍ଥାତ୍ ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି, ତେବେ ତାଙ୍କ ଶରୀରରେ କୋଲେଷ୍ଟୋରଲ ପରିମାଣ ସନ୍ତୁଳିତ ରହିଥାଏ। ନିୟମିତ ବ୍ୟାୟାମ କରନ୍ତୁ। କାରଣ ଏହାଦ୍ୱାରା ଆପଣଙ୍କ ଶରୀରରେ କୋଲେଷ୍ଟରଲ ନିୟନ୍ତ୍ରଣରେ ରହିବ। ଏଥିଲାଗି ଆଉ ଏକ ଦିଗ ପ୍ରତି ଦୃଷ୍ଟି ଦେବାକୁ ଭୁଲନ୍ତୁ ନାହିଁ। ନିଜର ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ଯଦି କୋଲେଷ୍ଟରଲଜନିତ ସମସ୍ୟା ରହିଛି, ତେବେ ଏ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଦହି

ଦହିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ମଧ୍ୟ ଅଛି। ତେବେ ଯଦି ଜଣେ ବ୍ୟକ୍ତି ନିୟମିତ ଦହି ଖାଆନ୍ତି, ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ହାଡ଼ ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରେସିସ୍ ଆଶଙ୍କାଠାରୁ ଏହା ମଧ୍ୟ କେତେକାଂଶରେ ଦୂରେଇ ରଖିଥାଏ। ଦହିରେ ଆଣ୍ଟି-ଫଙ୍ଗାଲ୍ ଗୁଣ ଭରି ରହିଛି। ପ୍ରତିଦିନ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ କରନ୍ତୁ। ପ୍ରତିଦିନ ଦହି ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। କେବଳ ସେତିକି ନୁହେଁ, ଏହାକୁ ଖାଇଲେ କୋଲେଷ୍ଟରଲ୍ ଏପରି କି ମେଦବହୁଳତାକୁ ନିୟନ୍ତ୍ରଣରେ ରଖିଥାଏ। ଉଚ୍ଚ ରକ୍ତଚାପ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ଦହି ମଧ୍ୟ ଖାଇପାରନ୍ତି। ନିୟମିତ ଦହି ଖାଇଲେ ତାହା ହରମୋନ୍‌କୁ କେତେକାଂଶରେ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ଦହି ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିଥାଏ।



ସ୍ୱାସ୍ଥ୍ୟ ସୂଚନା

➤ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ଼, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ରଖିବେ, ସେତେ ଭଲ।

➤ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ସକାଳୁ କିଛି ସମୟ ବ୍ୟାୟାମ କରିବାକୁ ଭୁଲନ୍ତୁ ନାହିଁ। ତା'ସହ ନିୟମିତ କିଛି ସମୟ ଯୋଗ କରନ୍ତୁ।



➤ଆଖୁରସରେ ଭିଟାମିନ୍-ସି' ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ଏହା ରକ୍ଷା କରିଥାଏ।

➤ସବୁବେଳେ ନିଜର ଖାଦ୍ୟପେୟ ପ୍ରତିସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କାରଣ ଏହାଦ୍ୱାରା ଆପଣ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବେ।

➤ଅଧିକ ତେଲମସଲା ଏବଂ ରାଗଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ, ସେତେ ଭଲ। ବାହାର ଖାଦ୍ୟ ଖାଇବା ଅଭ୍ୟାସକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। କାରଣ ଏହାଦ୍ୱାରା ପେଟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।

➤ମନକୁ ସର୍ବଦା ଶାନ୍ତ ରଖନ୍ତୁ ଏବଂ ନିଜକୁ ନକାରାତ୍ମକ ଚିନ୍ତାଧାରାଠାରୁ ଯେତେ ଦୂରେଇ ରଖିବେ, ସେତେ ଭଲ।

ଉପକାରୀ କଲରା

କଲରାର ସ୍ୱାଦ ପିତା, କିନ୍ତୁ ଏହା ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଥିବା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ...



● ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

● ଏଥିରେ ଭିଟାମିନ୍-ଏ' ଭରି ରହିଛି। ପ୍ରତିଦିନ କଲରା ଖାଇଲେ ତାହା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ।

● ଡାଇବେଟିସ୍ ରୋଗୀମାନେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।

● କଲରା ଜୁସ୍ ମଧ୍ୟ ବେଶ୍ ଉପକାରୀ।

● ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖିବା ସହ ରକ୍ତ ସଞ୍ଚାଳନକୁ କେତେକାଂଶରେ ସକ୍ରିୟ କରାଇଥାଏ କଲରା। ଉଚ୍ଚ ରକ୍ତଚାପ, ଆର୍ଥ୍ରାଇଟିସ୍ ଭଳି ଆଶଙ୍କାକୁ ଏହା ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।

● କଲରାରେ କ୍ୟାଲୋରି, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ। ଏହା ସହ ଯକୃତ ବା ଲିଭରରୁ ବାଇଲ୍ ଏସିଡ୍ କ୍ଷରଣ କରି ମେଟାବୋଲିଜିମ୍‌କୁ ସନ୍ତୁଳିତ ରଖିଥାଏ।

● କଲରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ।

● ନିୟମିତ କଲରା ଖାଇଲେ ତାହା ଶରୀରରେ ଆଲର୍ଜି ଆଶଙ୍କାକୁ କେତେକାଂଶରେ ଦୂରେଇରଖେ।

● ଖାଦ୍ୟ ହଜମରେ ମଧ୍ୟ ଏହା ସାହାଯ୍ୟ କରେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ Business queries: <advt@dharitri.com>